# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 41 ♦ISSUE-228 ♦BHUBANESWAR ♦MONDAY ♦12 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୮ ♦ଭୁବନେଶ୍ୱର ♦ସୋମବାର ♦୧୨ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




**'ଟକ୍ସିକ୍'ରେ କିଙ୍ଗ୍ ଖାନ୍**

▶ପୃଷ୍ଠା ୧୫ ଦେଖନ୍ତୁ...


DSPL-643

OSRTC | 5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

GATISHILA ODISHA - NABIN ODISHA

LAXMI


# ଘରେ ଘରେ ଲକ୍ଷ୍ମୀ

**ଲକ୍ଷ୍ମୀ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ**

- ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସୁନିଶ୍ଚିତ ବସ୍ ସଂଯୋଗ
- ସୁଲଭ ଓ ନିର୍ଭରଯୋଗ୍ୟ ସେବା
- ମହିଳା, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା
- ପର୍ଯ୍ୟଟନ ଏବଂ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ
- ଯାତ୍ରୀ ଏବଂ ସଡ଼କ ସୁରକ୍ଷାକୁ ଗୁରୁତ୍ୱ
- ସ୍ୱଚ୍ଛ ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ସାଧାରଣ ପରିବହନ

ମହିଳାମାନଙ୍କ ପାଇଁ ପଞ୍ଚାୟତରୁ ବ୍ଲକ୍ କୁ ଯିବା ଆସିବା

**୫ଟଙ୍କା ମାତ୍ର**



**ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ**

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ**

ମୟୂରଭଞ୍ଜ | ବଲାଙ୍ଗିର | ବରଗଡ଼ | କେନ୍ଦୁଝର | ସୁନ୍ଦରଗଡ଼

**୧୨ ଫେବୃଆରୀ ୨୦୨୪**

OIPR-38002/13/0051/2324




ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର



# ୭୨ ଶୁଆ ଶାବକ ଉଦ୍ଧାର; ୨ ଗିରଫ

**ଜଗତସିଂହପୁର,୧୧।୨(ସମିସ):** ରବିବାର ମଧ୍ୟାହ୍ନରେ ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ନୂଆପୋଲ ନିକଟରେ ବିକ୍ରି ଉଦ୍ଦେଶ୍ୟରେ ଏକ କାଗଜ ପେଟିରେ ରଖାଯାଇଥିବା ୭୨ଟି ଶୁଆ ଶାବକକୁ ବନ ବିଭାଗ ଉଦ୍ଧାର କରି ଏହି ବେଆଇନ କାରବାରରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବରଦା ପ୍ରସନ୍ନ ସାହୁ ଓ ଶଙ୍କର୍ଷଣ ସିଂହ। ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଫରେଷ୍ଟର ରବୀନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ଶୁଆ ବିକ୍ରି କରିବା ବେଆଇନ। ତେବେ ଜଗତସିଂହପୁରରେ ଦୀର୍ଘଦିନ ଧରି ଏକ ରାକେଟ୍ ଶୁଆ ବିକ୍ରି କରୁଛି। ଶୁଆ ଶାବକମାନଙ୍କୁ ଜଙ୍ଗଲରୁ ଧରି ସହରକୁ ଆଣି ହଳ ୨ରୁ ୪ ହଜାର ଟଙ୍କାରେ ବିକ୍ରି କରାଯାଉଛି। ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ୭୨ଟି ଶୁଆ ସମ୍ପର୍କରେ ଖବର ପାଇ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳ ଉପରେ ଚଢ଼ଉ କରାଯାଇଥିଲା। ପଞ୍ଜୁରୀ ସହ ଉକ୍ତ ଶୁଆ ଶାବକଗୁଡ଼ିକୁ ଜବତ କରାଯାଇଥିଲା।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-228 ♦BHUBANESWAR ♦MONDAY ♦12 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୮ ♦ଭୁବନେଶ୍ୱର ♦ସୋମବାର ♦୧୨ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







# ଆରପାରିରେ ବର୍ଷୀୟାନ ସାହିତ୍ୟିକ ସାତକଡ଼ି ହୋତା

**ଭୁବନେଶ୍ୱର, ୧୧।୨(ସମିସ):** ବର୍ଷୀୟାନ୍ ସାହିତ୍ୟିକ, ପ୍ରଶାସକ ତଥା 'ସମୟ'ର ମୁଖ୍ୟ ସମ୍ପାଦକ ସାତକଡ଼ି ହୋତା(୯୫)ଙ୍କର ଆଜି ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ନୂଆପଲ୍ଲୀସ୍ଥିତ ତାଙ୍କ ବଡ଼ ଝିଅଙ୍କ ଘରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ଓ ଦୁଇ

## କଳା, ସାହିତ୍ୟ ଓ ସଂସ୍କୃତି ଜଗତରେ ଶୋକର ଛାୟା

ଝିଅଙ୍କ ସମେତ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଆସନ୍ତାକାଲି (ସୋମବାର) ପୁରୀ ସ୍ୱର୍ଗଦ୍ୱାରାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ଅପରପକ୍ଷେ ଏହି ଖବର ପ୍ରଚାରିତ ହେବା ପରେ ସାହିତ୍ୟିକ ଓ ସାମ୍ବାଦିକତା ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି।

ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ଗ୍ରାମରେ ୧୯୨୯ ସେପ୍ଟେମ୍ବର ୨୯ରେ ଜନ୍ମିତ ସାତକଡ଼ି ୧୯୫୨ ମସିହାରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ସରକାରଙ୍କ ଅଧୀନରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୫୩/୫୪ ମସିହାରେ ବାଣିଜ୍ୟିକ କର ଅଧିକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବିରେ ନିଯୁକ୍ତି ପାଇଥିଲେ। ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆସାମ, ଉତ୍ତରପ୍ରଦେଶ ଓ ଆନ୍ଧ୍ରପ୍ରଦେଶ ବିଭିନ୍ନ ରାଜ୍ୟରେ ସେ ଚାକିରି ଜୀବନ ଅତିବାହିତ କରିଥିଲେ। ୧୯୭୩ରୁ ୧୯୭୭ ମସିହା ଭିତରେ ସେ ଖୋର୍ଦ୍ଧାରୋଡ୍ ଡିଭିଜନ୍‌ର ଡିଭିଜିନାଲ୍ ସୁପରିନ୍‌ଟେଣ୍ଡେଣ୍ଟ ଏବଂ ପାରାଦ୍ୱୀପ ବନ୍ଦରର ଟ୍ରଷ୍ଟି ଭାବେ କାର୍ଯ୍ୟ କରିଥିଲେ। ରେଳବାଇର



ମୁଖ୍ୟ ଜନସମ୍ପର୍କ ଅଧିକାରୀ, ମୁଖ୍ୟ ମାର୍କେଟିଂ ସୁପରିନ୍‌ଟେଣ୍ଡେଣ୍ଟ, ଓଡ଼ିଶା ସରକାରକୁ ଡେପୁଟେସନ୍‌ରେ ଆସି ୧୯୭୯ରୁ ୧୯୮୫ ମଧ୍ୟରେ ରେଳ ସମନ୍ୱୟ କମିଶନର ଏବଂ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ନେଇଥିଲେ। ସେହିଭଳି ଓଡ଼ିଶା ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେସନ୍‌ର ଅଧ୍ୟକ୍ଷ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ଚାକିରିର ଶେଷାର୍ଦ୍ଧରେ ମୁଖ୍ୟ ବାଣିଜ୍ୟିକ ସୁପରିନ୍‌ଟେଣ୍ଡଣ୍ଟ ଏବଂ ଅତିରିକ୍ତ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରି ୧୯୮୭ମସିହାରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ବିଭିନ୍ନ ଅନୁଷ୍ଠାନରେ ସଭ୍ୟ ଓ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ଏହାସହ ସଭାପତି ଦାୟିତ୍ୱ ନେଇ ସେ ଭୁବନେଶ୍ୱର ପୁସ୍ତକ ମେଳାର ଶୁଭାରମ୍ଭ କରିଥିଲେ। ଲେଖକ ସାମ୍ମୁଖ୍ୟ ଓଡ଼ିଶା ଓ ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଏହାସହ ଏକାଧିକ ସାହିତ୍ୟ, ସଂସ୍କୃତି ଓ କଳା ସହ ଜଡ଼ିତ ଅନୁଷ୍ଠାନର ପ୍ରତିଷ୍ଠାତା ଭାବେ ତାଙ୍କର ବେଶ୍ ଖ୍ୟାତି ରହିଥିଲା।

ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ ଆଦି ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ସେ ଲେଖନୀ ଚାଳନା କରିଥିଲେ। ତାଙ୍କ ବଳିଷ୍ଠ କୃତୀ ଓଡ଼ିଆ ସାହିତ୍ୟରେ ସର୍ବଦା ତାଙ୍କୁ ଅମର କରି ରଖିବ। ତାଙ୍କର ୨୭ଟି ଗଳ୍ପ, ୨୧ଟି ଉପନ୍ୟାସ ଓ ଗୋଟିଏ କବିତା ବହି ପ୍ରକାଶ ପାଇଥିଲା। କବିତାରୁ ସେ ନିଜ ସାହିତ୍ୟ ସର୍ଜନା ଆରମ୍ଭ କରିଥିଲେ। ୧୯୬୭ରେ ତାଙ୍କର ପ୍ରଥମ ଉପନ୍ୟାସ 'ବ୍ୟାକୁଳ ହୃଦୟ' ପ୍ରକାଶ ପାଇଥିଲା। ୧୯୮୭ରେ ଉପନ୍ୟାସ 'ଅଶାନ୍ତ ଅରଣ୍ୟ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। 'ମୁକ୍ତିମନ୍ତ୍ରୀ' ଓ 'ଜନନୀ ଜନ୍ମଭୂମି' ଗଳ୍ପ ସଂକଳନ ପାଇଁ ୨୦୦୪ରେ ସେ ସମ୍ମାନଜନକ 'ଶାରଳା ପୁରସ୍କାର' ପାଇଥିଲେ। ଏହାବ୍ୟତୀତ 'ସାହିତ୍ୟ ଭାରତୀ ସମ୍ମାନ' ଓ 'ଉତ୍କଳ ସାହିତ୍ୟ ସମାଜ ଉପନ୍ୟାସ ସମ୍ମାନ' ସହ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ପୁରସ୍କାର ଭଳି ଅନେକ ସମ୍ମାନ ସେ ପାଇଥିଲେ। ସେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ମଧ୍ୟ ଥିଲେ। ୧୯୯୬ ମସିହାରୁ ସେ ଦୈନିକ 'ସମୟ'ର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ।

### ସାତକଡ଼ି ହୋତାଙ୍କ ବିୟୋଗରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

## ରାଷ୍ଟ୍ରୀୟ ସମ୍ମାନ ସହ ହେବ ଶେଷକୃତ୍ୟ

**ଭୁବନେଶ୍ୱର, ୧୧।୨(ସମିସ):** ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସାତକଡ଼ି ହୋତାଙ୍କ ବିୟୋଗରେ ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ନିଜ ଶୋକବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି, ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ ଓଡ଼ିଆ ଭାଷା ଓ ସାହିତ୍ୟକୁ ନିଜର କୃତି ମାଧ୍ୟମରେ ପରିପୁଷ୍ଟ କରିଛନ୍ତି। ସେଥିପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଶୋକବାର୍ତ୍ତାରେ କହିଛନ୍ତି, ରାଜ୍ୟର ଜଣେ ପ୍ରତିଷ୍ଠିତ ତଥା ଖ୍ୟାତିସମ୍ପନ୍ନ ସାହିତ୍ୟିକ ଭାବେ ତାଙ୍କର ବେଶ୍ ସୁନାମ ରହିଥିଲା। ଅନେକ ଉଚ୍ଚକୋଟୀର ଗଳ୍ପ, ଉପନ୍ୟାସ, କବିତା ଓ ଅନୁବାଦ ସାହିତ୍ୟ ରଚନା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜଗତରେ ସେ ତାଙ୍କର ଅମଳିନ ସ୍ମୃତି ଛାଡ଼ି ଯାଇଛନ୍ତି। ଏଥିସହ ଜଣେ ଦକ୍ଷ ସଂଗଠକ ଓ ସାମ୍ବାଦିକ ଭାବେ ମଧ୍ୟ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ତାଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାସହ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

## ପ୍ରଣବ ପ୍ରକାଶ ଦାସ ଓ ମାନସ ମଙ୍ଗରାଜଙ୍କ ଶୋକ

**ଭୁବନେଶ୍ୱର, ୧୧।୨(ସମିସ):** ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ସୁସାହିତ୍ୟିକ ସାତକଡ଼ି ହୋତାଙ୍କ ପରଲୋକରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଶୋକବ୍ୟକ୍ତ କରିଛନ୍ତି। ଶ୍ରୀ ଦାସ ନିଜର ଶୋକବାର୍ତ୍ତାରେ ଲେଖିଛନ୍ତି ଯେ ସ୍ୱର୍ଗତ ହୋତାଙ୍କ ମୃତ୍ୟୁ ଖବର ଶୁଣି ଅତ୍ୟନ୍ତ ଦୁଃଖିତ। ଗଳ୍ପ, ଉପନ୍ୟାସ ଓ ନିବନ୍ଧରେ ସେ ଛାଡ଼ି ଯାଇଥିବା ଛାପ ସାହିତ୍ୟ ଜଗତରେ ତାଙ୍କୁ ଅମର କରି ରଖିବ। ତାଙ୍କ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଉଛି।ଶ୍ରୀ ମଙ୍ଗରାଜ ଶୋକବାର୍ତ୍ତାରେ ଲେଖିଛନ୍ତି, ୯୫ବର୍ଷ ବୟସରେ ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ସାତକଡ଼ି ହୋତାଙ୍କ ଦେହାନ୍ତରେ ମୁଁ ଗଭୀର ଦୁଃଖିତ। ଓଡ଼ିଆ ସାହିତ୍ୟ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ଡ.ହୋତାଙ୍କ ସାହିତ୍ୟ ସଂରଚନା ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ। ବିଦାୟ ପ୍ରାପ୍ତ ପ୍ରାଣ ପାଇଁ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରକୁ ଶ୍ରୀ ମଙ୍ଗରାଜ ଗଭୀର ସମବେଦନା ଜଣାଇଛନ୍ତି।

# ପଞ୍ଚଭୂତରେ ଲୀନ ହେଲେ ରାଣୀ ସୁଜ୍ଞାନ କୁମାରୀ



■ ରାଣୀ ମା' ଅମର ରହେ ଧ୍ୱନିରେ କମ୍ପିଲା ଗଗନ ପବନ
■ ସମାଧି ମଠରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେଲା ଅନ୍ତ୍ୟେଷ୍ଟିକ୍ରିୟା

**ବ୍ରହ୍ମପୁର/ଖଲ୍ଲିକୋଟ,୧୧।୨(ସମିସ):** ଖଲ୍ଲିକୋଟର ରାଣୀ ମା' ଭି. ସୁଜ୍ଞାନ କୁମାରୀ ଦେଓ ଆଜି ପଞ୍ଚଭୂତରେ ଲୀନ ହୋଇଛନ୍ତି। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟେ ଥିବା ରାଜ ଶ୍ମଶାନ ସମାଧି ମଠରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସଂପନ୍ନ ହୋଇଛି। ଶ୍ୟାମସୁନ୍ଦରପୁର ଗ୍ରାମର ଜଣେ ବ୍ରାହ୍ମଣ ପୁତ୍ର କରେଶ ଆଚାର୍ଯ୍ୟ ରାଣୀ ମା'ଙ୍କୁ ମୁଖାଗ୍ନି ଦେଇଥିଲେ।

ଶନିବାର ମଧ୍ୟରାତିରେ ସ୍ୱର୍ଗତା ଦେଓଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରୁ ଆସିବା ପରେ ପ୍ରଥମେ ରମ୍ଭା ପ୍ୟାଲେସ୍ ଓ ପରେ ଖଲ୍ଲିକୋଟ ନିର୍ମଳଝରସ୍ଥିତ ବାସଭବନକୁ ନିଆଯାଇଥିଲା। ରବିବାର ସକାଳୁ ସକାଳୁ ନିର୍ମଳଝର ବାସଭବନରେ ଲୋକଙ୍କ ଗହଳିଚହଳି ଲାଗି ଯାଇଥିଲା। ଗଞ୍ଜାମ ଜିଲ୍ଲାର ବହୁ ନେତା ଓ ସାଧାରଣ ଜନତା ପହଞ୍ଚି ରାଣୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସକାଳ ୭ଟାରୁ ମଧ୍ୟାହ୍ନ ଗୋଟାଏ ପର୍ଯ୍ୟନ୍ତ ଶେଷ ଦର୍ଶନ କରିବା ପରେ ପାର୍ଥିବ ଶରୀରକୁ ଖଲ୍ଲିକୋଟ ନଗର ପରିକ୍ରମା କରାଯାଇଥିଲା। ହଜାରହଜାର ଅଞ୍ଚଳବାସୀ ରାଣୀ ମାଆଙ୍କ ଶେଷ ଯାତ୍ରାରେ ସାମିଲ ହୋଇ ରାଜଶ୍ମଶାନରେ ପହଞ୍ଚିଥିଲେ। ରାଣୀ ମା' ଅମର ରହେ ଧ୍ୱନିରେ ପୂରା ଗଗନପବନ ପ୍ରକମ୍ପିତ ହୋଇଉଠିଥିଲା। ରାଣୀ ମା'ଙ୍କ ସ୍ପଷ୍ଟବାଦିତା, ତାଙ୍କର ଆଦର୍ଶ ରାଜନୀତିକୁ ସମସ୍ତେ ମଥାପାତି ପ୍ରଣାମ କରିଥିଲେ। ଶ୍ମଶାନରେ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପହଞ୍ଚିବା ପରେ ପୁଲିସ ପକ୍ଷରୁ ରାଣୀ ମା'ଙ୍କୁ ଗାର୍ଡ-ଅଫ୍- ଅନର୍ ଦିଆଯାଇଥିଲା। ରାଣୀ ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଖଲ୍ଲିକୋଟ ଶ୍ରୀ ଜଗନ୍ନାଥ ମନ୍ଦିରର ରୋଷ ନିଆଁ, କାଠ ଓ ଶ୍ରୀ ଜଗନ୍ନାଥଙ୍କ ପାଟ ବସ୍ତ୍ର ଅଣାଯାଇଥିଲା।

### ସଞ୍ଜୀବନୀ ପାଲଟିଲା ବିଏସ୍‌କେୱାଇ କାର୍ଡ

# ନୂଆ ଜୀବନ ପାଇଲେ ସଞ୍ଜିତା

**ଦାରିଙ୍ଗବାଡ଼ି,୧୧।୨(ସମିସ):** ସଞ୍ଜୀବନୀ ପାଲଟିଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ସ୍ମାର୍ଟକାର୍ଡ। ନୂଆ ଜୀବନ ପାଇଲେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଏ.ଡକେବାଡ଼ି ଗାଁର ସଞ୍ଜିତା ନାୟକ। ଅର୍ଥାଭାବରୁ ପରିବାରଲୋକେ ତାଙ୍କର ଚିକିତ୍ସା କରାଇ ପାରୁନଥିଲେ। ଏପରି ସ୍ଥିତିରେ ବିଏସ୍‌କେୱାଇ କାର୍ଡ ତାଙ୍କୁ ସହାୟ ହୋଇଛି। ଏହି କାର୍ଡ ଜରିଆରେ ସେ ମାଗଣାରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଛନ୍ତି। ଝିଅ ଭଲ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ପରିବାର ଲୋକେ।

ସୂଚନାନୁସାରେ, ସଞ୍ଜିତା ଜନ୍ମରୁ ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ଅର୍ଥାଭାବ ତାଙ୍କ ଚିକିତ୍ସାରେ ବାଧକ ସାଜିଥିଲା। ଏତିକିରେ ଦୁଃଖ ସରି ନଥିଲା, ସଞ୍ଜିତାଙ୍କ ଜୀବନରେ ଆଗକୁ ଅପେକ୍ଷା କରିଥିଲା ଆଉ ଏକ ବଡ଼ ଦୁଃଖ। କିଛି ଦିନ ପରେ ତାଙ୍କ ବାପା ଆରପାରିକୁ ଚାଲି ଯାଇଥିଲେ। ବାପାଙ୍କ ପରଲୋକ ପରେ ମାଆ ଆଗକୁ କ'ଣ କରିବେ, ପରିବାର କେମିତି ଚଳାଇବେ, ଝିଅର ଚିକିତ୍ସା କେମିତି ହେବ; ସେଇ ଚିନ୍ତାରେ ଅହରହ ଘାରି ହେଉଥିଲେ। କୁଲି ମଜୁରି କରୁଥିବା ମା'ଙ୍କ ପକ୍ଷେ ପରିବାର ଚଳାଇବା କଷ୍ଟ ହେଉଥିବା ବେଳେ ଝିଅର ଚିକିତ୍ସା କେମିତି କରିବେ, ସେନେଇ ଚିନ୍ତାରେ ଥିଲେ। ଏଭଳି ସମୟରେ ପରିବାର ପାଖରେ ଛିଡ଼ା ହୋଇଥିଲେ ଦାରିଙ୍ଗବାଡ଼ିସ୍ଥିତ ନୀଳକନ୍ଦର



ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ପରିବାର ଲୋକେ

ସାହିର ରାକେଶ ସଭାସୁନ୍ଦର। ସେ ସଞ୍ଜିତାଙ୍କୁ ବିବାହ କରିଥିଲେ। ରାକେଶ ଭୁବନେଶ୍ୱରରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରି ସ୍ୱଳ୍ପ ରୋଜଗାରରେ ପରିବାର ଚଳାଉଥିଲେ। ପରେ ପତ୍ନୀଙ୍କ ଚିକିତ୍ସା କରିବାକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କାର୍ଡ ପାଇଥିଲେ। ଏହାପରେ କିମ୍ସ ହସ୍ପିଟାଲରେ ମାଗଣାରେ ସଞ୍ଜିତାଙ୍କ ଚିକିତ୍ସା କରାଯାଇଥିଲା। ସଞ୍ଜିତାଙ୍କ ଜୀବନ ବଞ୍ଚାଇବାରେ ବିଏସ୍‌କେୱାଇ କାର୍ଡ ସହାୟ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରିବାରଲୋକେ ଧନ୍ୟବାଦ ଜଣାଇଛନ୍ତି।

# ଥାନାରେ ବେକ କାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ



**ବାରିପଦା,୧୧।୨(ସମିସ):** ଚୋରି ଅଭିଯୋଗରେ ଗିରଫ ଜଣେ ଯୁବକ ଥାନା ଭିତରେ ନିଜ ବେକ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବାରିପଦା ଟାଉନ୍ ଥାନାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏହାକୁ ନେଇ ଅଭିଯୁକ୍ତଙ୍କ ପରିବାରଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେଠାରେ ପରିବାରଲୋକ ପହଞ୍ଚି ହୋ-ହଲ୍ଲା, ପାଟିତୁଣ୍ଡ କରିଥିଲେ। ଏପରିକି ହସ୍ପିଟାଲ ପରିସରରେ ପୁଲିସ ଗାଡ଼ିରେ ବସିଥିବା ଅଭିଯୋଗକାରୀଙ୍କ ମଧ୍ୟ ଟଣାଓଟରା କରିଥିଲେ।

ସୂଚନା ଅନୁଯାୟୀ, ଷ୍ଟେସନ୍ ବଜାର ଅଞ୍ଚଳର ଏକ ଦୋକାନର ତାଲା ଭାଙ୍ଗି ଚୋରି ହୋଇଥିବା ନେଇ ଟାଉନ୍ ଥାନାରେ ଶନିବାର ଅଭିଯୋଗ ହୋଇଥିଲା। ଏହାକୁ ନେଇ ଭଞ୍ଜପୁର ଥାନା ଅନ୍ତର୍ଗତ ବଢ଼େଇସାହି, ୱାର୍ଡ ନଂ. ୧୯ ଅଞ୍ଚଳର ଯୁବକ ରିଙ୍କୁ ଜେନା (୨୩)କୁ ପୁଲିସ ଥାନାକୁ ଆଣି ଅଟକ ରଖିଥିଲା।

### ଅଭିଯୋଗକାରୀଙ୍କୁ ଟଣାଓଟରା; ଡାକ୍ତରଖାନାରେ ଉତ୍ତେଜନା

ରିଙ୍କୁର ମା' ଲକ୍ଷ୍ମୀ ଜେନା ଥାନାକୁ ଆସି ତାଙ୍କ ପୁଅ ଚୋର ନୁହେଁ ବୋଲି କହିବା ସହ ମାମଲା ପ୍ରତ୍ୟାହାର କରିନେବାକୁ ଥାନା ଭିତରେ ଅଭିଯୋଗକାରୀଙ୍କ ଗୋଡ଼ ଧରି ନେହୁରା ହୋଇଥିଲେ। ଏହି ଦୃଶ୍ୟ ରିଙ୍କୁଙ୍କୁ ବିଚଳିତ କରିଥିଲା। ପାଖରେ ଥିବା ଏକ ଧାରୁଆ ଅସ୍ତ୍ରରେ ସେ ନିଜ ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କର ପ୍ରବଳ ରକ୍ତସ୍ରାବ ହେବାରୁ ପୁଲିସ ତାଙ୍କୁ ସଙ୍ଗେସଙ୍ଗେ ପିଆର୍‌ଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଇଥିଲା।

## ଲୋକକଥା



ପ୍ରଦୂଷଣ ସତେ ଭଣଭଣ ହୁଏ
କଲବଲ କରେ ଜୀବନ,
ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ
ଧୂଳି-ଧୂଆଁ କରେ ଉଚ୍ଛନ୍ନ ।
ଦେଖି ଅଣଦେଖା ଶାସନ,
ଦୃଢ଼ କଟକଣା ନ ହୋଇଲେ ଜାଣ
ସଙ୍କଟ ହୋଇବ ଆସନ୍ନ !!

### ମୟୂରଭଞ୍ଜରେ ହେବ ୧୨ଟି ବୃହତ୍ ଶିଳ୍ପ

# ୫ ୯ ୪୦ କୋଟିର ପୁଞ୍ଜିନିବେଶ


**ବାରିପଦା,୧୧।୨(ସମିସ):** ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ୫୯୪୦.୨୮ କୋଟି ଟଙ୍କା ପୁଞ୍ଜିନିବେଶରେ ୧୨ଟି ବୃହତ୍ ଶିଳ୍ପ ପ୍ରତିଷ୍ଠା ହେବ। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଏହାକୁ ଅନୁମୋଦନ କରିଛି। ଏହାଦ୍ୱାରା ୯୩୧୨ଜଣ ନିଯୁକ୍ତି ପାଇବେ। ସଦ୍ୟ ସମାପ୍ତ ହୋଇଥିବା ବିଧାନସଭା ଅଧିବେଶନରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଛନ୍ତି। ବାରିପଦା ବିଧାୟକ ପ୍ରକାଶ ସୋରେନ ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଦେବ ଏହି ସୂଚନା ଦେଇଥିଲେ। ଏହି ଖବର ପଦାକୁ ଆସିବା ପରେ ପୂରା ଜିଲ୍ଲାରେ ଖୁସିର ବାତାବରଣ ଖେଳିଯାଇଛି।

ମନ୍ତ୍ରୀ ଶ୍ରୀ ଦେବଙ୍କ ସୂଚନାନୁସାରେ, କରଞ୍ଜିଆ ତହସିଲର ଧାକୋଟାଠାରେ ୩୨୩.୩୮କୋଟି ଟଙ୍କାରେ ୦.୧୮ ଏମଟିପିଏ କ୍ଷମତା ବିଶିଷ୍ଟ ଜିଏମ ଆଇରନ ଓ ଷ୍ଟିଲ ଲିଃ କମ୍ପାନୀ କାର୍ଯ୍ୟ କରିବ। ଏଥିରେ ୧୦୬୬ଜଣ ନିଯୁକ୍ତି ପାଇବେ। ସେହିପରି ରାଇରଙ୍ଗପୁରରେ ୯୪୫.୪୨କୋଟି ଟଙ୍କାରେ ଷ୍ଟିଲ ୦.୪୦ଏମଟିପିଏ କ୍ଷମତା ବିଶିଷ୍ଟ ନୀପାଜ ବି ସି ଉଗରା (ପ୍ରା) ଲିମିଟେଡ୍ କମ୍ପାନୀ କାର୍ଯ୍ୟ କରିବ। ଏଥିରେ ୧୬୦୦ ଜଣ ନିଯୁକ୍ତି ପାଇବେ। ଅପରପକ୍ଷରେ ରାଇରଙ୍ଗପୁରରେ ୧୭୦କୋଟି ଟଙ୍କାରେ ବେନିଫିକେସନ ୧.୮ଏମଟିପିଏ ଓ ପେଲ୍ଲେଟ ୧.୨ ଏମଟିପିଏ କ୍ଷମତା ବିଶିଷ୍ଟ ୱେବଲମାନ ଷ୍ଟିଲ୍ସ ଗାଙ୍ଗେୟା ସାପ୍ଲାଏ ଏଜେନ୍ସି ପ୍ରା. ଲି. କାର୍ଯ୍ୟ କରିବ। ଏହି ସଂସ୍ଥାରେ ୨୭୪ଜଣ ନିଯୁକ୍ତି ପାଇବେ। ସେହିପରି ୨୫୬ କୋଟି ଟଙ୍କାରେ ଆଇରନ ଓର ବେନିଫିକେସନ

## ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରେ ନିଯୁକ୍ତି ପାଇବେ ୯୩୧୨ ଯୁବକଯୁବତୀ

୨.୫ ଏମଟିପିଏ ଓ ପେଲେଟ ୧.୨ ଏମଟିପିଏ କ୍ଷମତା ବିଶିଷ୍ଟ ଷ୍ଟିଲ ପେଲେଟିଷ୍ଟସନ ଓ ବେନିଫିକେସନ ସଂସ୍ଥା ରାଇରଙ୍ଗପୁର ବ୍ଲକର ବାଲିଡାଙ୍ଗରି, କୁଲେଇଶିଳା ଓ ସାନମୌଦାରେ କାର୍ଯ୍ୟାରମ୍ଭ କରିବ। ଏଥିରେ ୨୭୪ ଜଣ ନିଯୁକ୍ତି ପାଇବେ। ସେହିପରି ଜିଲ୍ଲା ମୁଖ୍ୟାଳୟ ବାରିପଦା ଛାଞ୍ଚ ଶିଳ୍ପାଞ୍ଚଳରେ ୫୫କୋଟି ଟଙ୍କାରେ ହଟ ଡିପ ଗ୍ଲାଭାନାଇଜଡ ଷ୍ଟିଲ ଷ୍ଟ୍ରକଚର ୭୦, ୦୦୦ ଟିପିଏ କ୍ଷମତା ବିଶିଷ୍ଟ ନିଉ ମଡର୍ଣ୍ଣ ଟୋକ୍ନୋମେକ ପ୍ରା.ଲି. କାର୍ଯ୍ୟ କରିବ। ଏଥିରେ ୯୯୩ଜଣ ନିଯୁକ୍ତି ପାଇବେ। ଛାଞ୍ଚ ଶିଳ୍ପାଞ୍ଚଳରେ ଅନ୍ୟ ଏକ ବୃହତ୍ ଶିଳ୍ପ ୬୬.୩୩ କୋଟି ଟଙ୍କାରେ ଚିକ୍ସ ୮୦୫.୧୧ ଲକ୍ଷ ୟୁନିଟ ପ୍ରତିବର୍ଷ କ୍ଷମତା ବିଶିଷ୍ଟ ଆବିସ ଏକ୍ସପୋର୍ଟ (ଇଣ୍ଡିଆ) ପ୍ରା.ଲିଃ କାର୍ଯ୍ୟ କରିବ। ଏଥିରେ ୧୬୫୦ଜଣ ନିଯୁକ୍ତି ପାଇବେ। ରାଇରଙ୍ଗପୁରରେ ୧୪୦୦କୋଟି ଟଙ୍କାରେ ସ୍ପଞ୍ଜ ଆଇରନ ୦.୭୨ ଏଟିପିଏ, ବିଲେଟ ୦.୫୫ ଏଟିପିଏ, ଟିଏମଟି ବାର ୦.୫ଏମଟିପିଏ, ପେଲେଟ ୦.୯ଏମଟିପିଏ ଓ ସିପିପି (ଏଏଫବିସି ଆଣ୍ଡ ଡବ୍ଲ୍ୟୁଏଚଆରବି) ୬୦ଏମଡବ୍ଲୁ କ୍ଷମତା ବିଶିଷ୍ଟ ରୁଙ୍ଗଟା ମେଟାଲ ପ୍ରା.ଲିଃ କାର୍ଯ୍ୟ କରିବ। ଏଥିରେ ୧୧୨୫ଜଣ ନିଯୁକ୍ତି ପାଇବେ। ସେହିପରି ରାଇରଙ୍ଗପୁରରେ ୯୮.୦୫ କୋଟି ଟଙ୍କାରେ ୨୭,୦୦୦ ଟିପିଏ କ୍ଷମତା ବିଶିଷ୍ଟ ସିଦସା ଫାଉଣ୍ଡ୍ରି ପ୍ରା.ଲିଃ କାର୍ଯ୍ୟ କରିବ। ଏଥିରେ ୨୦୦ଜଣ ନିଯୁକ୍ତି ପାଇବେ। ପୁଣି ରାଇରଙ୍ଗପୁରରେ ୧୧୪୦ କୋଟି ଟଙ୍କାରେ ଏକ୍ସପାନ୍ସନ ଫ୍ରମ ୦.୫ ଏମଟିପିଏରୁ ୧ ଏମଟିପିଏ କ୍ଷମତା ବିଶିଷ୍ଟ ଅନ୍ୟ ଏକ ରୁଙ୍ଗ୍‌ଟା ମେଟାଲ୍ସ ପ୍ରା. ଲିଃ କାର୍ଯ୍ୟ କରିବ। ଯେଉଁଥିରେ ୧୦୧୦ଜଣ ନିଯୁକ୍ତି ପାଇବେ। ରାଇରଙ୍ଗପୁରରେ ଆଉ ଏକ ବୃହତ୍ ଶିଳ୍ପ ୧୯୬.୫୬ କୋଟି ଟଙ୍କାରେ ଟିଲିଟିଙ୍ଗ କଲର କୋଟେଡ ଗାଲଭାଲିୟମ ସିଟ୍ସ ୨ଲକ୍ଷ ଟିପିଏ କ୍ଷମତା ବିଶିଷ୍ଟ ରୁଙ୍ଗଟା ମେଟାଲ ପ୍ରା.ଲିଃ ୟୁନିଟ-୨ ସଂସ୍ଥା କାର୍ଯ୍ୟ କରିବ। ଯେଉଁଥିରେ ୨୧୪ ଜଣ ନିଯୁକ୍ତି ପାଇବେ।

ଅନ୍ୟପକ୍ଷରେ ଜାମଦା ବ୍ଲକରେ ୩୯୨.୫୬ କୋଟି ଟଙ୍କାରେ ଆଇରନ ଓର ବେନିଫିକେସନ ୨.୪ ଏମଟିପିଏ ଓ ଆଇରନ ଓର ପେଲେଟ ୨.୪ ଏମଟିପିଏ କ୍ଷମତା ବିଶିଷ୍ଟ ଆରସିଆର ଷ୍ଟିଲ ୱାର୍କ୍ସ ପ୍ରା. ଲିଃ କାର୍ଯ୍ୟ କରିବ। ଏଥିରେ ୨୮୦ ଜଣ ନିଯୁକ୍ତି ପାଇବେ। ସେହିପରି ଜାମଦା ବ୍ଲକରେ ଆରସିଆର ଷ୍ଟିଲ ୱାର୍କ୍ସ ପ୍ରା.ଲିଃର ଅନ୍ୟ ଏକ ବୃହତ୍ ଶିଳ୍ପ ଷ୍ଟିଲ ୭୮ଲକ୍ଷ ଟିପିଏ, ଫେରୋ ଆଲଏଜ ୧.୪୪ଲକ୍ଷ ଟିପିଏ, ସିପିପି ୮୫ ଏମଡବ୍ଲ୍ୟୁ କ୍ଷମତା ବିଶିଷ୍ଟ ଶିଳ୍ପ କାର୍ଯ୍ୟ କରିବ। ଏଥିରେ ୭୫୦ଜଣ ନିଯୁକ୍ତି ପାଇବେ ବୋଲି ସୂଚନାରେ ଦର୍ଶାଯାଇଛି। ଏଥିପାଇଁ ଅନେକ କମ୍ପାନୀ ମଞ୍ଜୁରୀ ଲାଭ କରିଥିବା ବେଳେ ନିର୍ମାଣ କାମ ଆରମ୍ଭ ହୋଇଛି। ଏଥିପାଇଁ ଅନେକଙ୍କୁ ଜମି ଆବଣ୍ଟନ ସରିଛି। ଏହି ସଂସ୍ଥା ବା କମ୍ପାନୀ ସବୁ ଆସନ୍ତା ୨ବର୍ଷରୁ ୫ବର୍ଷ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବ ବୋଲି ଦର୍ଶାଯାଇଛି।



## ପଶ୍ଚିମ ଓଡ଼ିଶାରେ କୁଆପଥର ସହ ବର୍ଷା

■ **ଭୁବନେଶ୍ୱର, ୧୧।୨(ସମିସ):** ପଶ୍ଚିମା ଝଡ଼ ପ୍ରଭାବରେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ରବିବାର ଅପରାହ୍ଣରେ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ସୋମବାର ମଧ୍ୟ କିଛି କିଛି ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକ ଳନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ନୂଆପଡ଼ା, କଳାହାଣ୍ଡି ଆଦି ଜିଲ୍ଲାରେ ବର୍ଷା ବର୍ଷା ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ବର୍ଷା ସହ କୁଆପଥର ପଡ଼ିଛି। ସୋମବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ ଓ ଅନୁଗୁଳ ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ବର୍ଷା ଯୋଗୁଁ ବର୍ତ୍ତମାନ ତାପମାତ୍ରା ପୂର୍ବାପେକ୍ଷା ବୃଦ୍ଧି ହୋଇଛି। ବିଶେଷ କରି ରାତିର ତାପମାତ୍ରାରେ ବୃଦ୍ଧି ଘଟିଥିବା ବେଳେ ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-228 ♦BHUBANESWAR ♦MONDAY ♦12 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୮ ♦ଭୁବନେଶ୍ୱର ♦ସୋମବାର ♦୧୨ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


### କେନ୍ଦୁପତ୍ର ତୋଳାଳି, ବନ୍ଧାଳି, ସିଜନାଲ ଷ୍ଟାଫ୍‌ଙ୍କ ଲାଗି ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ଘୋଷଣା

# ବୋନସ୍, ପ୍ରୋତ୍ସାହନ ଦୁଇଗୁଣ

■ **ଭୁବନେଶ୍ୱର, ୧୧।୨ (ସମିସ):** ପଦମ୍‌ପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଅସ୍ଥାୟୀ କର୍ମଚାରୀଙ୍କ ସ୍ୱାର୍ଥ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଐତିହାସିକ ନିଷ୍ପତ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କେନ୍ଦୁପତ୍ର ତୋଳାଳି ଏବେ ପୂର୍ବ ତୁଳନାରେ ଦୁଇଗୁଣ ବୋନସ ପାଇବେ। ଅର୍ଥାତ୍ ପୂର୍ବରୁ ପାଉଥିବା ୨୫% ବୋନସ ପରିବର୍ତ୍ତେ ଏବେ ତୋଳାଳିମାନେ ୫୦% ବୋନସ ପାଇବେ। ସେହିପରି କେନ୍ଦୁପତ୍ର ବନ୍ଧାଳି ଓ ସାମୟିକ କର୍ମଚାରୀ (ସିଜନାଲ ଷ୍ଟାଫ)ଙ୍କ ପ୍ରୋତ୍ସାହନ ରାଶି (ଇନ୍‌ସେନ୍‌ଟିଭ୍)କୁ ମଧ୍ୟ ଦୁଇଗୁଣ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପୂର୍ବରୁ ଏହି ପ୍ରୋତ୍ସାହନ ରାଶି ୫% ଥିଲା ଓ ଏବେ ତାହାକୁ ୧୦%କୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବରେ କେନ୍ଦୁପତ୍ର ସିଜନାଲ ଷ୍ଟାଫ୍‌ଙ୍କ ବେତନ ମଧ୍ୟ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ରାଜ୍ୟର ୮ ଲକ୍ଷ ୫୦ ହଜାର କେନ୍ଦୁପତ୍ର ତୋଳାଳି ଏବଂ ୪୦ ହଜାର ବନ୍ଧାଳି ଓ ସିଜିନାଲ ଷ୍ଟାଫ୍ ଉପକୃତ ହେବେ। ତୋଳାଳିଙ୍କ ବୋନସ ପାଇଁ ସରକାର ୯୮ କୋଟି ଟଙ୍କା ଏବଂ ବନ୍ଧାଳି ଓ ଋତୁକାଳୀନ ଶ୍ରମିକଙ୍କ ଇନ୍‌ସନଟିଭ ଦୁଇଗୁଣ ବୃଦ୍ଧି ନିମନ୍ତେ ୧୧ କୋଟି ଟଙ୍କା ବ୍ୟୟ କରିବେ। ସେହିପରି ଋତୁକାଳୀନ କର୍ମଚାରୀଙ୍କ ବହୁଦିନର ଦରମା ବୃଦ୍ଧି ଦାବି ପୂରଣ ହୋଇଛି। ହେଡ୍ ଚେକରଙ୍କ ମାସିକ ଦରମା ୨୨ ହଜାର ୬୩୧ରୁ ୨୪ ହଜାର ୪୨୦କୁ ଓ ମହଙ୍ଗା ଭତ୍ତା ୪ଶହ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି ପାଇଛି। ସର୍କଲ ଚେକରଙ୍କ ଦରମା ୧୭ ହଜାର ୭୪୦ରୁ ୨୧ ହଜାରରୁ ଅଧିକ ହୋଇଛି। ସେମାନଙ୍କର ଡିଏ ୩୦୦ ରୁ ୪୫୦କୁ ବୃଦ୍ଧି ପାଇଛି। ସେହିପରି ବନ୍ଧାଳି ଚେକରଙ୍କ ଦରମା ୧୪ ହଜାର ୮୦୦ ଟଙ୍କାରୁ ୧୭ ହଜାର ୬୮୦କୁ ବୃଦ୍ଧି ପାଇଛି। ଡିଏ ୨ଶହରୁ ▶ପୃଷ୍ଠା-୯



**ପଦମ୍‌ପୁର ଉପ-ନିର୍ବାଚନ ପ୍ରତିଶ୍ରୁତି ପୂରଣ କଲେ ମୁଖ୍ୟମନ୍ତ୍ରୀ**

**କେନ୍ଦୁପତ୍ର ତୋଳାଳିଙ୍କ ଲାଗି ମୋଟ ୨ଶହ କୋଟିର ପ୍ୟାକେଜ୍**

**ଉପକୃତ ହେବେ ରାଜ୍ୟର ୮.୫ଲକ୍ଷ କେନ୍ଦୁପତ୍ର ତୋଳାଳି**

**ଲାଭାନ୍ୱିତ ହେବେ ୪୦ ହଜାର ବନ୍ଧାଳି ଓ ସିଜନାଲ ଷ୍ଟାଫ୍**

**ଜାରି ରହିବ କେନ୍ଦୁପତ୍ର ତୋଳାଳିଙ୍କ ପିଲାଙ୍କ ବିବାହ ସହାୟତା**

## କେନ୍ଦୁପତ୍ରକୁ ଜୀବିକା କରିଥିବା ଲୋକଙ୍କ କଲ୍ୟାଣ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ: ପାଣ୍ଡିଆନ

■ **ସମ୍ବଲପୁର, ୧୧।୨ (ସମିସ):** କେନ୍ଦୁପତ୍ରରୁ ରାଜସ୍ୱ ଆଦାୟ ସରକାରଙ୍କ ଲକ୍ଷ୍ୟ ନୁହେଁ; କେନ୍ଦୁପତ୍ର ତୋଳାଳି ଓ କେନ୍ଦୁପତ୍ରକୁ ଜୀବିକା କରିଥିବା ଲୋକଙ୍କ କଲ୍ୟାଣ ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସମ୍ବଲପୁର ଚାରମାଲରେ ଏକ ସମାବେଶରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ପଦକ୍ଷେପ ଓ ଆଭିମୁଖ୍ୟକୁ ସ୍ପଷ୍ଟ ଭାବରେ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ପୂର୍ବ ସରକାରମାନେ କେନ୍ଦୁପତ୍ରରୁ ମିଳୁଥିବା ଲାଭକୁ ରାଜସ୍ୱ ମନେ କରି ଯୋଜନା ପ୍ରସ୍ତୁତ କରୁଥିଲେ। ନିର୍ବାଚନ ଆସିଲେ କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଖାଲି ପ୍ରତିଶ୍ରୁତି ଦେଉଥିଲେ ସିନା କେବେ କାର୍ଯ୍ୟକାରୀ କରୁନଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ସରକାର କେନ୍ଦୁପତ୍ର ରାଜସ୍ୱକୁ କେବେ ଲାଭ ବୋଲି ବିଚାର କରିନାହାନ୍ତି। କେନ୍ଦୁପତ୍ରରୁ ଯେତିକି ଲାଭ ମିଳୁଛି ବା ଆୟ ହେଉଛି, ତାହାଠାରୁ ଢ଼େର ଅଧିକଗୁଣ ଅର୍ଥ ଏହା ଉପରେ ନିର୍ଭର କରୁଥିବା ଲୋକଙ୍କ ▶ପୃଷ୍ଠା-୯

- **୧୦ ଦିନ ମଧ୍ୟରେ ମିଳିବ ଘୋଷିତ ସହାୟତା ରାଶି**
- **ଉଚ୍ଛେଦ ହୋଇଛି କେନ୍ଦୁପତ୍ର ଜିଏସ୍‌ଟିର ରାଜ୍ୟଭାଗ**
- **ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ**
- **ତୋଳାଳିଙ୍କ ପିଲାଙ୍କ ଛାତ୍ରବୃତ୍ତି ଆବେଦନ ଅବଧି ବୃଦ୍ଧି**
- **ଖୁବ୍ ଶୀଘ୍ର ଜିଲ୍ଲାରେ ଚଳାଚଳ କରିବ 'ଲକ୍ଷ୍ମୀ' ବସ୍**

### ସମ୍ବଲପୁରରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

# କ୍ରୀଡ଼ା ଭିତ୍ତିଭୂମି ପାଇଁ ୪୫୦ କୋଟି



■ **ସମ୍ବଲପୁର/ଭୁବନେଶ୍ୱର, ୧୧।୨ (ସମିସ):** ସମ୍ବଲପୁରରେ କ୍ରୀଡ଼ା ପ୍ରତିଭାର ଅଭାବ ନାହିଁ। ସେହି ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ କରୁଛନ୍ତି। ସେଥିପାଇଁ ସମ୍ବଲପୁର ଜିଲ୍ଲାରେ ଅନ୍ତର୍ଜାତୀୟ ମାନର ଷ୍ଟାଡିୟମ୍, କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରାଯାଉଛି। ଖୁବ୍‌ଶୀଘ୍ର ୧୦୦ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ଫୁଟବଲ୍ ଏକାଡେମୀ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ହକି ଷ୍ଟାଡିୟମ୍, ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରସ୍ତୁତ ହେବ। ଏଥିସହ ଭିଏସ୍‌ଏସ୍ କ୍ରିକେଟ୍ ଷ୍ଟାଡିୟମ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତିନିଟି ଷ୍ଟାଡିୟମ୍ ନିର୍ମାଣ ପାଇଁ ୩୫୦ କୋଟିରୁ ଅଧିକ ଅର୍ଥ ବ୍ୟୟ ହେବ। ଜିଲ୍ଲାର କ୍ରୀଡ଼ା ପ୍ରତିଭାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏହା ବହୁତ ବଡ଼ ଭେଟି ହେବ ବୋଲି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଣ୍ଡିଆନ ଆଜି ସମ୍ବଲପୁର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ▶ପୃଷ୍ଠା-୯

**'ଭିମ୍‌ସାର୍' ବିକାଶ ପାଇଁ ୧୦୦୦ କୋଟି**

- **ନିର୍ମାଣ ହେବ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଇଣ୍ଡୋର୍, ହକି, କ୍ରିକେଟ୍ ଓ ଫୁଟବଲ୍ ଷ୍ଟାଡିୟମ**
- **କ୍ରିକେଟ ପଡ଼ିଆରେ ବ୍ୟାଟିଂ କମାଲ୍ ଦେଖାଇଲେ '୫-ଟି' ଅଧ୍ୟକ୍ଷ**
- **ହାଫ୍ ମାରାଥନ୍‌ରେ ସାମିଲ ହେଲେ ୪୦୦୦ରୁ ଅଧିକ ଯୁବକ ଯୁବତୀ**
- **ପିଲାଙ୍କ ସହ ବାଣ୍ଟିଲେ ସ୍ପୋର୍ଟ୍ସ ହଷ୍ଟେଲରେ ରହିବା ସମୟର ଅଭିଜ୍ଞତା**
- **ଶ୍ରୀଘ୍ର ଶେଷ ହେବ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ବିକାଶ କାର୍ଯ୍ୟ**
- **ସମଲେଇଙ୍କ ଦର୍ଶନ ସହ ଲୋକଙ୍କଠୁ ନେଲେ ପ୍ରକଳ୍ପ ସଂପର୍କରେ ମତ**




# ଆଜିଠୁ ମୟୂରଭଞ୍ଜରେ ଗଡ଼ିବ ଲକ୍ଷ୍ମୀ ବସ୍

**● ଭର୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**
**● ୫ ଟଙ୍କା ଭଡ଼ାରେ ପଞ୍ଚାୟତରୁ ବ୍ଲକକୁ ଯାତ୍ରା**



ବାରିପଦା, ୧୧।୨(ସମିସ): ପରିବହନ ସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ସେବା ସୋମବାରଠାରୁ ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହାକୁ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ପରେ ବଡ଼ସାହି ବ୍ଲକର ଟାଙ୍ଗାଶୋଳଠାରେ ଥିବା ବସ୍‌ଷ୍ଟାଣ୍ଡରେ ମନ୍ତ୍ରୀ ଉଦ୍‌ଘାଟନ କରିବେ। ଛଉ ପଡ଼ିଆରେ ଉଦଘାଟନ ପରେ ୨ଟି ବସରେ ଏସଏଚଜି ମହିଳାମାନେ ଏବଂ ଅନ୍ୟଟିରେ ଭିଆଇପିମାନେ ଟାଙ୍ଗାଶୋଳ ଅଭିମୁଖେ ଯାତ୍ରା କରିବେ। ଗ୍ରାମାଞ୍ଚଳରୁ ସହର ତଥା ଜିଲ୍ଲା ମୁଖ୍ୟାଳୟରୁ ରାଜଧାନୀକୁ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀବସ ସେବା ଯୋଜନା ଆରମ୍ଭ କରିଛନ୍ତି। ଉକ୍ତ ଲକ୍ଷ୍ମୀ ବସ ସେବାରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୬୨ଟି ବସ ଚଳାଚଳ ଆରମ୍ଭ କରିବ ବୋଲି ଓଏସଆରଟିସିର ଜିଲ୍ଲା ମ୍ୟାନେଜର ଅଭିନାଶ ସାମନ୍ତ ସୂଚନା ଦେଇଛନ୍ତି। ଉଦଘାଟନ କାର୍ଯ୍ୟକ୍ରମ ବାରିପଦା ସ୍ଥିତ ଛଉ ପଡ଼ିଆଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଜିଲ୍ଲାର ଦୁଇ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ, ଜିଲ୍ଲାପାଳ ଆଶିଷ ଠାକରେ, ଏସପି ଏସ ସୁଶ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜ ବେହେରା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ୪୦୪ଟି ପଞ୍ଚାୟତ ସହିତ ୨୬ଟି ବ୍ଲକରୁ ମୁଖ୍ୟାଳୟ ସହିତ ଏହି ବସ ଚଳାଚଳ କରିବ। ଏଥିପାଇଁ ୧୦୧ଟି ରୁଟ ଚିହ୍ନଟ କରାଯିବା ସହିତ ୧୦୧ଟି ବସ ଚଳାଚଳ କରିବ। ଏ ନେଇ ୮୦୦ଟି ବସଷ୍ଟପ ପଞ୍ଚାୟତ ପକ୍ଷରୁ ନିର୍ମାଣ ହେବ। ସେହିପରି ୨୬ଟି ବ୍ଲକ ମୁଖ୍ୟାଳୟରେ ୧ଏକର ଜାଗାରେ ବ୍ଲକ ବସଷ୍ଟାଣ୍ଡ ନିର୍ମାଣ ଆରମ୍ଭ ହୋଇଛି। ପଞ୍ଚାୟତରୁ ବସଗୁଡିକ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲିବ। ବସ ଚଳାଚଳ କରୁ ନ ଥିବା ପଞ୍ଚାୟତରୁ ପ୍ରଥମେ ଏହି ସେବା ଆରମ୍ଭ ହେବ। ଏଥିପାଇଁ ବସ କର୍ମଚାରୀ ସମେତ ସୁପରଭାଇଜର ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି। ନୂତନ ବସଗୁଡିକ ବାରିପଦାରେ ପହଞ୍ଚିବା ପରେ ଛଉପଡ଼ିଆରେ ଲକ୍ଷ୍ମୀ ବସ ରଙ୍ଗ ଓ ଷ୍ଟିକରିଂ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇ ଉଦଘାଟନ ନିମନ୍ତେ ପ୍ରସ୍ତୁତ ରହିଛି। ଏହି ବସ ଚଳାଚଳ ପରେ ମୟୂରଭଞ୍ଜ ଜିଲ୍ଲାର ବହୁ ଅଗମ୍ୟ ଅଞ୍ଚଳରୁ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥା ସହଜ ଭାବେ ଉପଲବ୍ଧ ହେବ। ଛାତ୍ରଛାତ୍ରୀ, ମହିଳା ଓ ଦିନମଜୁରିଆ ସମେତ ଜନସାଧାରଣ ବ୍ଲକ ମୁଖ୍ୟାଳୟ ଯିବା ଆସିବା ସହଜ ଓ ସୁବିଧା ହେବ। ଛାତ୍ରଛାତ୍ରୀ ଓ ମହିଳାମାନେ ଏହି ବସରେ ମାତ୍ର ୫ଟଙ୍କାରେ ଜିଲ୍ଲା ମଧ୍ୟରେ ଯାତ୍ରା କରିବାର ବ୍ୟବସ୍ଥା କରାଯାଇଛି। ଲକ୍ଷ୍ମୀ ବସ ଚଳାଚଳକୁ ଜିଲ୍ଲାବାସୀ ଅପେକ୍ଷା କରି ରହିଥିବା ବେଳେ ସୋମବାର ତାଙ୍କ ଅପେକ୍ଷାର ଅନ୍ତ ଘଟିବ।

### ୨ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ମହଙ୍ଗା ପଡ଼ିଲା

## ଗିରଫ ପରେ ଜେଲଗଲେ ରୋମିଓ ଯନ୍ତ୍ରୀ



ବାରିପଦା, ୧୧।୨(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଏକ ସଙ୍ଗେ ୨ ଜଣ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଜଣେ ରୋମିଓ କନିଷ୍ଠ ଯନ୍ତ୍ରୀ ଗିରଫ ହୋଇ ଜେଲ ଯାଇଛନ୍ତି। ସେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସୁନ୍ଦରଡ଼ିହି ଗ୍ରାମର ମଘନ ସିଂଙ୍କ ପୁଅ ଶୁକ୍ରା ସିଂ (୨୭)। ସେ ରାଇରଙ୍ଗପୁର ଜଳସେଚନ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ। ଅଭିଯୋଗ ଅନୁଯାୟୀ, ଶୁକ୍ରା ସିଂ ୨ଜଣ ଯୁବତୀଙ୍କ ସହିତ ଏକ ସଙ୍ଗେ ପ୍ରେମ ସମ୍ପର୍କରେ ରହିଥିଲେ। ସୋସିଆଲ ମିଡିଆ ଜରିଆରେ ସମ୍ପର୍କ ଆରମ୍ଭ ହୋଇ କନିଷ୍ଠ ଯନ୍ତ୍ରୀଙ୍କ ପ୍ରେମ ଜାଲରେ ଯୁବତୀ ଦୁହେଁ ପଡ଼ି ଯାଇଥିଲେ। ଦୁହିଁଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବାର ମିଥ୍ୟା ପ୍ରଲୋଭନ ଦେଖାଇ କନିଷ୍ଠ ଯନ୍ତ୍ରୀ ଜଣଙ୍କ ବହୁ ଦିନ ହେବ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ତେବେ ତାଙ୍କର ଏଭଳି କଳାକାରାନାମା ଉଭୟ ଯୁବତୀ ଜାଣିବାକୁ ପାଇଥିଲେ; ଯାହାକୁ ନେଇ ଦୁଇ ଜଣଯାକ ମୁହାଁମୁହିଁ ହେବା ପରେ ରୋମିଓ ଯନ୍ତ୍ରୀଙ୍କ ମିଛ ପ୍ରେମ ସମ୍ପର୍କ ଧରାପଡ଼ିଥିଲା। ଫଳରେ ପ୍ରତାରଣାର ଶିକାର ହୋଇଥିବା ଦୁଇ ଜଣଯାକ ଯୁବତୀ ବାରିପଦା ଟାଉନ ଥାନାରେ ପହଞ୍ଚିଥିଲେ। ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ପକ୍ଷରୁ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରୋମିଓ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରିବା ପରେ ପୁଲିସ ଅଭିଯୋଗକାରୀ ଦୁଇ ଜଣ ଯୁବତୀଙ୍କ ଡାକ୍ତରୀ ମାଇନା କରାଇଛି। ତେବେ ଗିରଫ ଯନ୍ତ୍ରୀଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି।

## ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ନାଟକ 'ସ୍ମୃତି ବିସ୍ମୃତି'



ବାରିପଦା, ୧୧।୨(ସମିସ): ଭୁବନେଶ୍ୱର ସ୍ଥିତ ଭଞ୍ଜକଳା ମଣ୍ଡପରେ ପଞ୍ଚମବେଦ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବିଂଶତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ବାରିପଦାର ରୂପାନ୍ତର ନାଟ୍ୟସଂସ୍ଥା ପ୍ରଯୋଜିତ ନାଟକ 'ସ୍ମୃତି ବିସ୍ମୃତି' ମଞ୍ଚସ୍ଥ ହୋଇଯାଇଛି। ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ତଥା ପରେଶ ସାହୁଙ୍କ ନିର୍ଦ୍ଦେଶିତ ନାଟକଟିରେ ପ୍ରସନ୍ନ ମହାନ୍ତି, ପ୍ରୟାସ ଶତପଥୀ, ସତ୍ୟନାରାୟଣ ଦାସ, ଦିନେଶ ସାହୁ, ସପନ ପଣ୍ଡା, ନାରାୟଣ ମଣ୍ଡଳ, ଦିଲ୍ଲୀପ ପରିଡ଼ା, ରବୀନ୍ଦ୍ର ବେହେରା, ଅନିତା ମିଶ୍ର, ପଦ୍ମିନୀ ପାଢ଼ୀ ଓ ଦେବସ୍ମିତା ସାବତ ପ୍ରମୁଖ ଅଭିନୟ କରିଛନ୍ତି। ଗୀତ ରଚନାରେ ରାଜଶ୍ରୀ ସାହୁ, ସଙ୍ଗୀତ ପରିଚାଳନାରେ ଶୁଭେନ୍ଦୁ ସାହୁ ଏବଂ ସଙ୍ଗୀତ ନିର୍ଦ୍ଦେଶନାରେ ନନ୍ଦକିଶୋର ଦାଶ ଓ ମଞ୍ଚ ପରିଚାଳନାରେ ବିଶ୍ୱମ୍ବର ସିଂ ସହାୟତା ପ୍ରଦାନ କରିଥିଲେ। ଏହି ନାଟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସାଧାରଣ କଥାକୁ ଭୁଲିଯିବା ବୟସର ଦୋଷ, ବୟସ୍କ ଲୋକଙ୍କର ଏହି ଦୋଷକୁ ଦୂରେଇ ଦେଇ ସେମାନଙ୍କ ଜୀବନକୁ ସହଜ କରିବାରେ ନାତିନାତୁଣୀ, ପୁଅ ଝିଅଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାମ୍ପ୍ରତିକ ଖଣ୍ଡବିଖଣ୍ଡିତ ସମାଜରେ ପୁଅବୋହୂ, ନାତିନାତୁଣୀଙ୍କଠାରୁ ଅଲଗା ରହୁଥିବା ବୁଢାବୁଢୀ ଭୁଲିଯିବା ବେମାରୀରେ ଶିକାର ହୋଇ କିପରି ଦୟନୀୟ ଅବସ୍ଥାର ସମ୍ମୁଖୀନ ହୋଉଛନ୍ତି। ଏଥିସହିତ ଏକୁଟିଆ ରହୁଥିବା ବୁଢାବୁଢୀମାନେ କିପରି ପୁଅ ବୋହୂ ଓ ସମାଜ ଦ୍ୱାରା ପ୍ରତାରିତ ହେଉଛନ୍ତି ତାହା ହିଁ ଥିଲା ନାଟକର ବିଷୟବସ୍ତୁ। ନାଟକର ସଫଳତା ପାଇଁ ରୂପାନ୍ତରର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ ଓ ବରିଷ୍ଠ ସଦସ୍ୟ ସୋମନାଥ ସିଂହ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଚାକିରି ଆଳରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ; ଅଭିଯୁକ୍ତ କୋର୍ଟ ଚାଲାଣ

ବାରିପଦା, ୧୧।୨(ସମିସ): ଚାକିରି କରାଇଦେବା ଆଳରେ ବାରିପଦା ସହର ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଯୁବକଯୁବତୀଙ୍କଠାରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣେ ଠକକୁ ଭଞ୍ଜପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଠକ ଜଣକ ହେଲେ ବସନ୍ତ କୁମାର ଧଳ। ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ରଙ୍ଗପାଣି ଗ୍ରାମରେ। ବାରିପଦା ସହରରେ ଏକ ଭଡ଼ା ଘରେ ରହି ଚାକିରି ଆଶାୟୀ ଯୁବକ ଯୁବତୀଙ୍କଠାରୁ ଟଙ୍କା ନେଇ ଠକିଥିବା ଅଭିଯୋଗ ହୋଇଛି। ଗିରଫ ଠକ ବସନ୍ତ ଏକ ଜାଲ ନିଯୁକ୍ତି ସଂସ୍ଥା ଖୋଲି ବାରିପଦା ସହର ମଧ୍ୟରେ କାଠବାଡରେ ଡାକ୍ତରଖାନା, ପୌରପାଳିକା, ବିଭିନ୍ନ ନର୍ସିଂହୋମ ଓ ଘରୋଇ ସଂସ୍ଥାରେ ବିଭିନ୍ନ ପଦ ପଦବୀରେ ନିଯୁକ୍ତି ସକାଶେ ବିଜ୍ଞାପନ ଦେଇଥିଲେ। ଏଥିରେ ପ୍ରଲୋଭିତ ହୋଇ ବେକାର ଯୁବକ ଯୁବତୀମାନେ ବିଜ୍ଞାପନରେ ପ୍ରଦତ୍ତ ଫୋନ ନମ୍ବର ଜରିଆରେ ଠକ ବସନ୍ତଙ୍କ ସହିତ ଯୋଗାଯୋଗ କରି ବିଭିନ୍ନ ପଦ ପାଇଁ ତାଙ୍କୁ ୫ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଅଗ୍ରୀମ ଅର୍ଥ ଦେଇ ଠକାମିର ଶିକାର ହୋଇଥିବା ଅଭିଯୋଗ ହୋଇଛି। ତେବେ ଚାକିରି ନ ପାଇ ନିରାଶ ଯୁବକ ଯୁବତୀ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଇତିମଧ୍ୟରେ ଠକ ବସନ୍ତ ବାରିପଦା ସହରରେ ବୁଲୁଥିବା ବେଳେ ଠକାମୀର ଶିକାର ହୋଇଥିବା କିଛି ଯୁବକ ତାକୁ କାବୁ କରି ଭଞ୍ଜପୁର ଥାନା ପୁଲିସ ଜିମା ଦେଇଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଠକ ବସନ୍ତକୁ କୋର୍ଟ ଚାଲାଣ କରିଛି।

## କିଡ୍‌ସ ମସ୍ତି କାଫେର ବାର୍ଷିକ ଉତ୍ସବ

ବାରିପଦା, ୧୧।୨(ସମିସ): ବାରିପଦା କାଳୀମନ୍ଦିର ସାହି ସ୍ଥିତ କିଡ୍‌ସ ମସ୍ତି କାଫେର ବାର୍ଷିକ ଉତ୍ସବ ସହିଦ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଶଶାଙ୍କ କୁମାର ଦଣ୍ଡପାଟଙ୍କ ସଭାପତିତ୍ୱ ଏବଂ ଉପଦେଷ୍ଟା ହରିପ୍ରସାଦ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ, ମୁଖ୍ୟବକ୍ତା ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପାଳର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଡା. ଚିତ୍ତରଞ୍ଜନ ଗିରି ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷା ରିତାରାଣୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଭିନ୍ନକ୍ଷମ ହୋଇ ବି ଆତ୍ମନିର୍ଭରଶୀଳ

## ଉଦଳାରେ ସମସ୍ତଙ୍କ ବିଶ୍ୱାସଭାଜନ କନ୍ଧା ଟ୍ରଲିବାଲା



ଉଦଳା, ୧୧।୨(ସମିସ): ମୁଁ କନ୍ଧା ଟ୍ରଲିବାଲା। ଏହି ନାମରେ ମୋତେ ସମସ୍ତେ ଜାଣିଛନ୍ତି। ହଁ, ମୁଁ ଜଣେ ଭିନ୍ନକ୍ଷମ ହେତୁ କାହାକୁ ମୋ ନାମ କହିପାରେନାହିଁ; ହେଲେ ଏଠାକାର ଲୋକେ ମୋତେ କନ୍ଧା ଟ୍ରଲିବାଲା ବୋଲି ଡାକନ୍ତି। ଆଉ ଦିଅନ୍ତି ଅନେକ ଭଲ ପାଇବା। ମୁଁ କଥା କହିପାରେ ନାହିଁ କି ଭଲଭାବେ ଶୁଣିପାରେ ନାହିଁ। ହେଲେ ନିଜକୁ କେବେ ମୁଁ ଭିନ୍ନକ୍ଷମ ବୋଲି ଭାବି ନାହିଁ। ଜୀବନର ରଥକୁ ଟାଣି ନେବା ପାଇଁ କେବେ ଥକି ନାହିଁ ମୋ ପାଦ କିମ୍ବା ମୋ ଟ୍ରଲିର ଚକ। ଆଜିକାଲି ନୁହେଁ, ଦୀର୍ଘ ୧୦ ବର୍ଷରୁ ଅଧିକ ହେବ ମୁଁ ଏହି କାମ କରୁଛି। ଏଭଳି କିଛି କଥା ନିଶ୍ଚୟ ଦୁନିଆକୁ କହୁଥିବ ସେହି ଟ୍ରଲି ଚାଳକ ଜଣକ। ତେବେ ଆମେ କହୁଛୁ ଉଦଳା ବସଷ୍ଟାଣ୍ଡରେ ଥିବା ଟ୍ରଲି ଚାଳକ କନ୍ଧା ଟ୍ରଲିବାଲାଙ୍କ କଥା। କେହି ବି ତାହାର ପ୍ରକୃତ ନାମ ଜାଣିନାହାନ୍ତି। ତେଣୁ ସମସ୍ତେ ତାଙ୍କୁ କନ୍ଧା ଟ୍ରଲିବାଲା ନାମରେ ଡାକୁଥିବାରୁ ଆମେ ମଧ୍ୟ ସେହି ନାମରେ ତାଙ୍କୁ ଡାକୁଛୁ। ଏହି ଯୁବକ ଜଣକ ହେଲେ ବସଷ୍ଟାଣ୍ଡରେ ସମସ୍ତଙ୍କର ଅତି ଆଦରର ଟ୍ରଲି ଚାଳକ। ଏହି ଟ୍ରଲି ଚାଳକଙ୍କୁ ଦେଖିଲେ ଜୀବନରେ ସଂଘର୍ଷ କାହାକୁ କୁହାଯାଏ ଆଉ ବଞ୍ଚିବା ପାଇଁ ସଂଘର୍ଷର ପ୍ରକୃତ ଅର୍ଥ ବୁଝା ପଡ଼ିଯାଉଛି। ଦୀର୍ଘ ୧୦ ବର୍ଷରୁ ଅଧିକ ହେବ ସେ ଏହି ବସଷ୍ଟାଣ୍ଡରେ ଟ୍ରଲି ଚଳାଉଛନ୍ତି। ହେଲେ କେବେ ନିଜକୁ ଦୁର୍ବଳ ମନେ କରିନାହାନ୍ତି। କୌଣସି ବସରେ କୌଣସି ଦୋକାନୀଙ୍କ ସାମଗ୍ରୀ ଆସିଲେ ବାସ୍ କାଗଜ ଚିରକୁଟିଟିଏ ଦେଇଦେଲେ ଏହି କନ୍ଧା ଟ୍ରଲିବାଲା ଠିକଣା ଜାଗାରେ ପହଞ୍ଚାଇ ଦେଇଥାଏ। କେବଳ ସେତିକି ନୁହେଁ, ସଂଘର୍ଷର ଅନ୍ୟ ନାମ ଯେ ଜୀବନ ତାହା ବେଶ ଭଲ ଭାବରେ ବୁଝିଛନ୍ତି। ସେଥିପାଇଁ ତ ସବୁବେଳେ ହସ ହସ ମୁହଁ ଏବଂ ସମସ୍ତଙ୍କ ସହିତ ବେଶ୍ ମେଳାପୀ। ଭୋରରୁ ଆସି ଦିନତମାମ ଟ୍ରଲି ଟାଣି ଯାହା ରୋଜଗାର କରନ୍ତି ତାହା ହିଁ ତାଙ୍କର ସମ୍ବଳ। ଏପରିକି ସମଗ୍ର ଉଦଳାରେ କହିବାକୁ ଗଲେ ଏହି ଜଣେ ଟ୍ରଲିବାଲା ଯାହାକୁ ସମସ୍ତ ଦୋକାନୀ ଏବଂ ଅନ୍ୟମାନେ ଅନ୍ଧଭଳି ବିଶ୍ୱାସ କରନ୍ତି। ନିଜେ ଭିନ୍ନକ୍ଷମ ହୋଇଥିଲେ ସୁଦ୍ଧା କେବେ କାହା ପାଖରେ ହାତ ପାତିନାହାନ୍ତି। କେବଳ କଠିନ ପରିଶ୍ରମ ବଳରେ ସେ ଆଜି ସମସ୍ତଙ୍କ ପାଖରେ ବେଶ୍ ଆଦୃତ। କଥା କହିପାରୁ ନ ଥିବାରୁ ଠାରରେ ତାଙ୍କ ସହିତ କଥା ହେଲେ ମଧ୍ୟ ସେ ଅନେକ କଥା ବୁଝିପାରନ୍ତି ଏବଂ ସେହି ଅନୁସାରେ କାମ କରନ୍ତି। ଆଜିର ଯୁଗରେ ଜଣେ ଭିନ୍ନକ୍ଷମ ହେଲେ ନିଜକୁ ଦୁର୍ବଳ ଭାବିଥାଏ, ହେଲେ କନ୍ଧା ଟ୍ରଲିବାଲା ନିଜକୁ ଦୁର୍ବଳ ନ ଭାବି କରୁଥିବା ପରିଶ୍ରମ ଏବଂ ଚେଷ୍ଟା ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ।

### ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଭିଆରସିସି ଚାମ୍ପିଅନ



ବାରିପଦା, ୧୧।୨(ସମିସ): ବାରିପଦା ଷ୍ଟାଡିୟମ ପଡ଼ିଆରେ ୧ନଂ. ୱାର୍ଡ କାଉନସିଲର ସୁକେଶିନୀ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଭିଆରସିସି ଦଳ ଭିଏସସିସି ଦଳକୁ ୭ ଉଇକେଟରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଭିଏସସିସି ୧୦ ଓଭରରେ ୩ ଉଇକେଟ ହରାଇ ୧୧୬ ରନ କରିଥିଲେ। ଦଳ ପକ୍ଷରୁ କ୍ଷିତୀଶ ଚନ୍ଦ୍ର ମହାକୁଡ଼ ୩୮ ଓ ଆଶିଷ କୁମାର ସେଠୀ ୩୩ ରନ କରିଥିବା ବେଳେ ବିପକ୍ଷ ଦଳର ରତ୍ନାକର ବେଶ୍ରା ୨ ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭିଆରସିସି ଦଳ ୯ ଓଭରରେ ୩ ଉଇକେଟ ହରାଇ ୧୧୮ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ବୀରେନ୍ଦ୍ର ବେଶ୍ରା ୬୦ ଓ ସଙ୍ଗମ ନାଏକ ୩୬ ରନ କରିଥିବା ବେଳେ ବିପକ୍ଷ ଦଳର ଦୀପକ ବାରିକ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଅନିଲ ମହାପାତ୍ର ଓ ଦେବବ୍ରତ ସିଂବାବୁ ଖେଳ ପରିଚାଳନା କରିଥିବା ବେଳେ ଅନିଶ ମିଶ୍ର ସ୍କୋରିଙ୍ଗରେ ସହାୟତା କରିଥିଲେ। ଦୀପକ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ବୀରେନ୍ଦ୍ର ବେଶ୍ରା ମ୍ୟାନ ଅଫ ଦି ମ୍ୟାଚ, ଆଶିଷ କୁମାର ସେଠୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ ଦି ସିରିଜ ଏବଂ ଦୀପକ ବାରିକ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପୁରସ୍କାର ବିତରଣ କରିବା ସହ ଏଭଳି ଏକ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିବାରୁ ୧ ନଂ ୱାର୍ଡର କାଉନସିଲରଙ୍କ ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅମର କୁମାର ସେଠି, ଆଇନଜୀବୀ କୃଷ୍ଣଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ସୋମନାଥ ସିଂହ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିବା ବେଳେ କ୍ଷିତୀଶ ଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।


## ଶ୍ରୀମା' କଲେଜରେ 'ନୂଆ-ଓ' ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାରିପଦା, ୧୧।୨(ସମିସ): ବାରିପଦା ଶ୍ରୀମା' ମହିଳା ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରାୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ଉଦଯାପାନୀ ଉତ୍ସବ ଅଧ୍ୟକ୍ଷ ନଟବର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଓ ସମ୍ମାନିତ ଅତିଥିରୂପେ ଅଧୀକ୍ଷଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଯୋଗଦେଇ ଛାତ୍ରୀମାନଙ୍କୁ ଓଡ଼ିଆ ଭାଷାର ଗୌରବୋଜ୍ଜ୍ୱଳ ଇତିହାସ ଓ ପରମ୍ପରା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ମାନସୀ ରାଣୀ ବାରିକ ଅତିଥିଙ୍କୁ ସଭାମଞ୍ଚକୁ ଆହ୍ୱାନ କରିଥିବା ବେଳେ ସଂଯୋଜକ ପ୍ରାଧ୍ୟାପକ ଶ୍ରୀକାନ୍ତ ରାଉତ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରସଙ୍ଗରେ ଶ୍ରୀଜଗନ୍ନାଥଙ୍କ ବ୍ୟାପ୍ତି ଓ ବୈଚିତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶାସନିକ ଅଧିକାରୀ ଗୀତା ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଦୀପକ କୁମାର ରାଉତ ଆଲୋଚନାଚକ୍ରର ବିଷୟ ନିର୍ଯ୍ୟାସ ସମ୍ପର୍କରେ ସୁଚିନ୍ତିତ ମନ୍ତବ୍ୟ ଦେଇଥିଲେ। ଅଧ୍ୟାପିକା ମିତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିବାର ପ୍ରଶିକ୍ଷଣ

ବାରିପଦା, ୧୧।୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାରିପଦା ତୁଳସୀ ଚଉରାଠାରେ ଶିଶୁ ବାଟିକା ବିଭାଗର 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପର ପରିବାର ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣରେ ବିଶିଷ୍ଟ ଶିକ୍ଷାବିତ୍ ଶୈଳେନ୍ଦ୍ର ନାରାୟଣ ଜ୍ୟୋତିଷୀ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି 'ଶିଶୁ ଶିକ୍ଷାର ଭାରତୀୟ ଓ ପାଶ୍ଚାତ୍ୟ ସଙ୍କଳ୍ପନା' ବିଷୟରେ ଆଲୋଚନା କରିଥିଲେ। ପରିଚାଳନା ସମିତିର ସମ୍ପାଦକ ଶୁଭେନ୍ଦୁ କୁମାର ପାଲ ଶିଶୁଶିକ୍ଷାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁ ବାଟିକା ପ୍ରମୁଖ ବିଷ୍ଣୁ ଚରଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ଅପର୍ଣ୍ଣା ସାହୁ ମଞ୍ଚ ପରିଚାଳନା କରିଥିଲେ। ଶକୁନ୍ତଳା ଗୁରୁମା, ସବିତା ଗୁରୁମା, ମାଣିକେଶ୍ୱରୀ ଗୁରୁମା, ଦୀପ୍ତି କୁଅଁର ବାବୁ ଓ ଶିଉଳୀଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିଶୁମାନଙ୍କ ଦ୍ୱାରା ମାନସିକ ବିକାଶ ଓ ବୌଦ୍ଧିକ ବିକାଶର ପ୍ରାୟୋଗିକ ଔପଚାରିକତା ପ୍ରଦର୍ଶନ କରାଯାଇଥିଲା।




### ଯମ ପଡ଼ିଆ ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ପାୱାର ହିଟର୍ସ ଚାମ୍ପିଅନ



ବାରିପଦା, ୧୧।୨(ସମିସ): ମୁର୍ଗାବାଡି ସ୍ଥିତ ଯମ ପଡ଼ିଆରେ ୭ମ ବାର୍ଷିକ ଯମ ପଡ଼ିଆ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପାୱାର ହିଟର୍ସ ବ୍ଲିଜାର୍ଡ ୧୭ ଦଳକୁ ୮ ରନରେ ପରାସ୍ତ କରି ଚାମ୍ପଆନ ହୋଇଛି। ପ୍ରଥମେ ବ୍ୟାଟିଂ କରି ପାୱାର ହିଟର୍ସ ୧୦ ଓଭରରେ ୩ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ମନୋଜ ନାଏକ ୪୩ ଓ ବୁଦ୍ଧଦେବ ନାଏକ ୩୭ ରନ କରିଥିଲେ। ଜବାବରେ ବ୍ଲିଜାର୍ଡ ୧୭ ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ସତ୍ୟଜିତ ଘୋଷ ୨୬ ଓ କିଶୋର ସିଂହ ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ଭବତୋଷ ଶେଜପଡ଼ା ୩ ଓ ମନୋଜ ନାଏକ ୨ ଟି ଉଇକେଟ ଅକ୍ତିଆର କରିଥିଲେ। ନିମାୟ ସୋରେନ ଓ ଚନ୍ଦନ ବିନ୍ଧାଣି ଖେଳ ପରିଚାଳନା କରିଥିବା ବେଳେ ଆଲୋକ ରଞ୍ଜନ ପୁହାଣ ଓ ରାକେଶ କୁମାର ବେହେରା ସ୍କୋରିଙ୍ଗରେ ସହାୟତା କରିଥିଲେ। ଶ୍ରୀକାନ୍ତ କୁମାର ଓ ଶିବ ଶଙ୍କର ଟୁଡୁ ଧାରା ବିବରଣୀ ପ୍ରଦାନ କରିଥିଲେ। ମନୋଜ ନାଏକ ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ ଦି ସିରିଜ ଭାବେ ଏବଂ ଶ୍ରେଷ୍ଠ ବ୍ୟାଟ୍ସମେନ ଭାବେ ଶିବଶଙ୍କର ଟୁଡୁ ପୁରସ୍କୃତ ହୋଇଥିଲେ। ଚାମ୍ପିଅନ ଦଳକୁ ୨୦ ହଜାର ଓ ରନର୍ସ ଅପ ଦଳକୁ ୧୦ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଭାଦବ ହାଁସଦା, ସମାଜସେବୀ ଅମର କୁମାର ସେଠି ଓ ଯୁବନେତା କାମିନୀ କାନ୍ତ ପରିଡ଼ା ତଥା ଆୟୋଜକ ପ୍ରକାଶ ସିଂ, ମିଲନ ସିଂ ଓ ସୁମନ ଶେଖର ପ୍ରମୁଖ ଉପସ୍ଥିତ ଥିଲେ।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-228 ◆BHUBANESWAR ◆MONDAY ◆12 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୮ ◆ଭୁବନେଶ୍ୱର ◆ସୋମବାର ◆୧୨ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ୨୧ ସୁଦ୍ଧା ସାରା ରାଜ୍ୟରେ ଗଡ଼ିବ 'ଲକ୍ଷ୍ମୀ'

**ଭୁବନେଶ୍ୱର,୧୧।୨(ସମିସ):** ଚଳିତ ମାସ ସୁଦ୍ଧା ସବୁ ଜିଲ୍ଲାରେ ପହଞ୍ଚିବ ଲକ୍ଷ୍ମୀ ବସ୍ ସେବା। ୧୨ରୁ ୨୧ ତାରିଖ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲାରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରିବେ। ସୂଚନା ଅନୁସାରେ ୧୨ ତାରିଖରେ ବରଗଡ଼, ବଲାଙ୍ଗିର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିବେ। ସେହିପରି ୧୬ ତାରିଖରେ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ନୟାଗଡ଼ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଗଡିବା ଆରମ୍ଭ କରିବ। ୧୯ ତାରିଖରେ ସମ୍ବଲପୁର, ସୋନପୁର, କଟକ, ଝାରସୁଗୁଡ଼ା ଓ କନ୍ଧମାଳରେ ଏବଂ ୨୧ ତାରିଖରେ ବାଲେଶ୍ୱର, ନୂଆପଡ଼ା, ବୌଦ୍ଧ, ଗଞ୍ଜାମ ଓ ଜଗତସିଂହପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବ। ଗତ ଜାନୁଆରୀ ୩୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରିଥିଲେ। ରାଜ୍ୟର ବହୁ ଜିଲ୍ଲାରେ ସଡ଼କ ପରିବହନ ବ୍ୟବସ୍ଥାର ଅଭାବ ରହିଥିବା ବେଳେ ତାହା ସାମାଜିକ ଓ ଅର୍ଥନୈତିକ ବିକାଶରେ ଅନ୍ତରାୟ ସୃଷ୍ଟି କରୁଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସବୁ ଜିଲ୍ଲା ପାଇଁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଥିଲେ।

**ଆଜି ୫ ଜିଲ୍ଲାରେ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ**

### ରାଜ୍ୟର ପ୍ରଗତି ଯାତ୍ରାରେ ଯୋଡ଼ିହେଲା ଆଉ ଏକ ସଫଳ ଅଧ୍ୟାୟ

# ଭୁବନେଶ୍ୱରରେ କଗ୍ନିଜେଣ୍ଟ



- ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ଅପାର ସୁଯୋଗ: ମୁଖ୍ୟମନ୍ତ୍ରୀ
- ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ଆତ୍ମବିଶ୍ୱାସରେ ଆଗେଇ ଚାଲିଛି ଆମ ରାଜ୍ୟ
- ନିଯୁକ୍ତି ପାଇବେ ୮୦୦ରୁ ଅଧିକ ଦକ୍ଷ କର୍ମଚାରୀ

■ **ଭୁବନେଶ୍ୱର,୧୧।୨(ସମିସ):** ଗୋଟିଏ ପରେ ଗୋଟିଏ ବିଶ୍ୱର ପ୍ରତିଷ୍ଠିତ ଆଇଟି କମ୍ପାନୀ ଓଡ଼ିଶାରେ କାରବାର ପାଇଁ ଆଗେଇ ଆସୁଛନ୍ତି। ଏହି କ୍ରମରେ ରବିବାର ଆଉ ଏକ ଅଗ୍ରଣୀ ଆଇଟି ପ୍ରତିଷ୍ଠାନ କଗ୍ନିଜେଣ୍ଟ ବିଧିବଦ୍ଧ ଭାବେ ଭୁବନେଶ୍ୱରରେ ନିଜ କାର୍ଯ୍ୟାଳୟ ପ୍ରତିଷ୍ଠା କରିଛି। ବିଶ୍ୱର ଅନ୍ୟତମ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ କମ୍ପାନୀ କଗ୍ନିଜେଜଣ୍ଟର କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରି ଏହାକୁ ଓଡ଼ିଶାର ପ୍ରଗତି ଯାତ୍ରାର ଆଉ ଏକ ସଫଳ ଅଧ୍ୟାୟ ବୋଲି କହିଛନ୍ତି।

ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ମାଣ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ, ଆମ ରାଜ୍ୟ ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଛି। ଆଇଟି/ଆଇଟିଇଏସ୍‌କୁ ରାଜ୍ୟ ସରକାର ଯଥେଷ୍ଟ ପ୍ରୋତ୍ସାହନ ଦେଉଛନ୍ତି। ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଗ୍ନିଜେଜଣ୍ଟ ଏବେ ରାଜ୍ୟର କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ ପାଇଁ ଭୁବନେଶ୍ୱରକୁ ଦେଶର ଅନ୍ୟତମ ପ୍ରମୁଖ ସହର ଭାବେ ଚୟନ କରିଛି। ମୋର ବିଶ୍ୱାସ ଯେ ନୂତନ ଉଦ୍ୟୋଗ, ବୈଷୟିକ ଉଦ୍ଭାବନ ଏବଂ ନୂତନ ଯୁଗର ଚିନ୍ତାଧାରାକୁ ପ୍ରୋତ୍ସାହିତ କରି ଏକ ସୁଦୃଢ଼ ଇକୋସିଷ୍ଟମ୍ ଦ୍ୱାରା ଓଡ଼ିଶାର ବିକାଶ ପଥକୁ ଅଧିକ ସମ୍ପ୍ରସାରିତ କରିବ। କଗ୍ନିଜେଜଣ୍ଟ ଭଳି ବିଶ୍ୱସ୍ତରୀୟ ସଂସ୍ଥାର ଉପସ୍ଥିତି ଓଡ଼ିଶାର ପ୍ରତିଭାବାନ୍ ଯୁବକଯୁବତୀଙ୍କ ପାଇଁ କର୍ମନିଯୁକ୍ତିର ଅପାର ସମ୍ଭାବନାକୁ ଉଜାଗର କରିବ। କମ୍ପାନୀର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ▶ପୃଷ୍ଠା-୯

**ନିବେଶକଙ୍କୁ ଆକୃଷ୍ଟ କରୁଛି ରାଜ୍ୟ ସରକାରଙ୍କ ସକାରାତ୍ମକ ମନୋଭବ ଏବଂ ଦକ୍ଷ ଆଇଟି ନୀତି: କଗ୍ନିଜେଣ୍ଟ ସିଇଓ**

# ଦୁର୍ଘଟଣା ନେଲା ୮ ଜୀବନ

### ଟ୍ରେଲର୍-ଟାଟା ମ୍ୟାଜିକ୍ ମୁହାଁମୁହିଁ

## ୫ ମୃତ, ୯ ଗୁରୁତର

■ **ଝାରସୁଗୁଡ଼ା/ଲଖନପୁର, ୧୧।୨(ସମିସ):** ଲଖନପୁର ବ୍ଲକ ଅନ୍ତର୍ଗତ ଜୁନିଏନ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ପ୍ରାଣ ହରାଇଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ, ରେଙ୍ଗାଲି ଥାନା ଅନ୍ତର୍ଗତ ଝାରୁପଡ଼ାର ଥଣ୍ଡାରାମ ସତନାମୀ (୫୫), ମଚିଦା ପଞ୍ଚାୟତ ଅନ୍ତର୍ଗତ କନଡ଼ିହି ଗାଁର ଭୁବନେଶ୍ୱର ଭଇଁଶାଲ (୭୧), ଊର୍ମିଳା ରାଉତ (୫୦), ଅତାବିରାର ଉମା ପଧାନ (୫୦), ମଚିଦା ଗାଁର କଳ୍ପନା ମେହେର (୨୬)। ଗୁରୁତର ଆହତମାନେ ହେଉଛନ୍ତି ଠେବରା ସାରଙ୍ଗଡେରାର ଆନନ୍ଦ ଭୁଏ (୬୭), ବାଉଁଶେନପାଲିର ଯୋଗେଶ ଖଡ଼ିଆ (୨୦), ବଡ଼ଧରାର ବୈକୁଣ୍ଠ ଖମାରୀ (୪୮), ପଲସଦାର କ୍ଷମାସାଗର ସେଠ (୪୫), ମଚିଦାର ରଞ୍ଜନ ମେହେର (୭୨), କୁଲିହାବାହାଲର ଜତିନ ବାଗ (ଦେଢ଼ ମାସ), ରେଙ୍ଗାଲି ଥାନା ଅଞ୍ଚଳର ଯୋଗେନ୍ଦ୍ର ଖଡ଼ିଆ (୩୬) ଓ ଏକ ୬ ମାସର ଶିଶୁ ଥିବା ଜଣାପଡ଼ିଛି। ଗୁରୁତରମାନଙ୍କୁ ସ୍ଥାନୀୟ ପୁଲିସ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଦୁର୍ଘଟଣାରେ ଆହତ ଦୁଇ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

ସୂଚନାରୁ ପ୍ରକାଶ ଯେ ରବିବାର ସକାଳ ପ୍ରାୟ ସାଢ଼େ ୧୦ଟାରେ ଲଖନପୁର ବେହେରାଗୁଡ଼ା ପଟରୁ ଆସୁଥିବା ଏକ ଯାତ୍ରୀବାହୀ ଟାଟା ମ୍ୟାଜିକ୍ ଓଡ଼ି୧୫ବି-୧୭୨୭କୁ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରେଲର ଓଡ଼ି୨୩ଏନ-୩୧୫୬ ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ୨ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ୧୧ ଜଣ ଗୁରୁତର ଆହତ ହୋଇଥିଲେ। ଲଖନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ▶ପୃଷ୍ଠା-୯

## ଓଲଟିଲା ଶ୍ରମିକବୋଝେଇ ଭ୍ୟାନ୍



■ **ଭବାନୀପାଟଣା/ଗୋଲାମୁଣ୍ଡା, ୧୧।୨ (ସମିସ):** ଗୋଲାମୁଣ୍ଡା ଥାନା ଡକରୀପଡ଼ା ନିକଟରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ମୃତ୍ୟୁବରଣ କରିଥିବା ବେଳେ ୪୫ରୁ ଊର୍ଦ୍ଧ୍ୱ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକମାନେ ହେଲେ, ମିଚାଗାଁର ମଞ୍ଜୁଲତା ବିଶ୍ୱାଳ(୩୦) ଓ ମୋହନ ବିଶ୍ୱାଳ(୫୦)। ସୂଚନାନୁସାରେ, ଜୁନାଗଡ଼ ଥାନା ଆଁଟିଗାଁର ▶ପୃଷ୍ଠା-୯

**୨ ମୃତ; ୪୫ରୁ ଊର୍ଦ୍ଧ୍ୱ ଆହତ**

### ମୁଖ୍ୟମନ୍ତ୍ରୀଙ୍କ ଶୋକ

**ମୃତକଙ୍କ ପରିବାରବର୍ଗଙ୍କୁ ୩ଲକ୍ଷ ଲେଖାଏଁ ସହାୟତା ଘୋଷଣା**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳ ସଡ଼କ ଦୁର୍ଘଟଣାରେ ୨ଜଣ ବ୍ୟକ୍ତି ପ୍ରାଣ ହରାଇବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୩ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆହତ ବ୍ୟକ୍ତିମାନଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପୁରୀରୁ ଫେରିବାବେଳେ ପିଟିଲା ହାଇୱା

**ଜଣେ ମୃତ, ୯ ଗୁରୁତର**

■ **ଭଦ୍ରକ, ୧୧।୨(ସମିସ):** ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥ ଆରଡି ଛକ ନିକଟରେ ଗତକାଲି ବିଳମ୍ବିତ ରାତି ପ୍ରାୟ ଦେଢ଼ଟା ବେଳେ ଏକ ବଲେରୋକୁ ଏକ ହାଇୱା ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଭଦ୍ରକ ମେଡିକାଲ ଓ ୬ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ପୁରୀରୁ ଶ୍ରୀଜଗନ୍ନାଥ ଦର୍ଶନ ସାରି ଏକ ବୋଲେରୋରେ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଫେରୁଥିବା ସମୟରେ ବିଳମ୍ବିତ ରାତିରେ ଭଦ୍ରକ ଆରଡ଼ି ଛକ ନିକଟରେ ସାମ୍ନା ପଟୁ ଆସୁଥିବା ଏକ ହାଇୱା ▶ପୃଷ୍ଠା-୯




## ● ଚାଲାଣ ବେଳେ ମାଡ଼ି ବସିଲା ପୁଲିସ
# ୧.୯ କେଜି ଗଞ୍ଜେଇ ଜବତ; ୩ ଗିରଫ



**ରାମଚନ୍ଦ୍ରପୁର, ୧୧।୨(ସମିସ):** ବେଆଇନ ଗଞ୍ଜେଇ ଚାଲାଣ ସମୟରେ ମାଡି ବସିଲା ପୁଲିସ। ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କଲା କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ପୁଲିସ। ସୂଚନାରୁ ପ୍ରକାଶଯେ ଗତକାଲି ସନ୍ଧ୍ୟାରେ ରାମଚନ୍ଦ୍ରପୁର ଥାନା ଜେନାପଦା କାଜୁ ଜଙ୍ଗଲ ନିକଟରେ ଚୋରା ଗଞ୍ଜେଇ ଚାଲାଣ ଚାଲିଥିବା ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ରାମଚନ୍ଦ୍ରପୁର ଥାନା ଧିକାରୀ ବିଜୟକୁମାର ସିଂଙ୍କ ନେତୃତ୍ୱରେ ପୁଲିସ ଟିମ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଗୋଟିଏ ବୋଲେରୋ ସହ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କେଳାପଦା ଗାଁର କାମପଦ ନାୟକ(୪୨), ଦିଲ୍ଲୀପ ନାୟକ(୩୩) ଓ ସ୍ଥାନୀୟ ନୂଆଗାଁ ଗ୍ରାମର ଗଣେଶ୍ୱର ରାଉତ(୫୫)ଙ୍କୁ ଅଟକ ରଖି ଗାଡି ଯାଞ୍ଚ କରିଥିଲା ରାମଚନ୍ଦ୍ରପୁର ପୁଲିସ। ଯାଞ୍ଚ ସମୟରେ ୧କେଜି ୯ ଶହ ଗ୍ରାମର ଗଞ୍ଜେଇ ସହିତ ନଗଦ ୫୦ ହଜାର ଟଙ୍କା, ୩ଟି ମୋବାଇଲ ଓ ଗଞ୍ଜେଇ ଚାଲାଣରେ ବ୍ୟବହୃତ ବୋଲେରୋକୁ ଜବତ କରି ୯୬/୨୪ରେ ଏକ ମାମଲା ରୁଜୁ କରିଛି। ୩ ଜଣଙ୍କୁ ଗିରଫ କରି ଅଧିକ ପଚାରାଉଚାରା ପରେ ରବିବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ଥାନା ଅଧିକାରୀ ଶ୍ରୀ ସିଂ ସମେତ ଏସ୍‌ଆଇ ରବୀନ୍ଦ୍ର ମୁଣ୍ଡାରୀ, ସୁରେଶ ମାଝୀ, ଧର୍ମେନ୍ଦ୍ର ମହାପାତ୍ର, ହରପ୍ରିୟା ସାହୁ ସାମିଲ ଥିଲେ।

## ଷେଣ୍ଢେଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଦୟନୀୟ ଅବସ୍ଥା
# ରକ୍ଷଣାବେକ୍ଷଣ ଅଭାବରୁ ପୋତିହେଲାଣି କେନାଲ

**ଆନନ୍ଦପୁର, ୧୧।୨(ସମିସ)**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଷେଣ୍ଢେଇ ଡ୍ୟାମ ରକ୍ଷଣାବେକ୍ଷଣ ଅଭାବରୁ ଦୟନୀୟ ହୋଇପଡ଼ିଛି। ଲତାଗୁଳ୍ମରେ କେନାଲ ଶଯ୍ୟା ଲୁଚିଯାଇଥିବାରୁ ଏହି ପ୍ରକଳ୍ପରୁ କେନାଲରେ ସେଚ କାର୍ଯ୍ୟ ନେଇ ଚାଷୀକୂଳ ଚିନ୍ତିତ ହୋଇପଡ଼ିଛନ୍ତି। ଶାମୁକାନାଣ୍ଡିରୁ ବାହାରି ୧୬ କିମିରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରି ଶେଷରେ ଏହା ରେକୁଟିଆ ନିକଟରେ କୁଶେଇ ନଦୀରେ ମିଶିଛି। ଷେଣ୍ଢେଇ ନଦୀଶଯ୍ୟା ପୋତି ହୋଇଯିବା ସହ ଗଛଲତାରେ ଭର୍ତ୍ତି ହୋଇଯିବାରୁ ଏହା ସଂକୁଚିତ ହୋଇଯାଉଛି। ଅନେକ ସ୍ଥାନରେ ନଦୀକୁ ଖୋଜିଲେ ବି ମିଳୁନି। ଘସିପୁରା ବ୍ଲକ ଶାମୁକାନାଣ୍ଡି ପଞ୍ଚାୟତର ଅସନବାହାଳି ଜଙ୍ଗଲ ନିକଟ ପାହାଡ଼ରୁ ବାହାରିଛି ଷେଣ୍ଢେଇ ନଦୀ। ଏଥିରେ ନଟିଆଝର ଓ ବରବାହାଳିଝର ନାମକ ଦୁଇଟି ଝରଣା ମିଶିଛି। ଷେଣ୍ଢେଇ ନଦୀ ପଦନପୁର, କଇଁଆବୋରେଇ, ଭଣ୍ଡାରିଡିହା, ତୋରାଣିଆପାଳ, ନରସିଂହପୁର,



ବସନ୍ତପୁରା, କଣ୍ଟାରୋହି, ତରିମୂଳ ଦେଇ ରେକୁଟିଆ ନିକଟରେ କୁଶେଇ ନଦୀରେ ମିଶିଛି। ରେକୁଟିଆ ଗ୍ରାମର ଉତ୍ତରପୂର୍ବରେ କୁଶେଇର ମିଶ୍ରଣ ହୋଇଥିବା ବେଳେ ଦକ୍ଷିଣପୂର୍ବରେ ରେମାଳ ନଦୀ ମିଶିଛି। ସଙ୍ଗମସ୍ଥଳର ଅତି ନିକଟରେ ଯାଜପୁର ଜିଲ୍ଲାର ତେଲିବେଢ଼ା ଗ୍ରାମ ରହିଛି। ପୂର୍ବରୁ ଷେଣ୍ଢେଇ ନଦୀର ସ୍ରୋତ ପ୍ରଖର ଥିଲା। କିଛିମାସ ତଳେ ଶାମୁକାନଣ୍ଡି ନିକଟରେ ମା’ ଝିଅ ନଦୀ ପାର ହେଉଥିବା ବେଳେ ଝିଅ ନଦୀରେ ଭାସିଯାଇ ପ୍ରାଣ ହରାଇଥିଲା। ସେହିପରି ଷେଣ୍ଢେଇ ନଦୀ ପୂର୍ବରୁ ଦୁଇଥର ରେକୁଟିଆ ନିକଟରେ ନିଜର ଗତିପଥ ପରିବର୍ତ୍ତନ କରିଛି। ୧୯୮୧ ମସିହା ବନ୍ୟାରେ ଚାଷଜମିକୁ ମଧ ଦୁଇଭାଗ କରିଥିବା ନେଇ ରେକୁଟିଆର ଶିକ୍ଷକ ରଞ୍ଜନ କୁମାର ଜେନା କହିଛନ୍ତି। ପରବର୍ତ୍ତୀ ସମୟରେ ଏଠାରେ ନୂତନ ପୋଲ ନିର୍ମାଣ ହୋଇଥିଲା। ଏହି ନଦୀର ନାମ ଅନୁସାରେ ରେକୁଟିଆ ଗ୍ରାମ ନିକଟରେ ଥିବା ଛକକୁ ଷେଣ୍ଢେଇ ଛକ ନାମରେ ନାମିତ କରାଯାଇଛି। ବର୍ତ୍ତମାନ ଷେଣ୍ଢେଇ ନଦୀର ଏକ ପ୍ରକାର ମୃତ୍ୟୁ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଭିନ୍ନ ସ୍ଥାନରେ ଲୋକେ ନଦୀଶର୍ଯ୍ୟାକୁ ପୋତି ଦେଇଛନ୍ତି। କେଉଁଠି ପାଳଗଦା ହୋଇଛି ତ ଆଉ କେଉଁଠି ଟ୍ରାକ୍ଟର ଷ୍ଟାଣ୍ଡ କରାଯାଇଛି। ଖରାଦିନେ ନଦୀଟି ସମ୍ପୂର୍ଣ୍ଣ ଶୁଖିଯାଉଛି। ଏହାର ପୁନରୁଦ୍ଧାର ପାଇଁ ସରକାର ପଦକ୍ଷେପ ନନେଲେ ପରବର୍ତ୍ତୀ ପିଢି ପାଇଁ ଷେଣ୍ଢେଇ ଇତିହାସ ହୋଇଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

**ବଡ଼ବିଲ, ୧୧।୨(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ପିଏଚ୍‌ଡି ଅନ୍ତର୍ଗତ ଖେଳପଡ଼ିଆ ନିକଟରୁ ଏକ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ବଡ଼ବିଲ ପୁଲିସ ପହଞ୍ଚି ତଦନ୍ତ କରିଥିବା ବେଳେ ସାଇଣ୍ଟିଫିକ ଦଳ ତରଫରୁ ମଧ୍ୟ ଛାନ୍‌ଭିନ କରାଯାଇଥିବା ଜଣାପଡ଼ିଛି। ମୃତକ ବଡ଼ବିଲ ପୌରାଞ୍ଚଳ ୱାର୍ଡ ନଂ ୧୦ରେ ଥିବା ଗୋପବନ୍ଧୁ ସ୍କୁଲ ନିକଟ ବାଗିଆ ବୁରୁ ହଟିଂ ଅଞ୍ଚଳର ସୁରଜ ରାମ (୩୨) ବୋଲି ଜଣାପଡ଼ିଛି। ତେବେ ବଡ଼ବିଲ ସହର ଓ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି, ରାହାଜାନୀ ଓ ହତ୍ୟା ଘଟଣା ବଢ଼ିଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବା ସାଧାରଣରେ ଅଭିଯୋଗ ହେଉଛି। ସେହିପରି ପୂର୍ବଭଳି ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହେଉଛି। ପୁଲିସ ମୃତଦେହକୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠେଇଛି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ୍ ସୂଚନା ଦେଇଛି।

## ଗୁହାଳଗଡ଼ିଆ ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ଦାବି

**ସୋସୋ, ୧୧।୨ (ସମିସ):** ହାଟଡିହୀ ବ୍ଲକ ଗୁହାଳଗଡ଼ିଆ ପ୍ରାଥମିକ ବିଦ୍ୟାଳୟଟି ସରକାରଙ୍କର ବିଦ୍ୟାଳୟ ସଂଯୋଗୀକରଣ ଯୋଜନାରେ ବିଦ୍ୟାଳୟକୁ ବନ୍ଦ କରି ନିକଟସ୍ଥ ଏଲକଣା ବିଦ୍ୟାଳୟରେ ସେହି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା। ତା’ଛଡା ସେହି ବିଦ୍ୟାଳୟର ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଏହି ବିଦ୍ୟାଳୟରେ ଗୁହାଳଗଡ଼ିଆ, ନିସଙ୍ଗପରୁ ଓ ବର୍ଦ୍ଧନପୁର ଗ୍ରାମର ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିଲେ। କିନ୍ତୁ ବିଦ୍ୟାଳୟଟି ବନ୍ଦ ହୋଇଯିବା ପରେ ୩ କିମି ଦୂର ମୁଖ୍ୟ ରାସ୍ତା ଦେଇ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯାଉଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରଶ୍ନ ଉଠିଥିବା ବେଳେ ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ବିଭିନ୍ନ ସ୍ତରରେ ତଦନ୍ତ କରାଯାଇ ଜିଲ୍ଲାପାଳ ସରକାରଙ୍କୁ ଚିଠି ନଂ ୧୬୩୦ ତା ୫-୬-୨୦୨୩ରେ ବିଦ୍ୟାଳୟକୁ ଖୋଲିବା ପାଇଁ ସୁପାରିସ୍ କରିଥିଲେ। କିନ୍ତୁ ଜିଲ୍ଲାପାଳଙ୍କ ସୁପାରିସ କରିବାର ୮ ମାସ ବିତିଯାଇଥିଲେ ବି ବିଦ୍ୟାଳୟଟି ପୁନର୍ବାର ଖୋଲିବାକୁ କୈଣସି ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଆଗାମୀ ଦିନରେ ବିଦ୍ୟାଳୟ ନଖୋଲିଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ରବୀନ୍ଦ୍ର କୁମାର ଜେନା, ନାରାୟଣ ଜେନା, ଦେବନ୍ଦ୍ର ଜେନା, ବାବୁଲି ଜେନା, ପ୍ରଦିପ ଖୁଣ୍ଟିଆ, ସନାତନ ସା, ଆନନ୍ତ ପରିଡ଼ା, ପ୍ରହ୍ଲାଦ ଜେନା, ଟୁକୁ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ସୋସୋ,୧୧।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ସୋସୋ ପଞ୍ଚାୟତ ନୁଉଦାଣି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିଳ୍ପପତି ଅଶୋକ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ଧନେଶ୍ୱର ଖଣ୍ଡେଇ, ମୁଖ୍ୟ ବକ୍ତା ବେଦବାଣୀ ବିଶାରଦ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ଅତିଥି ଏବିଇଓ ପ୍ରମୋଦ କୁମାର ନାୟକ, ଓଏମ୍‌ସି ବାଙ୍ଗୋର ଭୁତତ୍ୱବିତ୍ ଦେବାଶିଷ ନାୟକ, ବରିଷ୍ଠ ବିଜେଡି ନେତା ବିକ୍ରମ କେଶୋରୀ ବିଶ୍ୱାଳ, ନାରାୟଣ ଚନ୍ଦ୍ର ବିଶ୍ୱାଳ, ବିପିନି ବିହାରୀ ବଳ, ସାହିତ୍ୟିକ ଅମୂଲ୍ୟ କୁମାର



ମିଶ୍ର, ପୂର୍ବତନ ବ୍ୟାଙ୍କ ପରିଚାଳକ ପ୍ରଫୁଲ୍ଲ ମହାପାତ୍ର, ଚକ୍ରବର୍ତ୍ତି ପଣ୍ଡା, ସାମ୍ବାଦିକ ହେମନ୍ତ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ଶିକ୍ଷାବିତ ମୋହନ କୁମାର ମହାନ୍ତି ସଂଯୋଜନା କରିଥିଲେ। ବିଦ୍ୟାଳୟର ସମ୍ପାଦକ ହରମୋହନ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ମୀନିରାଣୀ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଚିତ୍ରଲେଖା ସାମଲ ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମ ଶେଷରେ ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳନା କମିଟିର ଅକ୍ଷୟ କୁମାର ବଳ, ଅଲେଖ ରାଉତ, ରଞ୍ଜାଲତା ମହାନ୍ତି, ଅନାଦି ଚରଣ ବିନ୍ଧାଣୀ, ସାମ୍ବାଦିକ ଗୋପଲକୃଷ୍ଣ ରାଉତ, ରାଧାଶ୍ୟାମ ମଲ୍ଲିକ, ସୁରେନ୍ଦ୍ର କୁମାର ସା, ଦୀନବନ୍ଧୁ ବେହେରା, ନିରଞ୍ଜନ ରାଉତ, ନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ଥିବାବେଳେ ଗୁରୁଜୀ, ଗୁରୁମା’ ଗୟାଧର ରାଉତ, ହେମନ୍ତ କୁମାର ବିଶ୍ୱାଳ, ଶରତ କୁମାର ବିନ୍ଧାଣି, ସେହ୍ନ ଖୁଣ୍ଟିଆ, ସେହ୍ନଲତା ବାରିକ, ପଲ୍ଲବୀ ମିଶ୍ର, ସୁଚିସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କେଏମ୍‌ଏଫ୍‌ଡବ୍ଲ୍ୟୁ ପକ୍ଷରୁ ଶ୍ରମିକ ସମାବେଶ




**ଯୋଡା, ୧୧।୨(ସମିସ):** କେନ୍ଦୁଝର ଜିଲ୍ଲା ଜୁରୁଡ଼ି ହାଟପଦା ଛକ ଠାରେ କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ୱାର୍କରସ ୟୁନିଅନ୍ (ଏଆଇଟିୟୁସି) ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖରେ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଡାକରାରେ ସର୍ବଭାରତୀୟ ଧର୍ମଘଟକୁ ଜିଲ୍ଲାରେ ସଫଳ କରିବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଛି। ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ଜୁରୁଡି ସ୍ଥିତ ଶ୍ରମିକ ସଂଘ କାର୍ଯ୍ୟାଳୟରୁ ବାହାରି, କ୍ରେଚ୍ ହଟିଙ୍ଗ, ଗଣେଶ ମନ୍ଦିର ହଟିଙ୍ଗ, ଜଳହରି ଦେଇ ଜୁରୁଡ଼ି ହାଟ ଛକ ଠାରେ ପହଞ୍ଚି ଥିଲେ। ଏଆଇଟିୟୁସି ସର୍ବଭାରତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଏଆଇଟିୟୁସିର ରାଜ୍ୟ ସଭାପତି ବରିଷ୍ଠ ଆଡଭୋକେଟ ଅଶୋକ କୁମାର ଦାସ ଯୋଗ ଦେଇଥିଲେ। ଶ୍ରମିକ ସଙ୍ଘର ସାଧାରଣ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ, ଉପ ସାଧାରଣ ସମ୍ପାଦକ କପିଳ ମହାନ୍ତି, ଉପସଭାପତି କାହ୍ନୁ ଚରଣ ସାମଲ, ରାଜାରାମ ମୁଣ୍ଡା, ଶ୍ରୀହରି ଘଣା, ବଦ୍ଧୁ ଜାମା, ବାଗରା ଚାତାର, ଭୀମ ଲୋହାର, ରେଘା ମାଝୀ, ବିରଞ୍ଚି ଦେହୁରୀ, ହୃଦାନନ୍ଦ ପାତ୍ର ପ୍ରମୁଖ ସଭାରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପରମା ପାତ୍ର, ସମ୍ବିତ ବାଗତି, ତପନ ବୋଷ, କ୍ଷୀରୋଦ ମହାନ୍ତ, ଗୋବିନ୍ଦ ସାସମଲ, ହୃଦାନନ୍ଦ ପ୍ରଧାନ, ରଞ୍ଜିତ କୁମାର ଗିରି, ବିଜୟ ବିଶ୍ୱାଳ, କେଦାର ନାଥ ପ୍ରଧାନ, ଶୁଭ୍ରଜିତ୍ ସାହୁ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ବସନ୍ତ ମଞ୍ଜରୀ ଫାଉଣ୍ଡେସନ ତରଫରୁ ବନ୍ଧୁମିଳନ



**ରାମଚନ୍ଦ୍ରପୁର, ୧୧।୨(ସମିସ):** ବସନ୍ତ ମଞ୍ଜରୀ ଫାଉଣ୍ଡେସନ ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ବସନ୍ତ ମଞ୍ଜରୀ ଫାଉଣ୍ଡେସନ ମୁଖ୍ୟ ଡ. ରମାକାନ୍ତ ବରାଳ ନିଜେ ଉପସ୍ଥିତ ରହି ସମାଜରେ ଦାରିଦ୍ର ସୀମାରେଖା ତଳେଥିବା ଅସହାୟମାନଙ୍କୁ କିପରି ଶିକ୍ଷା ସ୍ୱାସ୍ଥ୍ୟ ପହଞ୍ଚାଇବା ସେଥିନିମନ୍ତେ ଆଜିର ଯୁବ ସମାଜ ଆଗଭର ହେବା ଦରକାର ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ ନାୟକ, ଜିତେନ୍ଦ୍ର ଓଝା, ସୁରେନ୍ଦ୍ର ରାଉଳ, ଅବିନାଶ ମହାଳିକ, ବିକାଶ ଦାସ, ସୁଶାନ୍ତ ସେଠୀ, ମାନସ ସେଠୀ, ପ୍ରକାଶ ଦାସ, ଦୀପକ ଭୂୟାଁ, ସତ୍ୟବ୍ରତ ରାଉଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଳତି ସରପଞ୍ଚ ପ୍ରିୟବ୍ରତ ବରାଳ ସୂଚାରୁ ରୂପେ ସମ୍ପାଦନା କରିଥିଲେ।

## ଆଇଓବି ବ୍ୟାଙ୍କର ପ୍ରତିଷ୍ଠା ଦିବସ

**ରାମଚନ୍ଦ୍ରପୁର, ୧୧।୨(ସମିସ):** ଦୀର୍ଘ ୮୮ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଉତ୍ତମ ବ୍ୟାଙ୍କିଙ୍ଗ ସେବା ଗ୍ରାହକଙ୍କ ନିକଟରେ ପହଞ୍ଚାଇ ଆସିଥିବା ଇଣ୍ଡିଆନ ଓଭରସିସ୍ ବ୍ୟାଙ୍କ ଆଜି ପ୍ରତିଷ୍ଠା ଦିବସ ପାଳୁଛି। ଇତି ଅବସରର ଘସିପୁରା ଆଇଓବି ଶାଖା ପକ୍ଷରୁ ଆଜି ମଛାଳୋ ପଞ୍ଚାୟତ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସହ ୮୮ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଶାଖା ପରିଚାଳକ ଅମର ବେହେରାଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ସହ ପ୍ରବନ୍ଧକ ରାଜକୁମାର ସୋରେନ, କ୍ୟାସିଅର ଲିନାମଣୀ ସୋରେନ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବା ସହ ଛାତ୍ରଛାତ୍ରୀଙ୍କୁ ବ୍ୟାଙ୍କର ଆବଶ୍ୟକତା ଏବଂ ବ୍ୟାଙ୍କ ମାଧ୍ୟମରେ ଆମର ଉପକାର ନେଇ ଉପାଦେୟ ବାର୍ତ୍ତା ରଖିଥିଲେ। ପ୍ରଧାନ ଶିକ୍ଷକ ଧନଞ୍ଜୟ ମିଶ୍ର ସଭାପତିତ୍ୱରେ ରେ ଶିକ୍ଷୟିତ୍ରୀ ପୁଷ୍ପିତା ମିଶ୍ର, ଶିକ୍ଷକ ବିଷ୍ଣୁନାରାୟଣ ସାମଲ, ପ୍ରହ୍ଲାଦ ସାହୁ, ଗୌରାଙ୍ଗ ମିଶ୍ର, ଉମାଶଙ୍କର ରାଉତରାୟ, ଲକ୍ଷ୍ମଣ ପାତ୍ର, ପ୍ରତାପ କିଶୋର ସାହୁ, ପ୍ରକାଶ ମହାପାତ୍ର, ଧର୍ମାଧି ସାହୁ, ରମେଶ ଜେନା, ଲିପୁରଞ୍ଜନ ମହାନ୍ତି ସମେତ ଯୁବ ସମାଜସେବୀ ଦିପ୍ତିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।



## ଅଣାଠାରେ ବିଜେଡିର କର୍ମୀ ସମ୍ମିଳନୀ

**ହାଟଡ଼ିହୀ, ୧୧।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଅଣା ଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଘସିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର, ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ରାମ ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ହଜାର ହଜାର କର୍ମୀ ଯୋଗ ଦେବା ସହିତ ଏଥିରେ ଅନେକ ସଂଖ୍ୟାରେ ମିଶନ ଶକ୍ତି ମହିଳା ସଙ୍ଘ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟାଙ୍କ ସହ ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ନାରୀନେତ୍ରୀ ସୁରେସ୍ୱରୀ ସାଗରିକା ଜେନା, ବିଜୟ ରାଉତ, ଚିନ୍ମୟ ନାୟକ, ବୀରେନ୍ଦ୍ର ବିଶ୍ୱାଳ, ଅଭିମନ୍ୟୁ ନାଏକ, ଅଭିମନ୍ୟୁ ସେଠୀ, ବିଜୟ ମହାପାତ୍ର, ନାରୀନେତ୍ରୀ କୌଶଲ୍ୟା ସେଠୀ, ସୁକାନ୍ତି ଜେନା ପ୍ରମୁଖଙ୍କ ସମେତ ଶତାଧିକ ନେତା ଓ ନାରୀନେତ୍ରୀ ସାମିଲ ହୋଇଥିଲେ।

## ହାଟଡିହୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ସୋସୋ, ୧୧।୨(ସମିସ):** ହାଟଡିହୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଞ୍ଚବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବିଦ୍ୟାଳୟ ସଭାପତି ତୁଳସୀ ଦାସ ଗୋଲାମ ଦେବତାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ମୁଖ୍ୟବକ୍ତା ଧନେଶ୍ୱର ଖଣ୍ଡେଇ, ସମ୍ପାଦକ ନିତ୍ୟାନନ୍ଦ ସେଠୀ, ସମାଜସେବୀ ଗୋପଳ ଚନ୍ଦ୍ର ଜେନା, ସହ ସମ୍ପାଦକ ରାଜେନ୍ଦ୍ର ଦାଶ, ସମାଜସେବୀ କାମପାଳ ନାୟକ, ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ କର, ସମାଜସେବୀ ଅଭିମନ୍ୟୁ ସେଠୀ, ରମାକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ କର ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନା ସମିତିର ଉପସଭାପତି ବୃନ୍ଦାବନ ଓଝା, ସଦସ୍ୟା ଗିତାରାଣୀ ଦାଶ, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ସ୍ୱାଇଁ, ଝୁମୁରୀ ସେଠୀ, ଆଚାର୍ଯ୍ୟା ବୃନ୍ଦାବତୀ ରାଉତ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ନିରଞ୍ଜନ ନାୟକ, ସେହ୍ନଲତା ପରିଡ଼ା, ବିଷ୍ଣୁ ପ୍ରସାଦ ଜେନା, ବୃନ୍ଦାବତି ରାଉତ, ଚଞ୍ଚଳା ମିଶ୍ର, ଖଗେଶ୍ୱର ଜେନା, ନାରାୟଣ ଜେନା, ମମତା ପାଢ଼ୀ, ସନ୍ଧ୍ୟାରାଣୀ ଦେବତା, ବେବିନା ସ୍ୱାଇଁ, ରଶ୍ମିରେଖା ବିଶ୍ୱାଳ, ବିଶ୍ୱଜିତା ମହାପାତ୍ର, ରଞ୍ଜିତା ମିଶ୍ର, ଚିନ୍ମୟ ସୁଆର, ଶୁଭଶ୍ରୀ ନାୟକ, ସସ୍ମିତା ପଣ୍ଡା, ଅଲିଭା ଜେନା ପ୍ରମୁଖ ସମସ୍ତ କର୍ମଚାରୀ ସହଯୋଗ ଓ ପରିଚାଳନା କରିଥିଲେ।

## ● କାଳ ସାଜିଲା ପୁଅର ଚୋରା ପୀରତି
# ପୂର୍ବ ଶତ୍ରୁତାକୁ ନେଇ ପୋଡ଼ିଦେଲେ ଘର

**ହାଟଡିହୀ, ୧୧।୨(ସମିସ)**

ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅନ୍ତର୍ଗତ ଭୁତପଦା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ପିତାମ୍ବର ଯେନାଙ୍କ ଘରକୁ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ପିତାମ୍ବରଙ୍କ ସ୍ତ୍ରୀ ମନୋରମା ଯେନାଙ୍କ ଅଭିଯୋଗ ଅନୁସାରେ ଶନିବାର ବିଳମ୍ବିତ ରାତିରେ ସେ ଏକୁଟିଆ ଘରେ ଶୋଇଥିଲା ବେଳେ ଭଦ୍ରକ ଜିଲ୍ଲା ବନ୍ତ ଥାନା ବାଇପୁର ଗ୍ରାମର ଜଗବନ୍ଧୁ ସେନାପତିଙ୍କ ପୁଅ ସଞ୍ଜୟ ସେନାପତି, ଅଜୟ ସେନାପତି ଓ ଅଭୟ ସେନାପତିଙ୍କ ସହ ନନ୍ଦିପଦା ଥାନା ନସିରପୁର ଅଞ୍ଚଳ ଡାଳଗଡ଼ିଆ ଗ୍ରାମର ବିଜୟ ଖଣ୍ଡେଇଙ୍କ ପୁଅ ବାୟା ଖଣ୍ଡେଇ ସହିତ ଅନ୍ୟ




୩ଜଣ ହଠାତ୍ ଘରେ ପଶି ମାରପିଟ୍ କରିବା ସହ ଘରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବା ଦେଖି ଗାଁ ଲୋକେ ଦୌଡ଼ି ଆସିବାରୁ ସେମାନେ ସ୍ଥାନ ଛାଡ଼ି ପଳେଇ ଯାଇଥିଲେ। ଗାଁ ଲୋକଙ୍କ ଖବର କ୍ରମେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପ୍ରକାଶ ଥାଉକି, ପିତାମ୍ବରଙ୍କ ପୁଅ ପ୍ରଭାତ ଯେନା (୨୪) ଗତ କିଛିମାସ ପୂର୍ବେ ଉକ୍ତ ବାଇପୁର ଗ୍ରାମର ସେନାପତି ପରିବାରର ଏକମାତ୍ର ଝିଅକୁ ନେଇ ପଳେଇ ଆସିଥିବାରୁ ଏଭଳି ଘଟଣା ଉପରେ ଜାତିଆଣ ଭାବରୁ ଶତ୍ରୁତା ହୋଇଥିଲା। ଘଟଣାଟି କୌଣସି ପ୍ରକାରେ ସମାଧାନ ହୋଇନଥିଲା ବେଳେ ଶତ୍ରୁତା ବୃଦ୍ଧି ପାଇ ଗତକାଲି ରାତିରେ ଝିଅ ପକ୍ଷ ଲୋକେ ଉତ୍ୟକ୍ତ ହୋଇ ଏଭଳି କାଣ୍ଡ ଭିଆଇଥିବା ପୁଅ ପ୍ରଭାତଙ୍କ ମାଆ ତଥା ପିତାମ୍ବରଙ୍କ ସ୍ତ୍ରୀ ମନୋରମା ଆଜି ନନ୍ଦିପଦା ଥାନାରେ ଏତଲା କରିଥିବା ଜଣାଯାଇଛି। ତେବେ ଅଗ୍ନିକାଣ୍ଡରେ ପିତାମ୍ବରଙ୍କ ଘରଟି ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଥିବା ବେଳେ ଝିଅ ବିବାହ ଘର ପାଇଁ ସେ ରଖିଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ଧାନଚାଉଳ ଓ ଘରର ସମସ୍ତ ସରଞ୍ଜାମ ନିଆଁରେ ପୋଡି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି।

## ଅଣାକାରେଶ୍ୱରାୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ସୋସୋ, ୧୧।୨(ସମିସ):** ହାଟଡିହୀ ବ୍ଲକର ଅଣା ଧ୍ୱନି ମଠ ପରିସରରେ ଶ୍ରୀଶ୍ରୀ ଅଣାକାରେଶ୍ୱରାୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରବାସୀ ରାଜ, ଯତିନ୍ଦ୍ର ମଲ୍ଲିକ, ପରମେଶ୍ୱର ମଲ୍ଲିକ, ଚୈତନ୍ୟ ମଲ୍ଲିକ, ଗୋପିନାଥ ଜେନା କଳସ ଆଣିଥିବା ବେଳେ ପଣ୍ଡିତ ପଦ୍ମନାଭ ପଣ୍ଡା ରୀତିନୀତି ଅନୁଯାଇ ପୂଜାପାଠ କରିଥିଲେ। ମଠର ପୂଜକ କୁନମୁନ ପଣ୍ଡା ପୂଜାପାଠରେ ସହଯୋଗ କରିଥିଲେ। ସଇଲଙ୍ଗ ମଠ ବାବା, ଇନ୍ଦୁପୁର, ଗୋହିରା, ଝାଡେଶ୍ୱର, ଛେନାପଦି, ହରିଦ୍ୱାରା ନାଗା ବାବା, ନାରଙ୍ଗପୁର ଇତ୍ୟାଦି ବିଭିନ୍ନ ଅଞ୍ଚଳର ଥିବା ମଠରୁ ବାବା ଉପସ୍ଥିତ ରହିଥିଲେ। ଏଥିରେ ପୂର୍ବତନ ବିଧାୟକ ମାୟାଧର ଜେନା, ଗଣନାଥ ନାୟକ, ଉମାକାନ୍ତ ବେହେରା, ଜଗତଜୀବନ ବେହେରା, ଘନ ବେହେରା, ଲିଙ୍ଗରାଜ ବେହେରା, କାଳନ୍ଦୀ ବେହେରା, ମଧୁସୂଦନ ବେହେରା, ସୁବାସ ବେହେରା, କୋଦଣ୍ଡ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରୁଥିବା ବେଳେ ଅଣା ଗ୍ରାମର ଗ୍ରାମବାସୀ, ଅଣା ମଠ ସଦସ୍ୟ ଓ ଯୁବକମାନେ କାର୍ଯ୍ୟକ୍ରମର ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ତୁରୁମୁଙ୍ଗା, ୧୧।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅଶ୍ୱତ୍ଥାମା ଗିରିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅନାମ ଚରଣ ବେହେରା ଓ ସମ୍ମାନିତ ଅତିଥି ରୂପେ ପ୍ରାଧ୍ୟାପକ ସେବକଚନ୍ଦ୍ର ସାହୁ, ନୋଡାଲ ଅଧିକାରୀ ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତଥା ବିପଦକୁ ସାମ୍ନା କରିବାକୁ ଧୈର୍ଯ୍ୟ ଏବଂ କୌଶଳ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର ଧନ୍ୟବାଦ ଅର୍ପଣ କରିବା ସଙ୍ଗେ ସଙ୍ଗେ ଛାତ୍ରୀମାନଙ୍କ ଭିତରେ ଥିବା ଲୁକ୍କାୟିତ ଶକ୍ତିକୁ ଉପଯୋଗ କରି ନିଜର ଆତ୍ମରକ୍ଷା କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ମହେଶ କୁମାର ଚାଟାର୍ଜୀ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଶୀଲ କୁମାର ପ୍ରଧାନ, ଡିଇଓ ପଦ୍ମଲୋଚନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ମା' ମଙ୍ଗଳା କ୍ଲବ୍‌ର ବାର୍ଷିକ ବନବିହାର କାର୍ଯ୍ୟକ୍ରମ

ଆନନ୍ଦପୁର, ୧୧।୨(ସମିସ): ଘସିପୁରାର ଅଗ୍ରଣୀ କ୍ରୀଡ଼ା ସଂଗଠନ ମା' ମଙ୍ଗଳା କ୍ଲବର ବାର୍ଷିକ ବନବିହାର କାର୍ଯ୍ୟକ୍ରମ ଗୋହିରା ନିକଟସ୍ଥ ତପୋବନ ନିର୍ଝରିଣୀ କୂଳରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ପ୍ରସନ୍ନଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କ୍ଲବର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ କ୍ରୀଡ଼ା ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବନାଞ୍ଚଳରେ ଏକ ସ୍ୱାସ୍ଥ୍ୟବର୍ଦ୍ଧକ କଳାକୌଶଳ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ନାରାୟଣ ସାହୁ, ଜ୍ଞାନଜିତ ରାଉତ, ଶ୍ରୀକୁମାର ମିଶ୍ର, ଜ୍ୟୋତିର୍ମୟ ଦାଶ, ଦେବଦତ ନାୟକ, ନାୟକ, ସୁନିଲ ସ୍ୱାଇଁ, ଦାମୋଦର ସାହୁ, ଆଶିଷ ବେହେରା, ସୌମିତ୍ର ସାହୁ, ମନୋରଞ୍ଜନ ମିଶ୍ର, ବସନ୍ତ ଜେନା, ସନ୍ଦୀପ ଜେନା, ଦିବ୍ୟଶ୍ରୀ ଓଝା, ପୋଲସ୍ତ୍ୟ ସାହୁ, ମହେଶ୍ୱର ସାହୁ, ସୁଜିତ ସାହୁ, ମାନସ ସାହୁ ଉପସ୍ଥିତ ଥିଲେ।

## ସତ୍‌ସଙ୍ଗ ବିହାରର ଉଦ୍‌ବୋଧନୀ ସ୍ମୃତି ମହୋତ୍ସବ

ଯୋଡ଼ା, ୧୧।୨(ସମିସ): ଯୋଡ଼ା ସତ୍‌ସଙ୍ଗ ବିହାର ପକ୍ଷରୁ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ତଥା ସତ୍‌ସଙ୍ଗ ବିହାର ୧୭ ତମ ଉଦ୍‌ବୋଧନୀ ସ୍ମୃତି ଉତ୍ସବ ପାଳିତ ହୋଇଯାଇଛି। ସତସଙ୍ଗ ବିହାରର ମୁଖ୍ୟ ତଥା ସହ ପ୍ରତି ଋତ୍ୱିକ ମଦନମୋହନ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରବିବାର ପ୍ରାତଃ କାଳରେ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ସମବେତ ପ୍ରାର୍ଥନା ସମାପନ ପରେ ପ୍ରାତଃ ୮ ଘଟିକା ପରେ ଶ୍ରୀଶ୍ରୀ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ବସାଇ ନଗର ପରିକ୍ରମା କରାଯାଇଥିଲା। ଶିଙ୍ଗ ବାଦ୍ୟ ସାଙ୍ଗକୁ ଶଙ୍ଖ, ଘଣ୍ଟା ଓ ଯୋଡ଼ି ମାଦଳର ତାଳେ ତାଳେ ପାରମ୍ପାରିକ କଳସନୃତ୍ୟ ନାମ ସଂକୀର୍ତ୍ତନରେ ସହରରେ ଏକ ଆଧ୍ୟାତ୍ମିକ ଭାବଧାରା ସଞ୍ଚାରିତ ହୋଇଥିଲା। ପରେ ପୂର୍ବାହ୍ନ ୧୧.୩୦ରେ ସତ୍‌ସଙ୍ଗ ବିହାର ପରିସରରେ ଏକ ନାମ ସଂକୀର୍ତ୍ତନ ସତ୍‌ସଙ୍ଗ ଆୟୋଜନ କରାଯାଇଥିଲା। ଆୟୋଜିତ ସତସଙ୍ଗରେ ମଦନମୋହନ ବାରିକ ସତସଙ୍ଗ ପରିଚାଳନା କରିଥିବା ବେଳେ ଶଙ୍କର ପ୍ରସାଦ ସାହା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥଲେ।

### ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ

# ସଫଳତା ହାସଲ ପାଇଁ ସ୍ଥିରଚିତ୍ତ ଓ ଅଧ୍ୟବସାୟ ଲୋଡ଼ା



**ମୁଖ୍ୟ ଶାସନ ସଚିବଙ୍କୁ ବିଶିଷ୍ଟ ପ୍ରାକ୍ତନ ବିଦ୍ୟାର୍ଥୀ ସମ୍ମାନ**

**ଡ. ନୀଳାଦ୍ରି ବିହାରୀ ମିଶ୍ରଙ୍କୁ କେନ୍ଦୁଝର ସଂସ୍କୃତି ସମ୍ମାନ**

କେନ୍ଦୁଝର, ୧୧।୨(ସମିସ)

କେନ୍ଦୁଝର ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧରଣୀଧର ମହାବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଓଡ଼ିଶା ସରକାରଙ୍କର ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କଠିନ ଅଧ୍ୟବସାୟ, ସ୍ଥିରଚିତ୍ତ ହୋଇ କାର୍ଯ୍ୟକଲେ ଛାତ୍ରଛାତ୍ରୀ ନିଶ୍ଚିତ ସଫଳତା ପାଇପାରିବେ ବୋଲି କହିଥିଲେ। ସେ ପାଠ ପଢୁଥିବା ବେଳେ ଧରଣୀଧର କଲେଜ ଓ ହଷ୍ଟେଲ ସମ୍ପର୍କରେ ମତ ରଖି ତାଙ୍କର ଅନୁଭୂତି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ଉନ୍ନୟନ ସମ୍ପର୍କରେ ସରକାର ଅନେକ ପଦକ୍ଷେପ ନେଉଛନ୍ତି ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଉଚ୍ଚଶିକ୍ଷା ପରିଷଦର ଭାଇସ ଚାନସେଲର୍ ପ୍ରଫେସର ଅଶୋକ କୁମାର ଦାଶ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଓଏସ୍‌ଡି ପ୍ରଫେସର ପ୍ରତାପ କୁମାର ମହାନ୍ତି କାର୍ଯ୍ୟକ୍ରମର ଅଧ୍ୟକ୍ଷତା ବିବରଣୀ ପାଠ କରିଥିଲେ। ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଏସ୍‌ବି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଶୁଭସ୍ମିତା ଦାଶ ମଞ୍ଚ ପରିଚଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଜୁଆଙ୍ଗ ଜନଜାତି ଗବେଷଣାକାରୀ ଡ. ନୀଳାଦ୍ରି ବିହାରୀ ମିଶ୍ରଙ୍କୁ କେନ୍ଦୁଝର ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ମୁଖ୍ୟ ଶାସନ ସଚିବ ତଥା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ପ୍ରଦୀପ କୁମାର ଜେନାଙ୍କୁ ବିଶିଷ୍ଟ ପ୍ରାକ୍ତନ ବିଦ୍ୟାର୍ଥୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚାନ୍‌ସେଲର ଡିବେଟ ପ୍ରତିଯୋଗିତାରେ ଓଡ଼ିଆ ଓ ଇଂରାଜୀରେ ପ୍ରଥମ ହୋଇଥିବା ଟିଟି ମହାବିଦ୍ୟାଳୟ ଘଟଗାଁର ହରିହର ସାହୁ ଓ ଆନନ୍ଦପୁର ମହାବିଦ୍ୟାଳୟର ପ୍ରକାଶ କୁମାର କରଙ୍କୁ ମୁଖ୍ୟଅତିଥି ଚାନସେଲର କପ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ଉପନଗରପାଳ ବରଦା ପ୍ରସନ୍ନ ଦାଶଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଆଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ର ଛାତ୍ରୀ, ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଆନନ୍ଦପୁରରେ ବ୍ରାହ୍ମଣ ସମାଜ ମହାସଭା ବୈଠକ



ଆନନ୍ଦପୁର, ୧୧।୨(ସମିସ): ଆନନ୍ଦପୁରର ଶ୍ରୀଦଧିବାମନଜିଉ ମନ୍ଦିର ପ୍ରାଙ୍ଗଣରେରେ ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ସମାଜ ମହାସଭାର ତୃତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁରର ରାଜପୁରୋହିତ ଶରତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଉପଖଣ୍ଡର ବିଭିନ୍ନ ଶାସନରୁ ଆସିଥିବା ଗ୍ରାମୀଣ ଓ ଶାସନ କର୍ମକର୍ତ୍ତା ମାନେ ଯୋଗ ଦେଇ ଆସନ୍ତା ମାର୍ଚ୍ଚ ମାସରେ ଏକ ବ୍ରାହ୍ମଣ ମହାସଭା ଆୟୋଜନ କରିବା ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ଆନନ୍ଦପୁର ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ଶ୍ରୀଦଧିବାମନଜିଉ ଶାସନ, ଶାଳପଡ଼ା, ଟୁକୁଣା, ଭୋଳନୂଆଗାଁ, ପଦମପୁର, ଜନାର୍ଦ୍ଦନପୁର, ଝାଡ଼କୁଣ୍ଡି, କେଶଦୁରାପାଳ, ଦେଓଗାଁ, ତରତରା, ଖମାରନଣ୍ଡି, ତୋରାଣିଆପାଳ, ଫକୀରପୁର, ଡୁଡୁଗାଁ, ପୁଷ୍କୁରା ଶାସନରୁ ଯୋଗ ଦେଇଥିବା କର୍ମକର୍ତ୍ତାମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅସ୍ଥାୟୀ ଭାବେ ମନୋନୀତ ହୋଇଥିବା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଆଇନଜୀବୀ ଚିତ୍ତରଞ୍ଜନ ଦାଶ, ଶରତ କୁମାର ମିଶ୍ର, ପୁରୁଷୋତ୍ତମ ମିଶ୍ର, ମଦନମୋହନ ମିଶ୍ରଙ୍କ ପ୍ରସ୍ତାବ କ୍ରମେ ଆନନ୍ଦପୁର ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ମହାସଭା ଗଠନ ନିମନ୍ତେ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଥିବା ଶାସନ କର୍ମକର୍ତ୍ତାଙ୍କୁ ଏଥିରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଆସନ୍ତା ମାର୍ଚ୍ଚ ମାସରେ ଆନନ୍ଦପୁରଠାରେ ଏକ ବ୍ରାହ୍ମଣ ମହାସଭା ସମାବେଶ ଆୟୋଜନ କରାଯିବା ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହି ଅବସରରେ ସ୍ଥାୟୀ କମିଟି ଗଠନ ହେବା ପର୍ଯ୍ୟନ୍ତ ଏକ ୯ ଜଣିଆ କୋର କମିଟି ଗଠନ କରାଯାଇଥିଲା। ଏହି କମିଟିକୁ ବଳରାମ ମିଶ୍ର, ଶାନ୍ତନୁ କୁମାର ମିଶ୍ର, ସୁରେନ୍ଦ୍ରନାଥ ମିଶ୍ର, ପ୍ରଦୀପ କୁମାର ମିଶ୍ର, ଦେବ ଦାଶ, ଜଗବନ୍ଧୁ ପତି, ପ୍ରଶନ କୁମାର ମିଶ୍ର, ଶ୍ରୀହର୍ଷ ଶତପଥୀ, ଦାସରଥି ପଣ୍ଡା ମନୋନୀତ ହୋଇଥିବା ବେଳେ ଆବାହକ ଭାବେ ଶରତ ଚନ୍ଦ୍ର ମିଶ୍ର, ସହକାରୀ ଆବାହକ ଭାବେ ପଦ୍ମନାଭ ମିଶ୍ର, ସଂଯୋଜକ ଭାବେ ପୁରୁଷୋତ୍ତମ ମିଶ୍ର, ସହସଂଯୋଜକ ଭାବେ ସୁଶୀଲ କୁମାର ହୋତା, କୋଷାଧ୍ୟକ୍ଷ ଭାବେ ଶାନ୍ତନୁ ମିଶ୍ର ମନୋନୀତ ହୋଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମ ମିଶ୍ର, ଜଗବନ୍ଧୁ ପତି, ଅମରେନ୍ଦ୍ର ପତି, ଶ୍ରୀଧର ମିଶ୍ର, ଶତ୍ରୁଘ୍ନ ଆଚାର୍ଯ୍ୟ, ଚିତ୍ତରଞ୍ଜନ ପତି, ସନାତନ ଦାସ, ଜଗବନ୍ଧୁ ଦାସ, ଦୟାନିଧି ମିଶ୍ର, ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ପାଢ଼ୀ, ନରହରି ମିଶ୍ର, ଶ୍ରୀହର୍ଷ ଶତପଥୀ, ଶ୍ରୀନିବାସ ମିଶ୍ର, କେଦାରନାଥ ରଥ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଆନନ୍ଦପୁର ଡାକ୍ତରଖାନାରେ ହେଉନି କରୋନା ପରୀକ୍ଷା**

# ବିନା ପରୀକ୍ଷାରେ କାରାଗାରାକୁ ଯାଉଛନ୍ତି ଅଭିଯୁକ୍ତ

ଆନନ୍ଦପୁର, ୧୧।୨(ସମିସ)

କରୋନା ଭଳି ଭୟାନକ ସଂକ୍ରମଣ ପାଇଁ ସରକାର ବିଭିନ୍ନ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ଏହାକୁ ନିୟନ୍ତ୍ରଣ କରିଥିବା ବେଳେ ସମ୍ପ୍ରତି ଡାକ୍ତରଖାନାରେ ଏହି ରୋଗ ପାଇଁ କୌଣସି ପରୀକ୍ଷା ବ୍ୟବସ୍ଥା ନଥିବା ଚିନ୍ତାର କାରଣ ହୋଇଛି। ଏପରି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ। ପ୍ରତିଦିନ ଆଉଟଡୋରକୁ ଆସୁଥିବା ରୋଗୀମାନଙ୍କୁ ଏହି ପରୀକ୍ଷା ପାଇଁ ପରାମର୍ଶ ଦିଆଯାଉନଥିବା ବେଳେ କରୋନା ପରୀକ୍ଷା ପାଇଁ ଡାକ୍ତରଖାନାରେ ବର୍ତ୍ତମାନ କୌଣସି ସୁବିଧା ନଥିବା ପରିତାପର ବିଷୟ। ମିଳିଥିବା ସୂଚନାନୁଯାୟୀ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଥାନା, ଅବକାରୀ ବିଭାଗ ଓ ଜଙ୍ଗଲ ବିଭାଗ ପକ୍ଷରୁ ଧରପଗଡ଼ କରାଯାଇ ଗିରଫ କରାଯାଉଥିବା ଅଭିଯୁକ୍ତମାନଙ୍କୁ କାରାଗାରରେ ଛାଡ଼ିବା ପୂର୍ବରୁ କରୋନା ପରୀକ୍ଷା ବାଧ୍ୟତାମୂଳକ ଥିବା ବେଳେ ଏହି ପରୀକ୍ଷା ବ୍ୟବସ୍ଥା ଉପଲବ୍ଧ ନଥିବାରୁ ବିଭିନ୍ନ



ବିଭାଗର ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଅଡୁଆଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଅବକାରୀ ବିଭାଗ ଓ ଜଙ୍ଗଲ ବିଭାଗ ପକ୍ଷରୁ ଗିରଫ କରାଯାଇଥିବା କେତେକ ଅଭିଯୁକ୍ତଙ୍କୁ ଆଜି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ କରୋନା ସୁବିଧା ନଥିବାରୁ ଦୀର୍ଘ ୪ ଘଣ୍ଟାକାଳ ଅଭିଯୁକ୍ତମାନେ ଅପେକ୍ଷା କରି ବସି ରହିଥିବା ଘଟଣାରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ତେବେ ପରୀକ୍ଷା ବ୍ୟବସ୍ଥା ନଥିବାରୁ ଡାକ୍ତରଖାନା ପକ୍ଷରୁ କାରାଗାରକୁ ସୁପାରିସ ପତ୍ର ପାଇଁ ଅପେକ୍ଷା କରି ରହିଥିବା ବେଳେ ଶେଷରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ଅଭିଯୁକ୍ତଙ୍କୁ ବିନା ପରୀକ୍ଷାରେ କାରାଗାରାକୁ ନେଇଯାଇଥିବା ଜଣାଯାଇଛି। ଆଜିର ଏହି ଘଟଣାରେ ଡାକ୍ତରଖାନା କର୍ତ୍ତୃପକ୍ଷ, ଜଙ୍ଗଲ ବିଭାଗ ଓ ଆନନ୍ଦପୁର ଉପକାରାଗାରମାନଙ୍କ ଅଧିକାରୀମାନଙ୍କ ମଧ୍ୟରେ କଥା କଟାକଟି ପରିସ୍ଥିତି ସୃଷ୍ଟି ହୋଇଥିବା ଆଲୋଚନାରୁ ଜଣାଯାଇଛି।

### ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟ

# ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ଦୁଇ ମହିଳା





ତେଲକୋଇ, ୧୧।୨ (ସମିସ)

କୁହାଯାଏ ଯେତେବେଳେ ଦୁଃଖ ଆସେ ସେତେବେଳେ ସେ ତା' ପରିବାରକୁ ନେଇକି ଆସେ। ଯକ୍ଷ୍ମା ରୋଗରେ ସ୍ୱାମୀ ମାନଙ୍କ ମୃତ୍ୟୁ ପରେ ଦୁଇ ଆଦିବାସୀ ମହିଳା କିଭଳି ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ସେହିଭଳି ଏକ ଅଭାବନୀୟ ଘଟଣା ଦେଖିବା ପାଇଁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କରମଙ୍ଗୀ ପଞ୍ଚାୟତ ଅଲୁଣି ଗାଁରୁ। ଅଲୁଣି ଗାଁର କରଡାବଣି ସାହିରେ ପଙ୍କଜ ମୁଣ୍ଡା ଓ କମ୍ପାନୀ ମୁଣ୍ଡାଙ୍କ ପରିବାର ବସବାସ କରୁଥିଲେ। ପଙ୍କଜ ମୁଣ୍ଡାଙ୍କ ସ୍ତ୍ରୀ ସୁକାନ୍ତି ମୁଣ୍ଡା ଓ ତାଙ୍କର ପାଞ୍ଚ ଝିଅ ପୁଅଙ୍କୁ ନେଇ ବେଶ ହସଖୁସିରେ ପରିବାର ଚଳାଉଥିଲେ। ତେବେ ପଙ୍କଜଙ୍କ ପରିବାର ଉପରକୁ ହଠାତ ଦୁଃଖର କଳାବାଦଲ ମାଡି ଆସିଥିଲା। ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେଲେ ପଙ୍କଜ ମୁଣ୍ଡା। ଅର୍ଥ ଅଭାବରୁ ତାଙ୍କର ଚିକିତ୍ସା ହୋଇପାରିନଥିଲା। ଫଳରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଅନାଥ ହୋଇଯାଇଥିଲେ ପାଞ୍ଚ ପାଞ୍ଚ ଜଣ ଛୋଟ ପିଲା। ବାପାଙ୍କ ମୃତ୍ୟୁ ପରେ ବଡ଼ ଝିଅ ମିନତି ମୁଣ୍ଡାଙ୍କ ବସ୍ତାନୀରେ ଡୋରି ବନ୍ଧା ହେଲା। ଅଷ୍ଟମରୁ ପାଠ ଛାଡି ନିଜ ଭବିଷ୍ୟତକୁ ପଛରେ ପକେଇ ମା'ଙ୍କୁ ଘରକାମରେ ସାହାଯ୍ୟ କଲେ ମିନତି। ୪ ବର୍ଷ ହେବ ସ୍ୱାମୀଙ୍କ ମୃତ୍ୟୁ ପରେ ନିଜର ଜମିବାଡ଼ି ଥିଲେ ମଧ୍ୟ ଛୋଟ ପିଲାଙ୍କୁ ଛାଡି ଚାଷବାସ କରିବା ସୁକାନ୍ତିଙ୍କ ପକ୍ଷରେ ସମ୍ଭବ ହେଉନଥିବାରୁ ଧୀରେ ଧୀରେ ଘରର ଆର୍ଥିକ ଅବସ୍ଥା ମଧ୍ୟ ଦୁର୍ବଳ ହେବାକୁ ଲାଗିଲା। ଫଳରେ ଚାଳଛପର ଘରର ମରାମତି କରିପାରିନାହାନ୍ତି ସୁକାନ୍ତି। ଘରଭିତରେ ଦିନରେ ସୂର୍ଯ୍ୟ ଓ ରାତିରେ ତାରା ଦେଖାଯାଉଛନ୍ତି। ପେଟକୁ ଗଣ୍ଡାଏ ଦାନା ସଂଗ୍ରହ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଭାତ ସାଙ୍ଗରେ ଡାଲି ତରକାରୀ ତ ଦୂରର କଥା ଲୁଣ ଟିକେ ମଧ୍ୟ ସେମାନଙ୍କ ଭାଗ୍ୟରେ ଜୁଟୁ ନାହିଁ। ସେହି ସାହିର ସାଏବାଣି ମୁଣ୍ଡାଙ୍କ ମଧ୍ୟ ସମାନ ଅବସ୍ଥା। ସାଏବାଣି ମୁଣ୍ଡାଙ୍କ ସ୍ୱାମୀ କମ୍ପାନୀ ମୁଣ୍ଡା ମଧ୍ୟ ଟିବି ରୋଗରେ ଆକ୍ରାନ୍ତ ହୋଇ ୪ ବର୍ଷ ହେବ ତାଙ୍କର ମୃତ୍ୟୁ ଘଟିଛି। ଅର୍ଥ ଅଭାବରୁ ତାଙ୍କ ସ୍ୱାମୀଙ୍କୁ ଚିକିତ୍ସା କରିବା ସାଏବାଣିଙ୍କ ପକ୍ଷେ ସମ୍ଭବ ନଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ତିନି ପିଲାଙ୍କୁ ନେଇ ଦୁଃଖ କଷ୍ଟରେ ଚଳୁଛନ୍ତି ସାଏବାଣି। ଘର ଖଣ୍ଡେ ନଥିବାରୁ ଖୋଲାମେଲା ଘରେ ଜରିପାଲ ପକେଇ ଜୀବନ ବିତାଉଛନ୍ତି ୪ ପ୍ରାଣୀ କୁଟୁମ୍ବ। ସୁକାନ୍ତି ମୁଣ୍ଡା ଓ ସାଏବାଣି ମୁଣ୍ଡାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସାହି ଲୋକ ଦାବି କରିଛନ୍ତି। ତେଲକୋଇ ବିଡିଓ ଗୀତା ମୁର୍ମୁଙ୍କୁ ପଚାରିବାରୁ ସେ ଏସମ୍ପର୍କରେ କିଛି ପ୍ରତିକ୍ରିୟା ଦେବା ପାଇଁ ମନା କରିଦେଇଥିଲେ। ଯାହା ଏବେ ସୁକାନ୍ତି ମୁଣ୍ଡା ଓ ସାଏବାଣି ମୁଣ୍ଡାଙ୍କ ସମସ୍ୟା ସମାଧାନରେ ବାଧକ ସାଜିପାରେ।

# ଶୀତଦିନରେ ଜଳକଷ୍ଟ ଭୋଗୁଛନ୍ତି ନୂଆଗାଁ ଗ୍ରାମବାସୀ



ଡୁରୁମୁଙ୍ଗା, ୧୧।୨(ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀ ପଞ୍ଚାୟତର ନୂଆଗାଁ ଗ୍ରାମରେ ବସବାସ କରୁଥିବା ୩ ଶହ ପରିବାରର ୮ ଶହରୁ ଉର୍ଦ୍ଧ୍ୱ ଲୋକେ ଶୀତ ଦିନରେ ବି ଜଳକଷ୍ଟ ଭୋଗୁଛନ୍ତି। ଖରା ଆରମ୍ଭ ନ ହେଉଣୁ ଗାଁରେ ଦେଖାଦେଇଛି ଜଳସଙ୍କଟ। ଗ୍ରାମରେ ଥିବା ନଳକୂପରୁ ପାଣି ବାହାରୁ ନଥିବାରୁ ନାଳରୁ ଚୁଆ ପାଣି ପିଇ ଜୀବନ ବଞ୍ଚାଉଛନ୍ତି ଗ୍ରାମବାସୀ। ଏ ସମସ୍ୟା ଦିନେ କି ଦୁଇ ଦିନର ନୁହେଁ; ବର୍ଷ ବର୍ଷ ଧରି ଏଭଳି ଜଳ ଯନ୍ତ୍ରଣା ଭୋଗୁଛନ୍ତି ଏଠାକାର ଲୋକେ। ପ୍ରତ୍ୟେକ ଦିନ ଭୋରରୁ ଦିନ ଯାକ ଗାଁ ମଝିରେ ଥିବା ନଳକୂପରେ ମହିଳାଙ୍କ ଭିଡ଼ ଲାଗେ ପାଣି ଟୋପାଏ ପାଇଁ। ନଳକୂପରେ ପ୍ରତ୍ୟେକ ଦିନ ଚାଲେ ପ୍ରତିଯୋଗିତା। କିଏ ଆଗରେ ପାଣି ନେବ; ସେ ନେଇ ମହିଳାଙ୍କ ମଧ୍ୟରେ କସରତ ମଧ୍ୟ ଚାଲିଥାଏ। ନଳକୂପ ଗୁଡ଼ିକରୁ ଆବଶ୍ୟକ ଅନୁସାରେ ପାଣି ବାହାରୁ ନଥିବାରୁ ବାଧ୍ୟ ହୋଇ ମହିଳାମାନେ ଗାଁ ଠାରୁ ଏକ କିଲୋମିଟର ଦୂରରେ ଥିବା ନାଳରେ ଚୁଆ ତିଆରି କରି ପାଣି ସଂଗ୍ରହ କରୁଛନ୍ତି। ସମସ୍ୟା ସମ୍ପର୍କରେ ବାରମ୍ବାର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ ପ୍ରଶାସନ ନିକଟରେ ଗୁହାରି କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଖାଲି ପାଣି ନୁହେଁ; ସ୍ୱାଧୀନତାର ଏତେ ବର୍ଷ ପରେ ବି ଗାଁକୁ ଭଲ ରାସ୍ତା ନଥିବାରୁ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରି ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବା ସହ ଗାଁକୁ ନେତାଙ୍କୁ ପୁରାଇ ନଦେବା ପାଇଁ ଚରମବାଣୀ ଶୁଣାଇଛନ୍ତି ଗ୍ରାମବାସୀ। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବସୁଧା ଯୋଜନାରେ ୫ ବର୍ଷ ତଳୁ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ନିର୍ମାଣ ହୋଇଛି ଓଭରହେଡ ପାଣି ଟାଙ୍କି। ହେଲେ ଏହା ଗ୍ରାମବାସୀଙ୍କ ଉପକାରରେ ଆସୁନି। ପାଇପ ଯୋଗେ ଘରକୁ ଘର ଜଳ ଯୋଗାଣ ପାଇଁ ଗାଁ ଭିତରେ ଲାଗିଛି ପାଣି ଟ୍ୟାପ। ଟ୍ୟାପରୁ ଟୋପାଏ ବି ପାଣି ବାହାରୁନି। ଟ୍ୟାପ ଚାରିପଟ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଯାହା ଫଳରେ ନାଳରେ ଚୁଆ କରି ଅପରିଷ୍କାର ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ। ପାଣି ଟୋପାଏ ସହ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟର ଗୁହାରି କଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟା ଦୂର ହୋଇ ପାରିନାହିଁ। ସମସ୍ୟା ନେଇ ପାଟଣା ବିଡିଓ ଶିବଶଙ୍କର ମୁର୍ମୁଙ୍କୁ ଯୋଗାଯୋଗ କରାଯାଇଥିଲା ହେଲେ ସେ ଫୋନ ଉଠାଇ ନଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ଦେଓଗାଁ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର, ୧୧।୨(ସମିସ)

ଦେଓଗାଁସ୍ଥିତ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବୈଲୋଚନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ରାମଚନ୍ଦ୍ର ନାୟକ ଓ ମୁଖ୍ୟବକ୍ତା ଭାବେ ଅଭିଭାବକ ପ୍ରତିନିଧି ଉଗ୍ରସେନ ବାରିକ ଯୋଗଦେଇଥିଲେ। ଅନ୍ୟତନ ସମ୍ମାନିତ ଅତିଥି ଭାବେ ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ବିଦ୍ୟାଳୟ କମିଟିର ସମ୍ପାଦକ ରବିନାରାୟଣ ଶିଅଳ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ରାଉତ, ତ୍ରିବୈଦ୍ୟ ନାରାୟଣ ଭୂୟାଁ, ଉପସଭାପତି ରବୀନ୍ଦ୍ର ବଳ, ସଭ୍ୟା ଅଞ୍ଜଳି ଚକ୍ର, ହଳଧର ଆଚାର୍ଯ୍ୟ, ଅରୁଣ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପ୍ରଧାନ ଆଚାର୍ଯ୍ୟ ଅନାମ ଚରଣ ମାଝୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁ ରବୀନ୍ଦ୍ର ବଳଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁଜୀ ଗୌରାଙ୍ଗ ଚରଣ ଜେନା, ଯୁଧିଷ୍ଠିର ସେଠୀ, ରସାନନ୍ଦ ବେହେରା, ପ୍ରଶାନ୍ତ କୁମାର ସାହୁ, ସୁଧୀର କୁମାର ରାଉତ, ସମୀର ରଞ୍ଜନ ନାଥ ଓ ଗୁରୁମା ଟୁନୁ ରାଉତ, ମୀନତୀ ଓଝା, ବାସନ୍ତୀ ସାହୁ, ମମିତାମୟୀ ରାଉତ, କବିତା ଓଝା, ଶତାବ୍ଦୀ ପ୍ରିୟଦର୍ଶନୀ ସାହୁ, ନିରୁପମା ଚକ୍ର ଓ କର୍ମଚାରୀ ନାରାୟଣ ଜେନା, ଅଜୟ କୁମାର ବେହେରା ଓ ଶିବଚରଣ ଦେହୁରୀ ସହଯୋଗ କରିଥିଲେ।

ଶୃଙ୍ଖଳିତ ମନ ହିଁ ଜୀବନରେ ଆନନ୍ଦ ଆଣିପାରିବ।
-ଗୌତମ ବୁଦ୍ଧ



ସକାଳ
THE SAKALA

# ଜଳୁଛି ପାକିସ୍ତାନ, ଭାରତକୁ ବିପଦ

ଆର୍ଥିକ ଦୁର୍ଦ୍ଦିନ ଓ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବା ପାକିସ୍ତାନ ଏବେ ନିର୍ବାଚନୀ ହିଂସାକୁ ନେଇ ଜଳୁଛି। ନିର୍ବାଚନରେ ବାହୁବଳର ପ୍ରୟୋଗ ହୋଇଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ବିକ୍ଷୋଭକାରୀ କେତେକ ଭୋଟଦାନ କେନ୍ଦ୍ର, ଭୋଟଦାନରେ ବ୍ୟବହୃତ ସାମଗ୍ରୀ ଓ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଛନ୍ତି। ୧୫ଟି ବୁଥ୍‌ରେ ପୁନର୍ବାର ଭୋଟଦାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ପାକିସ୍ତାନର ରାଜନୈତିକ ଅସ୍ଥିରତା ବଢ଼ିବା ସହିତ ଚାରିଆଡ଼େ ହିଂସା ଓ ପୋଡ଼ାଜଳା ଲାଗିରହିଛି ଏବଂ ଗଣତନ୍ତ୍ର ନାଚାର ହୋଇପଡ଼ିଛି। ସେଠାରେ ନିର୍ବାଚନ ପରେ ଏକ ଅଭୂତପୂର୍ବ ସ୍ଥିତି ସୃଷ୍ଟି ହୋଇଛି ଯାହା ସେହି ଦେବାଳିଆ ଦେଶର ରାଜନୈତିକ ପରିସ୍ଥିତିକୁ ଅଧିକ ଜଟିଳ କରିଛି ଏବଂ ସମଗ୍ର ପାକିସ୍ତାନ ଅଶାନ୍ତି ଓ ହିଂସାର ବଳୟ ମଧ୍ୟରେ ରହିଛି।

୨୬୫ ଆସନ ବିଶିଷ୍ଟ ପାକିସ୍ତାନ ନ୍ୟାଶ୍‌ନାଲ୍ ଆସେମ୍ବ୍ଲି ପାଇଁ ସଦ୍ୟସମାପ୍ତ ସାଧାରଣ ନିର୍ବାଚନରେ କୌଣସି ଦଳକୁ ସରକାର ଗଢ଼ିବା ପାଇଁ ସ୍ପଷ୍ଟ ବହୁମତ ମିଳିନାହିଁ। ତେଣୁ ଏଥର ମଧ୍ୟ ପାକିସ୍ତାନ ସେନାବାହିନୀ ସରକାର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ପ୍ରାୟ ସ୍ପଷ୍ଟ ହୋଇସାରିଛି। ନୱାଜ୍ ସରିଫ୍‌ଙ୍କ ପିଏମ୍‌ଏଲ୍-ଏନ୍ ୭୫ଟି ଆସନ ଜିତିଥିବା ବେଳେ ବିଲ୍‌ୱାଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ପିପିପି ପାର୍ଟିର ପ୍ରାର୍ଥୀମାନେ ୫୪ଟି ଆସନରେ ଜୟଯୁକ୍ତ ହୋଇଛନ୍ତି। ଅପରପକ୍ଷରେ ଅର୍ଥତୋଷରପାତ ଓ ଦୁର୍ନୀତି ଅଭିଯୋଗରେ ଏବେ ଜେଲ୍‌ରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପୂର୍ବତନ କ୍ରିକେଟର ଇମ୍ରାନ୍ ଖାନ୍‌ଙ୍କ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ୧୦୧ଟି ଆସନରେ ଜୟଯୁକ୍ତ ହୋଇଛନ୍ତି। ଗତବର୍ଷ ଦେଶବ୍ୟାପୀ ବିକ୍ଷୋଭ ଓ ହିଂସାକାଣ୍ଡ ଭିଆଇଥିବା ପ୍ରତିବାଦରେ ପିଟିଆଇର ଅନେକ ନେତା ଓ ଦୃଢ଼ ସମର୍ଥକଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା ଏବଂ ଇମ୍ରାନ୍‌ଙ୍କ ପିଟିଆଇକୁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ତେଣୁ ପିଟିଆଇ ନେତାମାନେ ବିନା ଦଳୀୟ ଚିହ୍ନ ବା ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ବାଧ୍ୟ ହୋଇଥିଲେ। ବହୁଦଳୀୟ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଅନୁସାରେ କୌଣସି ଏକ ଦଳକୁ ବା ବିଭିନ୍ନ ଦଳର ମେଣ୍ଟକୁ ହିଁ ସରକାର ଗଢ଼ିବା ପାଇଁ ସୁଯୋଗ ମିଳିବ। ତେଣୁ ଏବେ ସଂଖ୍ୟାଧିକ ଆସନରେ ଜିତିଥିବା ସତ୍ତ୍ୱେ ପିଟିଆଇ ସମର୍ଥିତ ବିଜୟୀ ସ୍ୱାଧୀନ ପ୍ରାର୍ଥୀମାନେ ସେହି ସୁଯୋଗ ପାଇବେ ନାହିଁ। ଭୁଟ୍ଟୋଙ୍କ ପକ୍ଷରୁ ମେଣ୍ଟ ପାଇଁ ସବୁଜ ସଙ୍କେତ ଦିଆଯାଇଥିଲେ ମଧ୍ୟ ସରିଫ୍‌ଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ହୁଏତ ଆଉ ଦିନେ ଦୁଇଦିନ ମଧ୍ୟରେ ସେଠାକାର ସ୍ଥିତି ସ୍ପଷ୍ଟ ହୋଇଯିବ।

ବର୍ତ୍ତମାନ ପାକିସ୍ତାନର ସ୍ଥିତି ଯାହା, ସେଥିରେ ଯେଉଁ ଦଳ ମଧ୍ୟ ସରକାର ଗଢ଼ୁ ନା କାହିଁକି ତା' ଆଗରେ ଅନେକ ଜଟିଳ ଆହ୍ୱାନ ରହିଛି। ପ୍ରଥମତଃ, ସେହି ଦେଶ ଏବେ ଗୁରୁତର ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛି। ମୁଦ୍ରାସ୍ଫୀତି ଅତି ଉଚ୍ଚରେ। ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ଲୋକଙ୍କ ପାଇଁ କଠିନ ହୋଇପଡ଼ିଛି। ଚୀନର ବୋଲକରା ହୋଇ ତା'ର ଋଣ ଜାଲରେ ଦେଶ ଛନ୍ଦି ହୋଇ ଯାଇଥିବା ବେଳେ ଆତଙ୍କବାଦ କାର୍ଯ୍ୟକଳାପ ନିୟନ୍ତ୍ରଣ ଲାଗି ଆମେରିକା ପକ୍ଷରୁ ଯେଉଁ ବୃହତ୍ ଆର୍ଥିକ ସହାୟତା ମିଳୁଥିଲା ତାହା ମଧ୍ୟ ବନ୍ଦ ହୋଇଯାଇଛି। ପାକିସ୍ତାନର ଅବସ୍ଥା ଏପରି ହୋଇଛି ଯେ ନିବେଶ ତ ଦୂରେ ଥାଉ କୌଣସି ସଂସ୍ଥା ବା ଦେଶ ତା'କୁ ଋଣ ଦେବାକୁ ମଧ୍ୟ ରାଜି ନୁହନ୍ତି। ଶେଷରେ ଅନେକ କଠୋର ସର୍ତ୍ତ ସହିତ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ପାକିସ୍ତାନକୁ କିଛି ପରିମାଣରେ ଋଣ ଦେଇଛି। ଋଣ ଚୁକ୍ତି ସହିତ ପାକିସ୍ତାନ ଏକପ୍ରକାର ବନ୍ଧା ପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ନୂଆ ସରକାର ପାଇଁ ଦେଶକୁ ଆର୍ଥିକ ଦୁର୍ଦ୍ଦିନରୁ ଉଦ୍ଧାର କରିବା ପ୍ରଥମ କାମ ହେବ, ଯାହା ସହଜ ନୁହେଁ। ଦ୍ୱିତୀୟତଃ, ସେଠାରେ ଯିଏ ମଧ୍ୟ ଶାସନମୁଖ୍ୟ ହେବ ସେ ସେନା ହାତର ସଖିକଣ୍ଢେଇ ହେବାକୁ ବାଧ୍ୟ। ସେଥିରେ ଟିକିଏ ଓଲଟ ବିଲୋମ ହେଲେ କ୍ଷମତାଚ୍ୟୁତ ହେବା ସହିତ ଦଣ୍ଡ ଭୋଗିବା ଥୟ। ଏହା ପାକିସ୍ତାନ ଶାସନତନ୍ତ୍ରର ଏକପ୍ରକାର କପାଳଲିଖନ ହୋଇସାରିଛି। ବର୍ତ୍ତମାନ ଜେଲ୍ ଦଣ୍ଡ ଭୋଗୁଥିବା ଇମ୍ରାନ୍ ମଧ୍ୟ ଏକଦା ପାକ୍ ସେନାର ଗେହ୍ଲାପୁଅ ଥିଲେ। ତାଙ୍କ ଦଶା ଏବେ ଜଗତ ଦେଖୁଛି। ସେନା ଚାପରେ ସେ ଦେଶର ବିଚାର ବ୍ୟବସ୍ଥା ମଧ୍ୟ ନାଚାର ହୋଇଥିବାରୁ ଏହି ନିର୍ବାଚନରେ ଇମ୍ରାନ୍ ଖାନ୍ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି ବହୁଆଗରୁ ଯାହା ଅନୁମାନ କରାଯାଉଥିଲା ତାହିଁ ହିଁ ଘଟିଛି। ମୁଖ୍ୟକଥା ହେଉଛି, ଧର୍ମଭିତ୍ତିରେ ଗଠିତ ପାକିସ୍ତାନରେ ଗଣତାନ୍ତ୍ରିକ ବ୍ୟବସ୍ଥା ଏ ଯାଏଁ ଦୃଢ଼ ହୋଇନାହିଁ। ସାମରିକ ବାହିନୀ ଦ୍ୱାରା ଦୀର୍ଘକାଳ ଧରି ପ୍ରତ୍ୟକ୍ଷ ଶାସିତ ଓ ପରୋକ୍ଷ ନିୟନ୍ତ୍ରିତ ସେହି ଦେଶର ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା ଚିରସହଚର ହୋଇଯାଇଛି।

ପାକିସ୍ତାନର ସାମ୍ପ୍ରତିକ ଅସ୍ଥିର ପୃଷ୍ଠଭୂମିରେ ଆପାତତଃ ଦୁଇଟି ବିକଳ୍ପ ଦେଖାଯାଉଛି, ଯାହା ସମସ୍ୟା ଓ ସନ୍ଦେହମୁକ୍ତ ନୁହେଁ। ପ୍ରଥମତଃ, ଏବେ ଲୋକପ୍ରିୟତାରେ ସର୍ବାଗ୍ରେ ରହିଥିବା ଇମ୍ରାନ୍ ଖାନ୍‌ଙ୍କୁ କ୍ଷମତାରୁ ଦୂରେଇ ରଖିବା ପାଇଁ ନୱାଜ୍ ସରିଫ୍ ଓ ବିଲ୍‌ୱାଲ ଭୁଟ୍ଟୋ ମିଳିତ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିପାରନ୍ତି। କିନ୍ତୁ ଦୁଇଦଳର ଆସନ ସଂଖ୍ୟା ମିଶିଲେ ମଧ୍ୟ ମ୍ୟାଜିକ୍ ନଂ ପାଖାପାଖି ପହଞ୍ଚି ପାରୁନାହିଁ। ତେଣୁ କେତେକ ସ୍ୱାଧୀନ ପ୍ରାର୍ଥୀଙ୍କୁ ସେନାର ଚାପ କିମ୍ବା ପ୍ରଲୋଭିତ କରି ସମର୍ଥନ ଯୋଗାଡ଼ କରି ସରକାର ଗଠନ କରାଯାଇପାରେ। ତେବେ ଏଥିରେ ସମସ୍ୟା ହେଲା ନୱାଜ୍ ସରିଫ ଓ ବିଲ୍‌ୱାଲ ଭୁଟ୍ଟୋ ଉଭୟ ପ୍ରଧାନମନ୍ତ୍ରୀ ପଦ ପାଇଁ ଆଶାୟୀ। ଅଧିକନ୍ତୁ ମେଣ୍ଟ ନିଷ୍ପତ୍ତି ଏ ଯାଏଁ ଚୂଡ଼ାନ୍ତ ହୋଇ ନ ଥିଲେ ବିଲ୍‌ୱାଲ୍ ହିଁ ପ୍ରଧାନମନ୍ତ୍ରୀ ହେବେ ବୋଲି ତାଙ୍କ ଦଳ ପକ୍ଷରୁ ଆଗୁଆ ସର୍ତ୍ତ ରଖାଯାଇସାରିଲାଣି। ଏଭଳି ପରିସ୍ଥିତିରେ ସେନା ଯାହାକୁ ସମର୍ଥନ କରିବ ସିଏ ପ୍ରଧାନମନ୍ତ୍ରୀ ହେବ ଏବଂ ତା' ହାତର ସଖିକଣ୍ଢେଇ ସାଜିବ। କିନ୍ତୁ ପାକିସ୍ତାନ ଶାସନ ଇତିହାସକୁ ତର୍ଜମା କଲେ ସେଠାରେ ମେଣ୍ଟ ସରକାର ତିଷ୍ଠିବାର ସମ୍ଭାବନା ଦିଶୁନାହିଁ। ଦ୍ୱିତୀୟତଃ, ଯଦି କୌଣସି ପରିସ୍ଥିତିରେ ନିର୍ବାଚିତ ସଦସ୍ୟଙ୍କୁ ନେଇ ସରକାର ଗଠନ ହୋଇପାରୁନାହିଁ ସେ କ୍ଷେତ୍ରରେ ରାଷ୍ଟ୍ରପତି ଶାସନ ଜାରି ହୋଇ ସେନା ହାତରେ ହିଁ କ୍ଷମତା କେନ୍ଦ୍ରୀଭୂତ ହେବ, ଯାହା ସେନା ଚାହୁଁଛି।

ଅସଲ କଥା ହେଉଛି ପାକିସ୍ତାନ ଭଳି ଏକ ଦେବାଳିଆ, ଅସ୍ଥିର ଓ ଆତଙ୍କବାଦୀ ଅଧ୍ୟୁଷିତ ଦେଶରେ ଗଣତନ୍ତ୍ରକୁ ମୁଖା କରି ସେନା ହିଁ ଅସଲ ଶାସନ କ୍ଷମତା ନିୟନ୍ତ୍ରଣ କରିଆସୁଛି। ତେଣୁ ନିର୍ବାଚନର ନିରପେକ୍ଷତା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଲୋକେ ଯାହା ରାୟ ଦିଅନ୍ତୁ ନା କାହିଁକି ସେନା ଯେ ତା'ର ମନୋନୀତ ପ୍ରଧାନମନ୍ତ୍ରୀଙ୍କୁ ଆପଣା ରଣକୌଶଳ ଅନୁସାରେ ବାଛିବ, ଏହା ନିଃସନ୍ଦେହ। ନୱାଜ ଶରିଫ୍ ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ବିଲ୍‌ୱାଲ ଭୁଟ୍ଟୋ କିମ୍ବା ସେନା ନିଜ ହାତକୁ ଶାସନ କ୍ଷମତା ନେଉ, ଭାରତ ପାଇଁ ସବୁବେଳେ ବିପଦ ଘଣ୍ଟି ହୋଇ ରହିବ। ବିଶ୍ୱର ଯେକୌଣସି ଅଞ୍ଚଳରେ କିମ୍ବା ଦେଶରେ ଅର୍ଥନୈତିକ ଓ ରାଜନୈତିକ ସଙ୍କଟ ସୃଷ୍ଟି ହେଲେ ପଡ଼ୋଶୀ ଦେଶ ହିଁ ପ୍ରଥମେ ପ୍ରଭାବିତ ହେବ। ସେ ଦୃଷ୍ଟିରୁ ଦେଖିଲେ ଭାରତ ପାଇଁ ସାନି ବିପଦ ମାଡ଼ି ଆସୁଥିବା ଜଣାପଡୁଛି। ନୱାଜ୍ ସରିଫ୍‌ଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଓ କାରଗିଲ୍ ଯୁଦ୍ଧର କାରଣ ପ୍ରାୟ ୨୫ ବର୍ଷ ପରେ ମଧ୍ୟ ଭାରତୀୟଙ୍କ ମନରୁ ଲିଭିନାହିଁ। ସେହିପରି ଭାରତ ସମ୍ପର୍କରେ ପାକ୍‌ସେନାର ଆଚରଣ ମଧ୍ୟ ଜଗତବିଦିତ। ଚଳିତ ବର୍ଷ ଭାରତ ସାଧାରଣ ନିର୍ବାଚନକୁ ସମ୍ମୁଖୀନ ହେବାକୁ ଯାଉଛି। ଯଦି ପାକିସ୍ତାନରେ ରାଜନୈତିକ ସ୍ଥିରତା ନ ଆସେ ତେବେ ତାହାର ସୁଯୋଗ ନେଇ ପାକ୍ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ଓ ସେନା ପ୍ରାୟୋଜିତ ଆତଙ୍କବାଦୀ ଭାରତରେ ଅଶାନ୍ତି ସୃଷ୍ଟି କରିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ। ତେଣୁ ଭାରତ ଏଥିପ୍ରତି ଅତି ସଜାଗ ରହିବା ସହିତ ଦୂରଦୃଷ୍ଟିସମ୍ପନ୍ନ ସୁଚିନ୍ତିତ ପଦକ୍ଷେପ ନେବା ଉଚିତ ହେବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଭବିଷ୍ୟତର ଆବଶ୍ୟକତା ଇ-ମୃତ୍ତିକା



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ବର୍ତ୍ତମାନର ଦୁନିଆରେ ବଢ଼ି ଚାଲିଛି ଜନସଂଖ୍ୟା। ଏହି ଧାରା ଅବ୍ୟାହତ ରହିଲେ ୨୦୫୦ ମସିହା ବେଳକୁ ତାହା ବିଶ୍ୱ ଜନସଂଖ୍ୟା ୧୦ ବିଲିୟନ (ହଜାର ନିୟୁତ) ଟପିଯାଇପାରେ ବୋଲି ଆଶଙ୍କା ପ୍ରକଟ କରାଯାଉଛି। ଅନ୍ୟପକ୍ଷରେ ପରିବେଶ ପ୍ରଦୂଷଣ, ଜାଗତିକ ଉଷ୍ମତା ବୃଦ୍ଧି, ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଆଦି କାରଣରୁ ଅଧିକରୁ ଅଧିକ ଚାଷଜମି ମରୁମୟ ହେବାରେ ଲାଗିଛି ଏବଂ ପାରମ୍ପରିକ ଚାଷ ମାଧ୍ୟମରେ ଉତ୍ପାଦନ ତା'ର ଶେଷ ସୀମାରେ ଉପନୀତ ହେଲାଣି। ଫଳରେ ଆଗାମୀ ଦିନମାନଙ୍କରେ ଖାଦ୍ୟ ଓ ପୁଷ୍ଟିର ଅଭାବ ଏକ ଗୁରୁତର ସମସ୍ୟା ରୂପେ ମୁଣ୍ଡ ଟେକିଲାଣି।

ଏହି ସମସ୍ୟାର ସମାଧାନ ଲାଗି ଅତ୍ୟାବଶ୍ୟକ ପଡ଼ିଲାଣି ନୂତନ ଓ ଅଧିକ ଉତ୍ପାଦନକ୍ଷମ ତଥା ପରିବେଶ ସହାୟକ ପଦ୍ଧତିମାନଙ୍କ ବିକାଶ। ବୈଜ୍ଞାନିକମାନେ ଏବେ ସେଭଳି ଏକ ଉପାୟ ଉଦ୍ଭାବନ କରିଛନ୍ତି, ଯାହା 'ବୈଦ୍ୟୁତିକ ମୃତ୍ତିକା' ନାମରେ କ୍ରମଶଃ ପରିଚିତ ହେଉଛି। ଏହି ମୃତ୍ତିକାରେ ଚାଷ କରି ସେମାନେ ୧୫ ଦିନ ମଧ୍ୟରେ ବାର୍ଲିଚାରାର ୫୦ ଶତାଂଶ ଅଧିକ ବୃଦ୍ଧି ସମ୍ଭବ କରିପାରିଛନ୍ତି। ଏହି ପଦ୍ଧତିଟି ହେଉଛି ମୃତ୍ତିକାବିହୀନ କୃଷି ପଦ୍ଧତି ବା 'ହାଇଡ୍ରୋଫୋନିକସ୍'ର ଏକ ଉନ୍ନତ ସଂସ୍କରଣ। ଏଥିରେ ଏକ ନୂତନ ସୁପରିବାହୀ ଛାଞ୍ଚ (ସବ୍‌ଷ୍ଟ୍ରେଟ୍) ସହାୟତାରେ ଚେରଗୁଡ଼ିକୁ ବୈଦ୍ୟୁତିକ ପଦ୍ଧତିରେ ଉତ୍ତେଜିତ କରାଯାଏ।

'ହାଇଡ୍ରୋଫୋନିକସ' ବ୍ୟବସ୍ଥାରେ ବିନା ମୃତ୍ତିକାରେ କେବଳ ଜଳ, ପୁଷ୍ଟି, ବାୟୁ ଓ ସୂର୍ଯ୍ୟକିରଣ ଉପରେ ନିର୍ଭର କରି ଫସଲ ବଢ଼ିଥାଏ। ଏହାର ଚେରଗୁଡ଼ିକୁ ଧରି ରଖିଥାଏ ଏକ ଛାଞ୍ଚ ବ୍ୟବସ୍ଥା। ଏହି ଆବଦ୍ଧ ଢାଞ୍ଚାଟିରେ ଜଳକୁ ପୁନଃଚକ୍ରଣ କରାଯାଏ ଏବଂ ଗଛ ଆବଶ୍ୟକ ମୁତାବକ ପୁଷ୍ଟି ଯୋଗାଇ ଦିଆଯାଏ। 'ହାଇଡ୍ରୋଫୋନିକସ୍' ନାନା ପ୍ରକାର ଅଛି। ତେବେ ସେଗୁଡ଼ିକର ମୂଳ ପଦ୍ଧତି ପରସ୍ପରଠାରୁ ଅଭିନ୍ନ।

ଗୋଟିଏ ସାଧାରଣ 'ହାଇଡ୍ରୋଫୋନିକସ' ବ୍ୟବସ୍ଥାରେ ଜଳର 'ପିଏଚ୍' ବା ଅମ୍ଳତା ୬ ରୁ ୬.୫ ମଧ୍ୟରେ ରଖାଯାଏ। ଏହାକୁ ଉତ୍ତମ ବାୟୁ ଚଳାଚଳ କରୁଥିବା ପରିବେଶରେ ସ୍ଥାପନ କରି ଫସଲର ପ୍ରକାର ଅନୁସାରେ ଉପଯୁକ୍ତ ପୁଷ୍ଟି ନିର୍ଦ୍ଦିଷ୍ଟ ପରିମାଣରେ ଦେଇ ସୂର୍ଯ୍ୟାଲୋକକୁ ଉନ୍ମୁକ୍ତ ରଖାଯାଏ କିମ୍ବା କୃତ୍ରିମ ଆଲୋକ ମାଧ୍ୟମରେ ଆଲୋକିତ କରାଯାଏ। ଅନ୍ୟପକ୍ଷରେ ଛାଞ୍ଚ ରୂପେ ବ୍ୟବହାର କରାଯାଏ ଧାନକୁଣ୍ଡା, ନଡ଼ିଆ କତା, ମିନେରାଲ୍ ଉଲ୍, ବିଭିନ୍ନ ପ୍ରକାର ପ୍ରାକୃତିକ ଓ କୃତ୍ରିମ ତନ୍ତୁ।

ଏ ଚାଷର ବିଶେଷ ଉପଯୋଗିତା ମଧ୍ୟରେ ରହିଛି। ପ୍ରଥମତଃ, ଏହାକୁ ଘରପଛ ବାଡ଼ିରେ, ବାଲ୍‌କୋନୀ ବା ଛାତ ଉପରେ କିମ୍ବା ସହରାଞ୍ଚଳର ଛୋଟ ଛୋଟ ଜମିଖଣ୍ଡ ଇତ୍ୟାଦି ଯେ କୌଣସି ସ୍ଥାନରେ କରାଯାଇପାରିବ। ଦ୍ୱିତୀୟତଃ, ଏହା ଯଥାସମ୍ଭବ କମ୍ ସଂସାଧନ ଆବଶ୍ୟକ କରେ। ଯଥା ୯୮ ଶତାଂଶ କମ୍ ଜଳ, ଯଥାମାତ୍ରାରେ ପୁଷ୍ଟି ଏବଂ ବିନା କୀଟନାଶକରେ ମଧ୍ୟ ଏହି ଚାଷ ହୋଇପାରେ। ତୃତୀୟତଃ, ଏହାକୁ ବର୍ଷ ସାରା ବିଭିନ୍ନ ସମୟରେ ଅନେକବାର କରାଯାଇପାରିବ। ଚତୁର୍ଥତଃ ପୁନଶ୍ଚ ଏବର ଅବଦ୍ଧ ବ୍ୟବସ୍ଥାଗୁଡ଼ିକ ଥାକ ଥାକ କରି ରଖାଯାଇ ପାରୁଥିବାରୁ ତାହା କମ୍ ସ୍ଥାନ ଆବଶ୍ୟକ କରିବ। ପଞ୍ଚମତଃ, ଏହାଦ୍ୱାରା ଫସଲ ପ୍ରାୟ ୨୫ ଶତାଂଶ କମ୍ ସମୟରେ ଅମଳକ୍ଷମ ହୋଇପାରିବ, ଷଷ୍ଠରେ, ମାଟିରେ ଚାଷ ତୁଳନାରେ ଏହା ଅଧିକ ଉତ୍ପାଦନକ୍ଷମ। ସାଧାରଣତଃ ଏ ପଦ୍ଧତିରେ ଏବେ ଷ୍ଟ୍ରବେରୀ, ଟମାଟୋ, ଲିଚୁ, ତୁଳସୀ, ବିନ୍, କଖାରୁ, ଗୋଲମରିଚ, ଶୋରିଷ, ବିଟ୍, ମୂଳା, ପାଳଙ୍ଗ ଏବଂ କିଛି ଔଷଧୀୟ ଗୁଳ୍ମ ଚାଷ କରାଯାଇପାରୁଛି।

ଆଜିକାଲି ଏ ବ୍ୟବସ୍ଥାର ମାନ ବୃଦ୍ଧି ଲାଗି ବିଭିନ୍ନ ଉନ୍ନତ ପଦ୍ଧତିମାନ ଅବଲମ୍ବନ କରାଗଲାଣି। ତନ୍ମଧ୍ୟରୁ ନିକଟରେ ଆବିଷ୍କୃତ 'ଇଲେକ୍‌ଟ୍ରୋନିକ୍ ମୃତ୍ତିକା' ବା 'ଇ-ମୃର୍ତ୍ତିକା'ର ବ୍ୟବହାର ସବୁଠାରୁ ଉପାଦେୟ ମନେ ହେଉଛି। ଏହି ଗୁରୁତ୍ୱପୂର୍ଣ୍ଣ ମୃତ୍ତିକାବିହୀନ କୃଷି ପଦ୍ଧତିର ଆବିଷ୍କାରକ ହେଲେ ସ୍ୱିଡେନ୍‌ର ଲିଂକୋପିଙ୍ଗ ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନୀମାନେ। ଏହାର ଅନ୍ୟତମ ବୈଜ୍ଞାନିକ ଡକ୍ଟର ଇଲେରୀ ଷ୍ଟାଭିନି ଡୋସ୍‌ଙ୍କ ସୂଚନା ଅନୁସାରେ ସେ ଏବଂ ତାଙ୍କ ସହଯୋଗୀମାନେ ବିଦ୍ୟୁତ୍ ସୁପରିବାହୀ ଛାଞ୍ଚଟିଏ ଆବିଷ୍କାର କରିଛନ୍ତି। ତାକୁ ହିଁ ସେମାନେ 'ଇଲେକ୍‌ଟ୍ରୋନିକ୍ ମୃତ୍ତିକା' ବୋଲି ନାମ ଦେଇଛନ୍ତି। ଏହା ଉପରେ ଫସଲର ଅସାଧାରଣ ଅଭିବୃଦ୍ଧି ଘଟିବ ବୋଲି ତାଙ୍କର ବିଶ୍ୱାସ। କାରଣ ଏଥିପାଇଁ ସେମାନେ କରିଥିବା ପରୀକ୍ଷାରେ ବାର୍ଲି ଚାରାଗୁଡ଼ିକର ୧୫ ଦିନ ମଧ୍ୟରେ ୫୦ ଶତାଂଶ ଅଧିକ ଅଭିବୃଦ୍ଧି ଘଟିଛି।

ନିକଟରେ (ଡିସେମ୍ବର ୨୦୨୩) ସୁପ୍ରସିଦ୍ଧ ଗବେଷଣା ପତ୍ରିକା 'ପ୍ରୋସିଡିଂସ୍ ଅଫ୍ ଦ ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍‌ସେସ୍'ରେ ସେମାନେ ଏହାକୁ ନେଇ ନିବନ୍ଧଟିଏ ପ୍ରକାଶ କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ ଏହି ପଦ୍ଧତିରେ ଚାଷ କରାଯାଇଥିବା ବାର୍ଲି ଚାରାଗୁଡ଼ିକ ଏତେ ଦ୍ରୁତଗତିରେ ବୃଦ୍ଧିପାଇବାର କାରଣ ହେଲା ବୈଦ୍ୟୁତିକ ସକ୍ରିୟକରଣ। ଏହା ଚାରାଗୁଡ଼ିକର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ କମ୍ ସଂସାଧନ ମଧ୍ୟ ଆବଶ୍ୟକ କରେ। ଏ ପ୍ରକ୍ରିୟାର ଜୈବିକ କ୍ରିୟାବିଧି ଏବେବି ସମ୍ପୂର୍ଣ୍ଣ ରୂପେ ଜଣାପଡ଼ିନାହିଁ। ତେବେ ସେମାନେ ଏହାକୁ ନେଇ ଗୋଟିଏ କଥା ଅନୁମାନ କରନ୍ତି। ତାହାହେଲା ଯେ ବୈଦ୍ୟୁତିକ ସକ୍ରିୟକରଣ ଫଳରେ ଚାରାଗୁଡ଼ିକ ଅଧିକ ଦକ୍ଷଭାବେ ଯବକ୍ଷାରଜାନ ପ୍ରକ୍ରିୟାକରଣ କରିପାରନ୍ତି।

ସାଧାରଣତଃ 'ହାଇଡ୍ରୋଫୋନିକସ'ରେ ଛାଞ୍ଚ ରୂପେ ମିନେରାଲ୍ ଉଲ୍ ବ୍ୟବହାର କରାଯାଏ। ତେବେ ଏହି ଜୈବ ବିଘଟନ ଅକ୍ଷମ ପଦାର୍ଥଟି ଅତ୍ୟଧିକ ବିଦ୍ୟୁତ ଆବଶ୍ୟକ କରେ। ସେଥିପାଇଁ ଲିଂକୋଫିଂଗ୍‌ର ବୈଜ୍ଞାନିକମାନେ ଏହାର ବିକଳ୍ପ ରୂପେ ବ୍ୟବହାର କଲେ 'ଇଲେକ୍‌ଟ୍ରୋନିକ୍ ମୃତ୍ତିକା' କୁହାଯାଉଥିବା ନୂତନ ପଦାର୍ଥ। ଏହା ପ୍ରସ୍ତୁତ କରାଯାଏ ସେଲୁଲୋଜ ସହିତ ଅନ୍ୟ ଏକ ସୁପରିବାହୀ ପଲିମର (ପେଡଟ୍ ବା ପଲି-୩, ୪ ଇଥିଲିନି ଡାଇଅକ୍‌ସି ଥାଇଓଫେନ୍), ଯାହାକି କମ୍ ଶକ୍ତି ଆବଶ୍ୟକ କରେ ଏବଂ ସେଥି ସଂଗେ ସଂଗେ ଉଚ୍ଚ ଭୋଲ୍‌ଟେଜ୍‌ଜନିତ ବିପଦ ମଧ୍ୟ ଦୂର କରେ।

ଡକ୍ଟର ଷ୍ଟାଭିନିଡୋସ୍ ବିଶ୍ୱାସ କରନ୍ତି ଯେ ତାଙ୍କର ଏ ଆବିଷ୍କାର 'ହାଇଡ୍ରୋଫୋନିକସ' କୃଷି ପଦ୍ଧତିରେ ବିପ୍ଳବ ଆଣିବ ଓ ଉତ୍ପାଦକତାରେ ପ୍ରଭୂତ ବିକାଶ ଘଟାଇବ। ଅତଏବ ଆଗାମୀ ଦିନମାନଙ୍କରେ କମ୍ ଚାଷଜମି ଓ ପ୍ରତିକୂଳ ପରିବେଶ ମଧ୍ୟରେ ଏହା ମାଧ୍ୟମରେ ଖାଦ୍ୟ ସମସ୍ୟାର ସମାଧାନ ଅନେକ ଦୂର ସମ୍ଭବ ହୋଇପାରିବ ବୋଲି ଆଶା ଉଦ୍ରେକ ହୋଇଛି।

# 'ଉଡ୍‌ଡୀୟାନ ଗୁରୁ ପଦ୍ମସମ୍ଭବ ଓଡ଼ିଶାର



ଡ. ବାଳକୃଷ୍ଣ ମହାପାତ୍ର
ଭୁବନେଶ୍ୱର, ମୋ: ୯୮୬୧୨୭୭୮୦୯


ଗବେଷକ ପ୍ରବୀର କୁମାର ପଟ୍ଟନାୟକଙ୍କ ଦୀର୍ଘଦିନର ବିପୁଳ ଅଧ୍ୟୟନ ଓ ଗବେଷଣା ପ୍ରସୂତ 'ଉଡ୍‌ଡୀୟାନ ଗୁରୁ ପଦ୍ମସମ୍ଭବ, ଦ ସେକେଣ୍ଡ ବୁଦ୍ଧ' ଇଂରାଜୀ ଗ୍ରନ୍ଥଟି କିଛିଦିନ ତଳେ ଉନ୍ମୋଚିତ ହୋଇଛି। ଏପରି ଏକ ଗମ୍ଭୀର ଶୀର୍ଷକ ହିଁ ଏହାର ଗୁରୁତ୍ୱ ତଥା ଗବେଷକଙ୍କ ଅଭିନବ ପ୍ରୟାସର ଫଳଶ୍ରୁତିର ମହତ୍ତ୍ୱ ପ୍ରତିପାଦନ କରିଥାଏ। ଏ ସମ୍ପର୍କରେ ବିଭିନ୍ନ ସମ୍ବାଦପତ୍ରରେ କେତୋଟି ଆଲେଖ୍ୟ ପ୍ରକାଶିତ ହୋଇଥିଲେ ମଧ୍ୟ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାରରେ ଓଡ଼ିଶାର ମହାନତା ଏହି ଗ୍ରନ୍ଥରେ କିପରି ପ୍ରତିପାଦିତ ହୋଇଛି ସେ ସମ୍ପର୍କରେ ବିଶଦ ଆଲୋଚନାର ଆବାଶ୍ୟକତା ରହିଛି। ପ୍ରାୟ ୫୦୦ ପୃଷ୍ଠା ବିଶିଷ୍ଟ ଏହି ଗ୍ରନ୍ଥଟି ସର୍ବମୋଟ ୧୨ ଭାଗରେ ବିଭକ୍ତ ଏବଂ ଏଥିରେ ୪୮ ଟି ଅଧ୍ୟାୟ ରହିଛି। ତଥ୍ୟ ଓ ଯୁକ୍ତିର ପ୍ରାମାଣିକତା ପ୍ରତିଷ୍ଠା ପାଇଁ ଏଥିରେ ୪୨ଟି ରଙ୍ଗୀନ ତଥା ୯୯ଟି କଳାଧଳା ଫଟୋଚିତ୍ର ସହିତ ବିଭିନ୍ନ ସ୍ଥାନର ଅବସ୍ଥିତିସୂଚକ ବହୁ ମାନଚିତ୍ର ସଂଲଗ୍ନ ହୋଇଛି। ଗବେଷକ ଶତାଧିକ ଗ୍ରନ୍ଥ ଅଧ୍ୟୟନ କରିବା ସହିତ ବହୁବର୍ଷ ଧରି ଗଭୀର ଅନୁଶୀଳନ କରି ଏହି ଗ୍ରନ୍ଥଟିକୁ ରଚନା କରିଥିବା ଜଣାପଡୁଛି।

ଗୁରୁ ପଦ୍ମସମ୍ଭବଙ୍କ ଅଲୌକିକ ଜନ୍ମ ବୃତ୍ତାନ୍ତଠାରୁ ଆରମ୍ଭ କରି ଇନ୍ଦ୍ରଭୂତିଙ୍କ ପୋଷ୍ୟପୁତ୍ର ହେବା, ବିବାହ, ନାଳନ୍ଦାରେ ଅଧ୍ୟାପନା ଏବଂ ସର୍ବୋପରି ତିବ୍ବତରୁ ରାଜା ସ୍ତଙ୍ଗଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସେଠାରେ ଧର୍ମଗୁରୁ ଭାବେ ଅବସ୍ଥାନ କରି ସ୍ଥାନୀୟ ଧର୍ମ ସହିତ ବଜ୍ରଯାନର ସମନ୍ୱୟରେ 'ଲାମା' ଧର୍ମର ପ୍ରବର୍ତ୍ତନ, ପ୍ରସାର ତଥା ପ୍ରତିଷ୍ଠା ପ୍ରଭୃତିର ବିଶଦ ବିବରଣୀ ପ୍ରଥମରୁ ଦିଆଯାଇଛି। ଆନୁଷଙ୍ଗିକ ବିଷୟ ଭାବେ ଭାରତରେ ତଥା ଓଡ଼ିଶାରେ ଏବଂ ତିବ୍ବତ, ନେପାଳ, ଲଦାଖ, ସିକିମ, ଅରୁଣାଚଳ ପ୍ରଦେଶ, ଭୁଟାନ, ଗାନ୍ଧାର-କାଶ୍ମୀର, ମଙ୍ଗୋଲିଆ ଏବଂ ଚୀନ୍‌ର କେତେକାଂଶରେ ବୌଦ୍ଧଧର୍ମର ସ୍ଥିତି ସମ୍ପର୍କରେ ସବିଶେଷ ବିବରଣୀ ଦିଆଯାଇଛି। ସେହିପରି ସେ ସମୟର ସମ୍ବଲ, ଲଙ୍କାପୁରୀ, ଜାହୋର ସମ୍ପର୍କରେ ଆଲୋଚନା କରାଯାଇ ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ଶାନ୍ତରକ୍ଷିତଙ୍କ ଭୂମିକା ଉପରେ ସ୍ୱତନ୍ତ୍ରଭାବେ ଆଲୋକପାତ କରାଯିବା ସହିତ ଚୀନ୍ ପରିବ୍ରାଜକଙ୍କ ଦୃଷ୍ଟିରେ ଓ ଲାମା ତାରାନାଥଙ୍କ ଇତିହାସରେ ଓଡ଼ିଶାରେ ବୌଦ୍ଧଧର୍ମର ସ୍ଥିତି, ଐତିହ୍ୟ-ସମ୍ପଦ ଓ ପରିମଳଗିରି, ପୁଷ୍ପଗିରି, ତୋଷାଳି, ଯାଜପୁର ପ୍ରଭୃତି ଅଞ୍ଚଳରେ ଉପଲବ୍ଧ ପ୍ରଚୁର ବୌଦ୍ଧ ମୂର୍ତ୍ତିକଳା ତଥା ଉଡ୍‌ଡୀୟାନର ଦେବୀମାନଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି।

ଗୁରୁ ପଦ୍ମସମ୍ଭବ ନିଜର ଅଦ୍ୱିତୀୟ ପରାକାଷ୍ଠା ଯୋଗୁଁ 'ଦ୍ୱିତୀୟ ବୁଦ୍ଧ' ଭାବେ ପ୍ରଖ୍ୟାତ ହୋଇପାରିଥିଲେ। ସେ ନାଳନ୍ଦାରେ ଅଧ୍ୟାପନା କରୁଥିଲା ବେଳେ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କ ପରାମର୍ଶକ୍ରମେ ତିବ୍ବତର ରାଜା ସ୍ତଙ୍ଗ ତାଙ୍କୁ ନିମନ୍ତ୍ରଣ କରିଥିଲେ। କାରଣ ପୂର୍ବରୁ ଆଚାର୍ଯ୍ୟ ଶାନ୍ତରକ୍ଷିତ ରାଜାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ପାଇଁ ନାଳନ୍ଦାରୁ ଆସିଥିଲେ ମଧ୍ୟ ତତ୍କାଳୀନ ତିବ୍ବତୀୟ ଗୁରୁମାନେ ତାଙ୍କୁ ସେଠାରେ ବିରୋଧ କରିଥିଲେ। ଏଣୁ ଶାନ୍ତରକ୍ଷିତ ନିଜର ଭିଣୋଇ ଆଚାର୍ଯ୍ୟ ପଦ୍ମସମ୍ଭବଙ୍କୁ ଡାକିବା ପାଇଁ ରାଜାଙ୍କୁ ପରାମର୍ଶ ଦେଇଥିଲେ। ପଦ୍ମସମ୍ଭବ ଖ୍ରୀ ୭୪୭ରେ ତିବ୍ବତରେ ପହଞ୍ଚି ପ୍ରଚଳିତ ପରମ୍ପରା ସହିତ ବଜ୍ରଯାନର ସମନ୍ୱୟରେ ଏକ ନୂତନ ପଦ୍ଧତିର ପ୍ରଚଳନ କରି ସମସ୍ତଙ୍କ ସମର୍ଥନ ଲାଭ କରିପାରିଥିଲେ। ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ନୂତନ ଧର୍ମ 'ଲାମାଧର୍ମ' ଭାବରେ ପରିଚିତ। ଏହାର ବ୍ୟାପକ ପ୍ରଚାର ସହିତ ପଦ୍ମସମ୍ଭବ ତିବ୍ବତରେ ପ୍ରଥମ ବୌଦ୍ଧ ବିହାର 'ସମୟେ' ପ୍ରତିଷ୍ଠା କରି ଶାନ୍ତରକ୍ଷିତଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରିଥିଲେ ଏବଂ ପ୍ରଥମ ବୌଦ୍ଧ ସଂଘର ସଂସ୍ଥାପନ ମଧ୍ୟ କରିଥିଲେ। ଏ ସବୁ ଫଳରେ ତିବ୍ବତରେ ଏକ ସାଂସ୍କୃତିକ ବିପ୍ଳବ ସଂଘଟିତ ହୋଇପାରିଥିଲା। ଫଳତଃ ସେ ବୁଦ୍ଧଙ୍କଠାରୁ ମଧ୍ୟ ଅଧିକ ସମ୍ମାନ ଲାଭ କରି 'ଦ୍ୱିତୀୟ ବୁଦ୍ଧ' ଭାବେ ପରିଚିତି ଲାଭ କରି ଖ୍ରୀ.ଅ ୮୦୨ରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ।

ଏଠାରେ ସ୍ମରଣୀୟ ଯେ ଏପରି ଜଣେ ପ୍ରଥିତଯଶା ଧର୍ମଗୁରୁ ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ଅବିର୍ଭାବ ଯେପରି ଅଲୌକିକ (ମନ୍ତ୍ରୀ ଧନକୋଷ ହ୍ରଦରେ ପଦ୍ମଫୁଲ








ଉପରେ ବସିଥିବା ଆଠବର୍ଷର ବାଳକଙ୍କ ଅସାମାନ୍ୟ ଲକ୍ଷଣ ସମ୍ପର୍କରେ ସମ୍ବଲର ରାଜା ଇନ୍ଦ୍ରଭୂତିଙ୍କୁ ଜଣାଇବା ପରେ ମୁଗ୍ଧ ରାଜା ତାଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ।) ତାଙ୍କର ଜନ୍ମସ୍ଥାନ ନେଇ ଆଲୋଚକଙ୍କ ଭିତରେ ସେହିପରି ଭିନ୍ନମତ ପରିଲକ୍ଷିତ ହୁଏ। ଉଲ୍ଲେଖଯୋଗ୍ୟ ଯେ ଗବେଷକ ଶ୍ରୀପଟ୍ଟନାୟକଙ୍କ ଗ୍ରନ୍ଥର ବିଶେଷତ୍ୱ ହେଉଛି ଏହି ଭିନ୍ନମତର ଏକ ପ୍ରମାଣଭିତ୍ତିକ ସମାଧାନ।

କେତେକ ଆଲୋଚକ ଉଡ୍‌ଡୀୟାନ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଉଡଡୀୟାନ ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ଅବସ୍ଥିତ ଗାନ୍ଧାରର 'ଉଦ୍ୟାନ ନଗରୀ' ବୋଲି ଯୁକ୍ତି କରିଆସିଛନ୍ତି। ସେମାନଙ୍କ ମତରେ ପ୍ରାଚୀନ ଗାନ୍ଧାରର ସ୍ୱାତ ଉପତ୍ୟକାରେ ଏହା ଅବସ୍ଥିତ। ଏହି ଗ୍ରନ୍ଥର ୭ମ ଭାଗରେ ବିସ୍ତୃତ ଭାବରେ ଗାନ୍ଧାର-କାଶ୍ମୀର ଅଞ୍ଚଳରେ ବୌଦ୍ଧଧର୍ମର ସ୍ଥିତି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି। ବୈଦିକ ଯୁଗରୁ ଆରମ୍ଭ କରି ଖ୍ରୀଷ୍ଟପୂର୍ବ ଓ ଖ୍ରୀଷ୍ଟପର ଶତାବ୍ଦୀମାନଙ୍କରେ ଏ ଅଞ୍ଚଳର ସାଂସ୍କୃତିକ-ରାଜନୈତିକ ପରିବର୍ତ୍ତନର ସ୍ୱରୂପ ଉପରେ ପ୍ରାମାଣିକ ତଥ୍ୟଭିତ୍ତିକ ଅନୁଶୀଳନ ପରିପ୍ରେକ୍ଷୀରେ ବୌଦ୍ଧଧର୍ମର ଭୂମିକା ପ୍ରଦର୍ଶନ କରାଯାଇଛି। ବର୍ତ୍ତମାନର ବାଂଲାଦେଶ, ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନକୁ ସଂଯୋଗ କରୁଥିବା ପ୍ରାୟ ୨୦୦୦ କିମି ଦୀର୍ଘ ପ୍ରସିଦ୍ଧ 'ସାଂସ୍କୃତିକ ସରଣୀ' ସ୍ଥିତ ଦକ୍ଷିଣ-ପୂର୍ବ ଏସିଆର ପ୍ରମୁଖ ବୌଦ୍ଧ କ୍ଷେତ୍ରଗୁଡ଼ିକର ଆଲୋଚନାକ୍ରମରେ ପଶ୍ଚିମବଙ୍ଗ, ବିହାରଠାରୁ ଆରମ୍ଭ କରି ପାକିସ୍ତାନର ଲାହୋର, ତକ୍ଷଶୀଳା, ଚାର୍ଶଦା-ପେଶୱାର ଏବଂ ଆଫଗାନିସ୍ତାନର କାବୁଲ, ବାମିୟାନ, ସମାଙ୍ଗନ ଓ ବଲଖ ପ୍ରଭୃତି ଅଞ୍ଚଳର ବୌଦ୍ଧକୀର୍ତ୍ତିଗୁଡ଼ିକର ଆଲୋଚନା କରାଯାଇ ସେତେବେଳର ବୌଦ୍ଧଧର୍ମର ସ୍ଥିତି ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରାଯାଇଛି। ଏ ପ୍ରସଙ୍ଗରେ ବୌଦ୍ଧଧର୍ମ କିପରି କାଳକ୍ରମେ ବହୁଭାଗରେ ବିଭକ୍ତ ହୋଇଯାଇଛି ଏବଂ 'ମହାଯାନ' ପନ୍ଥାରେ ତନ୍ତ୍ରର ଅନୁପ୍ରବେଶ ସମ୍ପର୍କରେ କାଳାନୁକ୍ରମିକ ଆଲୋଚନା କରାଯାଇ ପରବର୍ତ୍ତୀ ସମୟରେ ତନ୍ତ୍ରର ପ୍ରାଧାନ୍ୟ କିପରି ପ୍ରତିଷ୍ଠିତ ହୋଇଥିଲା ତାହା ଦର୍ଶାଯାଇଛି।

ଏଠାରେ ସ୍ମରଣୀୟ ଯେ ଉଭୟ ହିନ୍ଦୁଧର୍ମ ଓ ବୌଦ୍ଧଧର୍ମର ପ୍ରଧାନ ତନ୍ତ୍ର ପୀଠଗୁଡ଼ିକ ପୂର୍ବଭାରତୀୟ ଅଞ୍ଚଳରେ ଅବସ୍ଥିତ ଏବଂ ଉଡ୍‌ଡୀୟାନ ତନ୍ମଧ୍ୟରୁ ଅନ୍ୟତମ। ଉଡ୍‌ଡୀୟାନର ବା ଓଡ଼ିଶାରେ ସମ୍ବଳର ରାଜା ଇନ୍ଦ୍ରଭୂତିଙ୍କ ବଜ୍ରଯାନ, ତାଙ୍କ ଭଗ୍ନୀ ତଥା ସୋନପୁରର ମହାରାଣୀ ଲକ୍ଷ୍ମୀଙ୍କରାଙ୍କ 'ସହଜଯାନ' ପରବର୍ତ୍ତୀ ସମୟରେ ବୌଦ୍ଧଧର୍ମର ପ୍ରମୁଖ ଉପାସନା ପଦ୍ଧତି ଭାବେ ସର୍ବତ୍ର ସ୍ୱୀକୃତ ହୋଇଛି। 'ଉଡ୍‌ଡୀୟାନ ଗୁରୁ', 'ଦ୍ୱିତୀୟ ବୁଦ୍ଧ' ଭାବେ ପୂଜିତ 'ପଦ୍ମସମ୍ଭବ' ହେଉଛନ୍ତି ଏହି ଇନ୍ଦ୍ରଭୂତିଙ୍କ ପାଳିତ ସନ୍ତାନ।

ଉଡ୍‌ଡୀୟାନର ସ୍ଥିତି ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଗବେଷକ ପ୍ରଥମେ ଗାନ୍ଧାରର ସ୍ୱତ ଉପତ୍ୟକାରେ ୧୯୩୮ ମସିହାରେ ହୋଇଥିବା ଉତ୍‌ଖନନର ବିଶଦ ବୈବରଣୀ ପ୍ରଦାନ କରିଛନ୍ତି। ଏହି ଖନନରୁ ବହୁସ୍ତୂପର ଧ୍ୱଂସାବଶେଷ, ବିଭିନ୍ନ ମୁଦ୍ରାରେ ବୁଦ୍ଧଙ୍କ ଭଗ୍ନମୂର୍ତ୍ତି ଓ ଅନ୍ୟ କିଛି ମୂର୍ତ୍ତି ମିଳିଛି। ମାତ୍ର ବିଭିନ୍ନ କାରଣରୁ ବହୁ ବୌଦ୍ଧ-ବିହାର, ସ୍ତୂପ ଓ ସେଗୁଡ଼ିକର ମୂର୍ତ୍ତି ଯେଉଁପରି ଭାବରେ ଧ୍ୱଂସସ୍ତୂପରେ ପରିଣତ ହୋଇଛି, ତାହା ଏହି ଅଞ୍ଚଳରେ ବୌଦ୍ଧଧର୍ମର ଅଧଃପତନ ବା ବିଲୟର ସୂଚନା ଦେଇଥାଏ। ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନସାଂ ମଧ୍ୟ ତାଙ୍କ ବିବରଣୀରେ ଏହି ଅଞ୍ଚଳର ପ୍ରାୟ ୧୪୦୦ ପରିତ୍ୟକ୍ତ, ଶୂନ୍ୟ ବୌଦ୍ଧବିହାର କଥା ଉଲ୍ଲେଖ କରିଛନ୍ତି। ଏହି ଅଧ୍ୟାୟର ଶେଷରେ ଗବେଷକ ଜଣାଇଛନ୍ତି ଯେ, ଏହି ସ୍ୱାତ ଉପତ୍ୟକାରେ ସମସ୍ତ ଉତ୍‌ଖନନରୁ ପ୍ରାପ୍ତ ବହୁ ବୌଦ୍ଧ ଧ୍ୱଂସାବଶେଷ ମଧ୍ୟରୁ ଗୋଟିଏ ହେଲେ ବଜ୍ରଯାନୀ ମୂର୍ତ୍ତି, ମୂର୍ତ୍ତିକଳା କିମ୍ବା ଅନ୍ୟ କୌଣସି ପ୍ରକାରର ଅବଶେଷ ପ୍ରାପ୍ତ ହୋଇନାହିଁ। ସେହିପରି ୧୯୨୬ ମସିହାରେ ନିମ୍ନ / ମଧ୍ୟ / ଉଚ୍ଚ ସ୍ୱାତ ଅଞ୍ଚଳର ଆବିଷ୍କାରରୁ ପ୍ରାପ୍ତ ଧ୍ୱଂସାବଶେଷରୁ ମଧ୍ୟ କୌଣସି ବଜ୍ରଯାନୀ ଅବଶେଷ ମିଳି ନଥିବା କଥା ଆଲୋଚନା କରାଯାଇଛି।

ଅପରପକ୍ଷରେ ଦକ୍ଷିଣ କୋଶଳ, ତୋଷାଳି, ଯାଜପୁର ପ୍ରଭୃତି ଅଞ୍ଚଳରେ ବୌଦ୍ଧକୀର୍ତ୍ତି ତଥା ପରିମଳଗିରି ଓ ନାଗାର୍ଜୁନ, ପୁଷ୍ପଗିରି ମହାବିହାର, ଭୌମକର ଶାସନକାଳୀନ କୀର୍ତ୍ତି ଏବଂ ଉଡ୍‌ଡୀୟାନ ଦେବୀମାନଙ୍କ ସମ୍ପର୍କରେ ଆଲୋଚନାକ୍ରମରେ ବଜ୍ରଯାନୀ ଦେବଦେବୀଙ୍କ ବ୍ୟାପକ ପ୍ରତିଷ୍ଠା ଓ ପୂଜନ କଥା ଉଲ୍ଲେଖ ରହିଛି। ଲେଖଙ୍କ ସିଦ୍ଧାନ୍ତ ହେଲା ପ୍ରକୃତରେ ବୌଦ୍ଧଧର୍ମର ବିବର୍ତ୍ତନ ସମ୍ପୂର୍ଣ୍ଣ ହୋଇ ବଜ୍ରଯାନରେ ପୂର୍ଣ୍ଣ ଅଭିବ୍ୟକ୍ତି ଲାଭ କରିପାରିଥିଲା। କାରଣ ଏହା ପଞ୍ଚଧ୍ୟାନୀ ବୁଦ୍ଧଙ୍କ ପରିକଳ୍ପନାଠାରୁ ଆରମ୍ଭ କରି ପ୍ରଥମଥର ପାଇଁ ପ୍ରଜ୍ଞା ବା ଶକ୍ତି ଉପାସନା ପ୍ରବର୍ତ୍ତନ କରିଥିଲା ଏବଂ ବହୁ ଦେବଦେବୀ ଉପାସନା ସହିତ ସାଧନା, ଯନ୍ତ୍ର, ମନ୍ତ୍ର, ତନ୍ତ୍ର, ମୁଦ୍ରା ପ୍ରଭୃତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମ୍ବଳର (ବର୍ତ୍ତମାନର ସମ୍ବଲପୁର) ରାଜା ଇନ୍ଦ୍ରଭୂତି ହିଁ ଏହି ବଜ୍ରଯାନର ପ୍ରବର୍ତ୍ତକ।

ଗବେଷକ ଓଡ଼ିଶାରୁ ଉପଲବ୍ଧ ବହୁ ବୌଦ୍ଧ କୀର୍ତ୍ତିରାଜି, ଉତ୍‌ଖନନରୁ ବାହାରିଥିବା ବହୁ ମୂର୍ତ୍ତି ଓ ଅନ୍ୟାନ୍ୟ ଦ୍ରବ୍ୟ ମାଧ୍ୟମରେ ଉଡ୍‌ଡୀୟାନ ବା ଓଡ଼ିଶାରେ ସମୃଦ୍ଧ ଓ ପ୍ରତିଷ୍ଠିତ ବୌଦ୍ଧ ଉପାସନାର ବିବରଣୀ ପ୍ରଦାନ କରିଛନ୍ତି। ଖ୍ରୀ. ୧୧୬୫ରେ ରଚିତ 'ସାଧନାମାଳା' ଗ୍ରନ୍ଥର ପାଣ୍ଡୁଲିପିରେ ଉଡ୍‌ଡୀୟାନ ଦେବୀ କୁରୁକୁଲ୍ଲା, ମାରୀଚି, ବଜ୍ରଯୋଗିନୀ ପ୍ରଭୃତି ଦେବୀମାନଙ୍କ ସାଧନା ସମ୍ପର୍କରେ ଥିବା ବିବରଣୀ ଉପରେ ଆଲୋକପାତ କରାଯାଇଛି। ବାଣପୁରର ଅଚ୍ୟୁତରାଜପୁରରୁ ଲବ୍ଧ ବ୍ରୋଞ୍ଜ ମୂର୍ତ୍ତିଗୁଡ଼ିକ ମଧ୍ୟରେ କୁରୁକୁଲ୍ଲାଙ୍କ ଚମତ୍କାର ମୂର୍ତ୍ତି ରହିଥିବା ସମ୍ପର୍କରେ ସୂଚନା ଦିଆଯାଇଛି। ଗବେଷକ ବହୁ ତଥ୍ୟଭିତ୍ତିକ ଯୁକ୍ତି ଆଧାରରେ ଏହି ଗବେଷଣା ଗ୍ରନ୍ଥର ଏକଅଧ୍ୟାୟ ବିଶିଷ୍ଟ (ଅ.୪୫) ୩୬ ପୃଷ୍ଠା ବ୍ୟାପୀ ଏକାଦଶ ଭାଗରେ ଯୁକ୍ତି ଆଧାରରେ ପ୍ରତିପାଦନ କରିଛନ୍ତି ଯେ ଉଡ୍‌ଡୀୟାନ ହେଉଛି ଓଡ଼ିଶା। ଏହି ଅଧ୍ୟାୟରେ ଗବେଷକ ରାମପ୍ରସାଦ ମିଶ୍ର, ଟି.ଇ ଡୋନାଲ୍‌ଡସନ, ନବୀନ କୁମାର ସାହୁ, ହରିଶ୍ଚନ୍ଦ୍ର ଦାସଙ୍କ ବିବରଣୀ, ଭାରତୀୟ ପୁରାତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଏବଂ ଅନ୍ୟ ବହୁ ବିଦ୍ୱାନମାନଙ୍କ ମତାମତକୁ ବିଶେଷଭାବେ ଅନୁଶୀଳନ କରି ଏମାନେ କିପରି ବର୍ତ୍ତମାନର ଓଡ଼ିଶାକୁ ପ୍ରାଚୀନ ଉଡ୍‌ଡୀୟାନ ଭାବେ ଗ୍ରହଣ କରିଛନ୍ତି, ତାହା ଦର୍ଶାଯାଇଛି। ତିବ୍ବତରେ ପ୍ରସିଦ୍ଧ ସିଦ୍ଧାଚାର୍ଯ୍ୟ, ସରହ, ଲୁଇ ଓ ଶବରୀପାଙ୍କ ଦ୍ୱାରା ରଚିତ ଚର୍ଯ୍ୟାଗୀତିକାଗୁଡ଼ିକର ଭାଷାରେ ପୂର୍ବ ଭାରତୀୟ ଭାଷାମାନଙ୍କର ପ୍ରତ୍ନ ସ୍ୱରୂପ ପରିଲକ୍ଷିତ ହେଉଥିଲା ବେଳେ ସ୍ୱାତ୍ ଉପତ୍ୟକା ଅଞ୍ଚଳର ପ୍ରଚଳିତ ଭାଷା ସହ ଏମାନଙ୍କର ଆଦୌ ସମ୍ପର୍କ ନଥିବା କୁହାଯାଇଛି। ସେହିପରି ଏହି ଅଞ୍ଚଳରୁ ମାରୀଚି, କୁରୁକୁଲ୍ଲା, ବଜ୍ରବରାହୀ ପ୍ରଭୃତି ମୁଖ୍ୟ ତାନ୍ତ୍ରିକ ଦେବୀମାନଙ୍କର ମୂର୍ତ୍ତି ମିଳୁନଥିଲା ବେଳେ ଓଡ଼ିଶାର ରତ୍ନଗିରି, ଖିଚିଙ୍ଗ, ଚୌଦ୍ୱାର, ବାଣପୁର, ଗଞ୍ଜାମ ପ୍ରଭୃତି ଅଞ୍ଚଳରେ ଏଗୁଡ଼ିକ ଉପଲବ୍ଧ ହୋଇଛି। ଅଧିକନ୍ତୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଧ୍ୟାନୀବୁଦ୍ଧ, ମଞ୍ଜୁଶ୍ରୀ, ପଦ୍ମପାଣି, ବଜ୍ରପାଣି, ଜମ୍ଭାଳା, ହେରୁକା, ଭୈରବୀ, ଚାମୁଣ୍ଡା ପ୍ରଭୃତି ମୂର୍ତ୍ତି ମିଳିବା ଏବଂ ଓଡ଼ିଶାର ଉପାସନା ପଦ୍ଧତିରେ ଏମାନଙ୍କର ପ୍ରଭାବ ଏ ଯାବତ ଅକ୍ଷୁଣ୍ଣ ରହିଥିବା କଥା କୁହାଯାଇ ଦୃଢ଼ତାର ସହିତ ଘୋଷଣା କରାଯାଇଛି ଯେ ତାନ୍ତ୍ରିକ ସାହିତ୍ୟରେ ଉଡ୍‌ଡୀୟାନର ପୀଠାସୀନ ପ୍ରମୁଖ ଦେବୀ କୁରୁକୁଲ୍ଲା ଓ ବଜ୍ରବରାହୀଙ୍କ ମୂର୍ତ୍ତି ସ୍ୱାତ ଉପତ୍ୟକା କ'ଣ ଉଡ୍‌ଡୀୟାନ୍ ବା ଓଡ଼ିଶା ବ୍ୟତୀତ ଭାରତରେ ଅନ୍ୟତ୍ର ମଧ୍ୟ ମିଳିପାରିନାହିଁ। ତେଣୁ ଏହି ଗ୍ରନ୍ଥରେ ପାରମ୍ପରିକ, ଐତିହାସିକ, ସାହିତ୍ୟିକ ଓ ପୁରାତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କରାଯାଇ ସ୍ୱାତ ଉପତ୍ୟକା ସପକ୍ଷ ମତାମତର ଖଣ୍ଡନ କରାଯିବା ସହିତ ଉଡ୍‌ଡୀୟାନ ହିଁ ଓଡ଼ିଶା ବୋଲି ଦୃଢ଼ତାର ସହିତ ପ୍ରତିପାଦନ କରାଯାଇଛି।

ଗ୍ରନ୍ଥର ୧୨ଶ ଭାଗରେ ଗୁରୁ ପଦ୍ମସମ୍ଭବଙ୍କ 'ମହାପରିନିର୍ବାଣ' ସମ୍ପର୍କରେ ଆଲୋଚନା କରାଯାଇଛି (ଅ.୪୬)। ଉଦୟଗିରିରେ ପଦ୍ମସମ୍ଭବଙ୍କ ଦେହାବଶେଷ ତଥା ହୀରାକୁଦ ବନ୍ଧର ବିସ୍ତୃତି ମଧ୍ୟରେ ବୁଡ଼ି ଯାଇଥିବା ତାଙ୍କ ଜନ୍ମସ୍ଥାନ ପଦ୍ମପୁରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ପରିଶେଷରେ ଏ କ୍ଷେତ୍ରରେ ଅଧିକ ଉତ୍‌ଖନନ ଓ ଗବେଷଣା କରାଯାଇ ଅଧିକରୁ ଅଧିକ ପ୍ରାମାଣିକ ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଓ ସତ୍ୟ ପ୍ରତିପାଦନ ଉପରେ ଗୁରୁତ୍ୱ ଦିଆଯାଇଛି।

## ରାଜ୍ୟରେ ସମ୍ପ୍ରସାରିତ ହେଉଛି କର୍କଟ ଚିକିତ୍ସା

# ଅନ୍ୟ ରାଜ୍ୟ ଉପରେ ୫୦% ନିର୍ଭରଶୀଳତା କମିଛି

**ଭୁବନେଶ୍ୱର,୧୧।୨ (ସମିସ):** ଦିନ ଥିଲା, କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ରାଜ୍ୟ ବାହାରେ ଥିବା ବଡ଼ବଡ଼ ଡାକ୍ତରଖାନା ଥିଲା ଏକମାତ୍ର ଭରସା। ତେବେ ରାଜ୍ୟ ସରକାରଙ୍କ ସମନ୍ୱିତ କର୍କଟ ଚିକିତ୍ସା କାର୍ଯ୍ୟକ୍ରମର ସଫଳ ରୂପାୟନ ହେତୁ ଆଜି ବାହାରକୁ ଚିକିତ୍ସା ପାଇଁ ଯାଉଥିବା କର୍କଟ ରୋଗୀଙ୍କ ସଂଖ୍ୟାରେ ୫୦% ହ୍ରାସ ଘଟିଛି। କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରର କ୍ଷମତା ବୃଦ୍ଧି କରାଯାଉଥିବା ବେଳେ ୧୧ଟି ମେଡିକାଲ କଲେଜରେ ସ୍ୱତନ୍ତ୍ର କର୍କଟ କେନ୍ଦ୍ର ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ରାଜ୍ୟକୁ କର୍କଟ ଚିକିତ୍ସାରେ ଆତ୍ମନିର୍ଭରଶୀଳ କରିବ ବୋଲି କୁହାଯାଇଛି। ରାଜ୍ୟ ଭିତରେ କର୍କଟ ରୋଗର ଉତ୍ତମ ଚିକିତ୍ସା ବ୍ୟବସ୍ଥା ଯୋଗୁଁ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟ ବାହାରକୁ ଯାଉଥିବା ରୋଗୀଙ୍କ ପରିମାଣ ୮୦%ରୁ ୫୦%କୁ ହ୍ରାସ ପାଇଛି। ଆଗାମୀ ୩ବର୍ଷ ଭିତରେ ରାଜ୍ୟକୁ କର୍କଟ ଚିକିତ୍ସାରେ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଆଗାମୀ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ବଜେଟ୍‌ରେ ସ୍ୱାସ୍ଥ୍ୟ ବିଭାଗକୁ ପ୍ରାୟ ୨୦ହଜାର କୋଟି ଟଙ୍କା ଦେଇଥିବା ବେଳେ ଏଥିରୁ ସିଂହଭାଗ ଅର୍ଥ କର୍କଟ ଚିକିତ୍ସାରେ ବ୍ୟୟ କରାଯିବ ବୋଲି ଜଣାପଡ଼ିଛି।

ବିଶ୍ୱ କର୍କଟ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଏଏଚ୍‌ପିଜିଆଇସି ନିର୍ଦ୍ଦେଶକ ଡାକ୍ତର ଦୀପକ ରାଉତରାୟ କହିଥିଲେ, କର୍କଟ ଚିକିତ୍ସା କ୍ଷେତ୍ରରେ ଓଡ଼ିଶାରେ ଥିବା ଉଭୟ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ବହୁ ସୁଧାର ଆସିଛି। ଫଳରେ ଦିଲ୍ଲୀ, ମୁମ୍ବଇ ଓ ଦକ୍ଷିଣ ଭାରତକୁ ରୋଗୀଙ୍କ ଯିବା ହ୍ରାସ ପାଇଛି। ୨୦୧୫ ପରଠାରୁ କର୍କଟ ଚିକିତ୍ସାରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି। ୧୦ ବର୍ଷ ତଳେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା ପ୍ରତିଷ୍ଠାନକୁ ପ୍ରାୟ ୩୫ ହଜାର (ନୂଆ ଓ ପୁରଣା) କର୍କଟ ରୋଗୀ ଆସୁଥିବା ବେଳେ ଏବେ ଏଠାକୁ ବାର୍ଷିକ ଦେଢ଼ ଲକ୍ଷ ରୋଗୀ ଆସୁଛନ୍ତି। ଉନ୍ନତ ଚିକିତ୍ସା ଓ ନିଦାନ ବ୍ୟବସ୍ଥା ହିଁ ରୋଗୀଙ୍କ ଅନ୍ୟତ୍ର ଯିବା ଉପରେ ଅଙ୍କୁଶ ଲଗାଇଛି।

**୧୧ ମେଡିକାଲ କଲେଜରେ ସ୍ୱତନ୍ତ୍ର କ୍ୟାନସର ୱିଙ୍ଗ୍**

ଏଏଚ୍‌ପିଜିଆଇସିରେ ନିକଟରେ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ଏବଂ ୟୁରୋ-ଅଙ୍କୋଲୋଜି, ଦୁଇଟି ନୂଆ ବିଭାଗ ଖୋଲିଥିବା ବେଳେ ପାଲିଆଟିଭ୍ ଓ ପଲମୁନାରି ବିଭାଗ କାର୍ଯ୍ୟକ୍ଷମ ଅଛି। ସେହିପରି ରେଡିଓ ଡାଇଗ୍ନୋସିସ୍ ବିଭାଗରେ ନ୍ୟୁକ୍ଲିଅର୍ ମେଡିସିନ୍ ଆରମ୍ଭ କରାଯାଇଛି। ଖୁବ୍‌ଶୀଘ୍ର କର୍କଟ ରୋଗୀଙ୍କ ପାଇଁ ଆଉ ୧୧୭୬ ଶଯ୍ୟା ଯୋଡ଼ିବା ଯୋଜନା ଥିବା ବେଳେ ଗତବର୍ଷ ନଭେମ୍ବରରେ ଏଥିରୁ ୨୨୬ଟି ଶଯ୍ୟାରେ ରୋଗୀ ସେବା ଆରମ୍ଭ ହୋଇଛି। ଅପରପକ୍ଷେ ରାଜ୍ୟର ୧୧ଟି ମେଡିକାଲ କଲେଜରେ ଖୁବ୍‌ଶୀଘ୍ର କ୍ୟାନସର୍ ୱିଙ୍ଗ୍ ଆରମ୍ଭ କରାଯାଇ ୫୦୦ରୁ ଅଧିକ ଶଯ୍ୟା ଉପଲବ୍ଧ କରାଯିବ। ଆସନ୍ତା ଆର୍ଥିକ ବର୍ଷରେ ଏହି ସେବା ଆରମ୍ଭ ହେବାର ସମ୍ଭାବନା ଅଛି।

ଅପରପକ୍ଷେ, ଭୁବନେଶ୍ୱରରେ ନାଇଜର୍ ପରିସରରେ ଏକ କର୍କଟ ଡାକ୍ତରଖାନା ପ୍ରତିଷ୍ଠା ପାଇଁ କାମ ଆରମ୍ଭ ହୋଇଥିବା ବେଳେ ବାଗ୍‌ଚୀ ଶ୍ରୀ ଶଙ୍କର କ୍ୟାସନର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଗତବର୍ଷ ଅକ୍ଟୋବରରେ ଏଏଚ୍‌ପିଜିଆଇସିରେ ନୂତନ ସେବାର ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ଖୁବ୍‌ଶୀଘ୍ର ସମଗ୍ର ପୂର୍ବ ଭାରତରେ ଓଡ଼ିଶା କ୍ୟାନସର ଚିକିତ୍ସାରେ ପେଣ୍ଠସ୍ଥଳ ଭାବେ ଉଭା ହେବ। ସେଥିପାଇଁ ରାଜ୍ୟ ସରକାର ଏହି କ୍ଷେତ୍ରରେ ପୁଞ୍ଜିନିବେଶ କରିବା ସହ ଘରୋଇ ବିନିଯୋଗ ପାଇଁ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଆଉ କିଛି ଦିନ ଭିତରେ ଝାରସୁଗୁଡ଼ାରେ ପିପିପି ମୋଡ୍‌ରେ କ୍ୟାନସର ହସ୍ପିଟାଲ କାର୍ଯ୍ୟକ୍ଷମ ହେବାକୁ ଯାଉଛି।

**■ ମଦ ପାଇଁ ସ୍ତ୍ରୀ ଟଙ୍କା ଦେଲାନି**

## ୫ ମାସର ପୁଅକୁ କଚାଡ଼ି ମାରିଲା ବାପା

**ପାଇକମାଲ,୧୧।୨(ସମିସ):** ବରଗଡ଼ ଜିଲ୍ଲା ଜାମସେଠ ପଞ୍ଚାୟତ ଚେରଙ୍ଗାଝାଞ୍ଜି ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ମକଦ ପାଇଁ ସ୍ତ୍ରୀ ପଇସା ନ ଦେବାରୁ ଜଣେ ମଦ୍ୟପ ବାପା ତା'ର ୫ ମାସର ଶିଶୁକୁ କଚାଡ଼ି ମାରି ଦେଇଛି। ସୂଚନାନୁଯାୟୀ, ଶନିବାର ସଂଧ୍ୟାରେ ଚେରଙ୍ଗାଝାଞ୍ଜି ଗ୍ରାମର ହେମନ୍ତ ଭୂଏ (୩୫) ଅତ୍ୟଧିକ ମଦ୍ୟପାନ କରି ଘରକୁ ଆସିଥିଲା। ଆହୁରି ମଦ କିଣିବା ପାଇଁ ସେ ସ୍ତ୍ରୀକୁ ୨ଶହ ଟଙ୍କା ମାଗିଥିଲା। କିନ୍ତୁ ପାଖରେ ପଇସା ନାହିଁ ବୋଲି ସ୍ତ୍ରୀ କହିବାରୁ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ହେମନ୍ତ ନିଜର ୫ ମାସ ଶିଶୁକୁ ଧରି ଦୁଇଥର କଚାଡ଼ି ଦେଇଥିଲା। ଗୁରୁତର ଶିଶୁକୁ ପରିବାରଲୋକେ ତୁରନ୍ତ ନୂଆପଡ଼ା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାକୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପାଇକମାଲ ପୁଲିସ ଅଭିଯୁକ୍ତ ହେମନ୍ତକୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି।

## ଗାଡ଼ି ଧକ୍କାରେ ଛାତ୍ର ମୃତ

**ବୈଶିଙ୍ଗା,୧୧।୨(ସମିସ):** ବୈଶିଙ୍ଗା ଥାନା ଅଧୀନ ନଡପୁର ହାଇସ୍କୁଲରୁ ଫେରୁଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ଜଣେ ୭ମ ଶ୍ରେଣୀ ଛାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଉଛନ୍ତି ନଡପୁର ଉପକଣ୍ଠ ଖୁଣ୍ଟା ଗ୍ରାମର ରଣଜିତ ମହାକୁଡ଼ଙ୍କ ୧୩ ବର୍ଷୀୟ ପୁଅ ଚନ୍ଦନ ମହାକୁଡ଼। ଚନ୍ଦନ ଶୁକ୍ରବାର ସ୍କୁଲ ଛୁଟି ହେବାପରେ ରାସ୍ତା ପାର୍ଶ୍ୱରେ ଚାଲିଚାଲି ଫେରୁଥିଲେ। ଏହି ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଚନ୍ଦନ ଗୁରୁତର ହୋଇପଡ଼ିଥିଲେ। ଏହି ଖବରପାଇ ବାପ ରଞ୍ଜିତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ପୁଅକୁ ଉଦ୍ଧାରକରି ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ପୁଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁକରି ଶନିବାର ଶବବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ଯୁବକଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ

**ବ୍ରହ୍ମପୁର,୧୧।୨ (ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ଅଞ୍ଚଳରେ ଦୁର୍ଯ୍ୟୋଧନ ରେଡ୍ଡୀ ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ଆକ୍ରମଣରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଦୁର୍ଯ୍ୟୋଧନଙ୍କୁ ଚିକିତ୍ସା ଲାଗି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ବୈଦ୍ୟନାଥପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**ରାଜ୍ୟରେ ପ୍ରଥମ**

## ଗୋଟିଏ କ୍ୟାମ୍ପସରେ ଅଙ୍ଗନବାଡ଼ିଠୁ +୨

**ଯାଜପୁର, ୧୧।୨ (ସମିସ):** ସାରା ରାଜ୍ୟରେ ଶିକ୍ଷା ଭିତ୍ତିଭୂମିର ରୂପାନ୍ତରୀକରଣ କରି ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଓଡ଼ିଶା। ଏହି କ୍ରମରେ ଯାଜପୁର ଜିଲ୍ଲାରେ ରାଜ୍ୟର ପ୍ରଥମ ଅଭିନବ ଶିକ୍ଷା କ୍ୟାମ୍ପସ ତିଆରି କରାଯାଇଛି। ଯାହାକୁ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଅପରାହ୍ଣରେ ଉଦ୍‌ଘାଟନ କରିବେ। ଯାଜପୁର ସହରର ମଧ୍ୟ ଭାଗରେ ରହିଥିବା ସରକାରୀ ବାଳିକା ବିଦ୍ୟାଳୟକୁ ରୂପାନ୍ତରଣ କରାଯାଇଛି। ଏହାକୁ ସରକାରୀ ବାଳିକା ହାୟର ସେକେଣ୍ଡାରୀ ବିଦ୍ୟାଳୟ କରାଯାଇଛି। ଏହି କ୍ୟାମ୍ପସରେ ଅଙ୍ଗନବାଡିଠାରୁ +୨ ପାଠ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଛି। ଏପରିକି ଅବାଞ୍ଛିତ ଶିଶୁଙ୍କ ପାଇଁ କ୍ରେଚର ବା ଝୁଲାର ବ୍ୟବସ୍ଥା ହୋଇଛି। ଅତି ଆକର୍ଷଣୀୟ ଭାବେ ସ୍କୁଲ ନିର୍ମାଣ କରାଯାଉଥିବା ବେଳେ ରାଜ୍ୟ ଏହା ଶ୍ରେଷ୍ଠ '୫-ଟି' ସ୍କୁଲର ମାନ୍ୟତା ପାଇବ ବୋଲି ଦାବି କରାଯାଉଛି।ଶିକ୍ଷାର ବିକାଶ ସହ ଘରୋଇ ସ୍କୁଲମୁହାଁ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମାନ ସୁବିଧା ଥିବା ସରକାରୀ ସ୍କୁଲକୁ ଆକର୍ଷିତ କରିବା ପାଇଁ ମୋ ସ୍କୁଲ ଯୋଜନାରେ ସ୍କୁଲ ରୂପାନ୍ତରିତ କରାଯାଉଛି। ରାଜ୍ୟର ସବୁ ଜିଲ୍ଲାରେ ସ୍କୁଲ ରୂପାନ୍ତୀକରଣ ଶେଷ ହୋଇଥିବା ବେଳେ କେବଳ ଯାଜପୁର ଜିଲ୍ଲାର ଚତୁର୍ଥ ପର୍ଯ୍ୟାୟରେ ନିର୍ମାଣଧୀନ ଥିବା ୮୭ଟି ସ୍କୁଲର ଉଦଘାଟନ ଉତ୍ସବ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ଯାହାକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦଘାଟନ ହେବ। ତେବେ ଯାଜପୁର ସହରର ମଧ୍ୟଭାଗରେ ୧୯୬୩ରେ ପ୍ରତିଷ୍ଠା ହୋଇଥିବା ସରକାରୀ ବାଳିକା ହାଇସ୍କୁଲ ଏବେ ରାଜ୍ୟର ଶ୍ରେଷ୍ଠ '୫-ଟି' ସ୍କୁଲ ଭାବେ ପରିଚୟ ପାଇବାକୁ ଯାଉଛି। ଏହି ସ୍କୁଲ ଜିଲ୍ଲାର ଏକ ସର୍ବପୁରାତନ ସ୍କୁଲ ହୋଇଥିବାବେଳେ ଉଚ୍ଚମାନର ଶିକ୍ଷାଦାନ ଓ ସଫଳ ଛାତ୍ରଛାତ୍ରୀ ଗଢ଼ିବାରେ ସ୍କୁଲର ଭିନ୍ନ ପରିଚୟ ରହିଛି। ତେବେ ଜିଲ୍ଲାର ଏହି ସ୍କୁଲ ଏବେ ଅତିସୁନ୍ଦର ଭାବେ ରୂପାନ୍ତରିତ ହୋଇସାରିଛି। ସମ୍ପୂର୍ଣ୍ଣ ନୂଆ ରୂପରେ ଗଢ଼ିଉଠିଥିବା ଏହି ସ୍କୁଲକୁ ଚାହିଁଲେ ଆଖି ଲାଖି ଯାଉଛି। କାରଣ ଏହି ସ୍କୁଲରେ ଅଙ୍ଗନବାଡି ଶିକ୍ଷାଦାନଠାରୁ +୨ ପର୍ଯ୍ୟନ୍ତ ଶିକ୍ଷାଲାଭର ସୁବିଧା ରହିଛି। ଗୋଟିଏ କ୍ୟାମ୍ପସ ଭିତରେ ଏହାକୁ ନିର୍ମାଣ କରାଯାଉଥିବାବେଳେ ସ୍କୁଲର ବିଭିନ୍ନ ବିଭାଗକୁ ଭିନ୍ନ ଭିନ୍ନ ବ୍ଲକରେ ବିଭକ୍ତ କରାଯାଇଛି। ଏହାର ପ୍ରବେଶ ପଥଠାରୁ ଆରମ୍ଭ କରି ଶ୍ରେଣୀ ଗୃହ ସମସ୍ତ ଜିନିଷ ଅତି ଉଚ୍ଚମାନର ଓ ବ୍ୟୟବହୁଳ କରାଯାଇଛି। ଏଥିରେ ୨୪ଟି ସ୍ମାର୍ଟ କ୍ୟାସରୁମ୍ ରହିଥିବାବେଳେ ଅତ୍ୟାଧୁନିକ ବିଜ୍ଞାନଗାର, ପାଠାଗାର, ଶୌଚାଳୟ, ପାର୍କ ଓ ଭୋଜନାଳୟ ରହିଛି।

**ଆଜି ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ**

ଏପରିକି ସ୍କୁଲ ପରିସରରେ ଫୁଡ୍‌କୋର୍ଟ ନିର୍ମାଣ କରାଯାଇଛି। ୩ ମାସ ହେବ ଏଠାରେ ପାଠପଢ଼ାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ନିକଟ ହକି ଷ୍ଟାଡିୟମରେ ପାଠପଢ଼ା କରାଯାଇ ଏହାର ରୂପାନ୍ତୀକରଣ କରାଯାଉଛି। ରାଜ୍ୟ ବାହାରର ୩ ଶହ ଶ୍ରମିକଙ୍କ ସହଯୋଗରେ ରାତିଦିନ ଏହାର ନିର୍ମାଣ ଚାଲିଛି। ଏହି ସ୍କୁଲରେ ପ୍ରଥମରୁ ଦଶମ ୩୫୩ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ୧୬ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ଆଗାମୀ ଦିନରେ ଏଠାରେ ଅଙ୍ଗନବାଡି ଓ + ଦୁଇ ପାଠପଢ଼ା ଗଲେ ଏହା ପରିବେଶ ଅତି ଆକର୍ଷଣୀୟ ହେବା ସହ ଏକ ଶ୍ରେଷ୍ଠ ସ୍କୁଲର ପରିଚୟ ପାଇପାରିବ। ସରକାରୀ ବାଳିକା ହାଇସ୍କୁଲ ବହୁ ପୁରୁଣା ସ୍କୁଲ ଭାବେ ନିଜର ପରିଚୟ ସୃଷ୍ଟି କରିଥିବାବେଳେ ଏପରି ସୁନ୍ଦର ରୂପାନ୍ତୀକରଣ ସାରା ରାଜ୍ୟରେ ନିଆରା। ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ଆମ ସ୍କୁଲ ଏକ ନିଆରା ସ୍କୁଲରେ ପରିଣତ ହେବାକୁ ଯାଉଛି। ସେଥିପାଇଁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ବହୁ ଆନନ୍ଦିତ ଅଛନ୍ତି ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ମହାପାତ୍ର କହିଛନ୍ତି। ଆସନ୍ତାକାଲି ହେବାକୁ ଥିବା ଏହି ଉଦ୍‌ଘାଟନ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ସ୍କୁଲ ପରିସରକୁ ଯାଇ ସେଠାରେ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି।

## ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଟିଉସନ୍ ସାର୍ ଗିରଫ

**ବାରିପଦା, ୧୧।୨(ସମିସ):** ଗୁରୁ-ଶିଷ୍ୟ ସମ୍ପର୍କରେ ଲାଗିଲା କଳଙ୍କର ଛିଟା। ଜଣେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ବାରିପଦା ଟାଉନ୍ ଥାନା ପୁଲିସ ଜଣେ ଟିଉସନ୍ ସାର୍‌ଙ୍କୁ ଆଜି ଗିରଫ କରିଛି। ସେ ହେଲେ, ଶେଷବାନ ଲିମା। ସୂଚନା ଅନୁଯାୟୀ, ୨୦୨୩ ଅକ୍ଟୋବର ୨୩ ତାରିଖରେ ଜଣେ ନାବାଳିକାକୁ ଟିଉସନ ପଢ଼ାଇବାକୁ ନେବାକୁ କହି ବାରିପଦାର ଷ୍ଟେସନ ବଜାରକୁ ନେଇଯାଇଥିଲେ ଶେଷବାନ। ସେଠାରେ ତାକୁ ଦୁଷ୍କର୍ମ କରିଥିଲେ। ଏହି ଘଟଣା ବାବଦରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ଘଟଣା ଘଟିବାର ୩ ମାସ ପରେ ନାବାଳିକାଜଣକ ପରିବାରଲୋକଙ୍କୁ ଜଣାଇଥିଲେ। କିନ୍ତୁ ସେତେବେଳକୁ ଶେଷବାନ୍ ଫେରାର୍ ହୋଇଯାଇଥିଲେ। ଏନେଇ ପୀଡିତାଙ୍କ ପରିବାରଲୋକ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ଅଭିଯୁକ୍ତ ଶିକ୍ଷକଙ୍କୁ ପୁଲିସ ଗିରଫ କରିଛି। ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି।

## 'ମୋ କଲେଜ'କୁ ସମ୍ମାନଜନକ 'ସ୍କଚ୍' ସମ୍ମାନ

**ଭୁବନେଶ୍ୱର,୧୧।୨(ସମିସ):** 'ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ' ଶନିବାର ଦେଶର ସମ୍ମାନଜନକ 'ସ୍କଚ୍' ସମ୍ମାନରେ ସମ୍ମାନିତ ହୋଇଛି। ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ସଫଳ ଯୋଗଦାନ ପାଇଁ ସଂଗଠନ ଏହି ଆୱାର୍ଡ ଜିତିଛି। ବିଶେଷକରି କଲେଜ ଓ ବିଶ୍ୱବିଦ୍ୟାଳୟ ସହ ପୁରାତନ ବିଦ୍ୟାର୍ଥୀଙ୍କୁ ଯୋଡ଼ିବା, ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟାଧୁନିକ ଶୈକ୍ଷିକ ପରିସର ପ୍ରଦାନ କରିବା, ଆତ୍ମନିଯୁକ୍ତି ନେଇ ତାଲିମ୍ ଓ କର୍ମଶାଳା ଏବଂ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମିର ବିକାଶ ନିମନ୍ତେ ସ୍ୱତନ୍ତ୍ର ଯୋଜନା ଲାଗୁ ନେଇ ସଂଗଠନ ଶ୍ରେଷ୍ଠ ବିବେଚିତ ହୋଇଛି। ଏନେଇ ନୂଆଦିଲ୍ଲୀସ୍ଥିତ 'କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆ'ଠାରେ ଆୟୋଜିତ ଜାତୀୟ ସମ୍ମାନ ପ୍ରଦାନ ଉତ୍ସବରେ 'ମୋ କଲେଜ'ର ଅଧକ୍ଷ ଆକାଶ ଦାସନାୟକ ଉପସ୍ଥିତ ରହି ସମ୍ପୃକ୍ତ ସମ୍ମାନ ଗ୍ରହଣ କରିଛନ୍ତି। ଅଗ୍ରଣୀ 'ଏକ୍ସେଲେନ୍ସ ପାଭିଲିୟନ' ବର୍ଗରେ 'ମୋ କଲେଜ'କୁ ଏହି ସ୍କଚ୍ ସମ୍ମାନ ମିଳିଛି। ପିଆର ଭୋଟିଂ, ଅନଲାଇନ୍



ଭୋଟିଂ ଏବଂ ଖଣ୍ଡପୀଠ ମୂଲ୍ୟାୟନ ପ୍ରକ୍ରିୟାରେ ଶ୍ରେଷ୍ଠ ବିବେଚିତ ହୋଇ ସମ୍ପୃକ୍ତ ସମ୍ମାନ ନେଇ ସଂଗଠନ ଚୟିତ ହୋଇଥିଲା।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ଅଭିଯାନ ସ୍ୱରୂପ ୨୦୨୧ରେ 'ମୋ କଲେଜ' ଆରମ୍ଭ ହୋଇଥିଲା। ପରେ ରାଜ୍ୟର ସମୁଦାୟ ୮୫୦ ଗୋଟି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ପଲିଟେକନିକ୍, ଇଞ୍ଜିନିୟରିଂ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏହି ସଂଗଠନ ସହ ଅନୁବନ୍ଧିତ ହୋଇଥିଲା। ପରେ ଶିକ୍ଷାନୁଷ୍ଠାନ ସବୁର ବିକାଶ ନେଇ ସମୁଦାୟ ୯୭ ଗୋଟି ପ୍ରକଳ୍ପ ହାତକୁ ନେଇଥିଲା। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ସମୁଦାୟ ୪୭ କୋଟି ବ୍ୟୟରେ ୬୧ଟି ପ୍ରକଳ୍ପ କାର୍ଯ୍ୟର ସଫଳ ରୂପାୟନ ହୋଇପାରିଛି। ଏହାଛଡ଼ା ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ସବୁର ପୁରାତନ ବିଦ୍ୟାର୍ଥୀଙ୍କୁ ଯୋଡ଼ିବା ନେଇ ଏକ ବିଶାଳ ଅଭିଯାନ ହାତକୁ ନେବା ସହ ଆଲୁମିନି ସେଲ୍ ଗଢ଼ିଛି। ଏଥିସହ ବିଦ୍ୟାର୍ଥୀଙ୍କ ପାଇଁ ଅତ୍ୟାଧୁନିକ ଶୈକ୍ଷିକ ବାତାବରଣ ସହ ଆତ୍ମନିଯୁକ୍ତି ତାଲିମ୍ ମଧ୍ୟ ଯୋଗାଉଛି। ଚଳିତଥର ଦେଶରେ ବିଭିନ୍ନ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସମୁଦାୟ ଏକ ହଜାର ସଂସ୍ଥା ଓ ଯୋଜନା ଏହି ଆୱାର୍ଡ ନେଇ ଆବେଦନ କରିଥିଲେ। ଓଡ଼ିଶା ସରକାରଙ୍କ ଏକ ଶ୍ରେଷ୍ଠ ସଂଗଠନ ଭାବେ 'ମୋ କଲେଜ' ସମ୍ପୃକ୍ତ ସମ୍ମାନ ନେଇ ଯୋଗ୍ୟବିବେଚିତ ହୋଇପାରିଛି।

## ଅବଶିଷ୍ଟାଂଶ...

### ବୋନସ ଓ ପ୍ରୋତ୍ସାହନ...

୩ଶହ ଟଙ୍କାକୁ ବୃଦ୍ଧି ପାଇଛି। ମୁନସୀଙ୍କ ଦରମା ୧୨ ହଜାର ୪୨୦ରୁ ୧୫ ହଜାର ୨୧୫ ଟଙ୍କାକୁ ବୃଦ୍ଧି ପାଇଛି। ମୁନସୀ-୨ଙ୍କ ଦରମା ୯ ହଜାର ୮୫୦ରୁ ୧୨ ହଜାର ୩୮୫ ଟଙ୍କାକୁ ବୃଦ୍ଧି କରାଯାଇଛି।

ଅନ୍ୟପକ୍ଷରେ କେନ୍ଦୁପତ୍ର କେରି ଦର ମଧ୍ୟ ସରକାର ବୃଦ୍ଧି କରିଛନ୍ତି। ୨୦ ପତ୍ର କେରି ୧ ଟଙ୍କା ୪୦ ପଇସାରୁ ୧ ଟଙ୍କା ୬୦ ପଇସାକୁ ବୃଦ୍ଧି ହୋଇଛି। ୪୦ ପତ୍ର କେରି ୨ ଟଙ୍କା ୮୦ ପଇସାରୁ ୩ ଟଙ୍କା ୨୦ ପଇସାକୁ ବୃଦ୍ଧି କରାଯାଇଛି। ପଦମପୁର ଉପନିର୍ବାଚନରେ ସରକାର କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଦେଇଥିବା ପ୍ରତିଶ୍ରୁତି ମଧ୍ୟ ପୂରଣ କରାଯାଇଛି। କେନ୍ଦୁପତ୍ର ତୋଳାଳିଙ୍କ ଝିଅଙ୍କ ବିବାହ ଲାଗି ୨୫ ହଜାର ଟଙ୍କା ସହାୟତା ଦେବାକୁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। କେନ୍ଦୁପତ୍ର ତୋଳାଳିଙ୍କ ଲାଗି ମୋଟ ୨ଶହ କୋଟିର ପ୍ୟାକେଜ୍ ଘୋଷଣା କରିଛନ୍ତି ସରକାର। ସେହିପରି କେନ୍ଦୁପତ୍ର କର୍ମଚାରୀଙ୍କ ସର୍ବାଧିକ ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରାଯାଇଛି।

### କେନ୍ଦୁପତ୍ରକୁ ଜୀବିକା...

କଲ୍ୟାଣ ପାଇଁ ବଜେଟ୍‌ରେ ବରାଦ କରାଯାଉଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ସେ ପୁଣି କହିଛନ୍ତି ଯେ ଜଙ୍ଗଲକୁ ଯାଇ ଖଟି, ପରିଶ୍ରମ କରୁଥିବା କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ଏଥିପାଇଁ ଏଥିରୁ ଆଦାୟ ହେଉଥିବା ସମସ୍ତ ରାଜସ୍ୱ ଗରିବ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ସେମାନଙ୍କୁ ଏହି ଅର୍ଥ ପ୍ରଦାନ କରାଯିବ। କେନ୍ଦୁପତ୍ର ତୋଳାଳି ୨୦୧୩-୧୪ ଆର୍ଥିକ ବର୍ଷରୁ ବୋନସ୍ ପାଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ କେନ୍ଦୁପତ୍ର ତୋଳାଳିଙ୍କ ଯତ୍ନ ନେଇ ଆସିଛନ୍ତି। ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପୂରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କଥା କମ, କାମ ବେଶି କରନ୍ତି। ପଦମପୁର ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ୨ଟି କଥା କହିଥିଲେ। ତାହା ଆଜି ପୂରଣ କରିଛନ୍ତି। କେନ୍ଦୁପତ୍ର ଉପରେ ଥିବା ଜିଏସଟିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟଭାଗ ଉଚ୍ଛେଦ କରିଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ଝିଅଙ୍କ ବିବାହ ଲାଗି ମଧ୍ୟ ସହାୟତା ଯୋଜନା ଜାରି ରଖିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଯାହା ବି କହିଥିଲେ ତାହା କର ଦେଖାଇଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ପିଲାଙ୍କ କଲେଜର ପାଠ ପଢିବା ଲାଗି ଛାତ୍ରବୃତ୍ତି ଆବେଦନ ଅବଧି ଆଉ ଗୋଟିଏ ମାସକୁ ବୃଦ୍ଧି ପାଇଛି ବୋଲି ଉଲ୍ଲେଖ କରି ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ସିଜନାଲ ଷ୍ଟାଫ୍‌ଙ୍କ ଅଧିକ ଶ୍ରମଦିବସ ବୃଦ୍ଧି ଘୋଷଣାକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କର୍ମଚାରୀଙ୍କ ପାଇଁ ୩ ମାସ ପାଇଁ କାମ ଆଉ ଗୋଟିଏ ମାସ ଅଧିକା କାମ ସୁଯୋଗ ବୃଦ୍ଧି ହୋଇଛି। ସେହିପରି ୬ ମାସ କାମ କଲେ ଆଉ ଗୋଟିଏ ମାସ ଅଧିକା ୭ ମାସ କାମ ପାଇବେ। ୮ ମାସ କରିଥିଲେ ଆଉ ଗୋଟିଏ ଅଧିକା ମାସ ମିଶାଇ ୯ ମାସ କାମ ପାଇବେ। ରାଜ୍ୟ ବଜେଟରୁ ସରକାର ଏଥିପାଇଁ ଶହେ କୋଟି ଅଧିକ ଅର୍ଥ ଦେଉଛନ୍ତି। ଯାହାବି ପ୍ୟାକେଜ ଲାଗୁ ହୋଇଛି ୧୦ ଦିନ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟରେ ପହଞ୍ଚିବ ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି। ଏହାସହ ସମ୍ବଲପୁର ଚାରମାଳ ଗସ୍ତ ଅବସରରେ ଧର୍ମାନୁଷ୍ଠାନ ଏବଂ କମ୍ୟୁନିଟି ସେଣ୍ଟର ଦାବି ନେଇ ଆସନ୍ତା ୧୦ ଦିନରେ ଖୁସି ଖବର ମିଳିବ ବୋଲି ସେ ସୂଚନା ଦେଇଛନ୍ତି। ଏହା ସହ ଖୁବଶୀଘ୍ର ଜିଲ୍ଲାରେ ଲକ୍ଷ୍ମୀ ଯୋଜନା ଆରମ୍ଭ ହେବ। ମା'ମାନଙ୍କ ସହ ଛାତ୍ରଛାତ୍ରୀ ଏହି ବସରେ ୫ ଟଙ୍କା ଦେଇ ବ୍ଲକ ମୁଖ୍ୟାଳୟ ସହ ନିଜ ଶିକ୍ଷାନୁଷ୍ଠାନକୁ ଯାଇପାରିବେ ବୋଲି ସେ କହିଛନ୍ତି।

### କ୍ରୀଡ଼ା ଭିତ୍ତିଭୂମି...

ଉନ୍ନୟନମୂଳକ ପ୍ରକଳ୍ପ ବିଶେଷକରି କ୍ରୀଡ଼ା ପ୍ରକଳ୍ପଗୁଡିକର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ଅବସରରେ ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ ସମୟ ଭିତରେ ଶେଷ କରିବା ଏବଂ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଶ୍ରୀ ପାଣ୍ଡିଆନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ପାଣ୍ଡିଆନ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚି ମା'ଙ୍କ ପୂଜାର୍ଚ୍ଚନା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରକଳ୍ପ ଉଦ୍‌ଘାଟନ ପରେ ସେମାନଙ୍କ ଅନୁଭୂତି କିପରି ରହିଛି ବୋଲି ଶ୍ରୀ ପାଣ୍ଡିଆନ ସ୍ଥାନୀୟ ସେବାୟତ ଓ ଶ୍ରଦ୍ଧାଳୁମାନଙ୍କୁ ପଚାରି ବୁଝିଥିଲେ। ପ୍ରକଳ୍ପକୁ ନେଇ ସମସ୍ତେ ବହୁତ ଆନନ୍ଦିତ ବୋଲି ସେମାନେ କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଥିଲେ।

ରବିବାର ସକାଳ ୬ଟା ସମୟରେ '୫-ଟି' ଅଧ୍ୟକ୍ଷ ପ୍ରଥମ ମହାନଦୀ ହାଫ୍ ମାରାଥନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ମାରାଥନ୍‌ର ବିଭିନ୍ନ ବର୍ଗରେ ୪୦୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ କ୍ରୀଡ଼ା ପ୍ରତି ରୁଚି ରଖୁଥିବା ପ୍ରତ୍ୟେକ ପିଲାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଶ୍ରେଷ୍ଠ ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି। ସମ୍ବଲପୁର ଜିଲ୍ଲା କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ବ୍ୟାପକ ଷ୍ଟାଡିୟମ୍ ନିର୍ମାଣ କରାଯାଉଛି। ନିକଟରେ ୨୭କୋଟି ଟଙ୍କାରେ ନିର୍ମିତ ବୁର୍ଲା ଇଣ୍ଡୋର ଷ୍ଟାଡିୟମ୍ ଲୋକାର୍ପିତ ହୋଇଛି। ସେହିପରି ସମ୍ବଲପୁର ଫୁଟ୍‌ବଲ୍ ଏକାଡେମୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ହକି ଷ୍ଟାଡିୟମ୍ ଓ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏଥିସହ ଏକ ନୂଆ ଫୁଟ୍‌ବଲ୍ ଷ୍ଟାଡିୟମ୍ ନିର୍ମାଣ ଏବଂ ଭିଏସ୍‌ଏସ୍ କ୍ରିକେଟ୍ ଷ୍ଟାଡିୟମ୍‌ର ନବୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାବାସୀଙ୍କର ଆଧୁନିକ କ୍ରୀଡ଼ା ସୁବିଧା ସ୍ୱପ୍ନ ଶୀଘ୍ର ସାକାର ହେବାକୁ ଯାଉଛି ବୋଲି ସେ କହିଥିଲେ।

ଶ୍ରୀ ପାଣ୍ଡିଆନ୍ ଭିଏସ୍‌ଏସ୍ ଷ୍ଟାଡିୟମ୍‌ରେ ପହଞ୍ଚି ଖେଳାଳିମାନଙ୍କ ସହିତ ଆଲୋଚନା କରିବା ସହ ପଡ଼ିଆରେ ବ୍ୟାଟ୍ ଧରି ବେଶ୍ କିଛି ସମୟ ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ସଟ୍ ମାରିଥିଲେ। ପଡିଆରେ ନିଜ ସହିତ ପାଣ୍ଡିଆନଙ୍କୁ ପାଇ ଖେଳାଳିମାନେ ମଧ୍ୟ ବହୁତ ଉତ୍ସାହିତ ଥିଲେ। ଖେଳାଳିମାନଙ୍କୁ ସେ କହିଥିଲେ ଯେ ଛାତ୍ର ଜୀବନରେ ସେ ନିଜେ ଜଣେ କ୍ରୀଡ଼ାବିତ୍ ଥିଲେ ଏବଂ କ୍ରୀଡ଼ା ହଷ୍ଟେଲ୍‌ରେ ରହି ପାଠ ପଢୁଥିଲେ। ସେମାନେ ଯେଉଁ କ୍ରୀଡ଼ାରେ ମନୋନିବେଶ କରିଛନ୍ତି, ସେଥିରେ ଉତ୍କର୍ଷ ପ୍ରତିପାଦନ ପାଇଁ ଉଦ୍ୟମ କରନ୍ତୁ ବୋଲି '୫-ଟି' ଅଧ୍ୟକ୍ଷ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସେ ଭିମ୍ସାର୍‌ରେ ପହଞ୍ଚି ମେଡିକାଲ କଲେଜର ବିକାଶ ପ୍ରକଳ୍ପ ସମ୍ପର୍କରେ ନିର୍ଦ୍ଦେଶକ ଏବଂ ବରିଷ୍ଠ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଯତ୍ନ ଅନୁଷ୍ଠାନକୁ ଅଗ୍ରାଧିକାର ଭିତ୍ତିରେ ନିର୍ମାଣ କରାଯାଇ ୭୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ହଷ୍ଟେଲ କ୍ୟାମ୍ପସ୍ ଏବଂ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଉନ୍ନୟନ ପାଇଁ କାମ ଆରମ୍ଭ ହେବ। ସେଠାକାର କର୍ମଚାରୀଙ୍କ ବାସଗୃହର ନବୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପ ପାଇଁ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଶ୍ରୀ ପାଣ୍ଡିଆନ ସୂଚନା ଦେଇଥିଲେ। ଜମିର ଉପଲବ୍ଧତା ଅନୁସାରେ ପ୍ରକଳ୍ପ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହାପରେ ଶ୍ରୀ ପାଣ୍ଡିଆନ୍ ଖିଣ୍ଡା ଠାରେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନରେ ପହଞ୍ଚି ସେଠାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହି କାମରେ ସେ ସନ୍ତୋଷ ପ୍ରକାଶ କରିବା ସହ କାମ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଭୁବନେଶ୍ୱରରେ କଗ୍ନିଜେଣ୍ଟ...

ଉପସ୍ଥିତ ରହି କଗ୍ନିଜେଣ୍ଟର କର୍ତ୍ତୃପକ୍ଷ ଏବଂ ଆଇଟି ବିଭାଗକୁ ଶୁଭେଚ୍ଛା ଜଣାଇଥିଲେ।

କଗ୍ନିଜେଣ୍ଟର ସିଇଓ ରବି କୁମାର ଏସ୍ କହିଥିଲେ, ଓଡ଼ିଶା ସରକାରଙ୍କ ସୁବ୍ୟବସ୍ଥିତ ପ୍ରଯୁକ୍ତିବିଦ୍ୟା ନୀତି, ବୈଷୟିକ ଅନୁଷ୍ଠାନ, ସୁଦୃଢ଼ ଭିତ୍ତିଭୂମି ଓ ରାଜ୍ୟ ସରକାରଙ୍କ ସହଯୋଗପୂର୍ଣ୍ଣ ମନୋଭାବ ଆମକୁ ଆକର୍ଷିତ କରିଛି। ଓଡ଼ିଶାରେ କାର୍ଯ୍ୟାଳୟ ସ୍ଥାପନ କରିବା ଆମ ପାଇଁ ବହୁତ ବଡ଼ ଉପଲବ୍ଧି। ଭୁବନେଶ୍ୱରରେ ଏହି ବୈଷୟିକ କେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ଭୁବନେଶ୍ୱରରେ ଏକ ନୂତନ କେନ୍ଦ୍ର ଖୋଲିବା ସହ ଟାୟାର୍-୨ ସହରରେ ଆମର ସମ୍ପ୍ରସାରଣ ବହୁତ ଗୁରୁତ୍ୱ ବହନ କରେ। ଆମର ଏହି କେନ୍ଦ୍ର ରାଜ୍ୟର ଯୁବକ ଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ବୈଦ୍ୟୁତିକ ଓ ଆଇଟି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଦୃଢ଼ ନେତୃତ୍ୱରେ ଓଡ଼ିଶା ପ୍ରଯୁକ୍ତି ବିଦ୍ୟା ନିବେଶ ତଥା ସମ୍ପ୍ରସାରଣ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ରାଜ୍ୟର ବୈଷୟିକ ଅଭିବୃଦ୍ଧି ଆହୁରି ତ୍ୱରାନ୍ୱିତ ହେବ। ବୈଦ୍ୟୁତିକ ଓ ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର କହିଥିଲେ, ଆମର ସୁଚିନ୍ତିତ ଯୋଜନା ଫଳରେ ଓଡ଼ିଶା ଆଇଟି କମ୍ପାନୀମାନଙ୍କ ପ୍ରଥମ ପସନ୍ଦ ପାଲଟୁଛି। ଗୋଟିଏ ପରେ ଗୋଟିଏ କମ୍ପାନୀ ଓଡ଼ିଶାରେ ନିଜର କାର୍ଯ୍ୟାଳୟ ପ୍ରତିଷ୍ଠା କରୁଛନ୍ତି। ଭୁବନେଶ୍ୱରରେ କଗ୍ନିଜେଣ୍ଟ ପ୍ରୟୋଗ କେନ୍ଦ୍ର ରାଜ୍ୟର ଆଇଟି ଇକୋସିଷ୍ଟମ୍‌କୁ ଆହୁରି ସୁଦୃଢ଼ କରିବ ଏବଂ ଓଡ଼ିଶାର ଯୁବକ-ଯୁବତୀଙ୍କ ପାଇଁ ଅନେକ ସୁଯୋଗ ଆଣିବ ବୋଲି ଶ୍ରୀ ମିଶ୍ର ବିଶ୍ୱାସ ବ୍ୟକ୍ତ କରିଥିଲେ। ଏହି ଅବସରରେ ଇ ଏବଂ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡାଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କଗ୍ନିଜେଣ୍ଟର ଏହି ପ୍ରୟୋଗ କେନ୍ଦ୍ରରେ ଅତ୍ୟାଧୁନିକ ବୈଷୟିକ ଦକ୍ଷତା ସମ୍ପନ୍ନ ୮୦୦ରୁ ଅଧିକ କର୍ମଚାରୀ କାମ କରିବା ପାଇଁ ଯୋଜନା ଅଛି। ୫୨,୦୦୦ ବର୍ଗ ଫୁଟ୍ ଅଞ୍ଚଳରେ ପରିବ୍ୟାପ୍ତ ଏହି କେନ୍ଦ୍ରରେ ଅତ୍ୟାଧୁନିକ୍ ପରିବେଶରେ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା ରହିଛି।

### ଟ୍ରେଲର୍-ଟାଟା ମ୍ୟାଜିକ୍...

ତୁରନ୍ତ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା।ସେଠାରେ ଅନ୍ୟ ୨ଜଣ ପ୍ରାଣ ହରାଇଥିଲେ। ଲଖନପୁରରେ ପ୍ରାଥମିକ ଚିକିତ୍ସା ପରେ ୭ ଗୁରୁତରଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ବରଗଡ଼ ବିକାଶ ଡାକ୍ତରଖାନାକୁ ନେବା ବାଟରେ ମଟିଦାର କଳ୍ପନା ମେହେରଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଏବେ ବି ୨ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଅତି ସଙ୍କଟାପନ୍ନ ରହିଛି। କେତେକଙ୍କୁ ବୁର୍ଲା ଡାକ୍ତରଖାନକୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ଏହି ଖବର ପ୍ରଚାରିତ ହେବା ମାତ୍ରେ ଘଟଣାସ୍ଥଳରେ ଓ ଲଖନପୁର ଡାକ୍ତରଖାନାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ଜାତୀୟ ରାଜପଥ ୪୯କୁ ୪ ଥାକିଆ କରିବା ଦାବି ନେଇ ଜାତୀୟ ରାଜପଥକୁ ଦୀର୍ଘ ୨ ଘଣ୍ଟା ଧରି ଅବରୋଧ କରିଥିଲେ। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଲଖନପୁର ତହସିଲଦାର ସଦାକର କୁମ୍ଭାର, ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଲଖନପୁର ଥାନାଧିକାରୀ ବିନୋଦ ରାଓ, ଲଖନପୁର ସରପଞ୍ଚ ଆରତୀ ପଧାନ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ମଧ୍ୟାହ୍ନ ପ୍ରାୟ ୧ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ଲଖନପୁର ପୁଲିସ ତଦନ୍ତ ଆରମ୍ଭ କରିବା ସହ ମୃତକଙ୍କ ଶବ ଓ ଉଭୟ ଗାଡ଼ି ଜବତ କରିଛି।

### ଓଲଟିଲା ଶ୍ରମିକବୋଝେଇ...

ଶ୍ରମିକମାନେ ଗୋଲାମୁଣ୍ଡା ଥାନା ବୋରଗୁଡାକୁ ଧାନ ରୋଇବା ପାଇଁ ଯାଇଥିଲେ। ସେଠାରୁ କାମ ସାରି ଫେରିବା ସମୟରେ ଡକରୀପଡ଼ା ନିକଟରେ ଭାରସାମ୍ୟ ହରାଇ ପିକଅପ୍ ଭ୍ୟାନ୍‌ଟି ଓଲଟି ପଡ଼ିଥିଲା। ପ୍ରଥମେ ଗୁରୁତର ଶ୍ରମିକମାନଙ୍କୁ ଧର୍ମଗଡ଼ ଓ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଧର୍ମଗଡ଼ରେ ୧୪ଜଣ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ମୋହନଙ୍କ ମୃତ୍ୟୁ ହୋଇଛି। ସେହିପରି ଜୁନାଗଡ଼ ଡାକ୍ତରଖାନାରେ ୨୪ଜଣଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ମଞ୍ଜୁଲତାଙ୍କ ମୃତ୍ୟୁ ଘଟିଛି। ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା ସୂଚନା ଦେଇଛନ୍ତି। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୨ଜଣ ଚିକିତ୍ସିତ ହେଉଥିବା ବେଳେ ସେଥିମଧ୍ୟରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଜୁନାଗଡ଼ରେ ୯ଜଣ ଚିକିତ୍ସିତ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ପହଞ୍ଚି ଗୁରୁତର ମାନଙ୍କୁ ସାକ୍ଷାତ କରି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ସିଡିଏମ୍‌ଓ ରଞ୍ଜନ ମିତ୍ର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

### ପୁରୀରୁ ଫେରିବାବେଳେ...

ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୋଲେରୋକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣାସ୍ଥଳରୁ ହାଇୱା ଫେରାର ହୋଇ ଯାଇଥିବା ସୂଚନା ମିଳିଛି। ମୃତକ ହେଲେ, ସନ୍ତୋଷ ମିଶ୍ର (୩୮) ଓ ତାଙ୍କ ଘର ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଗୋପାଳପୁର ଅଞ୍ଚଳରେ। ସେହିଭଳି ଗୁରୁତରମାନେ ହେଲେ, ବିଷ୍ଣୁପୁରର ପ୍ରତିମା ପଣ୍ଡା, ବାହାନଗାର ଭଗବତୀ ବେହେରା, ରେମୁଣାର ଶୁଭସ୍ମିତା ବେହେରା(୧୨), ସୌଦାମିନୀ ମିଶ୍ର, ସତ୍ୟଭାମା ମିଶ୍ର(୭୦), ଲକ୍ଷ୍ମୀପ୍ରିୟା ମହାପାତ୍ର, ସନ୍ତୋଷ ପାଣିଗ୍ରାହୀ, ସ୍ନେହାଶିଷ ବେହେରା(୧୩) ଓ ଯୋଗେଶ ମିଶ୍ର(୮)। ମୃତଦେହ ଭଦ୍ରକ ଡାକ୍ତରଖାନାରେ ବ୍ୟବଚ୍ଛେଦ ହୋଇ ପରିବାରକୁ ହସ୍ତାନ୍ତର କରାଯାଇଛି।


**AFFIDAVIT**

I, Jameswora Swain S/o - Krushna Chandra Swain, Resident of At - Sebatipur Paschimpari, Po-Tipuri, PS-Delang, Dist- Puri, Pin-752017, Odisha. Declare by this affidavit No. 02 dtd.-07/02/2024 that now onwards I shall be known as JAMESWAR SWAIN for all future purposes..

# ଡକାୟତି ଉଦ୍ୟମ ପଣ୍ଡ; ୨ ଡକାୟତ ଗିରଫ

ଯଶିପୁର, ୧୧।୨(ସମିସ): ଯଶିପୁର ତଥା ପାଖ ପଡୋଶୀ ଜିଲ୍ଲାରେ ବିଭିନ୍ନ ବ୍ୟାଙ୍କ ଡକାୟତିରେ ପୂର୍ବରୁ ସମ୍ପୃକ୍ତ ଥିବା ଏକ ଆନ୍ତଃରାଜ୍ୟ ଡକାୟତ ଦଳ ପୁଲିସ ହାତରେ ଧରାପଡ଼ିଛନ୍ତି। ଝାଡ଼ଖଣ୍ଡ



ରାଜ୍ୟର ମଝିଗାଁ ଥାନା ଅନ୍ତର୍ଗତ ମଝିଗାଁ ଅଞ୍ଚଳର ୫ଜଣ ଆନ୍ତଃରାଜ୍ୟ ଡକାୟତ ଯଶିପୁର ଥାନା ଅନ୍ତର୍ଗତ ଜାମୁକେଶ୍ୱର ନିକଟ ବଣମୁଣ୍ଡା ଜଙ୍ଗଲରେ ବସି ଶୁକ୍ରବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା କରୁଥିବାବେଳେ ପୁଲିସ ଚଢଉ କରିଥିଲା। ଚଢଉ ସମୟରେ ୫ଜଣ ଡକାୟତ ମଧ୍ୟରୁ ୩ ଜଣ ଖସି ପଳାଇ ଥିବାବେଳେ ଅନ୍ୟ ଦୁଇଜଣଙ୍କୁ ପୁଲିସ ମାଡି ବସିଥିଲା। ଗିରଫ ହୋଇଥିବା ୨ ଡକାୟତ ହେଉଛନ୍ତି ସଦ୍ଦାମ ହୁସେନ ଓ ମହମ୍ମଦ ରାହତ। ସୂଚନାଯୋଗ୍ୟ ଯେ, ଏମାନେ ପୂର୍ବରୁ ବିଭିନ୍ନ ବ୍ୟାଙ୍କ ଓ ଏଟିଏମ ଟାର୍ଗେଟ କରି ଡକାୟତି କରିଥାନ୍ତି। ଗତ ଏପ୍ରିଲ ୨୦୨୩ ମସିହାରେ ତେଲକୋଇରେ ବ୍ୟାଙ୍କ ଡକାୟତି କରି କେନ୍ଦୁଝର ଜେଲରେ ଥିଲେ। ନିକଟରେ ସେମାନେ ଜେଲରୁ ବାହାରି ପୁଣି ବ୍ୟାଙ୍କ ଡକାୟତି ପାଇଁ ଯୋଜନା ଚଳାଇଥିଲେ। ଏମାନେ ଯଶିପୁର ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଡକାୟତିରେ ସମ୍ପୃକ୍ତ ଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ଏକ ମାମଲା ରୁଜୁକରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ନବୀକରଣ ପାଇଁ ଷ୍ଟାଡିୟମ ପଡ଼ିଆ ୩ ମାସ ବନ୍ଦ

ବାରିପଦା, ୧୧।୨(ସମିସ): ବାରିପଦା ଷ୍ଟାଡିୟମ ଖେଳ ପଡ଼ିଆର ନବୀକରଣ କାର୍ଯ୍ୟ ନିମନ୍ତେ ୩ ମାସ ପାଇଁ ପଡ଼ିଆ ବନ୍ଦ ରହିବ। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟାଡିୟମ ପଡ଼ିଆର ଉନ୍ନତିକରଣ ନିମନ୍ତେ ଅନୁମୋଦନ କ୍ରମେ କାର୍ଯ୍ୟ ଆରମ୍ଭ ହେବ। ତେଣୁ କରି ବାରିପଦା ଷ୍ଟାଡିୟମ ଖେଳପଡ଼ିଆର ଆସନ୍ତା ୧୨ରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ପଡ଼ିଆକୁ ସର୍ବସାଧାରଣଙ୍କ ପ୍ରବେଶ ନିମନ୍ତେ ବନ୍ଦ ରହିବ। ଏ ନେଇ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ପକ୍ଷରୁ ସମ୍ପାଦକ ଆଇନଜୀବୀ ବିଜୟ କୁମାର ଦାସ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ବାକରତଳା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

# ସମୟାନୁବର୍ତ୍ତିତା, ଅଧ୍ୟବସାୟ ହିଁ ସଫଳତାର ଚାବିକାଠି

କରଞ୍ଜିଆ, ୧୧।୨(ସମିସ)

ଯଶିପୁର ବ୍ଲକ ଅନ୍ତର୍ଗତ ବାକରତଳା ଆଶ୍ରମ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ସୁଆଁପାଳ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଆଦିବାସୀ ଉନ୍ନୟନ ପ୍ରକଳ୍ପ ସ୍ୱତନ୍ତ୍ର ଅଧିକାରୀ କ୍ଷିରୋଦଚନ୍ଦ୍ର ସାମଲ, ମୁଖ୍ୟ ବକ୍ତା ଭାବେ ଠାକୁରମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ ପ୍ରାକ୍ତନ ଛାତ୍ରୀ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ଧାନୀ ବେଶ୍ରା ଓ ଠାକୁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ଛାତ୍ରୀ ଯମୁନା ମାଝୀ,




ସମ୍ମାନିତ ଅତିଥି ଭାବେ ପାଣ୍ଡ ସରପଞ୍ଚ ମିନତି ନାଏକ, ସହକାରୀ ମଙ୍ଗଳ ଅଧିକାରୀ ଦେବେନ୍ଦ୍ର ସାମଲ ଓ ଆଲୋକ ମାଝୀ, ବରେହିପାଣୀ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ସେଠୀ ଓ ହରିଲାବେଡା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ରୋହୀନ ମହାନ୍ତ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୁଷ୍ପାଞ୍ଜଳି ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ଓ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ମିଶ୍ର ଅଭିଭାଷଣରେ କହିଥିଲେ ପିଲା ନିଜ ପରିବେଶରୁ ଶିଖେ ଏବଂ ପରିବେଶରେ ଥିବା ବ୍ୟକ୍ତି ବିଶେଷଙ୍କୁ ଅନୁକରଣ କରେ। ତେଣୁ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଆଦର୍ଶବାନ ହେବା ଉଚିତ। ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, କର୍ତ୍ତବ୍ୟନିଷ୍ଠ, ପରିଶ୍ରମୀ ଓ ସତ୍ୟନିଷ୍ଠ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପାଠ ପଢ଼ିବା ସଙ୍ଗେ ସଙ୍ଗେ ନିଜ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ସମ୍ମୁଖରେ ରଖି ନିଜର ଭବିଷ୍ୟତ ଗଢ଼ିପାରିବେ ବୋଲି ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଯମୁନା ମାଝୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଶିଷ୍ଟାଚାର, ଶୃଙ୍ଖଳା, ସମୟାନୁବର୍ତ୍ତିତା ତଥା ଅଧ୍ୟବସାୟ ହିଁ ସଫଳତାର ଚାବିକାଠି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ତେନ୍ତଳାରେ ବାର୍ଷିକ କ୍ରୀଡ଼ା ଓ ଆଦିବାସୀ ନୃତ୍ୟ ପ୍ରତିଯୋଗିତା



ଝରାଡିହି, ୧୧।୨(ସମିସ): ବହଳଦା ବ୍ଲକ ବାସିଙ୍ଗି ପଞ୍ଚାୟତ ତେନ୍ତଳା ଗ୍ରାମ ଖୋଲକେଇ ନଦୀ ନିକଟ ଫୁଟବଲ ଖେଳ ପଡ଼ିଆରେ ୭୫ତମ ଡାଇମନ ଯୁଗୁଲି ବାର୍ଷିକ କ୍ରୀଡା, ଫୁଟବଲ ଓ ବିଭିନ୍ନ ଆଦିବାସୀ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ସିଏସଜେଡ୍ଏମ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ପପୁ ମୁର୍ମୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବେଲୁନଫଟା, ଚକଲେଟ ହାଲାଙ୍ଗ, ମହିଳାମାନଙ୍କ ଛେମେକ୍ ତାଳାଂ, ବାଳକମାନଙ୍କ ଲାଖବିନ୍ଧା, ହେବେ କାତେ ହାଲାମ ବୁଢ଼ି ତାଳାଂ, ବୁଢ଼ୀମାନଙ୍କ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ସହିତ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଫୁଟବଲ ଖେଳରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ପୁରସ୍କାର ୨୦ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ୧୫ ହଜାର ଟଙ୍କା, ତୃତୀୟ ପୁରସ୍କାର ୮ ହଜାର ଟଙ୍କା ଓ ଚତୁର୍ଥ ପୁରସ୍କାର ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଆଦିବାସୀ 'ଡ୍ରାମାଗାଳି' ନାଚରେ ପ୍ରଥମ ପୁରସ୍କାର ୭ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ୬ ହଜାର ଟଙ୍କା, ତୃତୀୟ ଓ ଚତୁର୍ଥ ପୁରସ୍କାର ଯଥାକ୍ରମେ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଆଦିବାସୀ 'ଆଦିମ ସୁସୁନ' ନାଚରେ ପ୍ରଥମ ପୁରସ୍କାର ଭାବେ ୪ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ଭାବେ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ବାହା ନାଚ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଭାବେ ୬ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ଭାବେ ୫ ହ ଟଙ୍କା ପ୍ରଦାନ କରାଯାଇଥିଲା। ପୁରସ୍କାର ବଣ୍ଟନ ଉତ୍ସବରେ ଲକ୍ଷ୍ମଣ ବେସ୍ରା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବହଳଦା ବ୍ଲକ ୨୬ ନମ୍ବର ଜିଲ୍ଲା ପରିଷଦ ସୂର୍ଯ୍ୟମଣି ହାଁସଦା, ବିଜେଡି ମୟୂରଭଞ୍ଜ ଜିଲ୍ଲା ୨ ସଭାପତି ସୁବାସ ମଣ୍ଡଳ, ବଡଡାଲିମା ସମିତିସଭ୍ୟ ବଳଦେବ ହେମ୍ବ୍ରମ, ବାସିଙ୍ଗି ସରପଞ୍ଚ ମାହି ମୁର୍ମୁ, ବାସିଙ୍ଗି ସମିତିସଭ୍ୟ ସୁଶମିତାରାଣୀ ସାହୁ, ଅଁଳାଯୋଡି ସମିତିସଭ୍ୟ ଗୀତା ମାର୍ଣ୍ଡି, ପୂର୍ବତନ ବହଳଦା ବ୍ଲକ ଚେୟାରମ୍ୟାନ ରବୀନ୍ଦ୍ର ମାର୍ଣ୍ଡି, ପୂର୍ବତନ ସରପଞ୍ଚ ଚାନ୍ଦ୍ରା ମାଣ୍ଡି, ବହଳଦା ସରପଞ୍ଚ ଲକ୍ଷ୍ମଣ ମାଝି ପ୍ରମୁଖ ପୁରସ୍କାର ବଣ୍ଟନ କରିଥିଲେ।

# ଘର ଭାଙ୍ଗିଲେ ହାତୀପଲ

ବୈଶିଙ୍ଗା, ୧୧।୨(ସମିସ): ଶନିବାର ବିଳମ୍ବିତ ରାତିରେ ବାଲକା ଗ୍ରାମରେ ୩ଟି ହାତୀ ପଶି ଘର ଭାଙ୍ଗି ଧାନ ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ସୂଚନା ମୁତାବକ ବେତନଟୀ ରେଞ୍ଜ ବୈଶିଙ୍ଗା ଥାନା ଅଧୀନ ବଡାମପୁର ସେକ୍ସନ ଇଲାକାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ତିନିଗୋଟି ବଣୁଆ ହାତୀ ଶନିବାର ବିଳମ୍ବିତ ରାତିରେ ୧୮ ନଂ ଜାତୀୟରାଜପଥ ଅତିକ୍ରମ କରି ନୀଳଗିରି ମୁହାଁ ଅଗ୍ରସର ହେଉଥିଲେ। ତେବେ ଶନିବାର ରାତିରେ ନିଜର ଗତିପଥ ବଦଳାଇ ହାତୀପଲ ବାଲକା ଗାଁମୁହାଁ ଅଗ୍ରସର ହୋଇଥିଲେ। ବାଲକା ଗ୍ରାମରେ ପଶି ଗ୍ରାମର ରଘୁ ମାଝୀ ଏବଂ ବିଷ୍ଣୁ ଟୁଡୁଙ୍କ ଘର ଭାଙ୍ଗିବା ସହିତ ବର୍ଷ ତମାମ କଠିନ ପରିଶ୍ରମରେ ଅମଳକରି ଘରେ ଗଚ୍ଛିତ ରଖିଥିବା ପାଚିଲାଧାନ ଖାଇ ଦେଇଥିଲେ। ପରେ ହାତୀପଲ କ୍ଷୀରିପଦା ଜଙ୍ଗଲକୁ ପଳାଇଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ଉଦ୍‌ଯାପିତ; ୩୦ ପ୍ରକଳ୍ପ ପ୍ରଦର୍ଶିତ

ବହଳଦା, ୧୧।୨(ସମିସ): ବହଳଦା ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ କୀଚକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗମ୍ଭାରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ କଂଗ୍ରେସର ସଂଯୋଜକ ବିଜ୍ଞାନ ଶିକ୍ଷକ ସଂଗ୍ରାମ କିଶୋର ଗିରିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂହ ଯୋଗଦେଇ ଉଦଘାଟନ କରିଥିଲେ।

ମୁଖ୍ୟ ବକ୍ତା ଭାବେ ବହଳଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରି ଯୋଗଦେଇ ବିଜ୍ଞାନ ସମାଜ ପାଇଁ ଆଶୀର୍ବାଦ ପାଲଟିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଭୂତନାଥ ସିଠ, ଅନ୍ୟତମ ଏବିଇଓ ଦେବେନ୍ଦ୍ର ନାଥ




ସାହୁ, ଜାରିତାଣ୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜ କିଶୋର ମହାନ୍ତ ଯୋଗ ଦେଇ ବିକଶିତ ଦେଶରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ୩୦ଟି ମଡେଲ ପ୍ରକଳ୍ପ ପଦର୍ଶିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ବ୍ରହ୍ମାନନ୍ଦ ମହାଲି ସ୍ୱାଗତ ଭାଷଣ ଦେଇଥିଲେ। ଝରାଡ଼ିହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସ୍ମୃତିରଞ୍ଜନ ପାଣି ସଭାକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟ ବର୍ଦ୍ଧନ ମହାନ୍ତି, ଶିକ୍ଷା ସିହ୍ନା, ବିକାଶ ଦତ୍ତ, ବେବୀ ଦାସ, ଆକାଶ ମହାନ୍ତ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ରବି ନାରାୟଣ ସେଠୀ, ଆଶିଷ କୁମାର ମହାନ୍ତି, ସୂର୍ଯ୍ୟ କାନ୍ତ ନାୟକ, ଶିକ୍ଷକ ଡିଞ୍ଜନ ମହାନ୍ତ, ସୁରେଖା ତରେଇ ପ୍ରମୁଖ ସହଯୋଗ କରିଥିଲେ।

# ଦେଶୀ ମଦ ଜବତ; ୯ ୫୦ଲି. ମହୁଲି ପୋଚ ନଷ୍ଟ

ଜାମଶୋଳା/ସାରସକଣା, ୧୧।୧(ସମିସ): ଦୁଇଦିନ ଧରି ଦୁଇ ପୃଥକ୍ ସ୍ଥାନରେ ଝାରପୋଖରିଆ ପୁଲିସ ମଦ ଭାଟିରେ ଚଢ଼ଉ କରି ପାଖାପାଖି ୯୫୦ ଲିଟର ମହୁଲି ପୋଚ ନଷ୍ଟ କରିବା ସହିତ ୬୫ ଲିଟର ଦେଶୀମଦ ଜବତ କରିଛି। ସେହିପରି ଦେଶୀମଦ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ଶତାଧିକ ହାଣ୍ଡି, ମାଠିଆ, ଡ୍ରମ ଆଦି ସାମଗ୍ରୀ ଜବତ କରି ନଷ୍ଟ କରାଯାଇଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ଶନିବାର ନେଦା ଗାଁରେ ସୁବର୍ଣ୍ଣରେଖା ନଦୀ କଡ ଏବଂ ରବିବାର ପାକଟିଆ ଗାଁରେ ଜଙ୍ଗଲରେ ପୁଲିସ ଚଢଉ କରିଥିଲା। ଘଟଣାସ୍ଥଳରୁ କିଛି ବ୍ୟକ୍ତି ଦୌଡି ପଳାଇଥିଲେ। ପରେ ପୁଲିସ ଏକ ମାମଲା ରୁଜୁ କରିଛି। ତେବେ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୁଲିସ କହିଛି।

# ବାଇକ୍‌ରୁ ପଡ଼ି ଯୁବକ ମୃତ

ଜାମଶୋଳା/କୁଳିଅଣା, ୧୧।୨(ସମିସ): କୁଳିଅଣା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର କୁଚେଇ ଛକ ନିକଟରେ ଜଣେ ଯୁବକ ବାଇକ୍‌ରୁ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ବାଇକ୍‌ରେ ଦ୍ରୁତଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡିଭାଇଡରରେ ପିଟି ହୋଇଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ଜଣଙ୍କ ହେଲେ ଝାରପୋଖରିଆ ଥାନା ଅଁଳାତଡା ଗ୍ରାମର ଗୌରାଙ୍ଗ ଦାସଙ୍କ ପୁଅ ବିକ୍ରମ। ଦୁର୍ଘଟଣା ପରେ ବିକ୍ରମଙ୍କୁ ବାରିପଦା ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଗୋଦାମରୁ ୬୦ଟି ସିଲିଣ୍ଡର ଚୋରି

ବୈଶିଙ୍ଗା, ୧୧।୨ (ସମିସ): ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ଛକ ଜାତୀୟ ରାଜପଥ ପାର୍ଶ୍ୱରେ ନଡପୁର ଗ୍ରାମର ଜ୍ୟୋତିପ୍ରକାଶ ସାହୁଙ୍କ ବ୍ରଜମୋହନ ଇଣ୍ଡେନ ଗ୍ରାମୀଣ ବିତରକ ନାମକ ଗ୍ୟାସ ଏଜେନ୍ସି ଗୋଦାମ ରହିଛି। ଗତକାଲି ସକାଳେ ୧୦ଟା ସମୟରେ ତାଙ୍କ ଡେଲିଭରି ବଏ ଛତିଶ ମହାନ୍ତ ଗ୍ୟାସ ସିଲିଣ୍ଡର ନେବାକୁ ଆସି ଦେଖିବାକୁ ପାଇଥିଲା କି ଗୋଦାମ ତାଲା ଭଙ୍ଗାଯାଇଛି। ପରେ ଏ ନେଇ ସେ ଜ୍ୟୋତିପ୍ରକାଶଙ୍କୁ ଜଣାଇଥିଲେ। ଗୋଦାମରୁ ୨୭ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର, ୩୨ଟି ଖାଲି ସିଲିଣ୍ଡର ଓ ୧ଟି ୫କିଲିଆ ସିଲିଣ୍ଡର ସମେତ ମୋଟ ୬୦ଟି ସିଲିଣ୍ଡର ଚୋରି ହୋଇଯାଇଛି। ଏନେଇ ବୈଶିଙ୍ଗା ଥାନାକୁ ଖବର ଦେଇଥିଲେ ଖବର ପାଇ ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଏକ ମାମଲା ରୁଜୁ କରାଯାଇଛି। ତେବେ ଗୋଦାମରେ ରାତ୍ରି ଜଗୁଆଳି ଥାଇ ମଧ୍ୟ ଚୋରି କିପରି ହେଲା ସେ ନେଇ ପୁଲିସ ତଦନ୍ତ ଚଳାଇଛି।

# ଅର୍ଜୁନବିଲ୍ଲାରେ ହାତୀ ଉପଦ୍ରବ

ଖୁଣ୍ଟିଂ, ୧୧।୨(ସମିସ): ଶୁକୃଳି ବ୍ଲକ ଅନ୍ତର୍ଗତ ଅର୍ଜୁନବିଲ୍ଲା ଗ୍ରାମରେ ଶନିବାର ବିଳମ୍ବିତ ରାତ୍ରିରେ ଏକା ହାତୀ ପ୍ରବେଶ କରି ଦୀପକ ନାଏକଙ୍କ ଘରର ଆଜବେଷ୍ଟ ଛପରକୁ ଆଂଶିକ ଭାବେ ଭାଙ୍ଗିବା ସହିତ ଝରକା ଭାଙ୍ଗି ଦେଇଛି। ଘରେ ଥିବା ୩ କ୍ୱିଣ୍ଟାଲ ଧାନ ଖାଇବା ସହିତ ସମସ୍ତ ଆସବାବପତ୍ର ନଷ୍ଟ କରିଦେଇଛି। ଖବର ପାଇ କରଞ୍ଜିଆ ବନଖଣ୍ଡ କର୍ମଚାରୀ ଗାଁରେ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଦୀପକ ନାଏକ ଗରିବ ଦିନ ମଜୁରିଆ ହୋଇଥିବାରୁ ତାଙ୍କୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଲାୟନ୍ସ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଶୁକୃଳି, ୧୧।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟିଂ ଷ୍ଟାଡିୟମ୍‌ରେ ଖୁଣ୍ଟିଂ ଲାୟନ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଉଦଯାପିତ ହୋଇଯାଇଛି। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବରେ ସମାଜସେବୀ ଗୋଲକ ନାଏକ ଓ ସମ୍ମାନିତ ଅତିଥି ୫୨ ନମ୍ବର ଜିଲ୍ଲା



ପରିଷଦ ସଭ୍ୟ ବିକାଶ ରଞ୍ଜନ ସି ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ବିଶୋଇ ୱାରିଅର୍ ସହିତ ସିବମ୍ ଇଲେଭେନ ସହିତ ହୋଇଥିଲା। ବିଶୋଇ ୱାରିଅର୍ ୧୫ ଓଭରରେ ୧୧୨ ରନ୍ କରିଥିଲା। ଜବାବରେ ସିବମ ଇଲେଭେନ୍ ୨ ୱିକେଟ ଥାଇ ୧୩ ଓଭରରେ ଲକ୍ଷ୍ୟପୂରଣ କରି ବିଜୟୀ ହୋଇଛି। ବିଜୟୀ ଦଳକୁ ୩୦ ହଜାର ଓ ରନର୍ସଅପ୍ ଟିମ୍‌କୁ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ ବାବା ତିଲ୍‌କା ମାଝୀଙ୍କ ଜୟନ୍ତୀ







ଠାକୁରମୁଣ୍ଡା, ୧୧।୨(ସମିସ)

ତରାମରା ପଞ୍ଚାୟତ ଅନ୍ତର୍ଗତ ଗୋବରଯୋଡ଼ା ଛକରେ ଆଜି ବାବା ତିଲକା ମାଝୀ ଖେରୱାଲ ଯୁମିଦ ଗାଁଉତା ଦ୍ୱାରା ୨୭୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ଗ୍ରାମ ଦେହୁରୀ ଦ୍ୱାରା ଗ୍ରାମାଦେବୀଙ୍କ ସହ ତିଲକା ମାଝୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ସୁଦାମ ମାଝୀଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ଆଇନଜୀବୀ ସେବତୀ ସୋରେନ, ସନମ୍ମାନିତ ଅତିଥି ପଦ୍ମଲୋଚନ ଟୁଡୁ, ମୁଖ୍ୟବକ୍ତା ଭାବେ ଚୌତନ ମୁର୍ମୁ ଯୋଗ ଦେଇ ତିଲକା ମାଝୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ୧୭୫୦ ମସିହାରେ ତତ୍କାଳୀନ ବିହାର ରାଜ୍ୟର ସୁଲତାନଗଞ୍ଜଠାରେ ସେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଅସଲ ନାମ ଜବରା ଥିବାବେଳେ ତାଙ୍କର ରୁଦ୍ର ଆଚରଣ ଦେଖି ତାଙ୍କୁ ତିଲକା ଡାକୁଥିଲେ। ପାହାଡିଆ ଭାଷାରେ ତିଲକାର ଅର୍ଥ କ୍ରୋଧପୂର୍ଣ୍ଣ ରକ୍ତିମ ଆଖି ଥିବା ବ୍ୟକ୍ତି। ଗତ ୧୭୭୦ ମସିହାରେ ଉତ୍କଟ ମରୁଡ଼ି ପଡ଼ିବା ସତ୍ତ୍ୱେ ଇଂରେଜମାନେ ଟିକସ ରିହାତି ଦେବା ପରିବର୍ତ୍ତେ ବଳ ପୂର୍ବକ ଅଧିକ ଟିକସ ଆଦାୟ କରିବାକୁ ଲାଗିଲେ। ଏହାକୁ ସହି ନପାରି ଆଦିବାସୀ ଯୁବକଙ୍କୁ ଏକଜୁଟ କରି ଭାଗଲପୁର ସ୍ଥିତ ଇଂରେଜଙ୍କ ରାଜସ୍ୱ ଭଣ୍ଡାର ଲୁଟକରି ଲୋକଙ୍କୁ ବାଣ୍ଟିଥିଲେ। ସେ ପୁଣି ୧୭୭୮ରେ ରାମଗଡ଼ଠାରେ ଥିବା ପଞ୍ଜାବ ରେଜିମେଣ୍ଟ ଉପରେ ଆକ୍ରମଣ କରିଥିଲେ। ଆଦିବାସୀ ସାନ୍ତାଳ ବାହିନୀର କୋପ ଏତେ ଭୀଷଣ ଥିଲା ଯେ ରାଇଫଲଧାରୀ ଇଂରେଜ ସେନା ପାରମ୍ପରିକ ଆଦିବାସୀ ଅସ୍ତ୍ରର ମୁକାବିଲା କରି ନ ପାରି ପଳାୟନ କରିଥିଲେ। ୧୭୮୪ ମସିହାରେ ତିଲକାଙ୍କ ତୀରରେ ସୁପରିଣ୍ଟେଣ୍ଡେର୍ଟ କ୍ଲିବ ଲାଣ୍ଡଙ୍କ ମୃତ୍ୟୁ ହୋଇଥିଲା। ୧୭୮୫ ରେ ଇଂରେଜମାନେ ସର୍ବସମ୍ମୁଖରେ ତିଲକାଙ୍କୁ ଫାଶି ଦେଇଥିଲେ। ଶେଷରେ ସୁରେନ୍ଦ୍ର ହାଁସଦା ଧନ୍ୟବାଦ ଦେଇଥିଲେ। ଏଥିରେ ଘାସିରାମ ହାଁସଦା, ବିରାମ ମାର୍ଣ୍ଡି, ସୁରେନ୍ଦ୍ର ହାଁସଦା ସହଯୋଗ କରିଥିଲେ।

ରାଇରଙ୍ଗପୁର : ଅଖିଳ ଭାରତୀୟ ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ 'ସେବାସ୍ତମ୍ଭ' ମୟୂରଭଞ୍ଜ ଶାଖା ଜିଲ୍ଲା ରାଇରଙ୍ଗପୁର ସୌଜନ୍ୟରେ ପ୍ରଥମ ଆଦିବାସୀ ସ୍ୱତନ୍ତ୍ରତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବାବା ତିଲକା ମାଝୀଙ୍କ ଫଟୋଚିତ୍ରରେ ଦୀପ ଧୂପ-ଦୀପ ପ୍ରଜ୍ୱଳନ ପରେ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। 'ବୀର ସହୀଦ ତିଲକା ମାଝି ଅମର ରହେ' ସ୍ଲୋଗାନ ସହିତ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜୟ କୁମାର ରାମ ଯୋଗ ଦେଇ ତିଲକା ମାଝିଙ୍କ ସାହସିକତାର ଗାଥା ପ୍ରସ୍ତୁତ କରିଥିଲେ। ମୁଖ୍ୟବକ୍ତା ମୋଚିରାମ ମାଝୀ ବାବା ତିଲକା ମାଝିଙ୍କ ଇତିହାସ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର ମୁଖି, ବାଜଲ ମୁର୍ମୁ, ଜଗତ ଚନ୍ଦ୍ର ମାଝି, ଡାକ୍ତର ସାଗରାମ ଟୁଡୁ, ବିଭୁତିଭୁଷଣ ପାତ୍ର, ମୋଆଉର ହୁସେନ, ରାଜେଶ କୁମାର ରାମ, ହେମା ମାଝି, କାର୍ମି ହାଁସଦା, ଅପର୍ଣ୍ଣାଶ୍ରୀ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ଗୋପାଳକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଝରାଡିହି : ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଗ୍ରାମପଞ୍ଚାୟତ ପାତ୍ରାମହୁଲପାଣି ବାବାତିଲକା ପାଠାଗାରରେ ବହଳଦା ବ୍ଲକ ପେସା ଗ୍ରାମସଭା ସଂଯୋଜକ ସମିତି ଏବଂ ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରଷ୍ଟ, ସଂଯୋଜନାରେ ପାଳିତ ହୋଇଯାଇଛି। ବାବାତିଲକା ପାଠାଗାର ପରିସରରେ ପ୍ରଥମେ ବାବାତିଲକା ମାଝୀଙ୍କ ଫଟୋଚିତ୍ର ସମ୍ମୁଖରେ ଆଦିବାସୀ ପରମ୍ପରା ଅନୁସାରେ ପୂଜାପାଠ କରାଯାଇଥିଲା। ଏହାପରେ ପାତ୍ରାମହୁଲପାଣି, କେନ୍ଦୁଆ, ହେଁସଡା, ଜଜଗୋଡା, ଚାଡ୍ରୀ, ଗିଦିଘାଟୀ, ତାରଣା ଗ୍ରାମରୁ ପାରମ୍ପରିକ ପରିଧାନରେ ପହଞ୍ଚି ଥିବା ମହିଳା, ପୁରୁଷଙ୍କୁ ନେଇ ବାବାତିଲକା ମାଝୀଙ୍କ ଫଟୋଚିତ୍ର ଓ ବ୍ୟାନରରେ ସଜ୍ଜିତ ରଥ ପାରମ୍ପାରିକ ବାଦ୍ୟ ସହିତ ଗିଦିଘାଟୀ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମ ପରିକ୍ରମାବେଳେ ପ୍ରଥମ ସ୍ୱତନ୍ତ୍ର ସେନାନୀ ବାବାତିଲକା ମାଝୀଙ୍କ ସମେତ ବୀର ବିର୍ଷା ମୁଣ୍ଡା, ସିଦୋ-କାହ୍ନୁ, ଫୁଲ-ଝାନୋ, ସୁନାରମ ସୋରେନ୍, ପଣ୍ଡିତ ରଘୁନାଥ ମୁର୍ମୁ, ଅତଗୁରୁ ପଣ୍ଡିତ ଲାକୋ ବଦ୍ରା, ଅଲ୍ ଗୁରୁ ପଣ୍ଡିତ ରହିଦାସ ସିଂ ନାଗ, ଜୟପାଲ ସିଂ ମୁଣ୍ଡା ଇତ୍ୟାଦି ମହାପୁରୁଷଙ୍କ ବିଭିନ୍ନ ସ୍ଲୋଗାନ ମାନ ଦିଆଯାଇଥିଲା। ସ୍ୱତନ୍ତ୍ର ସେନାନୀଙ୍କ ପରିକ୍ରମା ରଥ ପାତ୍ରାମହୁଲପାଣି ବାବାତିଲକା ପାଠାଗାର ପରିସରରୁ ବାହାରି ତାରଣା, ହେଁସଡା, ଗିଦିଘାଟୀ, ଚିରକୁଣୀପୋଷି, ଠାକୁରବାଡି ଆଦି ଗ୍ରାମ ପରିକ୍ରମା କରାଯାଇଥିଲା। ପରିକ୍ରମା ବେଳେ ପ୍ରତ୍ୟେକ ଗ୍ରାମରେ ପରିକ୍ରମା ରଥକୁ ସ୍ୱାଗତ କରାଯିବା ସହିତ ପରିକ୍ରମା ନେତୃମଣ୍ଡଳୀଙ୍କ ପାଦ ଧୋଇବା ସହିତ ବାବାତିଲକା ମାଝୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଧୂପଦୀପ ପ୍ରଜ୍ୱଳନ କରି ପୂଜାପାଠ କରିଥିଲେ। ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରଷ୍ଟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଲକ୍ଷ୍ମଣ ହେମ୍ବ୍ରମ, ବହଳଦା ବ୍ଲକ ପେସା ଗ୍ରାମସଭା ସଂଯୋଜକ ବସନ୍ତ ସାଣ୍ଡିଲ, ମାନବଧିକାର ରକ୍ଷକ ପିତାମ୍ବର ମୁର୍ମୁ, ପାଠାଗାର ସଭାପତି ରାମଚନ୍ଦ୍ର ହେମ୍ବ୍ରମ ଏବଂ ବାବାତିଲକା ପାଠାଗାର ପ୍ରତିଷ୍ଠାତା ସମ୍ପାଦକ ରାମଦାସ ମୁର୍ମୁ ପ୍ରମୁଖଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରିଶ ହେମ୍ବ୍ରମ, ସେନ୍ ଟୁଡୁ, ଗୋପିନାଥ ହାଁସଦା, ଈଶ୍ୱର ବାସ୍କେ ଏବଂ ଅନ୍ତ ଆଲୋକ ବାସ୍କେଙ୍କ ସମେତ ଗିଦିଘାଟୀ, ତାରଣା, ଜଜଗୋଡା, ଚାଡ୍ରୀ ଓ ପାତ୍ରାମହୁଲପାଣି ଗ୍ରାମ ମାଝୀବାବା ଓ ନାଏକେଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ।

କଳାବାଡିଆ : ମାସ୍ ଆଦିବାସୀ ରିଭଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ପକ୍ଷରୁ ରବିବାର ମହାନ ସ୍ୱାଧୀନତା ସଂଗ୍ରାମୀ ବାବା ତିଲ୍‌କା ମାଝିଙ୍କ ଜୟନ୍ତୀ କଳାବାଡିଆରେ ପାଳିତ ହୋଇଯାଇଛି। ଏଥିରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ମୁଖ୍ୟଅତିଥି, ଜିଲ୍ଲା ସାଧାରଣ ସମ୍ପାଦକ ଚାନ୍ଦ ତାରାଶ୍ ମାର୍ଣ୍ଡି ମୁଖ୍ୟବକ୍ତା ଏବଂ ରବୀନ୍ଦ୍ର ମାର୍ଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ୧୮୧୭ ବିଦ୍ରୋହର ୧୦୦ ବର୍ଷ ପୂର୍ବରୁ ୧୭୮୧ ମସିହାରୁ ୧୭୮୪ ପର୍ଯ୍ୟନ୍ତ ବ୍ରିଟିଶମାନଙ୍କ ବିରୋଧରେ ସେ ଲଢ଼ିଥିଲେ ଏବଂ ଶେଷରେ ୧୭୮୫ ମସିହାରେ ଭାଗଲପୁର ଆଦିମପୁରରେ ସେ ସହିଦ ହୋଇଗଲେ। ଏହା ସତ୍ତ୍ୱେ ତାଙ୍କୁ ଭାରତ ଇତିହାସରେ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ କି ପ୍ରଥମ ସହିଦର ମାନ୍ୟତା ମିଳିନାହିଁ। ଏବେ ତାହା ଘୋଷଣା କରିବାକୁ ମାରିସା ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ସମେତ ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ମାର୍ଣ୍ଡି, ଜିଲ୍ଲା ଉପ ସଭାପତି ଶ୍ରୀ ମାର୍ଣ୍ଡି, ନବ ମାର୍ଣ୍ଡି, ମୁକେଶ ମାର୍ଣ୍ଡି, ଅଜିତ୍ ନାଏକ, ଲମ୍ବୋଦର ମାଝୀ ଓ ସତ୍ୟଜିତ୍ ମହାନ୍ତ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବାବା ତିଲକା ମାଝୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ସାରନା ଧର୍ମ ଗତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା।



## ସରକାରୀ କଂକ୍ରିଟ ରାସ୍ତାରେ ନାଳ ଖୋଳି ଅବରୋଧ ଘଟଣା

# ୮ ଦିନ ବିତିଲା, ପୁଲିସ କାର୍ଯ୍ୟାନୁଷ୍ଠାନ ଶୂନ୍



ଭୋଗରାଇ, ୧୧।୨ (ସମିସ) :

ଗାଁର କିଛି ପରିବାରକୁ ଗୃହବନ୍ଦୀ କରି ରଖିବା ଉଦ୍ଦେଶ୍ୟରେ ପଞ୍ଚାୟତ ଅର୍ଥରେ ନିର୍ମାଣ ହୋଇଥିବା ଏକ ସରକାରୀ କଂକ୍ରିଟ ରାସ୍ତାକୁ ଗତ ୪ ତାରିଖ ରବିବାର ରାତିରେ ଜେସିବି ଦ୍ୱାରା ଭାଙ୍ଗି ଗଭୀର ନାଳ ଖୋଳି ଦେଇଥିଲା ଜନୈକ ଦୁର୍ବୃତ୍ତ। ଫଳରେ ୧୨ ଟି ପରିବାର ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ବିଛିନ୍ନ ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗକୁ ୮ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଓ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ସମ୍ପୃକ୍ତ ୧୨ ପରିବାର ଏବେ ଚାଷ ଜମି ଦେଇ ଯିବାଆସିବା କରିବାକୁ ବାଧ୍ୟ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ମହାଗବ ପଞ୍ଚାୟତ ଅନ୍ତର୍ଗତ ସେହି ଗାଁର ୧ ନଂ ୱାର୍ଡରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଥିଲା ବେଳେ ପୁଲିସ ଓ ପ୍ରଶାସନର ସ୍ୱଚ୍ଛତା ଓ ନିରପେକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ମହାଗବ ପଞ୍ଚାୟତ ଅନ୍ତର୍ଗତ ସେହି ଗ୍ରାମର ୧ ନଂ ୱାର୍ଡରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ବାସ କରନ୍ତି। ଏହି ୱାର୍ଡ ବାସିନ୍ଦା ସେକ ଖଇରୁ ବକ୍ସଙ୍କ ପୁଅ ସେକ ସତ୍ତାର ବକ୍ସଙ୍କ ଘର ସମେତ ଅନ୍ୟ ୧୧ ଟି ପରିବାରକୁ ଯାତାୟତ ପାଇଁ ଥିବା କଚ୍ଚା ରାସ୍ତାକୁ ଗତ ବର୍ଷ ପଞ୍ଚାୟତ ଅର୍ଥରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ତାଙ୍କ ଘର ପାର୍ଶ୍ୱସ୍ଥ ଏକ ନିଜସ୍ୱ ବ୍ୟକ୍ତିଗତ ଜମିରେ କେତେକ ଗ୍ରାମବାସୀ ଜୋରଜବରଦସ୍ତ ରାସ୍ତା ନିର୍ମାଣ କରିବାକୁ ଉଦ୍ୟମ କରିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ସେକ ସତ୍ତାର ବକ୍ସ କୋର୍ଟରେ ଫେରାଦ ହୋଇଥିଲେ। କୋର୍ଟ ଏହା ଉପରେ ଷ୍ଟାଟର୍ସ-କୋ ଆଦେଶ ଜାରି କରିଛନ୍ତି। କୋର୍ଟରୁ ମାମଲା ପ୍ରତ୍ୟାହାର ପାଇଁ ଚାପ ପ୍ରୟୋଗ ପରେ ବିଫଳ ହେବାରୁ କତିପୟ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ସେକ ସତ୍ତାର ବକ୍ସ, ସେକ ଉସମାନ, ସେକ ସତ୍ତାର, ସେକ ସାଦୁ ପ୍ରମୁଖଙ୍କ ସମେତ ଅନ୍ୟ ୮ ଟି ପରିବାର ବିରୋଧରେ ଗାଁ କଙ୍ଗାରୁ କୋର୍ଟରେ ଦୃଢ଼ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ୧୨ଟି ପରିବାରକୁ ଯାତାୟାତ ପାଇଁ ଥିବା ଏବଂ ପଞ୍ଚାୟତ ଅର୍ଥରେ ଗତବର୍ଷ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତାକୁ ଭାଙ୍ଗି ଅବରୋଧ ସୃଷ୍ଟି କରିଛନ୍ତି। ରବିବାର ରାତି ପ୍ରାୟ ୮ ଟା ସମୟରେ ସେହି ଗ୍ରାମର ଜଣେ ବ୍ୟକ୍ତି ନିଜ ଜେସିବି ଲଗାଇ ଏହି ସରକାରୀ କଂକ୍ରିଟ ରାସ୍ତାକୁ ଭାଙ୍ଗି ସେଥିରେ ୫ ଫୁଟ ଓସାରର ଏବଂ ୪ ଫୁଟ ଗଭୀର ନାଳ ଖୋଳି ଗମନାଗମନ ସମ୍ପୂର୍ଣ୍ଣ ବିଛିନ୍ନ କରିଦେଇଛନ୍ତି। ସେହି ସମୟରେ ସେକ ସତ୍ତାର ବକ୍ସଙ୍କ ସମେତ ସେକ ସାଦୁଙ୍କ ପତ୍ନୀ ଗୋବାଲି ବିବି, ସେକ ମୁକିମଙ୍କ ପତ୍ନୀ ଗୁଣ୍ଡି ବିବି, ସେକ ଉସମାନଙ୍କ ପତ୍ନୀ ଜମେଲା ବିବି, ସେକ ସତ୍ତାରଙ୍କ ପତ୍ନୀ ଲଇଲା ବିବି, ସେକ ଏଲାର ବକ୍ସଙ୍କ ପତ୍ନୀ ଖବାତନ ବିବି ପ୍ରମୁଖ ସେଠାରେ ପହଞ୍ଚି ବିରୋଧ କରିବାରୁ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜେସିବି ଚଢ଼ାଇ ଜୀବନରୁ ମାରିଦେବ ବୋଲି ସମ୍ପୃକ୍ତ ବ୍ୟକ୍ତି ଧମକ ଦେଇଥିଲା। ଏଥିରେ ଭୟଭୀତ ହୋଇ ସେମାନେ ଘଟଣାସ୍ଥଳରୁ ପଳାୟନ କରିଥିଲେ। ସରକାରୀ କଂକ୍ରିଟ ରାସ୍ତା ଖୋଳି ଯୋଗାଯୋଗ ବିଚ୍ଛିନ୍ନ କରାଯାଇଥିବାରୁ ଏହି ୧୨ ପରିବାର ଏକପ୍ରକାର ଗୃହବନ୍ଦୀ ହୋଇଛନ୍ତି। ଏହାକୁ ନେଇ ସମ୍ପୃକ୍ତ ଗୃହବନ୍ଦୀ ପରିବାର ଲୋକେ ତହିଁ ପରଦିନ ୫ ତାରିଖ ସୋମବାର କମର୍ଦ୍ଦା ଥାନା ସମେତ ମହାଗବ ସରପଞ୍ଚ ଗୌରଚରଣ ଜେନା, ଭୋଗରାଇ ବିଡ଼ିଓ ଏବଂ ଭୋଗରାଇ ତହସିଲଦାରଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସୋମବାର ମଧ୍ୟାହ୍ନରେ କମର୍ଦ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ସରକାରୀ ସମ୍ପତ୍ତି ନଷ୍ଟ କରିବା, ବେଆଇନ ଭାବେ ଲୋକଙ୍କ ଯାତାୟତରେ ଅବରୋଧ ସୃଷ୍ଟି କରିବା ଏବଂ ଜୀବନରୁ ମାରିଦେବା ଧମକ ଦେବା ଭଳି ସଙ୍ଗୀନ ଘଟଣାରେ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଅଭିଯୁକ୍ତ ଜଣକ ପ୍ରତିପତ୍ତିଶାଳୀ ହୋଇଥିବାରୁ ପୁଲିସ ଓ ପ୍ରଶାସନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କଙ୍ଗାରୁ କୋର୍ଟ ଶାସନ ଚଳାଇଥିବା ଗ୍ରାମବାସୀଙ୍କ ଭୟରେ ସମ୍ପୃକ୍ତ ଗୃହବନ୍ଦୀ ୧୨ ପରିବାର ନିଜକୁ ଅସୁରକ୍ଷିତ ଅନୁଭବ କରୁଛନ୍ତି। ସରକାରୀ ସମ୍ପତ୍ତି ନଷ୍ଟ କରିବା ଏବଂ ସରକାରୀ ରାସ୍ତା ଖୋଳି ଅବରୋଧ ସୃଷ୍ଟି କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହିତ ସମ୍ପୃକ୍ତ ଜେସିବି ଜବତ କରିବା ଏବଂ ଅସୁରକ୍ଷିତ ୧୨ ପରିବାରକୁ ସୁରକ୍ଷା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।


**୧୨ ପରିବାର ଗୃହବନ୍ଦୀ**

## ତାରୁଣ୍ୟ ଅଭିନନ୍ଦନ ଉତ୍ସବ ଓ ପୁସ୍ତକ ଉନ୍ମୋଚନ



ଜଳେଶ୍ୱର ବ୍ଲକ, ୧୧।୨ (ସମିସ) : ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳଙ୍କ ଅଭିନନ୍ଦନ କମିଟି ପକ୍ଷରୁ ବିବି ବିଶ୍ୱାଳଙ୍କ ଜନ୍ମ ଦିନ ତାରୁଣ୍ୟ ଅଭିନନ୍ଦନ ଉତ୍ସବ ଓ ପୁସ୍ତକ ଉନ୍ମୋଚନ ହୋଇ ଯାଇଛି। ଉକ୍ତ ଅଭିନନ୍ଦନ ଉତ୍ସବରେ ଦୀନକୃଷ୍ଣ ସ୍ମୃତି ପରିଷଦର ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବରେ ପଶ୍ଚିମବଙ୍ଗ ସାହିତ୍ୟ ଏକାଡେମୀ ସଭାପତି ସୁନିଲ ମାଝୀ, ସମ୍ମାନିତ ଅତିଥି ଭାବେ ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ କବି ବ୍ରଜେନ୍ଦ୍ର ନାଥ ଗିରି, କବି ଶ୍ରୀକୁମାର ଘୋଷ, କବୟିତ୍ରୀ ତନୁଶ୍ରୀ ପାଣିଗ୍ରାହୀ ପ୍ରମୁଖ ଅତିଥି ଉତ୍ସବ ସଞ୍ଚାଳନ କରିଥିବା ବେଳେ ୫୦ଜଣରୁ ଊର୍ଦ୍ଧ କବି କବିତା ପାଠ କରିଥିଲେ। ଶ୍ରୀ ବିଶ୍ୱାଳଙ୍କ ଜନ୍ମ ଦିନରେ ବହୁ କବି, ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି କାଳୀକିଙ୍କର ଦାସ, ଅଧ୍ୟାପକ ଦୟାନିଧି ଦାସ, କବି କାଳନ୍ଦୀ ମଲ୍ଲିକ, କମଳ ଚକ୍ରବର୍ତ୍ତୀ, ମନୋରଞ୍ଜନ ଦାସ ମହାପାତ୍ର, ଡ. ଅଜିତ କୁମାର ମହାନ୍ତି, ବଙ୍କିମ ଚନ୍ଦ୍ର ଦେ, ରବୀନ୍ଦ୍ର ପ୍ରଧାନ, ବସନ୍ତ ଦାସ, ମଧୁଛନ୍ଦା ମହାନ୍ତି, ରମେଶ ଚନ୍ଦ୍ର ନାୟକ, ନିକୁଞ୍ଜ ଘୋଷ, ରବିନ କୁମାର ଘୋଷ, ଡକ୍ଟର ପଦ୍ମନାଭ ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ରଜନୀକାନ୍ତ ଭୂୟାଁ, ବାସୁଦେବ ନାପିତ, ପ୍ରାକ୍ତନ ଅଧ୍ୟାପିକା ଇନ୍ଦୁମତି ଗିରି, ଶିକ୍ଷୟିତ୍ରୀ ସବିତା ପାଠୀ, କମଳ କମଳିନୀ ଦେ, ଡ. କୃଷ୍ଣା କୁମାରୀ ନାୟକ, ପ୍ରାକ୍ତନ ଶିକ୍ଷକ ହରେନ୍ଦ୍ର ନାଥ ବାରିକ, ରମେଶ ଚନ୍ଦ୍ର ଜେନା, ସଚ୍ଚିଦାନନ୍ଦ ମହାନ୍ତି, ପ୍ରଧାନ ଶିକ୍ଷକ ରାଜୀବ ରାଉତ୍, କବି ଗଙ୍ଗାଧର ନାୟକ, ହେମନ୍ତ ଦାସ, ପ୍ରାକ୍ତନ ଶିକ୍ଷୟିତ୍ରୀ ଶାନ୍ତିଲତା ପ୍ରଧାନ, ଗଣେଶ ଚନ୍ଦ୍ର ପରିଡ଼ା, ମନୋରଞ୍ଜନ ଦାସ, ସୁଶିଲ ମାହାନା, ରାଜଶ୍ରୀ ଚାନ୍ଦ, ଜ୍ୟୋତିଷ ଚନ୍ଦ୍ର କର, ଦିବାକର ବେହେରା, କବି ପରମାନନ୍ଦ ପରିଡ଼ା, ଗୌରୀ ଦାସ, କବି ମାୟାଧର ନାୟକ, ପରେଶ୍ ପଣ୍ଡା, ଅଧ୍ୟାପକ ସୁଧୀର କର, ଅନନ୍ତ ଦାସ ପ୍ରମୁଖ କବି କବୟିତ୍ରୀ ଉପସ୍ଥିତ ରହି କବିତା ପାଠ କରିଥିଲେ। ଶ୍ରୀ ବିଶ୍ୱାଳଙ୍କ ଅଶୀତିତମ ଜନ୍ମ ତିଥି ପୂର୍ତ୍ତି ଉପଲକ୍ଷେ ବି.ବି. ବିଶ୍ୱାଳ ଅଭିନନ୍ଦନ କମିଟି ଜଳେଶ୍ୱର ପକ୍ଷରୁ ଅଭିନନ୍ଦନ ଗ୍ରନ୍ଥ 'ତାରୁଣ୍ୟ -୨୦' ଉନ୍ମୋଚିତ ହେବା ସହିତ ଶିକ୍ଷୟିତ୍ରୀ ଶାନ୍ତିଲତା ପ୍ରଧାନଙ୍କ ପ୍ରକାଶିତ 'ବିବିଧା ମେଦିନୀ', କବି ଗୌରୀ କୁମାର ଦାସଙ୍କ ଲିଖିତ 'ନିଃଶବ୍ଦ ଝଡ଼' ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନୃତ୍ୟ ଗୀତ ପରିବେଷଣ କରା ଯାଇଥିଲା ଓ ବେଷ୍ଟ ପ୍ରଧାନ ଶିକ୍ଷକ ଭାବେ ଡ. ଅଜିତ କୁମାର ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

## ବସ୍ତା-ବାଲିଆପାଳ କ୍ରିକେଟ୍ ମହାସଂଗ୍ରାମ ଉଦ୍‌ଘାଟିତ




ବାଲିଆପାଳ/ଲଙ୍ଗଳେଶ୍ୱର, ୧୧।୨(ସମିସ): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱରସ୍ଥିତ କାଳୀଝାଟୀ ପଡ଼ିଆରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ପକ୍ଷରୁ ବସ୍ତା ବାଲିଆପାଳ କ୍ରିକେଟ୍ ମହାସଂଗ୍ରାମ-୨୦୨୪ ରବିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ୧୧ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବସ୍ତା-ବାଲିଆପାଳ କ୍ରିକେଟ୍ ମହାସଂଗ୍ରାମରେ ତିନୋଟି ଯଥା ଲଙ୍ଗଳେଶ୍ୱର କାଳୀଝାଟୀ ପଡ଼ିଆ, ରତେଇ ଖେଳ ପଡ଼ିଆ ଏବଂ ବସ୍ତା ମିନି ଷ୍ଟାଡିୟମ୍ ଠାରେ କ୍ରିକେଟ୍ ଖେଳ ଅନୁଷ୍ଠିତ ହେବ। ଆଜି ଏହି ମର୍ମରେ ମଶାଲ ଜଳାଇ ଏହି ଖେଳକୁ ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା, ଆୟୋଜକ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଖେଳ ୬ ଓଭର ଲେଖାଏଁ ଖେଳାଯିବ। ଏହି ମହାସଂଗ୍ରାମର ବିଜେତାକୁ ୫୦ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ। ବସ୍ତା ଏବଂ ବାଲିଆପାଳ ଅଞ୍ଚଳର ଯୁବ ପ୍ରତିଭାର ଦକ୍ଷତା ବିକାଶ ପାଇଁ ଏହି କ୍ରିକେଟ୍ ମହାସଂଗ୍ରାମ ଆୟୋଜନ କରାଯାଇଥିବା ଆୟୋଜକ ଶ୍ରୀମତୀ ଜେନା କହିଛନ୍ତି। ରାଜ୍ୟ ସରକାର ଖେଳକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଖେଳକୁ ଗ୍ରାମାଞ୍ଚଳରେ ଏହିଭଳି ଆୟୋଜନ କରାଯାଉଛି। ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତି ସଦସ୍ୟ, ପଞ୍ଚାୟତ ସଭାପତି, ବସ୍ତା ଏବଂ ବାଲିଆପାଳର ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଲଙ୍ଗଳେଶ୍ୱର ହରପାର୍ବତୀ ଯୁବକ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ। ଅଭିନେତ୍ରୀ ଶିବାନୀ ସଙ୍ଗୀତାଙ୍କ ନୃତ୍ୟରେ ବେଶ୍ କିଛି ସମୟ ଧରି ଯୁବ ବର୍ଗ ଝୁମିଥିଲେ। ବିଭିନ୍ନ ଟ୍ରଫିକୁ ଆୟୋଜକ ଶ୍ରୀମତୀ ଜେନା ଏବଂ ଅଭିନେତ୍ରୀ ଶିବାନୀ ଉନ୍ମୋଚନ କରିଥିଲେ।

**● ଅଭିନେତ୍ରୀ ଶିବାନୀ ସଙ୍ଗୀତାଙ୍କ ନୃତ୍ୟରେ ଝୁମିଲେ ଦର୍ଶକ**

## ସନ୍ତରାଗଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ




ପଞ୍ଚଲିଙ୍ଗେଶ୍ୱର, ୧୧।୨(ସମିସ):

ସନ୍ତରାଗଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଶୁଭ ଉଦ୍‌ଘାଟିତ ହୋଇ ଯାଇଛି। ସକାଳ ୭ ଘଟିକା ସମୟରେ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ପୂଜା ଅର୍ଚ୍ଚନା କରି ନୂଆ ବସ୍‌ଷ୍ଟାଣ୍ଡରୁ ବିଶାଳ ଏକ ବାଇକ ରାଲି ଯୋଗେ ପଞ୍ଚଲିଙ୍ଗେଶ୍ୱର ପୀଠରୁ ବଉଳ ଗଡ଼ିଆ ପର୍ଯ୍ୟନ୍ତ ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ଗୀତ ବଜାଇ, ହୀରକ ଜୟନ୍ତୀ ଜିନ୍ଦାବାଦ, ପୁରାତନ ଛାତ୍ର ସଂସଦ ଜିନ୍ଦାବାଦ ଏବଂ ସନ୍ତରାଗଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ଜିନ୍ଦାବାଦ ନାରା ଦେଇ ବିଶାଳ ପଟୁଆରରେ ଅଞ୍ଚଳ ମଧ୍ୟରେ ସଚେତନତା ସୃଷ୍ଟି କରି ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟଠାରୁ ଭବ୍ୟ ସ୍ୱାଗତ ରେ ସ୍କୁଲ କଲେଜ ର ଛାତ୍ର ଛାତ୍ରୀ ମାନେ ଏହି ସଚେତନତା ରାଲିରେ ଯୋଗ ଦେଇ ସ୍କୁଲ ପର୍ଯ୍ୟନ୍ତ ଆସିଥିଲେ। ଅଳ୍ପ ସମୟ ବ୍ୟବଧାନ ରେ ଜଗତର ନାଥ ଜଗନ୍ନାଥ ଙ୍କ ପାଦ ପଦ୍ମ ରେ ଅର୍ଘ୍ୟ ଅର୍ପଣ କରି ହୀରକ ଜୟନ୍ତୀ ଉଦ୍‌ଘାଟନ ସଭା ଆରମ୍ଭ ହୋଇଥିଲା। ପୂଜ୍ୟ ପୂଜା କାର୍ଯ୍ୟକ୍ରମରେ ସ୍କୁଲର ପ୍ରତିଷ୍ଠାତା ମାନଙ୍କ ସହିତ ପୂର୍ବତନ ଶିକ୍ଷକ ଏବଂ କର୍ମଚାରୀଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ସଭାପତିତ୍ୱ କରିଥିଲେ ପୁରାତନ ଛାତ୍ର ସଂସଦର ସଭାପତି ଅମରେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ନୀଳଗିରି ଉପଖଣ୍ଡର ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ପ୍ରଫେସର ରମାକାନ୍ତ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଉପଖଣ୍ଡ ସୁରକ୍ଷା ଅଧିକାରୀ ସରୋଜ କୁମାର ଉପାଧ୍ୟାୟ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଏବଂ ସ୍କୁଲର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପାଣିଗ୍ରାହୀ ମଞ୍ଚାସିନ ରହି ଉଦବୋଧନ ଦେଇଥିଲେ। ସଭା ଶେଷ ରେ ଧନ୍ୟବାଦ ଅର୍ପଣ କରିଛନ୍ତି ପୁରାତନ ଛାତ୍ର ସଂସଦର ସମ୍ପାଦକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ। ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଧର ବେହେରା ଏବଂ ଶୁଭଲକ୍ଷ୍ମୀ ପଟ୍ଟନାୟକ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ହିମାଂଶୁ ଶେଖର ସେନାପତି, ସହ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ରାମକୃଷ୍ଣ ସ, ଏସ.ଏମ.ସି କମିଟିର ସଭାପତି ମୁକ୍ତିକାନ୍ତ ବାରିକ ଓ ଉପସଭାପତି ଅନୁୟା ପରିଡ଼ାଙ୍କ ସମେତ ପ୍ରଶାନ୍ତ ବେହେରା, ଗୌରହରି ଜେନା, ବ୍ରଜ କିଶୋର ଜେନା, ଜଗବନ୍ଧୁ ସ, କଳାକୃଷ୍ଣ ମହାରଣା, ସତ୍ୟବ୍ରତ ପାଢ଼ୀ, ଅମୀୟ ପାଣିଗ୍ରାହୀ ନିତ୍ୟାନନ୍ଦ ରାଉତ, ସତ୍ୟନାରାୟଣ ପଣ୍ଡା, ସାଗରେନ୍ଦ୍ର ମିଶ୍ର, ଦୀପକ କୁମାର ଦାସ, ଅଜିତ କୁମାର ପାଣିଗ୍ରାହୀ, କରୁଣାକର ରାଉଳ, ମାଧବ ସ, ଶରତ ସାମଲ ବସନ୍ତ ମିଶ୍ର, ଉଦୟ ମହାନ୍ତି, ଶୈଳେନ୍ଦ୍ର ପଣ୍ଡା ବଳରାମ ରାଉତ, କୈଳାଶ ରାଉତ, ବୈଦ୍ୟନାଥ ମହାନ୍ତି, ନରେନ୍ଦ୍ର ପଣ୍ଡା, ଯୁଧିଷ୍ଠିର ନନ୍ଦ, ପ୍ରେମାନନ୍ଦ ମହାନ୍ତି, କସ୍ତୁରୀ ରଣା, ଟୁନୁ ପଟ୍ଟନାୟକ, ଧରଣୀଧର ଦାସ, ଅଜୟ କୁମାର ମହାଳିକ, ଚିକୁ ଚନ୍ଦନ ଦାସ, ଅମରେନ୍ଦ୍ର ବ୍ରହ୍ମ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ସରସ୍ୱତୀ ଶିଶୁ ମନ୍ଦିର ର ଗୁରୁଜୀ ଗୁରୁମା, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ୪ ପଞ୍ଚାୟତରେ ଜନସଚେତନତା କାର୍ଯ୍ୟକ୍ରମ



ଖଇରା, ୧୧।୨ (ସମିସ); ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା, କୁପାରୀ, ନୟାଖଣ୍ଡି ଓ ସାରକୋଣାରେ ପଞ୍ଚାୟତସ୍ତରୀୟ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବର୍ତ୍ତନାରେ ପୂର୍ବତନ ସମିତିସଭ୍ୟ ରଘୁନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସରପଞ୍ଚ ବୀଣାପାଣି ପଣ୍ଡା ଯୋଗ ଦେଇ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ଜନସାଧାରଣ ହିଁ ପ୍ରକୃତ ବିନ୍ଧାଣି। ୨୪ବର୍ଷ ଶାସନରେ ବିଶେଷ ଗ୍ରାମାଞ୍ଚଳରେ ସବୁବର୍ଗର ଲୋକେ ଅର୍ଥନୈତିକ ସ୍ୱାବଲମ୍ବୀ ହୋଇଥିବାର କହିଥିଲେ। ନିର୍ବାହୀ ଅଧିକାରୀ ସରୋଜ ଦାସ ଓ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କୁପାରୀ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକଙ୍କ ବ୍ୟତିତ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସମିତି ସଭ୍ୟ ଅକ୍ଷୟ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ସୁଶାନ୍ତ ସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ପଞ୍ଚାୟତରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଓ ସଂଗଠନକୁ ପୁରସ୍କୃତ କରାଯାଇଥିଲା। ନୟାଖଣ୍ଡି ପଞ୍ଚାୟତରେ ବ୍ଲକ ଅଧ୍ୟକ୍ଷା ମୁଖ୍ୟଅତିଥି ଏବଂ ସରପଞ୍ଚ ମମତାରାଣୀ ବେହେରା, ସମିତିସଭ୍ୟା ସୋନାଲୀ ଶତପଥି, ନାଏବ ସରପଞ୍ଚ ବିଚିତ୍ରା ଦାସ, ନିର୍ବାହୀ ଅଧିକାରୀ ଚଗୁଲୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ହୃଦୟ ବେହେରା ଓ ବିପ୍ଳବ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାରକୋଣା ପଞ୍ଚାୟତରେ ମହିଳା ଗୋଷ୍ଠୀର ମୁଖ୍ୟ କୃଷ୍ଣପ୍ରିୟା ଦାସଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବିଧାୟକ ଯୋଗଦେଇ ମମତା, ମଧୁବାବୁ ଭତ୍ତା, ହରିଶ୍ଚନ୍ଦ୍ର ଇତ୍ୟାଦି ଯୋଜନାରେ ସହାୟତା ରାଶି ବୃଦ୍ଧି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡ଼ା, ସରପଞ୍ଚ ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା, ଏମବିକେ, ସିଆରପି, ଅଗ୍ରଣୀ ଚାଷୀ ଓ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସିପି ଶଶିକାନ୍ତ ଦାସ, ଅନିଲ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।



## ଭୋଟ ଗଣତି ଶେଷ; ନୂଆ ସଙ୍କଟରେ ପାକିସ୍ତାନ

# ସେନା ଆଶୀର୍ବାଦରେ ନୱାଜ୍-ବିଲାୱଲ ସରକାର !

ଇସଲାମାବାଦ୍,୧୧।୨(ଏଜେନ୍ସି)





ପାକିସ୍ତାନ ସାଧାରଣ ନିର୍ବାଚନ ଫଳାଫଳର ଚୂଡ଼ାନ୍ତ ରୂପରେଖ ରବିବାର ସାମ୍ନାକୁ ଆସିଛି । ଜାତୀୟ ଆସେମ୍ବ୍ଲି ପାଇଁ ୨୬୫ଟି ଆସନ ପାଇଁ ହୋଇଥିବା ନିର୍ବାଚନରେ କୌଣସି ଦଳ ମ୍ୟାଜିକ୍ ନମ୍ବର ହାସଲ କରିବାକୁ ସକ୍ଷମ ହୋଇନାହାନ୍ତି । ଇମ୍ରାନ ଖାନ୍‌ଙ୍କ ପିଟିଆଇ ଦଳ ସମର୍ଥନରେ ଛିଡା ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ସର୍ବାଧିକ ୧୦୦ଟି ଆସନରେ ବିଜୟୀ ହୋଇଥିବା ବେଳେ ନୱାଜ୍ ସରିଫଙ୍କ ପିଏମଏଲ-ଏନ ଦଳକୁ ୭୫ ଏବଂ ବିଲାୱଲ ଭୁଟ୍ଟୋଙ୍କ ଦଳକୁ ୫୩ ଆସନ ମିଳିଛି । ଏହି ତିନି ପ୍ରମୁଖ ଦଳ ବ୍ୟତୀତ ଏମକ୍ୟୁଏମ-ପିକୁ ୧୭ ଆସନ ମିଳିଛି । ସରକାର ଗଠନ ପାଇଁ ୧୩୪ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଛି ।

କିନ୍ତୁ କୌଣସି ଦଳ ଏହି ସଂଖ୍ୟା ହାସଲ କରି ନଥିବାରୁ କିଏ ସରକାର ଗଢିବ ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି । ଯାହାକୁ ନେଇ ପାକିସ୍ତାନ ପୁଣି ଏକ ରାଜନୈତିକ ସଙ୍କଟର ସମ୍ମୁଖୀନ ହୋଇଛି । ଇମ୍ରାନଙ୍କ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଏକକ ଦଳର ସମର୍ଥନରେ ସର୍ବାଧିକ ଆସନ ଲାଭ କରିଥିବାରୁ ତାଙ୍କ ଦଳ ହିଁ ସରକାର ଗଢିବ ବୋଲି ପିଟିଆଇ ସମର୍ଥକମାନେ ଦାବି କରିଛନ୍ତି । ରାଷ୍ଟ୍ରପତି ଆରିଫ୍ ଆଲଭି ଏହି ଦଳକୁ ହିଁ ସରକାର ଗଠନ ପାଇଁ ପ୍ରାଥମିକତା ଦେବା ଉଚିତ ବୋଲି ପିଟିଆଇ ଅଧ୍ୟକ୍ଷ ଗୋହର ଅଲ୍ଲୀ ଖାନ ରବିବାର ଦାବି କରିଛନ୍ତି । କିନ୍ତୁ ନିର୍ବାଚନ ପୂର୍ବରୁ ପିଟିଆଇ ଦଳକୁ ବ୍ୟାନ କରାଯାଇଥିବାରୁ ଏହି ଦଳ ନିର୍ବାଚନ ସଙ୍କେତ ହରାଇସାରିଛି ଏବଂ ଏହା ସମର୍ଥନରେ ବିଜୟୀ ହୋଇଥିବା ସ୍ୱାଧୀନ ପ୍ରାର୍ଥୀଙ୍କୁ ପିଟିଆଇ ଦଳର ସଦସ୍ୟ ଭାବେ ବିବେଚନ କରାଯାଇପାରିବନି । ତେଣୁ ସେମାନଙ୍କୁ ସରକାର ଗଠନ ପାଇଁ କିଭଳି ସୁଯୋଗ ଦିଆଯିବ ବୋଲି ଅନ୍ୟ ଦଳ ଦାବି ଉଠାଇଛନ୍ତି । ଏଭଳି ସ୍ଥଳେ ନୱାଜ୍ ସରିଫ ଏବଂ ବିଲାୱଲ ଭୁଟ୍ଟୋ ମିଳିତ ଭାବେ ସରକାର ଗଢିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ଜଣାପଡ଼ିଛି । ଇମ୍ରାନଙ୍କୁ କ୍ଷମତା ଦଖଲରୁ ବିରତ ରଖିବାକୁ ଚାହୁଁଥିବା ପାକିସ୍ତାନ ସେନା ମଧ୍ୟ ଏହି ମେଣ୍ଟ ସରକାର ପ୍ରତି ନିଜର ଆଭିମୁଖ୍ୟ ନରମ ରଖିଛି । ପାକିସ୍ତାନ ସମ୍ବାଦପତ୍ର 'ଦି ଡନ୍' ଅନୁସାରେ ପିଏମଏଲ-ଏନ ଏବଂ ପିପିପି ପାକିସ୍ତାନ ଡେମୋକ୍ରାଟିକ୍ ମୁଭମେଣ୍ଟ(ପିଡିଏମ) ବ୍ୟାନରରେ ମେଣ୍ଟ ସରକାର ଗଢିବାକୁ ପୂର୍ଣ୍ଣ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ପିପିପି ପ୍ରମୁଖ ନେତା ଅସିଫ୍ ଅଲ୍ଲୀ ଜର୍ଦ୍ଦାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ନୱାଜ୍ ସରିଫ ଯୋଗ ଦେଇ ସରକାର ଗଠନ ଲାଗି ଘନ ଘନ ବୈଠକ କରିଛନ୍ତି ।

### ■ କଂଗ୍ରେସରୁ ଆଚାର୍ଯ୍ୟ ପ୍ରମୋଦ କ୍ରିଷ୍ଣମ୍ ନିଲମ୍ବିତ

## 'ରାଷ୍ଟ୍ର ଓ ରାମଙ୍କ ସହ ସାଲିସ୍ କରିବିନି'

ନୂଆଦିଲ୍ଲୀ,୧୧।୨(ଏଜେନ୍ସି): କଂଗ୍ରେସରେ ରହି ମଧ୍ୟ ସଦାସର୍ବଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁଣଗାନ କରିଆସିଥିବା ବରିଷ୍ଠ ନେତା ଆଚାର୍ଯ୍ୟ ପ୍ରମୋଦ କ୍ରିଷ୍ଣମ ଶେଷରେ କଂଗ୍ରେସରୁ ବିଦା ହୋଇଛନ୍ତି । ତାଙ୍କ ଦଳୀୟ ହାଇକମାଣ୍ଡ ଦଳ ବିରୋଧୀ କାର୍ଯ୍ୟ ପାଇଁ ୬ ବର୍ଷ ପାଇଁ ନିଲମ୍ବିତ କରିଛନ୍ତି ବୋଲି ଆଚାର୍ଯ୍ୟ ପ୍ରମୋଦ ଖୋଦ୍ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି । କିନ୍ତୁ ମାତ୍ର ୮ ବର୍ଷ ପାଇଁ କାହିଁକି ରାଜା ରାମଚନ୍ଦ୍ରଙ୍କ ୧୪ ବର୍ଷ ବନବାସ ଭଳି କଂଗ୍ରେସ ତାଙ୍କୁ ୧୪ ବର୍ଷ ପାଇଁ ନିଲମ୍ବିତ କରିବା



ଉଚିତ ଥିଲା ବୋଲି ପ୍ରମୋଦ କହିଛନ୍ତି । ରାଷ୍ଟ୍ରବାଦକୁ ସମର୍ଥନ କରିବା , ସନାତନ ସଂସ୍କୃତିକୁ ପ୍ରୋତ୍ସାହନ ଦେବା କିମ୍ବା ରାମନାମ ଉଚ୍ଚାରଣ କରିବା ଯଦି ଦଳ ବିରୋଧୀ କାର୍ଯ୍ୟ ହୁଏ ତେବେ ତାଙ୍କର କିଛି କହିବାର ନାହିଁ । କିନ୍ତୁ ଛାତ୍ର ଜୀବନରୁ କଂଗ୍ରେସରେ ସେ ରହି ଆସିଥିଲା ବେଳେ ଆଜି ପର୍ଯ୍ୟନ୍ତ ଦଳ ପ୍ରତି ତାଙ୍କର ନିଷ୍ଠା ଏବଂ ଆନୁଗତ୍ୟକୁ ନେଇ କେହି ବି ପ୍ରଶ୍ନ ଉଠାଇ ପାରିବେ ନାହିଁ ବୋଲି ପ୍ରମୋଦ କହିଛନ୍ତି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରି ସେ ଆଜୀବନ ତାଙ୍କ ସମର୍ଥନରେ ରହିବେ ବୋଲି ଦୃଢୋକ୍ତି କରିଛନ୍ତି ।

### ଯୌନ ଉତ୍ପୀଡ଼ନକାରୀକୁ ଦେଇଥିଲେ କ୍ଷମା

## ଇସ୍ତଫାଦେଲେ ହଙ୍ଗେରୀ ରାଷ୍ଟ୍ରପତି

ବୁଦାପେଷ୍ଟ, ୧୧।୨ (ଏଜେନ୍ସି): ଶିଶୁ ଯୌନ ଉତ୍ପୀଡ଼ନକାରୀକୁ କ୍ଷମା ଦେବା ହଙ୍ଗେରୀ ରାଷ୍ଟ୍ରପତି କାଟାଲିନ ନୋଭାକଙ୍କୁ ମହଙ୍ଗା ପଡ଼ିଛି । ଘୋର ବିରୋଧ ପରେ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ସେ ଏହି ନିଷ୍ପତ୍ତି ପାଇଁ ଜନତାଙ୍କୁ କ୍ଷମା ମାଗିଛନ୍ତି । ତାଙ୍କ ଦ୍ୱାରା ଭୁଲ୍ ହୋଇଥିବା ସ୍ୱୀକାର କରିଛନ୍ତି । ଉତ୍ପୀଡ଼ନକାରୀକୁ କ୍ଷମା ଦେବା ନିଷ୍ପତ୍ତି ଦ୍ୱାରା ଅନେକ ଲୋକଙ୍କୁ ଆଘାତ ଲାଗିଛି । ସେ ସବୁବେଳେ ଶିଶୁ ଏବଂ ତାର ପରିବାର ସପକ୍ଷରେ ରହିବେ ବୋଲି କହିଛନ୍ତି । ଗତ ବର୍ଷ ଏପ୍ରିଲରେ ବାଳାଶ୍ରମର ପୂର୍ବତନ ଉପନିର୍ଦ୍ଦେଶକଙ୍କୁ କ୍ଷମା ଦିଆଯାଇଥିଲା । ସେ ଶିଶୁ ଯୌନ ଉତ୍ପୀଡ଼ନ ମାମଲାକୁ



ଲୁଚାଇବା ପାଇଁ ନିଜ ବସ୍‌ଙ୍କୁ ସହଯୋଗ କରିଥିଲେ । ଏହା ପରଠାରୁ ରାଷ୍ଟ୍ରପତିଙ୍କୁ ବିରୋଧ କରାଯାଉଥିଲା । ଗତ ୯ରେ ଲୋକେ ରାଷ୍ଟ୍ରପତି ଭବନ ବାହାରେ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ ଏବଂ ରାଷ୍ଟ୍ରପତିଙ୍କ ଇସ୍ତଫା ଦାବି କରିଥିଲେ ।

## ହଲ୍‌ଦ୍ୱାନୀ ହିଂସା: ମାଷ୍ଟରମାଇଣ୍ଡ ଗିରଫ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ହଲ୍‌ଦ୍ୱାନୀ ହିଂସାର ମୁଖ୍ୟ ଅଭିଯୁକ୍ତ ଅବ୍‌ଦୁଲ ମଲିକ ଧରା ପଡ଼ିଛି । ତାକୁ ଦିଲ୍ଲୀରୁ ଗିରଫ କରାଯାଇଛି । ସେ ରେଳବାଇର ଠିକାଦାର ଭାବେ କାର୍ଯ୍ୟ କରୁଥିଲା । ଅବଦୁଲ ଏବଂ ତା ପୁଅକୁ ଧରିବା ପାଇଁ ଉତ୍ତରପ୍ରଦେଶ ଏବଂ ଦିଲ୍ଲୀରେ ଚଢ଼ଉ କରାଯାଇଥିଲା । ବେଆଇନ ଭାବେ ମଦ୍ରାସା ଏବଂ ମସ୍‌ଜିଦ ନିର୍ମାଣରେ ଅବଦୁଲର ନାମ ସାମ୍ନାକୁ ଆସିଥିଲା । ଏହା ପୂର୍ବରୁ ହିଂସାକୁ ନେଇ ୫ ହଜାର ଅଜ୍ଞାତ ଲୋକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା । ପରେ ୫ ଜଣ ଲୋକଙ୍କୁ ଗିରଫ କରାଯାଇଥିଲା । ଏମାନଙ୍କ ମଧ୍ୟରେ ୨ ଜଣ ପୂର୍ବତନ କାଉନସିଲର ଏବଂ ଜଣେ ଏସ୍‌ପି ନେତା ସାମିଲ ଥିଲେ । ଅନ୍ୟପକ୍ଷରେ ରବିବାର ହିଂସା ପ୍ରଭାବିତ ଅଞ୍ଚଳକୁ ଛାଡ଼ି ଅନ୍ୟସବୁଠି ଇଣ୍ଟରନେଟ ସେବା ଆରମ୍ଭ କରିଦିଆଯାଇଛି । ତେବେ ବନଭୁଲପୁରା ଅଞ୍ଚଳରେ ଏବେ ବି କର୍ଫ୍ୟୁ ରହିଛି । ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳରେ ଜରୁରୀ ସାମଗ୍ରୀ ଯୋଗାଣ ଆରମ୍ଭ କରାଯାଇଛି । ଉପଦ୍ରବୀଙ୍କୁ ଧରିବା ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ଜବତ ପାଇଁ ପୁଲିସ ଘରକୁ ଘର ବୁଲି ତଲାସୀ ଅଭିଯାନ ଚଳାଇଛି । ଏହି କାର୍ଯ୍ୟରେ ଅର୍ଦ୍ଧସାମରିକ ବାହିନୀର ଅତିରିକ୍ତ ୪ କମ୍ପାନୀକୁ ମୁତୟନ କରାଯାଇଛି । ପର୍ଯ୍ୟାୟକ୍ରମେ ଏହି ଅଞ୍ଚଳରୁ କର୍ଫ୍ୟୁ ହଟାଇବା ପାଇଁ ଯୋଜନା କରାଯାଉଛି ।

### ଅନ୍ତିମ ସଂସ୍କାରକୁ ଯାଇଥିଲେ ଟ୍ରେନ ଡ୍ରାଇଭର

## ଠପ୍ ହୋଇଗଲା ରେଳସେବା

ମୁମ୍ବାଇ, ୧୧।୨ (ଏଜେନ୍ସି)

ମୁମ୍ବାଇରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି । ମୋଟରମ୍ୟାନଙ୍କ ଅନ୍ତିମ ସଂସ୍କାର ପାଇଁ ୧୪୭ ଟ୍ରେନ୍‌କୁ ବାତିଲ ହୋଇଯାଇଛି । ଏଥିପାଇଁ ଗତ ଶୁକ୍ରବାର ଭାୟଖଲା ଏବଂ ସ୍ୟାଣ୍ଡହର୍ଷ୍ଟ ରୋଡ୍ ଷ୍ଟେସନ ମଧ୍ୟରେ ସେଣ୍ଟ୍ରାଲ ଓ ହାର୍ବର ଲାଇନରେ ଟ୍ରେନ୍ ସେବା ନ ମିଳିବା ଯୋଗୁଁ ହଜାର ହଜାର ଲୋକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଟ୍ରେନ୍ ପାଇଁ ଯାତ୍ରୀଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ଶେଷରେ ନିରାଶ ହେବାକୁ ପଡ଼ିଥିଲା । ହଠାତ୍ ଏତେ ସଂଖ୍ୟକ ଟ୍ରେନ ବାତିଲ ହୋଇଥିବା ଶୁଣିବା ପରେ ଯାତ୍ରୀ ବିଚଳିତ ହୋଇଯାଇଥିଲେ । ତେବେ କାରଣ ଜାଣିବା ପରେ ମୁଣ୍ଡରେ ହାତ ଦେଇଥିଲେ । ନିଜ ସହଯୋଗୀଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ

### ମୁମ୍ବାଇରେ ବାତିଲ ହେଲା ୧୪୭ ଟ୍ରେନ୍

ଟ୍ରେନ୍ ଡ୍ରାଇଭର ଯାଇଥିଲେ । ସେମାନେ ଆସିବାରେ ବିଳମ୍ବ ହେବାରୁ ବାଧ ହୋଇ ଟ୍ରେନ୍ ବାତିଲ କରାଯାଇଥିଲା । କେନ୍ଦ୍ରୀୟ ରେଳବାଇର ପିଆରଓ ଏକେ ଜୈନ କହିଛନ୍ତି ଯେ ଶୁକ୍ରବାର ଦ୍ୱିପହରେ ଟ୍ରେନ୍ ସାମ୍ନାକୁ ଆସିଯିବାରୁ ମୋଟରମ୍ୟାନ (ଟ୍ରେନ୍ ଡ୍ରାଇଭର) ମୁରଲୀଧର ଶର୍ମାଙ୍କ ମୃତ୍ୟୁ ହୋଇଥିଲା । ପରେ ଅନ୍ତିମ ସଂସ୍କାର ପାଇଁ ମୃତଦେହକୁ କଲ୍ୟାଣର ମୁକ୍ତିଧାମ ନିଆଯାଇଥିଲା । ଏଥିରେ ଯୋଗଦେବା ପାଇଁ ୧୪ ଜଣ ମୋଟରମ୍ୟାନ ଯାଇଥିଲେ । ସମସ୍ତେ ୫ଟା ପୂର୍ବରୁ ଫେରିବାର ଥିଲା । କିନ୍ତୁ ସେମାନେ ଆସିବାରେ ବିଳମ୍ବ କରିଥିଲେ । ଏଥିଯୋଗୁଁ ୮୮ ଲୋକାଲ ଟ୍ରେନ ସହିତ ମୋଟ ୧୪୭ ଟ୍ରେନକୁ ବାତିଲ କରିବାକୁ ପଡ଼ିଥିଲା । ତେବେ ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ଦିଲ୍ଲୀରେ ଏକାକୀ ଲଢ଼ିବ ଆପ୍

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଲୋକସଭା ନିର୍ବାଚନ ପୂର୍ବରୁ ବିରୋଧୀ ମେଣ୍ଟ 'ଇଣ୍ଡିଆ' ଭାଙ୍ଗିବାରେ ଲାଗିଛି । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରେ ଆମ ଆଦମୀ ପାର୍ଟି (ଆପ୍) ଏହି ମେଣ୍ଟରୁ ଦୂରେଇ ଯାଇଛି । ପଞ୍ଜାବ ପରେ ଏବେ ଦିଲ୍ଲୀର ସମସ୍ତ ୭ ଆସନରେ ଆପ୍ ଏକାକୀ ଲଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଘୋଷଣା କରିଛନ୍ତି । ସେ ରବିବାର ପଞ୍ଜାବର ତରନତାରନରେ ଏକ ସଭାକୁ ସମ୍ବୋଧନ କରି ସେ କହିଛନ୍ତି ଯେ ରାଜ୍ୟପାଳ ବିଧାନସଭା ଅଧିବେଶନ ହେବାକୁ ଦେଉନାହାନ୍ତି । ଦିଲ୍ଲୀରେ ମଧ୍ୟ କାମ କରିବାକୁ ଦିଆଯାଉ ନାହିଁ । କିନ୍ତୁ ଦିଲ୍ଲୀବାସୀ ୭ ଲୋକସଭା ଆସନରେ ଦଳକୁ ଜିତାଇବାକୁ ଚାହୁଁଛନ୍ତି । ବିଜେପି କେବଳ ଆପ୍‌କୁ ଡରୁଛି ବୋଲି କେଜ୍ରିୱାଲ କହିଛନ୍ତି । ଯେକୌଣସି ସମୟରେ ଆପ୍ କେନ୍ଦ୍ରରେ ସରକାର ଗଠନ କରିଦେବ ବୋଲି ବିଜେପି ଭୟ କରୁଛି । ଏଥିପାଇଁ ଦଳକୁ ତଳିତଳାନ୍ତ କରିବାକୁ ଚାହୁଁଛି । ପ୍ରତିଦିନ ଅଭିଯୋଗ ଲଗାଯାଉଛି । କେବେ ସିବିଆଇ ତ ଆଉ କେବେ ଇଡି ପଠାଉଛି । ଏଭଳି ଲାଗୁଛି ଯେପରି ସେ ସବୁଠାରୁ ବଡ଼ ଆତଙ୍କବାଦୀ ।

## ଆଜି ନୀତୀଶ ସରକାର ପାଇଁ ଅଗ୍ନି ପରୀକ୍ଷା

ପାଟନା,୧୧।୨(ଏଜେନ୍ସି): ବିହାର ମହାମେଣ୍ଟରୁ ବାହାରି ଏନଡିଏରେ ସାମିଲ ହୋଇଥିବା ଜେଡିୟୁ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆସନ୍ତାକାଲି ଆସ୍ଥା ଭୋଟ୍‌ର ସମ୍ମୁଖୀନ ହେବେ । ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାରେ ସରକାର ଗଠନ ପାଇଁ ସର୍ବାଧିକ ୧୨୨ ସଦସ୍ୟଙ୍କ ସମର୍ଥନର ଆବଶ୍ୟକତା ରହିଥିବା ବେଳେ ଏନଡିଏ ମେଣ୍ଟ ପାଇଁ ଏହା କୌଣସି କଷ୍ଟସାଧ୍ୟ ବ୍ୟାପାର ନୁହେଁ । କାରଣ ବର୍ତ୍ତମାନ ବିଜେପି ବିଧାୟକଙ୍କ ସଂଖ୍ୟା ୭୮ ରହିଥିଲା ବେଳେ ଜେଡିୟୁ ୪୫, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ୪ ଏବଂ ଜଣେ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ନୀତୀଶଙ୍କ ସରକାରଙ୍କ ପ୍ରତି ସମର୍ଥନ ରହିଛି । ଅନ୍ୟପକ୍ଷରେ ବିରୋଧୀ ଦଳ ମଧ୍ୟରେ ଆରଜେଡି ବିଧାୟକଙ୍କ ସଂଖ୍ୟା ୭୯ ରହିଥିବା ବେଳେ କଂଗ୍ରେସ ୧୯, ସିପିଆଇ(ଏମଏଲ) ୧୨, ସିପିଆଇ(ଏମ) ୨ ଏବଂ ସିପିଆଇର ଦୁଇ ବିଧାୟକ ରହିଛନ୍ତି ।

## ସାଗରିକା ଟିଏମ୍‌ସିର ରାଜ୍ୟସଭା ପ୍ରାର୍ଥୀ



କୋଲକାତା, ୧୧।୨ (ଏଜେନ୍ସି): ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ରବିବାର ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରିଛି । ଦଳ ବରିଷ୍ଠ ସାମ୍ବାଦିକ ରାଜଦୀପ ସରଦେଶାଇଙ୍କ ପତ୍ନୀ ତଥା ସାମ୍ବାଦିକା ସାଗରିକା ଘୋଷଙ୍କୁ ପ୍ରାର୍ଥୀ କରିଛି । ସେ ପ୍ରଥମ ଥର ପାଇଁ ଉଚ୍ଚ ସଦନକୁ ଯିବେ । ଏହା ବ୍ୟତୀତ ସୁଷ୍ମିତା ଦେବ, ମହମ୍ମଦ ନଦିମୁଲ ହକ୍‌ଙ୍କୁ ଦ୍ୱିତିୟ ଥର ପାଇଁ ଏବଂ ମମତା ବାଲା ଠାକୁରଙ୍କୁ ପ୍ରଥମ ଥର ପାଇଁ ପ୍ରାର୍ଥୀ କରାଯାଇଛି । ଟିଏମ୍‌ସି ପକ୍ଷରୁ ସମସ୍ତ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଦିଆଯାଇଛି । ଏମାନେ ଟିଏମ୍‌ସିର ପରମ୍ପରାକୁ ବଜାୟ ରଖି ଭାରତୀୟଙ୍କ ଅଧିକାର ପାଇଁ କାର୍ଯ୍ୟ କରିବେ ବୋଲି ଦଳ ଆଶା ରଖିଛି । ୨୭ ତାରିଖରେ ରାଜ୍ୟର ୫ ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି । ଏଥିରୁ ଗୋଟିଏ ଆସନ ବିଜେପି ହାତକୁ ଯିବା ଧାର୍ଯ୍ୟ । ସେହିପରି ଏହି ଦିନ ୧୫ ରାଜ୍ୟର ୫୬ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ।

## ମଣିପୁରରେ ପୁଣି ଜଣେ ସ୍ୱେଚ୍ଛାସେବୀଙ୍କୁ ହତ୍ୟା

ଇମ୍ଫାଲ, ୧୧।୨ (ଏଜେନ୍ସି): ମଣିପୁର କାଙ୍ଗପୋକପି ଜିଲ୍ଲା ମୋଲହମ କୁକି ଗ୍ରାମରୁ ସ୍ୱେଚ୍ଛାସେବୀ ନିଙ୍ଗଥୌଜମ ମନିସାନାଙ୍କ ମୃତଦେହ ମିଳିଛି । ତାଙ୍କୁ ଗୁଳିମାରି ହତ୍ୟା କରାଯାଇଛି । ସେ ୪ ଦିନ ହେଲା ନିଖୋଜ ଥିଲେ । ରବିବାର ସୁରକ୍ଷାବାହିନୀ ସ୍ଥାନୀୟ ଲୋକଙ୍କ ସହ ମିଶି ତାଙ୍କୁ ଖୋଜିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରିଥିଲା । ଏହି ସମୟରେ ମୃତଦେହ ମିଳିଥିଲା । ପୁଲିସ ସୂଚନା ଅନୁଯାୟୀ ଗତ ୭ ତାରିଖରେ ଏକ ପ୍ରତିଦ୍ୱନ୍ଦ୍ୱି ସମ୍ପ୍ରଦାୟର ସଦସ୍ୟ ଆକ୍ରମଣ କରିଥିଲେ । ଏହା ପରେ ଇମ୍ଫାଲ ପୂର୍ବ ଜିଲ୍ଲାର ମୋଇରଙ୍ଗପୁରେଲ କ୍ଷେତ୍ରକୁ ରକ୍ଷା କରିବା ସମୟରେ ମନିସାନା ନିଖୋଜ ହୋଇଯାଇଥିଲେ ।

## କେହି ନ ଆସିଲେ ଏକାକୀ ଲଢ଼ିବୁ: ଖଡ଼୍‌ଗେ

ଚଣ୍ଡିଗଡ଼, ୧୧।୨ (ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ପରେ କଂଗ୍ରେସ ପଞ୍ଜାବରେ ଏକାକୀ ନିର୍ବାଚନ ଲଢ଼ିବାକୁ ଯାଉଛି । ଲୁଧିଆନା ଜିଲ୍ଲା ସମରାଲାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧନ କରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏହି ଘୋଷଣା କରିଛନ୍ତି । ଏହା ପୂର୍ବରୁ ରାଜ୍ୟର ଅନେକ ନେତା ଆପ୍ ସହ ମେଣ୍ଟ ନ କରିବା ପାଇଁ ହାଇକମାଣ୍ଡଙ୍କୁ କହିଥିଲେ । ମେଣ୍ଟ ହେଲେ କଂଗ୍ରେସର କ୍ଷତି ହେବ ବୋଲି କହିଥିଲେ । ଏବେ ଖଡଗେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କୁ ହରାଇବା ପାଇଁ ବିରୋଧୀ ମେଣ୍ଟ 'ଇଣ୍ଡିଆ' ଗଠନ ହୋଇଥିଲା । କିଛି କ୍ଷେତ୍ରରେ ମେଣ୍ଟ ଠିକ୍ ଥିବାବେଳେ ଆଉ କିଛିରେ ମନୋମାଳିନ୍ୟ ରହିଛି । ଏକାକୀ ଲଢ଼ିବାକୁ ଭାବି ଚାଲିବା ପାଇଁ ସେ କର୍ମୀଙ୍କୁ କହିଛନ୍ତି । ଯଦି କିଏ ଆସିବ ତେବେ ସ୍ୱାଗତ କରାଯିବ, ନ ଆସିଲେ କିଛି କରିବାର ନାହିଁ । ଏହି ନିଷ୍ପତ୍ତି ସାରା ଦେଶ ପାଇଁ ନିଆଯାଇଛି ।

## ରାଜ୍ୟସଭା ପାଇଁ ବିଜେପିର ୧୪ ପ୍ରାର୍ଥୀ ଘୋଷଣା

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ବିହାର, ଛତିଶଗଡ଼, ହରିୟାଣା, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ପଶ୍ଚିମବଙ୍ଗ ନିମନ୍ତେ ୧୪ ଜଣଙ୍କୁ ପ୍ରାର୍ଥୀ ଘୋଷଣା କରିଛି । ୟୁପିରୁ ଆରପିଏନ ସିଂହ, ସୁଧାଂଶୁ ତ୍ରିବେଦୀ, ଚୌଧୁରୀ ତେଜବୀର ସିଂହ, ସାଧନା ସିଂହ, ଅମରପାଲ ମୌର୍ଯ୍ୟ, ସଙ୍ଗୀତା ବଲୱନ୍ତ, ନବୀନ ଜୈନକୋଙ୍କୁ ପ୍ରାର୍ଥୀ କରାଯାଇଛି । ସେହିପରି ହରିୟାଣାରୁ ସୁଭାଷ ବରାଲା, ବିହାରରୁ ଧର୍ମଶିଳ ଗୁପ୍ତା, ଭୀମ ସିଂହ, ଉତ୍ତରାଖଣ୍ଡରୁ ମହେନ୍ଦ୍ର ଭଟ୍ଟ, ପଶ୍ଚିମବଙ୍ଗରୁ ସାମିକ ଭଟ୍ଟାଚାର୍ଯ୍ୟ, କର୍ଣ୍ଣାଟକରୁ ନାରାୟଣା କୃଷ୍ଣସା ଭାଣ୍ଡଗେ ଏବଂ ଛତିଶଗଡ଼ରୁ ରାଜା ଦେବେନ୍ଦ୍ର ପ୍ରତାପ ସିଂହ ସାମିଲ ଅଛନ୍ତି ।

## ତାମିଲନାଡୁର ୨୧ ସ୍ଥାନରେ ଇଡି ଚଢ଼ଉ; ୪ ଗିରଫ

ଚେନ୍ନଇ, ୧୧।୨ (ଏଜେନ୍ସି): କୋଏମ୍ବାଟୁର ବୋମା ବିସ୍ଫୋରଣ ମାମଲା (୨୦୨୨)ରେ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ଶନିବାର ତାମିଲନାଡୁର ୨୧ ସ୍ଥାନରେ ଚଢ଼ଉ କରିଥିଲା । ଏହି ସମୟରେ ୪ ଜଣ ଲୋକଙ୍କୁ ଗିରଫ କରାଯାଇଛି । ୬ ଲ୍ୟାପଟପ୍, ୨୫ ମୋବାଇଲ, ୩୪ ସିମ୍ କାର୍ଡ ଏବଂ ତିନି ହାର୍ଡଡିସ୍କ ମଧ୍ୟ ଜବତ ହୋଇଛି । ୨୦୨୨ ଅକ୍ଟୋବର ୨୩ରେ କୋଏମ୍ବାଟୁରର ସଙ୍ଗମେଶ୍ୱର ମନ୍ଦିର ନିକଟରେ ଛିଡ଼ା ହୋଇଥିବା କାର୍‌ରେ ବିସ୍ଫୋରଣ ହୋଇଥିଲା । ଏଥିରେ ଆଇଏସଆଇଏସ ଆତଙ୍କବାଦୀ ଜେମିଶା ମୁବିନା ପ୍ରାଣ ହରାଇ ଥିଲା । ଏ ପର୍ଯ୍ୟନ୍ତ ଏହି ମାମଲାରେ ୧୯ ଜଣଙ୍କୁ ଗିରଫ କରାଗଲାଣି ।

### ■ ବେଡ୍‌ରେ ବସି ରିଲ୍ ବନାଇଲେ

## ୩୮ ମେଡିକାଲ ଛାତ୍ରଛାତ୍ରୀଙ୍କୁ ଦଣ୍ଡ

ବେଙ୍ଗାଲୁରୁ, ୧୧।୨ (ଏଜେନ୍ସି)

ମେଡିକାଲ କଲେଜ ପରିସରରେ ରିଲ୍ ବନାଇବାକୁ ନେଇ କର୍ଣ୍ଣାଟକ ୩୮ ମେଡିକାଲ ଛାତ୍ରଛାତ୍ରୀଙ୍କୁ ଦଣ୍ଡ ଦିଆଯାଇଛି । ଏମାନେ 'ରିଲ୍ ଇଟ୍, ଫିଲ୍ ଇଟ୍' ଶୀର୍ଷକ ଦେଇ ରୋଗୀଙ୍କ ବେଡ୍‌ରେ



ବସି ରିଲ୍ ବନାଇଥିଲେ । ଦିନକ ତଳେ ଅପରେସନ ଥିଏଟର (ଓଟି)ରେ 'ପ୍ରି-ୱେଡିଂ ସୁଟ୍' କରିବାରୁ ରାଜ୍ୟ ସରକାର ଜଣେ ଡାକ୍ତରଙ୍କୁ ବହିଷ୍କାର କରି ଦେଇଥିଲେ ।

ସୂଚନା ଅନୁଯାୟୀ ଗଡଗ ଜିଲ୍ଲା ମାଲାସମୁଦ୍ର ସ୍ଥିତ ଗଡଗ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସ (ଜିଆଇଏମଏସ)ର ଛାତ୍ରଛାତ୍ରୀଙ୍କ କିଛି ରିଲ୍ ଭାଇରାଲ ହୋଇଥିଲା । ଏ ସବୁକୁ କଲେଜ ପରିସରରେ ବନା ଯାଇଥିଲା । ନିର୍ଦ୍ଦେଶକ ଡ଼. ବାସବରାଜ ବୋମନହଲ୍ଲି ଏହାକୁ ବଡ଼ ଭୁଲ୍ କହିଛନ୍ତି । ସେ ରିଲ୍ ବନାଇଥିବା ୩୮ ଛାତ୍ରଛାତ୍ରୀଙ୍କ ହାଉସମ୍ୟାନସିପ ପ୍ରଶିକ୍ଷଣକୁ ୧୦ ଦିନ ପାଇଁ ବଢ଼ାଇ ଦେଇଛନ୍ତି । ଏଭଳି କାର୍ଯ୍ୟକଳାପ ପାଇଁ ଆଦୌ ଅନୁମତି ଦିଆଯିବ ନାହିଁ । ସବୁ ରୋଗୀଙ୍କ ସୁବିଧା ପ୍ରତି ଧ୍ୟାନ ରଖାଯିବା ଉଚିତ । ଅନ୍ୟପକ୍ଷରେ ପ୍ରି-ଗ୍ରାଜୁଏସନ କାର୍ଯ୍ୟକ୍ରମ ପାଇଁ ରିଲ୍ ରେକର୍ଡ କରାଯାଇଥିଲା ବୋଲି ଛାତ୍ରଛାତ୍ରୀ କହିଛନ୍ତି ।

## ରନ୍‌ୱେରେ ୧୫ ମିନିଟ୍ ଅଟକିଲା ବିମାନ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଦେଶର ସବୁଠାରୁ ବ୍ୟସ୍ତବହୁଳ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ) ରେ ଅବତରଣ ପରେ ରବିବାର ଏକ ଇଣ୍ଡିଗୋ ବିମାନ (୬ଇ-୨୨୨୧) ରାସ୍ତା ଭୁଲି ଯାଇଛି । ସେ ଟ୍ୟାକ୍ସି-ୱେରେ ନ ଅଟକି ରନୱେର ଶେଷ ଭାଗକୁ ଚାଲି ଯାଇଥିଲା । ଏଥିଯୋଗୁଁ ୧୫ ମିନିଟ ପର୍ଯ୍ୟନ୍ତ ରନୱେ ବନ୍ଦ ରହିଥିଲା । ଏହି ସମୟରେ ଅନେକ ବିମାନକୁ ଉଡ଼ାଣ ଏବଂ ଅବତରଣର ଅନୁମତି ମିଳିପାରି ନ ଥିଲା । ତେଣୁ ଅନେକ ବିମାନ ବିଳମ୍ବିତ ରହିଥିଲା । ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଏହାର ସୂଚନା ମିଳିବା ପରେ ଟୋଇଂ ବିମାନରେ ଟାଣି ଟାଣି ୬ଇ-୨୨୨୧କୁ ପାର୍କିଂକୁ ନିଆଯାଇଥିଲା । ଏହା ସକାଳ ୭ଟା୨୦ରେ ଅମୃତସରରୁ ଉଡ଼ାଣ ଆରମ୍ଭ କରି ୮ଟା୩୦ରେ ଦିଲ୍ଲୀରେ ପହଞ୍ଚି ଥିଲା । କୁହୁଡ଼ି ଯୋଗୁଁ ଏହି ସମସ୍ୟା ହୋଇଥିଲା ବୋଲି ଇଣ୍ଡିଗୋ ପ୍ରବକ୍ତା କହିଛନ୍ତି ।

### 'ଦିଲ୍ଲୀ ଚଲୋ' ଜିଦ୍‌ରେ ଅଟଳ ଚାଷୀ

## ୧୨ ଜିଲ୍ଲାରେ ୧୪୪ ଧାରା

ଅମ୍ବାଲା, ୧୧।୨ (ଏଜେନ୍ସି)

ସଂଯୁକ୍ତ କିଶାନ ମୋର୍ଚ୍ଚା (ଏସକେଏମ୍) ୧୩ରେ 'ଦିଲ୍ଲୀ ଚଲୋ' ଡାକରା ଦେଇଛି । ଏହାକୁ ନେଇ କୃଷକ ଜିଦ୍‌ରେ ଅଟଳ ରହିଛନ୍ତି । ଏହି ଯାତ୍ରା ପୂର୍ବରୁ ହରିୟାଣା ଏବଂ ପଞ୍ଜାବର ଶମ୍ଭୁ, ଖନୌରି ସମେତ

**ପଞ୍ଜାବ-ହରିୟାଣା ସୀମା ସିଲ୍**
**ସିଙ୍ଘୁ-ଟିକରିରେ ବ୍ୟାରିକେଡ୍**
**ସିର୍ସାରେ ୨ ଅସ୍ଥାୟୀ ଜେଲ୍**

ସବୁ ସୀମାକୁ ସିଲ୍ କରିଦିଆଯାଇଛି । ସିଙ୍ଘୁ ଏବଂ ଟିକରି ସୀମାରେ ସିମେଣ୍ଟର ବ୍ୟାରିକେଡ ଲଗାଯାଇଛି । ପଞ୍ଜାବରୁ ଆସୁଥିବା କୃଷକଙ୍କ ଗାଡ଼ିକୁ ନ ଛାଡ଼ିବା ଶମ୍ଭୁ ସୀମା ଏବଂ ଫତେହାବାଦରେ ବଡ଼ ବଡ଼ ଲୁହା କଣ୍ଟା ପୋତା ଯାଇଛି । ହରିୟାଣାର ୭ ଜିଲ୍ଲାରେ ରବିବାର ସକାଳ ୬ଟାରୁ ଇଣ୍ଟରନେଟ, ଡଙ୍ଗଲ ଏବଂ ବଲ୍‌କ ଏସଏମ୍‌ଏସ ବନ୍ଦ କରିଦିଆଯାଇଛି । ୧୩ ତାରିଖ ରାତି ୧୨ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ । ସେହିପରି ହରିୟାଣାର ସୋନିପତ, ଝଜର, ପଞ୍ଚକୁଲା, ଅମ୍ବାଲା, କେଥଲ,



ହିସାର, ସିର୍ସା, ଫତେହାବାଦ ଏବଂ ଜିନ୍ଦ ସମେତ ୧୨ ଜିଲ୍ଲାରେ ୧୪୪ ଧାରା କାର୍ଯ୍ୟକାରୀ କରାଯାଇଛି । ଏହା ସହିତ ପଞ୍ଜାବ ଏବଂ ଦିଲ୍ଲୀ ମାର୍ଗରେ ଯାଉଥିବା ଗାଡ଼ିର ଗତିପଥକୁ ପରିବର୍ତ୍ତନ କରାଯାଇଛି । କେନ୍ଦ୍ର ସରକାର ହରିୟାଣାକୁ ଅର୍ଦ୍ଧସାମରିକ ବାହିନୀର ୬୪ କମ୍ପାନୀ ପଠାଇଛନ୍ତି । ଏଥିରେ ବିଏସ୍‌ଏଫ ଏବଂ ସିଆରପିଏଫ୍ ଯବାନ ସାମିଲ ଅଛନ୍ତି । ଚାଷୀଙ୍କ ମୁକାବିଲା କରିବା ପାଇଁ ହରିୟାଣା ସିର୍ସାର ଚୌଧୁରୀ ଦଲବୀର ସିଂହ ଇନଡୋର ଷ୍ଟାଡିୟମ ଏବଂ ଗୁରୁ ଗୋବିନ୍ଦ ସିଂହ ଷ୍ଟାଡ଼ିୟମରେ ୨ଟି ଅସ୍ଥାୟୀ ଜେଲ୍ ବନାଯାଇଛି । ଚଣ୍ଡିଗଡ଼ରେ ମଧ୍ୟ ଧାରା ୧୪୪ ଲଗାଯାଇଛି । ବିକ୍ଷୋଭ ପ୍ରଦର୍ଶନ ସହିତ ଟ୍ରାକ୍ଟର ରାଲି ଉପରେ କଟକଣା ଲଗାଇ ଦିଆଯାଇଛି ।

ଦିଲ୍ଲୀର ଗାଜିପୁରକୁ ଲାଗିଥିବା ସୀମାରେ ଦିଲ୍ଲୀ ପୁଲିସ ଧାରା ୧୪୪ ଲଗାଇଛି । ଏହି ମାର୍ଗ ଦେଇ ୟୁପି ଚାଷୀ ଆସିବାର ସମ୍ଭାବନା ରହିଛି । କୌଣସି ଟ୍ରାକ୍ଟରକୁ ୧୦ ଲିଟରରୁ ଅଧିକ ଡିଜେଲ ନ ଦେବା ପାଇଁ ସୋନିପତର ପେଟ୍ରୋଲ ପମ୍ପ ମାଲିକଙ୍କୁ ଡିସି ନିର୍ଦ୍ଦେଶ ଦେଇଛନ୍ତି । ସ୍ଥିତି ଉପରେ ନଜର ରଖିବା ପାଇଁ ଶମ୍ଭୁ ସୀମାରେ ୮ ସିସିଟିଭି କ୍ୟାମେରା ଲଗାଯାଇଛି । ଏହାର ସୀମା ୪୦ ମିଟର ପର୍ଯ୍ୟନ୍ତ ରହିଛି । ଚାଷୀଙ୍କୁ ଅଟକାଇବା ପାଇଁ ବିଏସ୍‌ଏଫ ମୋର୍ଚ୍ଚା ସମ୍ଭାଳିଛି । ହରିୟାଣାର ଏସକେଏମ ନେତା ଜଗଜିତ ଡଲେୱାଲ କହିଛନ୍ତି ଯେ ବିମୁଦ୍ରିକରଣ ନାମରେ ଚାଷୀଙ୍କୁ ଉସୁକା ଯାଉଛି । ଏହା ମଧ୍ୟରେ ସୋମବାର ସନ୍ଧ୍ୟାରେ ଚାଷୀ ସଂଗଠନଗୁଡ଼ିକ ସହ କେନ୍ଦ୍ର ସରକାର ଆଲୋଚନା କରିବାକୁ ଯାଉଛନ୍ତି । ଏଥିରେ କେନ୍ଦ୍ରୀୟ ମନ୍ତ୍ରୀ ଅର୍ଜୁନ ମୁଣ୍ଡା, ପୀୟୁଷ ଗୋୟଲ ଏବଂ ନିତ୍ୟାନନ୍ଦ ରାୟ ସାମିଲ ହୋଇପାରନ୍ତି ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର; ୫୪ ୟୁନିଟ୍ ସଂଗୃହୀତ



ବେତନଟୀ, ୧୧।୨(ସମିସ): ବେତନଟୀ ବ୍ଲକ ପୁରୁଣିଆ ପଞ୍ଚାୟତ ବାଛୁରୀପଡ଼ାସ୍ଥିତ ମା' ଦୁଧିଆ ବଡାମ ବାର୍ଷିକ ଉତ୍ସବ ଅବସରରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୫୪ ୟୁନିଟ ସଂଗୃହୀତ ହୋଇଥିଲା। ଶବିରରେ ରେକର୍ଡ ସଂଖ୍ୟକ ମହିଳା ରକ୍ତଦାତା ସାମିଲ ହୋଇଥିଲେ। ବାର୍ଷିକୋତ୍ସବ ଉପଲକ୍ଷେ ଅଷ୍ଟମପ୍ରହର ଅଖଣ୍ଡ ନାମଯଜ୍ଞ ସାଙ୍ଗକୁ ହଜାର ହଜାର ଲୋକଙ୍କ ପାଇଁ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଶନିବାର ଉଦଯାପନୀ ଦିବସରେ ପୁରଣିଆ ପଞ୍ଚାୟତ ସମେତ ଆମ୍ବଗଡ଼ିଆ, ରଘୁପୁର, ମହିଷାଶୋଳ ଆଦି ପଞ୍ଚାୟତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ଭାଗବତ ସାହୁ ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ। ବ୍ଲକ ସାମ୍ବାଦିକସଂଘର ସାଧାରଣ ସମ୍ପାଦକ ଅନୂପ ଦଣ୍ଡପାଟ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ଧୀରେନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ସଂଯୋଜନା ଏବଂ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ବୀରେନ କୁମାର ସାହୁ, ଆନିକୁମାର ଦାସ, ସୁରେଶ ସାହୁ, ବିଜୟ ସାହୁ, ହରିନାରାୟଣ ସାହୁ, ଅଜୟ ସାହୁ, ଭାଗିରଥି ସାହୁ, ଗୋପୀନାଥ ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶେଷରେ ଉପସଭାପତି ଚନ୍ଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେଇ କ୍ରିକେଟ୍ ପ୍ରତିଯୋଗିତା

କରଞ୍ଜିଆ, ୧୧।୨(ସମିସ): କରଞ୍ଜିଆ ଷ୍ଟାଡିୟମ ପରିସରରେ ଷ୍ଟାର କ୍ଲବ ଓ ମର୍ଣ୍ଣିଂ ଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେ ଦ୍ୱିତୀୟ ଦିନ କ୍ରିକେଟ ପ୍ରତିଯୋଗିତା ନୀଳମାଧବ ଟିମ ବନାମ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଜିର ମ୍ୟାଚରେ ନୀଳମାଧବ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ଖେଳି ୫ ଉଇକେଟ ହରାଇ ୯୨ ରନ କରିଥିଲେ। ରାଇରଙ୍ଗପୁର ଆଇଆଇସି ସୁଚନ୍ଦ୍ର ମହାଳିକ ଓ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର ଉପସ୍ଥିତ ଥିଲେ।

### ଡିହିରାକୁଳରେ ଆମ ଗାଁ ଗୁରୁଜନ ପୂଜନ ଉତ୍ସବ

# ବରିଷ୍ଠ ନାଗରିକ ଯୁବପିଢ଼ିଙ୍କ ପଥପ୍ରଦର୍ଶକ

ଉଦଳା, ୧୧।୨(ସମିସ): ବାପାମାଆଙ୍କ ସେବାରୁ ଯେଉଁ ଆଶୀର୍ବାଦ ମିଳିଥାଏ, ତାହା ହେଉଛି ସନ୍ତାନମାନଙ୍କ ପାଇଁ ସମ୍ପଦ। ଉଦଳା ବ୍ଲକ ଅଧୀନ ସଂସ୍କୃତି ସମ୍ପନ୍ନ ଗ୍ରାମ ଡିହିରାକୁଳରେ ଆମ ଗାଁ ଗୁରୁଜନ ପୂଜନ ଉତ୍ସବ ସମାରୋହରେ ଅତିଥିମାନେ ଯୋଗଦେଇ ଜନସାଧାରଣଙ୍କୁ ଏହା କହିଛନ୍ତି। ଡିହିରାକୁଳ ଦୋଳମଣ୍ଡପ ପଡ଼ିଆରେ ରବିବାର ଆମ ଗାଁ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସକାଳେ ଗୁରୁଜନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରାଯାଇଥିଲା। ପରେ ଉପସ୍ଥିତ ପିତାମାତାଙ୍କୁ ଫୁଲଚନ୍ଦନ ଏବଂ ଉପଢୌକନ ଦିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବରେ ଅତିଥି ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ଲକ୍ଷ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଉଦଳା ବିଧାୟକ ଭାସ୍କର ମଢେଇ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଭଦ୍ରକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ, ଭୁବନେଶ୍ୱର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ବରିଷ୍ଠ ଅଧିକାରୀ ବିଶ୍ୱଜିତ୍ ନାୟକ, ଅମୀୟବଳ ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ବରଷ୍ଠତା ବର୍ଦ୍ଧିତ ବୟସ ନୁହେଁ, ବରିଷ୍ଠ ନାଗରିକ ଯୁବପିଢ଼ିଙ୍କ ପଥପ୍ରଦର୍ଶକ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ନୃତ୍ୟ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ବୟସର ଅପରାହ୍ନରେ ଥିବା ବୟୋଜ୍ୟେଷ୍ଠମାନଙ୍କ ଭାବକୁ ବୁଝି ସେମାନଙ୍କ ଅବଦାନ ଆଗରେ ମୁଣ୍ଡ ନୂଆଁଇ ପୂଜା କରୁଥିବା ଯୁବକଙ୍କ ଉନ୍ନତି କାମନା କରିଛନ୍ତି ମାତାପିତା। ଆଜିର ଏହି କାର୍ଯ୍ୟକ୍ରମ କେବଳ ଡିହିରାକୁଳରେ ନୁହେଁ ବରଂ ବିଭିନ୍ନ ଗ୍ରାମରେ ଆୟୋଜନ କରାଯିବା ସହିତ ଆଜିର ପଥଭ୍ରଷ୍ଟ ଯୁବପିଢ଼ିଙ୍କୁ ଚେତାଇ ଦେବା ସହିତ ଜୀବନରେ ବାପାମାଆଙ୍କ ଗୁରୁତ୍ୱ ବୁଝାଇବା ପାଇଁ ଏହି କାର୍ଯ୍ୟକ୍ରମ ହେବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ସଂଯୋଜକ ଭାବେ ରମେଶ ଚନ୍ଦ୍ର ପୃଷ୍ଟି ଓ ଉଦଘୋଷିକା ପାୟଲ ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁଜନ ପୂଜନ କମିଟିର ସର୍ବେଶ୍ୱର ହାତୀ, ମଧୁସୂଦନ ହାତୀ, ଗଣେଶ୍ୱର ବେହେରା, ଜୟନ୍ତ କୁମାର ବେହେରା, ଶତ୍ରୁଘ୍ନ ସାହୁ, ପ୍ରମୋଦ ସାହୁ, ସତ୍ୟପ୍ରିୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଖୁଣ୍ଟା ଲ୍ୟାମ୍ପ୍ସରେ ମାଣ୍ଡିଆ ମଣ୍ଡି ଶୁଭାରମ୍ଭ



ଖୁଣ୍ଟା, ୧୧।୨(ସମିସ): ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ଲ୍ୟାମ୍ପ୍ସରେ ବ୍ଲକସ୍ତରୀୟ (ମିଲେଟ୍ସ) ମାଣ୍ଡିଆ କ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଲ୍ୟାମ୍ପ୍ସ ଏମଡ଼ି ରଶ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅତିଥିଭାବେ କପ୍ତିପଦା ଉପଖଣ୍ଡ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଟିଡ଼ିସିସିର ଜିଲ୍ଲା ପରିଚାଳକ ଅରୁଣ ଦାସ, ବ୍ଲକ କୃଷି ଅଧିକାରୀ ତ୍ରିଲୋଚନ ରାଉତ, ଓାସନର ଏଡ଼ିପିସି ଶ୍ରୀକାନ୍ତ ମହାନ୍ତ, ବ୍ଲକ ସଂଯୋଜକ ବିଜୟ କୁମାର ସେଠୀ ଓ ସହକାରୀ ସଂଯୋଜକ ପୀୟୁଷ କୁମାର ସାଠୁଆ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକରେ ଚଳିତ ବର୍ଷ ମୋଟ ୨୭୧.୪ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଛି। ଉତ୍ପାଦିତ ଫସଲକୁ ସରକାର ଟିଡ଼ିସିସି ଦ୍ୱାରା ଲ୍ୟାମ୍ପ୍ସ ମାଧ୍ୟମରେ କ୍ରୟ କରିବାକୁ ଥିବା ବେଳେ ଏଥିନିମନ୍ତେ ୨୧୬ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି।

## ଭଞ୍ଜସେନାରେ ଯୋଗଦେଲେ ବହୁ ଯୁବକ



ରାଇରଙ୍ଗପୁର, ୧୧।୨(ସମିସ): ସାନ୍ତାଳୀ ନବବର୍ଷ ଉପଲକ୍ଷେ ବାମନଘାଟି ଉପଖଣ୍ଡରେ ଭଞ୍ଜସେନାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଜିଲ୍ଲା ଆଦିବାସୀ ସଭାପତି ବାର୍ଜୁନ ହାଁସଦାଙ୍କ ଉପସ୍ଥିତିରେ ବହଳଦା ବ୍ଲକ କାଙ୍ଗି ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗମାତ ସୋରେନ୍‌ଙ୍କ ନେତୃତ୍ୱରେ ତିରିଂ ବ୍ଲକର ଅକ୍ଷୟ କୁମ୍ଭକାର, ସୁନିଲ କୁମାର ପାତ୍ର, ଠାକୁର ଦାସ ମାରାଣ୍ଡି, ରାଇରଙ୍ଗପୁର ବ୍ଲକର ସନାତନ ମୁର୍ମୁ, ଜାମଦା ବ୍ଲକର ମୁଚିରାମ ମାରାଣ୍ଡିଙ୍କ ସମେତ ବହୁ ଯୁବକ ଭଞ୍ଜସେନାରେ ଯୋଗଦେଇଛନ୍ତି। ବାମନଘାଟି ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲ୍ଲା ଆଦିବାସୀ ଶାଖା କାର୍ଯକାରୀ ସଭାପତି ଗୋବିନ୍ଦ ସୋରେନ୍, ବାମନଘାଟି ଉପସଭାପତି ଚନ୍ଦନ ବାସ୍କେ, ସାଧାରଣ ସମ୍ପାଦକ ବିଘ୍ନେଶ୍ୱର ବାସ୍କେ, ଜାମଦା ବ୍ଲକ ସମ୍ପାଦକ ଭାଗବତ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତା ପାର୍ଶ୍ୱ ଘରେ ପଶିଗଲା ଟ୍ରକ୍

ବୈଶିଙ୍ଗା, ୧୧।୨(ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ନମ୍ବର ଜାତୀୟ ରାଜପଥର ଆଗ୍ରିଆ ଛକରେ ଭାରସାମ୍ୟ ହରାଇ ଏକ ଟ୍ରକ ଦୁଇଟି ଘର ଉପରେ ମାଡିଯାଇଛି। ତେବେ ଏଥିରେ କେହି ମୃତାହତ ହୋଇଥିବାବେଳେ ଘରେ ଖେଳୁଥିବା ଶିଶୁମାନେ ବର୍ତ୍ତି ଯାଇଛନ୍ତି। ପରେ ଲୋକେ ନିଶାସକ୍ତ ଚାଳକକୁ ଧରି ନିର୍ଘୁମ ଛେଚିଛନ୍ତି। ସୂଚନା ଅନୁଯାଇ, ରୁପ୍ସା ଅଞ୍ଚଳରୁ ସିମେଣ୍ଟ ବୋଝେଇ କରି ଯାଇ ଦାନ୍ତିଆମୁହାଁରେ ଅନଲୋଡ଼ କରି ଫେରିବାବେଳେ ଆଗ୍ରିଆ ଛକ ଡାଇଭର୍ସନ ନିକଟରେ ଭାରସାମ୍ୟ ହରାଇ ହଠାତ ରାସ୍ତା ପାର୍ଶ୍ୱରେ ଥିବା ସ୍ୱର୍ଗତ ଶାନ୍ତିଲାଲ ଦେହୁରୀଙ୍କ ସ୍ତ୍ରୀ ଗେହ୍ଲାମଣି ଓ ଶଶଧର ରଣାଙ୍କ ଘର ଉପରେ ପଶିଯାଇଥିଲା। ସେହି ସମୟରେ ଉକ୍ତ ଘର ତାଙ୍କ ପରିବାର ଲୋକଙ୍କ ସମେତ ବାରଣ୍ଡାରେ ଶିଶୁ ସମେତ ସାହିପଡ଼ିଶାର ଏକାଧିକ ପିଲା ଖେଳୁଥିଲେ; ହେଲେ କାହାର କିଛି କ୍ଷତି ହୋଇନାହିଁ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ନିଶାସକ୍ତ ଟ୍ରକ ଚାଳକକୁ ଅଟକ ରଖିଥିଲେ। ପରେ ନିର୍ଘୁମ ଛେଚିଥିଲେ। ଟ୍ରକଟି ରାସ୍ତା ଉପରେ ଥିବା ଯୋଗୁଁ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଚାଳକ ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଗ୍ରାମର ପର୍ଶୁରାମ ମହାନ୍ତିଙ୍କ ପୁଅ ତାପସ ବୋଲି ଜଣାପଡ଼ିଛି। ଖବର ପାଇ ବୈଶିଙ୍ଗା ଥାନା ଅଧିକାରୀ ତପନ ପ୍ରଧାନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଚାଳକକୁ ଉଦ୍ଧାର କରିଥିଲେ।

## ସିଦ୍ଧଗୁରୁ ବାବା ଗୋରଖନାଥ ମହୋତ୍ସବ ଉଦ୍‌ଯାପିତ

କରଞ୍ଜିଆ, ୧୧।୨(ସମିସ): କରଞ୍ଜିଆରେ ସିଦ୍ଧ ଗୁରୁ ବାବା ଗୋରଖନାଥଙ୍କ ଷଷ୍ଠ ବାର୍ଷିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ପ୍ରଥମେ ବାବା ଗୋରଖ ନାଥଙ୍କ ମୂର୍ତ୍ତିକୁ ଏକ ସୁସଜ୍ଜିତ ବିମାନରେ ଆଣି ମିଳନ ପଡ଼ିଆରେ ରଖାଯାଇଥିଲା। ପରେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ସିଦ୍ଧସ୍ତମ୍ଭ ଥିବା ଘୋଡାଘାଗୁରି ଗ୍ରାମରେ ପହଞ୍ଚିଥିଲା। ସେଠାରେ ବାବାଙ୍କ ମୂର୍ତ୍ତିକୁ ରଖି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପରେ ସିଦ୍ଧ ମନୋଜ କୁମାର ସାହୁ ବାବା ଗୋରୋଖ ନାଥଙ୍କ ମହୋତ୍ସବ ଉପରେ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଦ୍ଧ ମନୋଜ କୁମାର ସାହୁ, ମମିତା ସାହୁ, ପୂର୍ଣ୍ଣାନନ୍ଦ ନାୟକ, ଉଗ୍ରେସନ ମହାନ୍ତ, ଅର୍ଜୁନ ବେହେରା, ସୁଦାମ ବେହେରା, ନବୀନ ମହାନ୍ତ, ସୁବନ ମାଝୀ, ବାବୁରାମ ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଭକ୍ତମାନେ ଗୈରିକ ବସ୍ତ୍ର ଧାରଣ କରି ହଳଦିଆ ଝଣ୍ଡା ନେଇ ସହର ପରିକ୍ରମା କରିଥିଲେ। ଏହି ଯଜ୍ଞ କଲେ ଶାରୀରିକ, ମାନସିକ, ଆର୍ଥିକ, ବ୍ୟାବସାୟିକ ସମସ୍ୟା ସମାଧାନ ହେବା ସହିତ ଦୂରାରୋଗ୍ୟ ଭଲ ହୋଇଥାଏ। ଏହି ମହୋତ୍ସବରେ ମୟୁରଭଞ୍ଜ, କେନ୍ଦୁଝର ଓ ଝାରଖଣ୍ଡ ରାଜ୍ୟର ଶତାଧିକ ଭକ୍ତ ଯୋଗଦେଇଥିଲେ। ପରେ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



# 'ନୂଆ-ଓ' ଓଡ଼ିଆ ଭାଷା ଓ ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଚିତ୍ରଡା, ୧୧।୨(ସମିସ): ଗଡ଼ିଆ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଓ ଗଡ଼ିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୫ ଦିନ ଧରି ଚାଲିଥି 'ନୂଆ-ଓ' ଓଡ଼ିଆ ଭାଷା ଓ ସାହିତ୍ୟ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହତ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରର ପ୍ରଥମ ଦିବସର ବିଷୟବସ୍ତୁ ଥିଲା ଜଗନ୍ନାଥ ସଂସ୍କୃତିର ମହନୀୟତା। ଦ୍ୱିତୀୟ ଦିବସର ବିଷୟବସ୍ତୁ ଥିଲା ଓଡ଼ିଆ ଭାଷା ଓ ସାହିତ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ। ପ୍ରଥମ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ ମୁଖ୍ୟ ଅତିଥି, ନଳଗଜା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଅବନୀକାନ୍ତ ଗିରି ସମ୍ମାନିୟ ଅତିଥି ଓ ପୁରୀ ଗୋପୀନାଥ ଦେବ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ମୀନକେତନ ପଟ୍ଟଯୋଶୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଜଗନ୍ନାଥ ସଂସ୍କୃତିର ଓଡ଼ିଆ ଜନଜୀବନ ଉପରେ ସାମଗ୍ରିକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିବସରେ ବିଶିଷ୍ଟ ସମାଜସେବୀ ପ୍ରୀତିନନ୍ଦା କାନୁନଗୋ ମୁଖ୍ୟ ଅତିଥି, ବାରିପଦା ଗୋପବନ୍ଧୁ ଶିକ୍ଷକ ତାଲିମ ମହାବିଦ୍ୟାଳୟର ଓଡ଼ିଆ ସହକାରୀ ପ୍ରଫେସର ଡ. ତ୍ରିନାଥ ମଲ୍ଲିକ ମୁଖ୍ୟବକ୍ତା, ମାଣିଦା ସହୀଦ ମେମୋରିଆଲ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ଭୋଇ ଓ କପ୍ତିପଦା ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଚନ୍ଦ୍ରମୋହନ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଓଡ଼ିଆ ଭାଷା ଓ ସାହିତ୍ୟର ଉତ୍ପତ୍ତି, ବିବର୍ତ୍ତନ, କ୍ରମବିକାଶ, ଓଡ଼ିଆ ଜାତୀୟତାବାଦ ବିକାଶରେ ଓଡ଼ିଆ ଭାଷାର ଭୂମିକା, ସାମ୍ପ୍ରତିକ ସମୟରେ ଓଡ଼ିଆ ଭାଷା ସାହିତ୍ୟର ସ୍ଥିତି ଓ ଏହାର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟା ପୁଷ୍ପାଞ୍ଜଳି ଟିପିରିଆ, ଦୁଇ ଭାରପ୍ରାପ୍ତ ଅଧିକାରୀ ଡ. ପ୍ରଭାତ କୁମାର ସାହୁ ଓ ଡ. ନିବେଦିତା ପାତ୍ର ଏବଂ ଅଧ୍ୟାପିକା ଗାୟତ୍ରୀ ଜାନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭାଗୀୟ ଅଧ୍ୟାପକ ଅଧ୍ୟାପିକାଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜମ୍ବୋ ଫୋନ୍ କ୍ୟାମ୍ପ୍

ବଡ଼ସାହି/ମାଣତ୍ରୀ, ୧୧।୨(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ଉଚ୍ଚବିଦ୍ୟାଳୟରେ ଟିବିଡବ୍ଲ୍ୟୁ ଦ୍ୱାରା ଜମ୍ବୋ ଫୋନ କ୍ୟାମ୍ପ ଦ୍ୱାରା କୁଇଜ, ଇଂରାଜୀ ଓ ଓଡିଆରେ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଣିଜ୍ୟିକ ପରିଚାଳକ ସମିର ଗାଆଣ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ମ୍ୟାନେଜର ଅନନ୍ତ ଚରଣ ସାହୁ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସନ୍ତୋଷ କୁମାର ବେହେରା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ, ମୁଖ୍ୟବକ୍ତା ଜଗନ୍ନାଥ ମିଶ୍ର ସିଆରସିସି ଜଡିଦା କ୍ଲୋଷ୍ଟର୍, ସମ୍ମାନିତ ଅତିଥି ବିଷ୍ଣୁ ଚରଣ ସାହୁ, ତୋଫୋନ ମହାଳିକ, ରୀତାମଣି ଦେ, ସଞ୍ଜରାଣୀ ସିଂ, ସୁରେନ୍ଦ୍ର କୁମାର ରାହୁଳ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷା ଓ କୃତିତ୍ୱର ବିକାଶ ହେବା ସହିତ କଠିନ ପରିଶ୍ରମ କଲେ ଆଗାମୀ ଦିନରେ ଜଣେ ଆଦର୍ଶ ବିଦ୍ୟାର୍ଥୀ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାଳଗାଁ, ସୋରିଷ କୋଠା, ଖଣ୍ଡଦେଉଳା, ଦେଓପଡ଼ା, ନାଖରା, ନୁଣୁକୁଆ, ନରଣଗାଁ ବିଦ୍ୟାଳୟର ୩୨୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସମିର ବାରିକ ଟିବିଡବ୍ଲ୍ୟୁର ଆଞ୍ଚଳିକ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଭୁଣ୍ଡ ଉନ୍ନୀତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବଡ଼ତାଳିମା/ତିରିଙ୍ଗ, ୧୧।୨(ସମିସ): ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡଭୁଣ୍ଡ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଆନନ୍ଦ ଚରଣ ବସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗେଶ୍ୱର୍ ଜେନା, ଏବିଓ ମକର ମୁର୍ମୁ, ସମାଜସେବୀ ତଥା ତିରିଙ୍ଗ ପିଡି ପାର୍ଗାନ ଛୋଟରାୟମାଝୀ, ରାଜମାଲ ହାଁସଦା, ଛାକୁ ସାମାଡ, ବିଦ୍ୟାଳୟର ସଭାପତି ଶିବନାଥ ମାଝୀ, ଲକ୍ଷ୍ମଣ ବେଶ୍ରା, ସୁବାସ ବେହେରା, ଏବିଇଓ ହେମନ୍ତ ମହାନ୍ତି ସମେତ ସମସ୍ତ ସିଆରସିସି ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଶ୍ରେଷ୍ଠ ଛାତ୍ର ଭାବେ ଦଶମ ଶ୍ରେଣୀର ଛାତ୍ର ଦୀପକ ବେହେରାଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପ୍ରଭାସ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ପି.ସି ପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଉଦଳା, ୧୧।୨(ସମିସ): କପ୍ତିପଦା ଉପଖଣ୍ଡ ଉଦଳା ବ୍ଲକ ପି.ସି.ପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବହୁବନ୍ଧ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ ଯୋଗଦେଇ ଉତ୍ସବର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ସବର ମହତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସାମଗ୍ରିକ ବିକାଶ ଅଧିକ ତ୍ୱରିତ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଏସଟି ଓ ଏସସି. ଉନ୍ନୟନ ବିଭାଗର ଶିକ୍ଷା ନୀରିକ୍ଷକ ମାନସରଞ୍ଜନ ତ୍ରିପାଠୀ ଶିକ୍ଷା ସହିତ ଉତ୍ସବର ସମନ୍ୱୟ ଏକ ସୃଜନାତ୍ମକ ଚରିତ୍ର ଗଠନ କରିଥାଏ ବୋଲି ଅଭିଭାଷଣ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାସ, ଅତିରିକ୍ତ ଲିପିପୁଷ୍ପା ଦାସ, ରାକେଶ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ, ସରପଞ୍ଚ ସାରମଣୀ ହେମ୍ବ୍ରମ୍ ଓ ପରିଚାଳନା କମିଟି ଅଧ୍ୟକ୍ଷ ଭାଗିରଥୀ ମଲ୍ଲିକ ପ୍ରମୁଖ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଶିକ୍ଷକ ହେମେନ୍ଦ୍ର ନାୟକ ଅତିଥି ପରିଚୟ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ, ଅନସୂୟା ବେହେରା, ଶିକ୍ଷକ ଜୟଚନ୍ଦ୍ର ବେହେରା, କମଳାକାନ୍ତ ପଣ୍ଡା ସମେତ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




## ହୋ ସମ୍ପ୍ରଦାୟ କଳାକାର ମହାସଂଘର ବନ୍ଧୁମିଳନ



କରଞ୍ଜିଆ, ୧୧।୨(ସମିସ): ଅଲ ଓଡ଼ିଶା ହୋ ସମ୍ପ୍ରଦାୟ କଳାକାର ମହାସଂଘର ଏକ ବନ୍ଧୁମିଳନ ବଣସାହି ହୋ ସାଂସ୍କୃତିକ ଭବନରେ ସଭାପତି ଗଙ୍ଗାଧର ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟିକା ତଥା ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ସମ୍ମାନିତ ଅତିଥିଭାବେ କରଞ୍ଜିଆ ଏନଏସି ଅଧ୍ୟକ୍ଷା ପପି ପୃଷ୍ଟି, ଯନ୍ତ୍ରୀ ଡକ ହେସା ଓ ଯନ୍ତ୍ରୀ ଜେମା ଦାର ହେମ୍ବ୍ରମ ଯୋଗଦେଇ ହୋ ସମାଜର କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ମହାସଙ୍ଘ ଗଠିତ ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସାମ୍ରାୟ କୁଦାଦା, ସାଂସ୍କୃତିକ ସମ୍ପାଦକ ବସନ୍ତ କୁମାର ବୁଲିଉଲୀ, ସଂଗଠନ ସମ୍ପାଦକ ଚନ୍ଦ୍ର ମୋହନ ମୁଣ୍ଡୁରି, ଉପସଭାପତି ବାଦଲ ଜେରାୟ, ଉପଦେଷ୍ଟା ବାଗୁନ ଶୁଣ୍ଡି ଓ ସମାୟପୂର୍ତ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ହୋ କଳାକାର, ସିନେ ନିର୍ଦ୍ଦେଶକ, ପ୍ରଯୋଜକ, ସଙ୍ଗୀତଜ୍ଞ, ଗୀତିକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଗୁନ ଶୁଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

### ଉଦ୍ୟାନ କୃଷି ବିଭାଗର ଖାମଖିଆଲ ନୀତି

# ଫଳକ ଅଛି; ଆମ୍ବ ଚାରା ଉଭାନ

କୁଆମରା, ୧୧।୨(ସମିସ): ଉଦ୍ୟାନ କୃଷି ବିଭାଗ ଜରିଆରେ ଚାଷୀଙ୍କୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଋଣ ଯୋଗାଇ ଦିଆଯାଉଛି; ମାତ୍ର ରକ୍ଷଣା ବେକ୍ଷଣ ଅଭାବ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଯୋଗୁଁ ଚାଷୀ ଉପକୃତ ହୋଇପାରୁନାହାନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୨୦୨୧-୨୨ ଆର୍ଥିକ ବର୍ଷରେ ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରୀ ଗ୍ରାମର ରଙ୍ଗନାଥ ସିଂଙ୍କ ସମେତ ୧୮ ଜଣଙ୍କ ନାମରେ ନାଲୁହା ନଦୀକୂଳ ସ୍ଥିତ ପଡ଼ିଆ ଜମିରେ ଆମ୍ବ ବଗିଚା ନାମରେ ୧୨ ଲକ୍ଷ ୯୫ ହଜାର ଟଙ୍କାର ଏକ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଏଥିନିମନ୍ତେ ଚାରା ରୋପଣ ପାଇଁ ବଗିଚାର ଆୟତନ ୫ ହେକ୍ଟର ଜମି ଦର୍ଶାଯାଇଛି; ମାତ୍ର ଫଳକ ଲାଗିଥିବା ସ୍ଥାନ ଜମିର ଆୟତନ ମାତ୍ର ୫ ଡେସିମିଲ୍ ହେବ। ପ୍ରାରମ୍ଭରେ ଚାଷୀଙ୍କ ଦ୍ୱାରା ଉକ୍ତ ସ୍ଥାନରେ ୩୬ଟି ମାତ୍ର ଚାରା ଲାଗିଥିବା ଦେଖିବାକୁ ମିଳିଛି। ତେବେ ବର୍ଷକ ମଧ୍ୟରେ ସମସ୍ତ ଚାରା ଉଭାନ ହୋଇଯାଇଛି। ଏହି ଦୁର୍ନୀତି ପଛରେ କାହାର ସମ୍ପୃକ୍ତି ରହିଛି, ତାହା ଜଣାପଡୁନାହିଁ। ଏପରି ବିଭିନ୍ନ ସ୍ଥାନରେ ଚାଷୀଙ୍କୁ ସବସିଡ୍ ଜରିଆରେ ପ୍ରତିବର୍ଷ ବିଭିନ୍ନ ଚାରା ଯୋଗାଇ ଦିଆଯାଉଥିବା ବେଳେ ବୃକ୍ଷ ସୃଷ୍ଟି କରି ଚାଷୀ ଲାଭବାନ ହେବା ପରିବର୍ତ୍ତେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହେଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



## ଜାତୀୟ କନିଷ୍ଠ ବାସ୍କେଟବଲ ଉଦ୍‌ଯାପିତ

# ମହିଳାରେ ତାମିଲନାଡୁ, ପୁରୁଷରେ ୟୁପି ଚାମ୍ପିଅନ





**ଭୁବନେଶ୍ୱର, ୧୧।୨ (ସମିସ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୭୩ତମ ଜାତୀୟ କନିଷ୍ଠ ବାସ୍କେଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ତାମିଲନାଡୁ ମହିଳା ଦଳ ଓ ପୁରୁଷ ବିଭାଗରେ ଉତ୍ତରପ୍ରଦେଶ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବସ୍କେଟବଲ ଫେଡେରେସନ ଅଫ୍ ଇଣ୍ଡିଆ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଏହି ଜାତୀୟ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ରବିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାର ମହିଳା ବିଭାଗରେ ପଞ୍ଜାବ ରନର୍ସ ଅପ୍, ମହାରାଷ୍ଟ୍ର ତୃତୀୟ ଓ କେରଳ ଚତୁର୍ଥ ସ୍ଥାନ ଅଧିକାର କରିଛି। ସେହିପରି ପୁରୁଷ ବିଭାଗରେ ରାଜସ୍ଥାନ ରନର୍ସ ଅପ୍, ତାମିଲନାଡୁ ତୃତୀୟ ଓ ଚଣ୍ଡିଗଡ଼ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ସମସ୍ତ ଦଳଗୁଡ଼ିକୁ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଖେଳ ଶେଷରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ବାସ୍କେଟବଲ ଫେଡେରେସନ ଅଫ୍ ଇଣ୍ଡିଆ ସଭାପତି ଆଧମ ଅର୍ଜୁନ, ସମ୍ପାଦକ କୁଲବିନ୍ଦର ସିଂ ଗିଲ୍, ଓଡ଼ିଶା ଅଲିମ୍ପିକ୍ ସଂ ସମ୍ପାଦକ ଅଭିଜିତ ପଲ, ଓଡ଼ିଶା ବାସ୍କେଟବଲ ସଂଘ ସଭାପତି ଜ୍ଞାନରଞ୍ଜନ ପରିଡ଼ା ଓ ସମ୍ପାଦକ ଅଶୋକ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଖେଳାଳିମାନେ କିଟ୍‌ରେ ଥିବା ସୁବିଧା ସୁଯୋଗକୁ ଭୂୟସୀ ପ୍ରଶଂସା କରିଥିଲେ।

# ବାଦଲଙ୍କୁ ୪ ୱିକେଟ୍, ଆସାମ ୨୭୧/୯

**କଟକ,୧୧।୨(ସମିସ):** ୨୩ବର୍ଷରୁ କମ୍ ପୁରୁଷ ସି.କେ ନାଇଡୁ ଟ୍ରଫିର ଓଡ଼ିଶା ଏବଂ ଆସାମ ବିପକ୍ଷ ମ୍ୟାଚ୍ ରବିବାର ଠାରୁ ଆରମ୍ଭ ହୋଇଛି। ଗୌହାଟୀର ଅମିନଗାଁଓ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯାଉଛି। ଚଳିତ ଟ୍ରଫିରୁ ବାଦ୍ ପଡ଼ି ସାରିଥିବା ଓଡ଼ିଶା ଦଳ ଏହି ମ୍ୟାଚ୍‌ରେ ପ୍ରଥମ ବିଜୟ ଲକ୍ଷ୍ୟ ନେଇ ଖେଳୁଛି। ତେବେ ଟସ୍ ଜିତି ଆସାମ ପ୍ରଥମେ ବ୍ୟାଟିଂ କରିଥିଲା। ମଧ୍ୟକ୍ରମ ବ୍ୟାଟରଙ୍କ ଉପଯୋଗୀ ଇନିଂସ ବଳରେ ଦଳ ୯ ୱିକେଟ ହରାଇ ୨୭୧ରନ ସଂଗ୍ରହ କରିଛି। ୱିକେଟ କିପର ରୋଶନ ଟପ୍ପୋ ସର୍ବାଧିକ ୫୫ରନ କରିଥିଲେ। ଅବଦୁଲ ଅଜିଜ କୁରେଶୀ ୩୨ ରନ, ନିହାର ଡେକା ୩୨ ରନ, ବିଶାଲ ରୟ ୨୫ରନ କରିଥିଲେ। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୪ଟି, ସମ୍ବିତ ବରାଳ ୩ଟି ଏବଂ ଆଶୁତୋଷ ଛୁରିଆ ଓ ସତ୍ୟକାମ ଭରଦ୍ୱାଜ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।





୧୯ ବର୍ଷରୁ କମ୍ ସାଫ୍ କପ୍ ସହ ଭାରତୀୟ ମହିଳା ଦଳର ସହକାରୀ ପ୍ରଶିକ୍ଷକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ଏଥିରେ ଭାରତ ଚାମ୍ପିଅନ୍ ହୋଇଥିବା ବେଳେ ଶ୍ରଦ୍ଧାଞ୍ଜଳି ଏହି ସଫଳତା ଲାଗି ଏଆଇଏଫ୍‌ଏଫ୍, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫାଓ ଓ ତାଙ୍କ ନିଯୁକ୍ତିଦାତା ନାଲକୋକୁ ଧନ୍ୟବାଦ ଦେଇଛନ୍ତି।

● ରାଜ୍ୟ ରାପିଡ ଓପନ ଚେସ୍ ଚାମ୍ପିଅନସିପ୍

# ଟାଇଟଲ ଜିତିଲେ ସୌମ୍ୟରଞ୍ଜନ

**ଭୁବନେଶ୍ୱର, ୧୧।୨ (ସମିସ):** ଟପ୍ ସିଡ ତଥା ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୫ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ରାପିଡ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଦ୍ୱାରା କେଶୁରା ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସୌମ୍ୟ ଏକାକୀ ସର୍ବାଧିକ ୪.୫ ପଏଣ୍ଟ ପାଇ ଚାମ୍ପିଅନ ହୋଇଛନ୍ତି। ତାଙ୍କ ପଛକୁ ୭ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରୁ ରାୟଗଡ଼ାର ଫକୀର ମାଝୀ, କଟକର ସାଇଶକ୍ତି ପଣ୍ଡା, ଗଜପତିର ମନିନ୍ଦ୍ର କାର୍ଜୀ, କଟକର ରବିନ୍ଦ୍ର ଓଝା, ଭୁବନେଶ୍ୱରର ସ୍ୱସ୍ତିକ ସ୍ୱାଇଁ ଓ ଜଟଣୀର ଅବିନାଶ ବଳିଆରସିଂ ଦ୍ୱିତୀୟରୁ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ମୋଟ ୧୪ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଅନ୍ୟ ପୁରସ୍କୃତ ଖେଳାଳିମାନେ ହେଲେ କଟକର ଲଳିତ ସାହୁ ଓ ଅମରେଶ ସାହୁ, ନିମାପଡ଼ାର କମଳ ନାୟକ, ପୁରୀର ଆଦିତ୍ୟ ପଟ୍ଟନାୟକ, ଭୁବନେଶ୍ୱରର ଓମ୍ ସ୍ୱରୂପ ପାଢ଼ୀ, କଟକର ସତ୍ୟମ ସ୍ୱରୂପ ସାହୁ ଓ ଭୁବନେଶ୍ୱରର ରାଜବୀର ନାୟକ ଯଥାକ୍ରମେ ୮ ମରୁ ୧୪ତମ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ଏହି ପ୍ରତିଯୋଗିତାକୁ ରୟାଲ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ବିଷ୍ଣୁଚରଣ ବେହେରା ଓ ସାମାଜିକ କର୍ମୀ ଦିଲୀପ ବାରିକ ପୁରସ୍କାର ବିତରଣ ଉତ୍ସବରେ ଯଥାକ୍ରମେ ମୁଖ୍ୟ ଓ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରାଜ୍ୟ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।



# ଫାଓ ଏକାଡେମୀର ଏକତରଫା ବିଜୟ

**କଟକ,୧୧।୨(ସମିସ):** କଟକରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍(୧୩ବର୍ଷରୁ କମ୍ ବୟସ ବର୍ଗ)ରେ ରବିବାର ୩ଟି ମ୍ୟାଚ୍ ଖେଳାଯାଇଛି। ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଫାଓ ଏକାଡେମୀ ଏକତରଫା ଭାବେ ୭-୦ ଗୋଲରେ ଭୁବନେଶ୍ୱର କିଶୋର କ୍ଲବକୁ ପରାସ୍ତ କରିଛି। ଏକାଡେମୀର ଫରୱାର୍ଡ ମନୀଷା ଦାସ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। କାମିନୀ ମଲ୍ଲିକ, ଅଦ୍ରିଜା ଜେନା, ଅନ୍ତରା ଦଉଳି, ସାକ୍ଷୀ ପଟେଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ପପୁଲାର କ୍ଲବ ୩-୧ ଗୋଲରେ କିଟ୍-କିସକୁ ପରାସ୍ତ କରିଥିଲା। ପପୁଲାର କ୍ଲବ ପକ୍ଷରୁ ୧୦ମ ମିନିଟରେ ପିଙ୍କି ବିଶ୍ୱାଳ ପ୍ରଥମ ଗୋଲ ଦେଇଥିଲେ। କିଟ-କିସର ସୁନୀତା ମାଝୀ ୩୪ତମ ମିନିଟରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର କରିଥିଲେ। ମାତ୍ର ପପୁଲାର କ୍ଲବ ପକ୍ଷରୁ ବର୍ଷା ପ୍ରଧାନ ଏବଂ ସ୍ନେହାରାଣୀ ପ୍ରଧାନ ପରବର୍ତ୍ତୀ ସମୟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ଆଉ ଏକ ମ୍ୟାଚ୍‌ରେ ବିଡାନାସୀ କ୍ଲବ ୩-୦ ଗୋଲରେ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ହରାଇଥିଲା। ବିଜୟୀ ଦଳର ପ୍ରୀତି ସାମଲ ୨ଟି ଏବଂ ଅସୀମା ବେହେରା ଗୋଟିଏ ଗୋଲ ଦେଇଥିଲେ।

# ଗଣେଶ ଜେନା ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୧।୨ (ସମିସ):** ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନାଙ୍କୁ ଦୁଃସାହସିକ କ୍ରୀଡ଼ାରେ ଆଜୀବନ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଛି। ଚଣ୍ଡିଗଡର ନ୍ୟାସନାଲ ଆଡଭେଞ୍ଚର କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ଦୁଃସାହସିକ କ୍ରୀଡ଼ା ଉତ୍ସବ ପାଳନ ଅବସରରେ ଆୟୋଜିତ ଉତ୍ସବରେ ଶ୍ରୀ ଜେନାଙ୍କୁ ଅତିଥିମାନେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ଓଡ଼ିଶାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି। ଶ୍ରୀ ଜେନାଙ୍କୁ ଆସାର ଉପଦେଷ୍ଟା ଅଶୋକ ମହାନ୍ତି, ଉପସଭାପତି ଶକ୍ତିପ୍ରସାଦ ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।




● ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିଅନଶିପ୍

# ଓଡ଼ିଶା ପୁରୁଷ ଓ ମହିଳା ଦଳକୁ କାଂସ୍ୟ ପଦକ

**ପୁରୀ,୧୧।୨(ସମିସ):** ନୂଆଦିଲ୍ଲୀର ରୋହିଣୀଠାରେ ଅନୁଷ୍ଠିତ ୪୫ତମ ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ଓଡ଼ିଶା ପୁରୁଷ ଦଳ କ୍ୱାର୍ଟରେ ରାଜସ୍ଥାନକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ମଧ୍ୟପ୍ରଦେଶଠାରୁ ପରାସ୍ତ ହୋଇ ତୃତୀୟ ସ୍ଥାନ ପାଇଁ ହରିୟାନା ସହ ମ୍ୟାଚ୍ ଖେଳି ୨-୧ ସେଟ୍‌ରେ ବିଜୟୀ ହୋଇଛି। ସେହିପରି ମହିଳା ଦଳ କ୍ୱାର୍ଟରରେ ପୁଡୁଚେରୀକୁ ୨-୦ ସେଟ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ତାମିଲନାଡୁଠାରୁ ପରାସ୍ତ ହୋଇ ତୃତୀୟ ସ୍ଥାନ ପାଇଁ କେରଳ ସହ ମ୍ୟାଚ୍ ଖେଳି ବିଜୟୀ ହୋଇଛି। ଓଡ଼ିଶାର ଉଭୟ ପୁରୁଷ ଏବଂ ମହିଳା ଦଳ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ଦଳର ଏହି ସଫଳତା ପାଇଁ ଓଡ଼ିଶା କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଓଡ଼ିଶା ଥ୍ରୋ ବଲ୍ ସଭାପତି ଭୂପେନ୍ଦ୍ର ସିଂ, ସମ୍ପାଦକ ଜିତେନ୍ଦ୍ର ନାଥ ଦାସ, ଓଡ଼ିଶା ଥ୍ରୋ ବଲ୍ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# MATRIC MATE

BSE ODISHA MATRIC EXAM-2024

**SUBJECT : GSC**

PROBABLE QUESTION PAPER

## OBJECTIVE

୧. ଖଣ୍ଡିଏ ତାରରେ 0.5A ବିଦ୍ୟୁତ୍ ସ୍ରୋତ । ଘଣ୍ଟା ପାଇଁ ପ୍ରବାହିତ ହେଲେ ମୋଟ ଚାର୍ଜର ପରିମାଣ ______ ।
(କ) 8100 C (ଖ) 8001 C (ଗ) 1008 C (ଘ) 1800 C

୨. ୬0 ବ୍ୟାଟେରୀ ମଧ୍ୟଦେଇ 2C ଚାର୍ଜ ପ୍ରବାହିତ ହେଲେ ଆବଶ୍ୟକ ଶକ୍ତି ______ ।
(କ) 12 J (ଖ) 3 J (ଗ) 6 J (ଘ) 2 J

୩. W ______ ର ଏକକ।
(କ) ବିଦ୍ୟୁତ୍ ସ୍ରୋତ (ଖ) ବିଦ୍ୟୁତ୍ ବିଭବାନ୍ତର (ଗ) ପ୍ରତିରୋଧ (ଘ) କୌଣସିଟି ନୁହେଁ

୪. ଚାର୍ଜର ଆନ୍ତର୍ଜାତୀୟ ମାନକ କିଏ ?
(କ) ଭୋଲ୍ଟ (ଖ) ଏମ୍ପିୟର (ଗ) କୁଲମ୍ (ଘ) ୱାଟ୍

୫. ପରିବାହୀର ପ୍ରତିରୋଧ କାହା ଉପରେ ନିର୍ଭର କରେ ନାହିଁ ?
(କ) ପରିବାହିର ଦୈର୍ଘ୍ୟ (ଖ) ପରିବାହୀର ପ୍ରସ୍ଥଚ୍ଛେଦ (ଗ) ପଦାର୍ଥର ପ୍ରକୃତି (ଘ) ପରିବାହୀର ଘନତା

୬. ବୈଦ୍ୟୁତିକ ପାୱାର ବ୍ୟଞ୍ଜକ
(କ) V2 / T (ଖ) V2 / R (ଗ) VI / t (ଘ) W / R

୭. ବୈଜ୍ଞାନିକ ------- ଙ୍କ ଦ୍ୱାରା ସରଳ ଭୋଲଟୀୟ ସେଲ୍ ତିଆରି ହୋଇଥିଲା।
(କ) କୁଲମ୍ (ଖ) ଭୋଲ୍‌ଟା (ଗ) ଫାରାଡେ (ଘ) ଓରଷ୍ଟେଡ୍

୮. ଚୁମ୍ବକୀୟ କ୍ଷେତ୍ରର ତୀବ୍ରତାର ଏକ
(କ) ଭୋଲ୍‌ଟା (ଖ) ଓରଷ୍ଟେଡ୍ (ଗ) ଫାରାଡେ (ଘ) ଓମ୍

୯. ଏକ ସଳଖ ପରିବାହୀରେ ବିଦ୍ୟୁତ୍ ପ୍ରବହା ଯୋଗୁଁ ସୃଷ୍ଟି ହେଉଥିବା ଚୁମ୍ବକୀୟ କ୍ଷେତ୍ରର ଦିଗ --- ଦ୍ୱାରା ଜଣାଯାଏ।
(କ) ଫ୍ଲେମିଂଙ୍କ ବାମହସ୍ତ ନିୟମ (ଖ) ଫ୍ଲେମିଂଙ୍କ ଦକ୍ଷିଣହସ୍ତ ନିୟମ
(ଗ) ଦକ୍ଷିଣହସ୍ତ ବୃଦ୍ଧାଙ୍ଗୁଳି ନିୟମ (ଘ) ଓମ୍‌ଙ୍କ ନିୟମ

୧୦. ଭାରତରେ ପତ୍ୟାବର୍ତ୍ତୀ ବିଦ୍ୟୁତ୍ ସ୍ରୋତ ପ୍ରତି ------- ସେକେଣ୍ଡରେ ଦିଗ ପରିବର୍ତ୍ତନ କରେ।
(କ) 0.01 (ଖ) 0.001 (ଗ) 0.001 (ଘ) 1

୧୧. ବିଦ୍ୟୁତ୍ ଜେନେରେଟର୍‌ରେ କେଉଁ ନିୟମ କାର୍ଯ୍ୟ କରେ ?
(କ) ଫ୍ଲେମିଂଙ୍କ ବାମହସ୍ତ ନିୟମ (ଖ) ଫ୍ଲେମିଂଙ୍କ ଦକ୍ଷିଣହସ୍ତ ନିୟମ
(ଗ) ଦକ୍ଷିଣହସ୍ତ ବୃଦ୍ଧାଙ୍ଗୁଳି ନିୟମ (ଘ) ଓମ୍‌ଙ୍କ ନିୟମ

୧୨. କ୍ଷୀଣ ବିଦ୍ୟୁତ୍ ମାପକ ଯନ୍ତ୍ର -------।
(କ) ଏମିଟର (ଖ) ଭୋଲ୍‌ଟ ମିଟର (ଗ) ୱାଟ୍ ମିଟର (ଘ) ଗାଲ୍‌ଭାନୋ ମିଟର

୧୩. ଖାଦ୍ୟସ୍ତର ଅନୁସାରେ କେଉଁଟି ଅନ୍ୟ ତିନୋଟିଠାରୁ ପୃଥକ୍ ?
(କ) ଝିଣ୍ଟିକା (ଖ) ହରିଣ (ଗ) ଠେକୁଆ (ଘ) ସାପ

୧୪. ଅଗଘଟକର ଉଦାହରଣଟିକୁ ସୂଚାଅ।
(କ) ହରିଣ (ଖ) ଶୈବାଳ (ଗ) ବାଘ (ଘ) ଆଦିପ୍ରାଣୀ

୧୫. ଗୋବର ଗ୍ୟାସ୍, ଧୂମହୀନ କୋଇଲା ଓ ଚୁଲାର ବ୍ୟବହାର ପାଇଁ କେଉଁ ସଂସ୍ଥା ଗାଁ ମାନଙ୍କରେ କାର୍ଯ୍ୟ କରୁଅଛି ?
(କ) କଳ୍ପବୃକ୍ଷ (ଖ) ବଟବୃକ୍ଷ
(ଗ) କେରଳ ଶାସ୍ତ୍ର ସାହିତ୍ୟ ପରିଷଦ (ଘ) ସାଂସ୍କୃତିକ ସାହିତ୍ୟ ପରିଷଦ

୧୬. କେଉଁଟି ଅନ୍ୟ ତିନୋଟିଠାରୁ ପୃଥକ୍।
(କ) ଘାସ (ଖ) ଗଛ (ଗ) ପ୍ଲବ ଉଦ୍ଭିଦ (ଘ) ଆଦିପ୍ରାଣୀ

୧୭. କେଉଁ ଅଞ୍ଚଳରେ ଜଳଛାୟା ପରିଚାଳନା ଦ୍ୱାରା ବୃଷ୍ଟିଜଳ ସଂରକ୍ଷଣ କରାଯାଏ ?
(କ) ସହରାଞ୍ଚଳ (ଖ) ପାର୍ବତ୍ୟ ଅଞ୍ଚଳ (ଗ) ଜଙ୍ଗଲ ଅଞ୍ଚଳ (ଘ) ସମତଳ ଅଞ୍ଚଳ

୧୮. ଆମ ଦେଶରେ ବନ୍ୟଜୀବ ସୁରକ୍ଷା ଆଇନ୍ କେଉଁ ମସିହାରେ ପ୍ରଣୀତ ହୋଇଥିଲା ?
(କ) 1927 (ଖ) 1972 (ଗ) 1988 (ଘ) 1991

୧୯. କେଉଁଟି ଜୈବ ବିବିଧତାର ପ୍ରମୁଖ ଉତ୍ସ ?
(କ) ଅପଘଟକ (ଖ) ଜଙ୍ଗଲ (ଗ) ପ୍ରାଣୀ (ଘ) ବୃକ୍ଷ

୨୦. ସୁନ୍ଦରଲାଲ ବହୁଗୁଣା କେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ ?
(କ) ନର୍ମଦା ବଞ୍ଚାଅ (ଖ) ଆପ୍ପିକୋ (ଗ) ଗଙ୍ଗା ବଞ୍ଚାଅ (ଘ) ଚିପ୍‌କୋ

୨୧. ଟିକା ପ୍ରସ୍ତୁତିର ସମସ୍ତ ସୋପାନର ଫଳାଫଳ ସକାରାତ୍ମକ ଆସିଲେ, ତାହାକୁ କେଉଁଥିରେ ପ୍ରକାଶ କରାଯାଏ ?
(କ) Newspaper (ଖ) Peer Journal (ଗ) Vlog (ଘ) Research Board

୨୨. RTPCR ର ପୂରା ନାମ କେଉଁଟି ?
(କ) Reserve Transcriptase Polymerase Chain Reaction
(ଖ) Ratio Transfer Polymer Chain Reaction
(ଗ) Reverse Transcriptase Polymerase Chain Reaction
(ଘ) Rational Transfer Port Chain Reaction

୨୩. Covid - 19 ରୋଗର ଅମ୍ଳଜାନ ସନ୍ତୃପ୍ତିସ୍ତର ଶତକଡା କେତେ ତଳକୁ ଆସିବା ବିପଜ୍ଜନକ ?
(କ) 80 - 82 (ଖ) 92 - 93 (ଗ) 95 - 97 (ଘ) 100 - 105

୨୪. କେଉଁ ଟୀକା ଭାରତରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ?
(ଗ) କୋଭିସିଲ୍‌ଡ (ଖ) କୋଭାଭାକ୍‌ସ (ଗ) ଜାଇଡସ୍ କାଡିଲା (ଘ) କୋଭାକ୍ସିନ୍

୨୫. ଜଣେ ସଂକ୍ରମିତ ବ୍ୟକ୍ତିଠାରୁ ହାରାହାରି କେତେଙ୍କୁ ସଂକ୍ରମଣ କ୍ଷମତା କୋଭିଡ୍ -୧୯ ଭୂତାଣୁର ଥାଏ ?
(କ) 1 (ଖ) 2.2 (ଗ) 3.5 - 10 (ଘ) 14

୨୬. 100 W ଓ 250W ଲେଖାଥିବା ବିଦ୍ୟୁତ୍ ବଲ୍‌ବର ପ୍ରତିରୋଧ କେତେ ଓମ୍ ।
(କ) ୦.୪ (ଖ) ୨.୫ (ଗ) ୪୦ (ଘ) ୬୨୫

୨୭. 10cm ଲମ୍ବ 0.01 (cm)2 ପ୍ରସ୍ଥଚ୍ଛେଦ ବିଶିଷ୍ଟ ତମ୍ବା ତାରର ପ୍ରତିରୋଧ ୫ଓମ୍ ହେଲେ 20cm ଲମ୍ବ ଓ 0.02 (cm)2 ପ୍ରସ୍ଥଚ୍ଛେଦ ବିଶିଷ୍ଟ ତମ୍ବା ତାରର ପ୍ରତିରୋଧ କେତେ ଓମ୍।
(କ) 5 (ଖ) 10 (ଗ) 15x (ଘ) 20

୨୮. ଏକ ୟୁନିଟ୍ ବିଦ୍ୟୁତ୍ ଶକ୍ତି କେତେ ?
(କ) $3.6 \times 10^6$ J (ଖ) $3.6 \times 10^{-6}$J (ଗ) 3.6 × 1016 (ଘ) 3.6 × 10–16

୨୯. କଳ୍ପବୃକ୍ଷ କଣ ?
(କ) ଏକ ଉଦ୍ଭିଦ (ଖ) ପ୍ରାଥମିକ ଭକ୍ଷକ (ଗ) ଏକ ସ୍ୱେଚ୍ଛାସେବୀ ସଙ୍ଗଠନ (ଘ) ଉତ୍ପାଦକ

୩୦. ୧୦୦୦୦ ଲିଟର ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସ୍‌ର ପରିମାଣ ପ୍ରାୟ ______ ଲିଟର ?
(କ) ୩୦ (ଖ) ୩ (ଗ) ୫୦୦ (ଘ) ୭୦

୩୧. ସଲଫର୍ ଡାଇ ଅକ୍‌ସାଇଡ୍ : ଅମ୍ଳବର୍ଷା :: CFC : ______।
(କ) ବିଜୁଳି ଘଡଘଡି (ଖ) ଜୈବ ବିବିଧତା ନଷ୍ଟ (ଗ) ଓଜୋନ କ୍ଷୟ (ଘ) ବିଶ୍ୱତାପନ

୩୨. ସବୁଜ ବଳୟ ସୃଷ୍ଟି : କଳ୍ପବୃକ୍ଷ :: ଧୂମହୀନ କୋଇଲାର ବ୍ୟବହାର: ______।
(କ) ସଂସ୍କୃତ ଶାସ୍ତ୍ର ପରିଷଦ (ଖ) ବଟବୃକ୍ଷ
(ଗ) କେରଳ ସଂସ୍କୃତ ସାହିତ୍ୟ ପରିଷଦ (ଘ) କେରଳ ଶାସ୍ତ୍ର ସାହିତ୍ୟ ପରିଷଦ

୩୩. କେଉଁଟି ଅନ୍ୟମାନଙ୍କଠାରୁ ଭିନ୍ନ ?
(କ) ଜାତୀୟ ଉଦ୍ୟାନ (ଖ) ସଂରକ୍ଷିତ ଜୀବମଣ୍ଡଳ (ଗ) ଉଦ୍ଭିଦ ଉଦ୍ୟାନ (ଘ) ଅଭୟାରଣ୍ୟ

୩୪. ଜୈବ ବିବିଧତା ଆଇନ କେବେ ପ୍ରଣୀତ ହୋଇଥିଲା ?
(କ) ୧୯୨୭ (ଖ) ୧୯୭୨ (ଗ) ୧୯୮୮ (ଘ) ୨୦୦୪

୩୫. ସଳଖ ବିଦ୍ୟୁତ୍ ସ୍ରୋତର ଆବୃତ୍ତି କେତେ ?
(କ) 100 Hz (ଖ) 50 Hz (ଗ) 25 Hz (ଘ) 0 Hz

୩୬. ବିଜ୍ଞାନାଗାରରେ ପ୍ରସ୍ତୁତ ଗୋଟିଏ ଟିକାକୁ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମରେ ନିୟୋଜିତ କରିବା ପୂର୍ବରୁ ଅତି କମ୍‌ରେ କେତୋଟି ସୋପାନ ଅତିକ୍ରମ କରିବାକୁ ପଡେ ?
(କ) ୫ (ଖ) ୭ (ଗ) ୩ (ଘ) ୧୦

୩୭. ସଳଖ ବିଦ୍ୟୁତ୍ ର୍ସୋତର ଆବୃତ୍ତି କେତେ ?
(କ) 100 Hz (ଖ) 50 Hz (ଗ) 25 Hz (ଘ) 0 Hz

୩୮. ନିମ୍ନଲିଖିତ ମଧ୍ୟରୁ କେଉଁଟି Covid - 19 ର ଲକ୍ଷଣର ଅନ୍ତର୍ଭୁକ୍ତ ନୁହେଁ ?
(କ) ହଳଦିଆ ପରିସ୍ରା (ଖ) ମୁଣ୍ଡବ୍ୟଥା (ଗ) ନଖର ରଙ୍ଗ ପରିବର୍ତ୍ତନ (ଘ) ଆଖି ଲାଲ ହେବା

୩୯. ଗୋଟିଏ ବା ଅନେକଗୁଡିଏ ନବୋଦ୍ଭବନରୁ ଜାତ ଭୂତାଣୁକୁ ତାହର କଣ କୁହାଯାଏ ?
(କ) ପ୍ରତିରୂପ (ଖ) ଭିନ୍ନରୂପ (ଗ) ନବରୂପ (ଘ) କଳେବର

୪୦. କେଉଁ ଜୀବଟି ସାରସ୍ ବ୍ୟାଧିର ମଧ୍ୟବର୍ତ୍ତୀ ପୋଷକ ?
(କ) ସିଭେଟ୍ (ଖ) ପାଙ୍ଗୋଲିନ୍ (ଗ) ମୂଷା (ଘ) ମଣିଷ

## SUBJECTIVE

୧. ଓମ୍‌ଙ୍କ ନିୟମ ଲେଖି V = IR ନିର୍ଣ୍ଣୟ କର। ପ୍ରତିରୋଧର ସଂଜ୍ଞା ଓ ଏକକ ଲେଖ।
କିମ୍ବା D.C ମୋଟର ଗଠନ ଓ କାର୍ଯ୍ୟ ବୁଝାଅ।

୨. ଯେକୌଣସି ୩ଟି ଉତ୍ତର ଲେଖ।
(କ) w = I2Rt ସୂତ୍ରଟି ନିଗମନ କର।
(ଖ) ବୈଦ୍ୟୁତିକ ପାୱାର କାହାକୁ କହନ୍ତି। ଏହାର ଗାଣିତିକ ସୂତ୍ର ୩ଟି ନିର୍ଣ୍ଣୟ କର।
(ଗ) ପଂକ୍ତି ଓ ସମାନ୍ତର ସଂଯୋଗ ମଧ୍ୟରେ ୩ଟି ପାର୍ଥକ୍ୟ ଦର୍ଶାଅ।
(ଘ) 220V ଲାଗିପାରୁଥିବା କେତେ ଗୁଡିଏ ବଲବର ପାୱାର 10w । ଯଦି ସର୍ବୋଚ ପ୍ରବାହ 5A ହୁଏ ତେବେ କେତୋଟି ବଲବକୁ ସେହି ଲାଇନ୍‌ରେ ସମାନ୍ତର ଭାବେ ସଂଯୋଗ କରାଯାଇ ପାରିବ ?
(ଙ) ସଲେନଏଡ୍ କଣ ? ଚିତ୍ର ସହ ଏହାର ମେରୁ କିପରି ନିର୍ଣ୍ଣୟ କରିବ ବୁଝାଅ ?

୩. ଅମ୍ଳଜାନ ଚକ୍ର କିପରି ହୋଇଥାଏ ବର୍ଣ୍ଣନା କର ?
କିମ୍ବା କୋଭିଡ୍ - ୧୯ ରୋଗର ନିୟନ୍ତ୍ରଣ ଓ ଚିକିତ୍ସା ବର୍ଣ୍ଣନା କରି ଲେଖ।

୪. କଳାମୃତ୍ୟୁ ସଂପର୍କରେ ସଂକ୍ଷେପରେ ଲେଖ।
କିମ୍ବା ବୃଷ୍ଟିଜଳ ସଂରକ୍ଷଣର ଉପାୟଗୁଡିକ ଲେଖ

୫. ଜୈବ ପରିବର୍ଦ୍ଧକ କଣ ?
କିମ୍ବା ଜାତୀୟ ଉଦ୍ୟାନ ବିଷୟରେ ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର।

୬. ଖାଦ୍ୟଶୃଙ୍ଖଳ କହିଲେ କଣ ବୁଝ ?
କିମ୍ବା ପୁନର୍ବ୍ୟବହାର କହିଲେ କଣ ବୁଝ ? ଉଦାହରଣ ସହ ଲେଖ।

**ଉତ୍ତର:** ୧ (ଘ), ୨ (କ), ୩ (ଘ), ୪ (ଗ), ୫ (ଘ), ୬ (ଖ), ୭ (ଖ), ୮ (ଖ), ୯ (ଗ), ୧୦ (କ), ୧୧ (ଖ), ୧୨ (ଘ), ୧୩ (ଘ), ୧୪ (ଘ), ୧୫ (ଗ), ୧୬ (ଘ), ୧୭ (ଖ), ୧୮ (ଖ), ୧୯ (ଖ), ୨୦ (ଘ), ୨୧ (ଖ), ୨୨ (ଗ), ୨୩ (ଖ), ୨୪ (ଘ), ୨୫ (ଖ), ୨୬ (ଖ), ୨୭ (କ), ୨୮ (କ), ୨୯ (ଗ), ୩୦ (ଖ), ୩୧ (ଗ), ୩୨ (ଘ), ୩୩ (ଗ), ୩୪ (ଘ), ୩୫ (ଘ), ୩୬ (କ), ୩୭ (ଘ), ୩୮ (କ), ୩୯ (ଖ), ୪୦ (କ)।

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
**SARASWATI VIDYA MANDIR**
Neelakantha Nagar, Berhampur, GM.



## ଆଜିର ଇତିହାସ

- ୧୭୩୬: ନାଦିର ଶାହା ଫ୍ରାନ୍ସର ଶାସକ ହେଲେ।
- ୧୮୦୯: ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ଜନ୍ମ।
- ୧୮୨୪: ଆର୍ଯ୍ୟ ସମାଜର ସଂସ୍ଥାପକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ।
- ୧୯୨୨: ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ଘୋଷଣା କଲେ।
- ୧୯୪୬: କଲିକତାରେ ଦଙ୍ଗାରେ ୧୪ ଜଣଙ୍କ ମୃତ୍ୟୁ।
- ୧୯୯୯: ବିହାରରେ ରାଷ୍ଟ୍ରପତି ଶାସନ ଲାଗୁ।
- ୨୦୧୩: ଉତ୍ତର କୋରିଆ ତୃତୀୟ ଭୂମିଗତ ପରମାଣୁ ପରୀକ୍ଷା କଲା।

## ଆଜିର ରାଶିଫଳ

**ମେଷ:** ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପାରନ୍ତି। କର୍ମକ୍ଷେତ୍ରରେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ପାରିବାରିକ ସହଯୋଗ ପାଇ ଆଗକୁ ବଢ଼ିବେ। ଆୟ ବୃଦ୍ଧି ହେବ।

**ବୃଷ:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। ଜୀବନସାଥୀଙ୍କ ସହ ଦୂରଯାତ୍ରାରେ ଯାଇପାରନ୍ତି। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ଅତିଥି ସତ୍କାର କରିବେ। ପିଲାମାନେ ଖେଳମନସ୍କ ହେବେ।

**ମିଥୁନ:** ଅଯଥା କଥାରୁ ବାଦ ବିବାଦ ସୃଷ୍ଟି ହେବ। ବିଦ୍ୟାର୍ଥୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିବେ। ସାଙ୍ଗସାଥୀଙ୍କଠାରୁ ସଂପୂର୍ଣ୍ଣ ସହଯୋଗ ମିଳିବ।

**କର୍କଟ:** ଦିନଟି ଉତ୍ସାହର ସହ କଟିବ। ବନ୍ଧୁବାନ୍ଧବଙ୍କ ସ୍ନେହ ପାଇବେ। କର୍ମକ୍ଷେତ୍ରରେ ଅଧିକ ପରିଶ୍ରମ କରି ପ୍ରଶଂସିତ ହୋଇପାରନ୍ତି। ଅନ୍ୟ ଉପରେ ଅଧିକ ଭରସା କରି କ୍ଷତିରେ ପଡ଼ିବେ।

**ସିଂହ:** ମାନସିକ ଅବସାଦ ରହିବ। ଦରକାରୀ କାଗଜପତ୍ରକୁ ନିଜ ଦାୟିତ୍ୱରେ ରଖନ୍ତୁ। ପ୍ରିୟଜନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଦାମ୍ପତ୍ୟ-ଜୀବନ ସୁଖମୟ ହେବ।

**କନ୍ୟା:** ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି। ଛାତ୍ରଛାତ୍ରୀମାନଙ୍କ କ୍ୟାରିୟରରେ ଉନ୍ନତି ଦେଖାଦେବ। ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି। ନୂତନ ନିଯୁକ୍ତି ସୁଯୋଗ ରହିଛି।

**ତୁଳା:** କଠିନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଅକସ୍ମାତ ଖର୍ଚ୍ଚାନ୍ତ ହୋଇପାରନ୍ତି। ସନ୍ତାନସନ୍ତତିଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି। ବ୍ୟବସାୟ ଉନ୍ନତି ପାଇଁ ନୂତନ ରାସ୍ତା ପାଇବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବିଛା:** ପରିବାର ସହ ଅଧିକ ସମୟ କଟାଇବେ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ ଫଳାଫଳ କରିପାରନ୍ତି। ଜୀବନରେ ନୂତନ ମୋଡ଼ ଦେଖାଦେବ। ଧର୍ମ ପ୍ରତି ରୁଚି ବଢ଼ିବାକୁ ଲାଗିବାକୁ।

**ଧନୁ:** ନକାରାତ୍ମକ ଚିନ୍ତା କରି ମାନସିକ ଅଶାନ୍ତିର ଶିକାର ହେବେ। ଆର୍ଥିକ ଅବସ୍ଥାରେ ସ୍ୱଚ୍ଛଳତା ଦେଖାଦେଇପାରେ। ପ୍ରିୟ ବ୍ୟକ୍ତିଙ୍କୁ ମନକଥା କହି ସନ୍ତୋଷ ପାଇବେ। ପୂଜାର୍ଚ୍ଚନା କରନ୍ତୁ।

**ମକର:** ଲୋକପ୍ରିୟତା ହାସଲ କରିବେ। ଉଚ୍ଚପଦସ୍ଥ ଅଧିକାରୀଙ୍କ ସହଯୋଗ ପାଇବେ। ଉଭୟ ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କ ମଧୁର ରହିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ମାନ ସମ୍ମାନ ବୃଦ୍ଧି ପାଇବ।

**କୁମ୍ଭ:** ଅଟକି ଯାଇଥିବା କାର୍ଯ୍ୟ ପୂରଣ ହେବ। ଭ୍ରମଣଯୋଗ ରହିଛି। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସୁଚାରୁରୂପରେ ତୁଲାଇବେ। ଭବିଷ୍ୟତ ପାଇଁ ଯୋଜନା କରିବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**ମୀନ:** ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହେବ। ସମାଜରେ ମାନସମ୍ମାନ ପାଇବେ। କଠିନ ପରିଶ୍ରମ କରି ସଫଳତା ପାଇବେ। ପରିବାରରେ ହର୍ଷୋଲ୍ଲାସ ଦେଖାଦେବ। ଅର୍ଥପ୍ରାପ୍ତିର ଯୋଗ ରହିଛି।



## 'ଟକ୍ସିକ୍'ରେ କିଙ୍ଗ୍ ଖାନ୍!

ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ 'କେଜିଏଫ୍-୨' ବକ୍ସ ଅଫିସ୍‌ରେ ଆୟ ମାମଲାରେ ଏକ ନୂଆ ରେକର୍ଡ କରିଥିଲା। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଦର୍ଶକେ ଯଶ୍‌ଙ୍କ ନୂଆ ଫିଲ୍ମ 'ଟକ୍ସିକ୍'କୁ ଅପେକ୍ଷା କରିଛନ୍ତି। ନିକଟ ଅତୀତରେ 'ଟକ୍ସିକ୍'ର ଏକ ମୋସନ୍ ପୋଷ୍ଟର୍ ରିଲିଜ୍ ହୋଇଥିଲା। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଫିଲ୍ମରେ କିଙ୍ଗ୍ ଖାନ୍ ଶାହାରୁଖ୍ ଅତିଥି କଳାକାର ଭାବେ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାର ନିର୍ମାତା ଏବେ ଶାହାରୁଖ୍‌ଙ୍କ ସହ କଥାବାର୍ତ୍ତା କରୁଛନ୍ତି। ତେବେ ଶାହାରୁଖ୍ ଏଥିରେ କାମ କରିବେ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ।

## ଆଲିଙ୍ଗନରେ ପ୍ରେମର ସ୍ୱୀକାରୋକ୍ତି

ଚାଲିଛି ଭାଲେଣ୍ଟାଇନ୍ସ ସପ୍ତାହ। ପ୍ରେମ ସପ୍ତାହ ଶେଷ ହେବାକୁ ବାକି ରହିଯାଇଛି ଆଉ ଦୁଇ ଦିନ। ଭାଲେଣ୍ଟାଇନ୍ ସପ୍ତାହର ଷଷ୍ଠ ଦିବସରେ ପାଳନ କରାଯାଏ ଆଲିଙ୍ଗନ ଦିବସ ବା ହଗ୍ ଡେ'। ପ୍ରେମୀ ଯୁଗଳଙ୍କ ପାଇଁ ଏହି ଦିନର ଗୁରୁତ୍ୱ ବେଶୀ। ଯେଉଁ ପ୍ରେମିକ ବା ପ୍ରେମିକା ମନ କଥା ଖୋଲି କହି ପାରୁନାହାନ୍ତି ସେମାନେ ଆଲିଙ୍ଗନ ଦ୍ୱାରା ମନ ଭିତରର କଥାକୁ ପ୍ରକାଶ କରିପାରିବେ। ଏହି ଦିନ ପ୍ରେମୀଯୁଗଳ ପରସ୍ପରକୁ ଆଲିଙ୍ଗନ କରି ସମ୍ପର୍କକୁ ମଜଭୁତ କରିଥାନ୍ତି। କେବଳ ସେତିକି ନୁହେଁ, ଏହା ପରସ୍ପର ପ୍ରତି ବିଶ୍ୱାସ ଓ ସମର୍ପଣ ଭାବକୁ ଦର୍ଶାଏ। କୁହାଯାଏ, ଆଲିଙ୍ଗନ କରିବା ଦ୍ୱାରା ଲଭ୍ ହରମୋନ୍ ସ୍ତର ବଢିଯାଇଥାଏ। ଫଳରେ ମଣିଷ ଚାପମୁକ୍ତ ହୋଇ ଖୁସି ରହେ।



## ୨୮୫ ବର୍ଷ ତଳର ଲେମ୍ବୁ ୧.୫ ଲକ୍ଷରେ ନିଲାମ



ସାଧାରଣତଃ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଜିନିଷକୁ ନିଲାମ କରାଯିବା କଥା ସମସ୍ତେ ଜାଣନ୍ତି। ତା'ଛଡ଼ା ବିଭିନ୍ନ ସମୟରେ ନିଲାମରେ ଏଭଳି କିଛି ଜିନିଷକୁ ସାମିଲ କରାଯାଏ, ଯାହା ଦେଖିବାକୁ ଅତି ମାମୁଲି ଲାଗେ। ସେହିପରି କିଛି ଜିନିଷର ବିଶେଷତ୍ୱ ଯୋଗୁଁ ତା'ର ମୂଲ୍ୟ ଆବଶ୍ୟକତାଠୁ ଅଧିକ ରଖାଯାଏ। ଏଭଳି କିଛି ଘଟଣା ଇଂଲଣ୍ଡର ଏକ ନିଲାମୀ ସମୟରେ ଦେଖିବାକୁ ମିଳିଛି। ଏଠାରେ ୨୮୫ ବର୍ଷ ତଳର ଏକ ଶୁଖିଲା ଲେମ୍ବୁକୁ ୧.୫ ଲକ୍ଷରେ ବିକ୍ରି କରାଯିବା ଘଟଣା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏହି ନିଲାମ ଇଂଲଣ୍ଡର ଶ୍ରପ୍‌ଶାୟର୍‌ସ୍ଥିତ ବ୍ରେଟେଲ୍ସ ନିଲାମଘର ପକ୍ଷରୁ କରାଯାଇଛି। ନିଲାମକର୍ତ୍ତାଙ୍କ ଅନୁସାରେ, ଜଣେ ବ୍ୟକ୍ତିଙ୍କୁ ତାଙ୍କ ଦାଦାଙ୍କର ଏକ ଊନବିଂଶ ଶତାବ୍ଦୀର ଏକ ଆଲାମାରି ମିଳିଲା। ତାଙ୍କୁ ଲାଗିଲା, ଏହା ମୂଲ୍ୟବାନ ହୋଇପାରେ। ଏହାପରେ ଆଲମାରିର ଫଟୋ ଉତ୍ତୋଳନ କରାଗଲା। ସେହି ସମୟରେ ଆଲମାରିର ଡ୍ରୟରରୁ ୨୮୫ ବର୍ଷ ତଳର ଲେମ୍ବୁ ମିଳିଲା। ଏହି ଲେମ୍ବୁଟି ଧୂସର ରଙ୍ଗ ଦେଖାଯାଉଥିଲା। ସେଇଠୁ ଏହାକୁ ମଧ୍ୟ ନିଲାମରେ ସାମିଲ କରାଗଲା। ଲେମ୍ବୁ ଚୋପାରେ ୧୭୩୯ ମସିହା ନଭେମ୍ବର ୪ରେ ମିଷ୍ଟର୍ ପି ଲୁ ଫ୍ରାଞ୍ଚିନି ଦ୍ୱାରା ମିସ୍ ଇ ବାକ୍ସଟର୍‌କୁ ଦିଆଯାଇଥିବା ଲେଖା ଅଛି। କୁହାଯାଉଛି, ଏହାକୁ ଏକ ରୋମାଣ୍ଟିକ୍ ଉପହାର ଭାବେ ଭାରତରୁ ଇଂଲଣ୍ଡ ସେ ନେଇଥିଲେ। ସେହିପରି ଲେମ୍ବୁଟି ୪,୨୦୦-୬ ୩୦୦ ଟଙ୍କା ମଧ୍ୟରେ ବିକ୍ରି ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଲକ୍ଷାଧିକ ଟଙ୍କାରେ ଲେମ୍ବୁଟି ବିକ୍ରି ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଗଭୀର ନିଦରୁ ଉଠିବା ମସ୍ତିଷ୍କ ପାଇଁ କ୍ଷତିକାରକ



ଶୋଇବା ଦ୍ୱାରା ଲୋକଙ୍କୁ ଫୂର୍ତ୍ତି ଲାଗିବା ସହ ଚିନ୍ତା ଓ ଥକ୍କାପଣ ଦୂର ହୋଇଥାଏ। ତେବେ ଅନେକ ସମୟରେ ଦେଖାଯାଏ ଗଭୀର ନିଦରେ ଶୋଇଥିବା ଲୋକଙ୍କୁ ଅଚାନକ ଉଠାଇ ଦେବା ଦ୍ୱାରା ସେମାନେ ଭୟଭୀତ ହୋଇଯାଆନ୍ତି। ତା'ସହ ହଠାତ୍ କିଛି ଜାଣିପାରି ନ ଥାନ୍ତି। କେବଳ ସେତିକି ନୁହେଁ, ଅଚାନକ ନିଦରୁ ଉଠିବା ଦ୍ୱାରା ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ ହୋଇଥାଏ। ବିଶେଷକରି ଏହା ମସ୍ତିଷ୍କକୁ ବିଶେଷ ଭାବେ ପ୍ରଭାବିତ କରିଥାଏ। ତେବେ ଏପରି କାର୍ଯ୍ୟ ଦ୍ୱାରା ସ୍ମୃତିଶକ୍ତି, ଶିଖିବାର କ୍ଷମତା ଉପରେ ଦୀର୍ଘକାଳୀନ ପ୍ରଭାବ ପଡ଼ିଥାଏ। ଗଭୀର ନିଦରେ ଶୋଇବା ସମୟରେ ମସ୍ତିଷ୍କ ବହୁତ ସକ୍ରିୟ ରହିଥାଏ। ଏହି ସମୟରେ ମସ୍ତିଷ୍କ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ଏଣୁ ଗଭୀର ନିଦରୁ ଅଚାନକ ଜଣକୁ ଉଠାଇ ଦେବା ଦ୍ୱାରା ମସ୍ତିଷ୍କ ପ୍ରଭାବିତ ହୋଇ ତା'ର କାର୍ଯ୍ୟକ୍ଷମତା ବାଧାପ୍ରାପ୍ତ ହୋଇଥାଏ। ଏହା ଦ୍ୱାରା ମସ୍ତିଷ୍କ ଉପରେ ଚାପ ପଡ଼େ। ଫଳରେ ମସ୍ତିଷ୍କରେ ରକ୍ତ ସ୍ରାବ ହୋଇ ବ୍ରେନ୍ ଡ୍ୟାମେଜ୍ ହୁଏ। ବେଳେ ବେଳେ ଏମିତି ବି ହୁଏ ଯେ, ଏହାଦ୍ୱାରା ଲୋକେ ପଙ୍ଗୁ ହେବା ସହ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଏଣୁ ଗଭୀର ନିଦରେ କୌଣସି ବ୍ୟକ୍ତିଙ୍କୁ ଅଚାନକ ନ ଉଠାଇ ଧୀରେ ତଥା ଅଳ୍ପ ଜୋର୍‌ରେ ଡାକି ନିଦରୁ ଉଠାଇବା ଦରକାର।

## ସବୁଜ ନାରୀ



ପ୍ରତ୍ୟେକ ମଣିଷଙ୍କର ପ୍ରିୟ ରଙ୍ଗ ଅଛି। ଏହି କ୍ରମରେ ଏମିତି ବି ଜଣେ ମହିଳା ଅଛନ୍ତି, ଯାହାଙ୍କ ପ୍ରିୟ ରଙ୍ଗ ସବୁଜ। ବ୍ରୁକ୍‌ଲିନ୍‌ର ଏଲିଜାବେଥ୍ ସ୍ୱିଟ୍‌ହାର୍ଟ ନିଜକୁ ସବୁଜ ରଙ୍ଗରେ ରଙ୍ଗେଇଛନ୍ତି। ତାଙ୍କୁ ଏହି ରଙ୍ଗ ଏତେ ପସନ୍ଦ ଯେ, ତାଙ୍କ ଡ୍ରେସ୍ ସହିତ ତାଙ୍କର କେଶ, ଗହଣା, ଘର, ଆସବାବପତ୍ରକୁ ସବୁଜ ରଙ୍ଗରେ ସେ ରଙ୍ଗେଇଛନ୍ତି। କହିବାକୁ ଗଲେ ସେ ନିଜକୁ ଓ ନିଜ ଘରର ପରିବେଶକୁ ସବୁଜମୟ କରି ରଖିଛନ୍ତି। ଯେଉଁଥିପାଇଁ ସେ ଏବେ 'ଗ୍ରୀନ୍ ଲେଡି' ଭାବେ ପରିଚିତ। ୮୧ ବର୍ଷୀୟା ଏଲିଜାବେଥ୍‌ଙ୍କୁ ସବୁଜ ରଙ୍ଗ ଖୁସି ପ୍ରଦାନ କରୁଥିବା କଥା ସେ କହିଛନ୍ତି। ଦୀର୍ଘ ୨୦ ବର୍ଷ ହେବ ସେ ସବୁଜ ବ୍ୟତୀତ ଅନ୍ୟ କୌଣସି ରଙ୍ଗ ସଂସ୍ପର୍ଶରେ ଆସି ନ ଥିବା କହିଛନ୍ତି। ତେବେ ଏହି ରଙ୍ଗ ତାଙ୍କ ବାପାଙ୍କ ସ୍ମୃତି ସହ ଜଡ଼ିତ। ତାଙ୍କ ବାପା ମା' ପରସ୍ପରଠାରୁ ଅଲଗା ହୋଇଯାଇଥିବା ବେଳେ ଏକଦା ଏଲିଜାବେଥ୍ ତାଙ୍କ ବାପାଙ୍କ ଫ୍ଲୋରିଡ଼ା ସ୍ଥିତ ଘରକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ସେଠାରେ ସେ ପ୍ରାୟ ଅଧିକାଂଶ ଜିନିଷ ସବୁଜ ରଙ୍ଗର ଦେଖିଲେ। ଯାହାକୁ ଦେଖି ସେ ସବୁଜ ରଙ୍ଗ ପ୍ରତି ଆକର୍ଷିତ ହୋଇଥିବା କଥା କୁହନ୍ତି। ତେବେ ବାପାଙ୍କ ସ୍ମୃତିକୁ ସାଇତି ରଖିବା ଏବଂ ସକାରାତ୍ମକ ଅନୁଭୂତିକୁ ଜୀବନ୍ତ ରଖିବା ପାଇଁ ସେ ସବୁଜ ରଙ୍ଗର ପ୍ରେମରେ ପଡ଼ିଥିବା କଥା କହିଛନ୍ତି।

## ବିଦ୍ୟାଦାୟିନୀ



**ମାଘ ଶୁକ୍ଳ ପଞ୍ଚମୀକୁ 'ଶ୍ରୀ ପଞ୍ଚମୀ' ବା 'ବସନ୍ତ ପଞ୍ଚମୀ' ଭାବେ ପାଳନ କରାଯାଏ। ଏହା ହେଉଛି ବିଦ୍ୟା ଓ ସଙ୍ଗୀତର ଦେବୀ ମା' ସରସ୍ୱତୀଙ୍କ ଆରାଧନାର ଦିନ। ଏହିଦିନ ଦେବୀ ସରସ୍ୱତୀ ଆବିର୍ଭୂତ ହୋଇଥିବା ବିଶ୍ୱାସ ରହିଛି। ଉକ୍ତ ଅବସରରେ ମା' ସରସ୍ୱତୀଙ୍କୁ ଭକ୍ତି ଓ ନିଷ୍ଠାର ସହ ପୂଜା କଲେ ବୁଦ୍ଧି ଓ ସଫଳତା ପ୍ରାପ୍ତି ହୁଏ।**

ବିଦ୍ୟା ପ୍ରାପ୍ତି ନିମିତ୍ତ ବିଦ୍ୟାର୍ଥୀମାନେ ମା' ବାଗ୍‌ଦେବୀଙ୍କର ବିଶେଷ ପୂଜା ଓ ଆରାଧନା କରିଥାନ୍ତି। ସୂର୍ଯ୍ୟୋଦୟ ପୂର୍ବରୁ ବିଦ୍ୟାର୍ଥୀମାନେ ସ୍ନାନ ସାରି ନୂଆ ବସ୍ତ୍ର ପରିଧାନ କରନ୍ତି। ନିଜ ନିଜ ଶିକ୍ଷାନୁଷ୍ଠାନରେ ଭକ୍ତି ପୁଷ୍ପାଞ୍ଜଳି ଦେଇଥାନ୍ତି। ସଙ୍ଗୀତଶିଳ୍ପୀମାନେ ମଧ୍ୟ ଦେବୀ ବୀଣାପାଣିଙ୍କ ପୂଜାର୍ଚ୍ଚନା କରିଥାନ୍ତି। ତା'ସହ ସରସ୍ୱତୀ ଯନ୍ତ୍ର ବି ପୂଜା କରାଯାଏ। ସରସ୍ୱତୀ ସ୍ତୋତ୍ର ପାଠ କରି ବିଦ୍ୟାର୍ଥୀମାନେ ପରୀକ୍ଷାରେ ସଫଳତା କାମନା କରିଥାନ୍ତି। ଏହାଛଡ଼ା ଏହି ଅବସରରେ ଛୋଟ ଛୋଟ ପିଲାମାନେ ବାଗ୍‌ଦେବୀଙ୍କ ଆଗରେ 'ଖଡ଼ିଛୁଆଁ' କରି ବିଦ୍ୟାରମ୍ଭ କରିଥାନ୍ତି। ତା'ସହ ଏହିଦିନ ନିଜ ଗୁରୁଙ୍କ ଆଶୀର୍ବାଦ ନେବା ମଧ୍ୟ ଖୁବ୍ ଶୁଭ।

### କ'ଣ କରିବେ

- ଘରେ ତଥା ପଢ଼ାଘରେ ମା' ସରସ୍ୱତୀଙ୍କ ଫଟୋ ଲଗାଇଲେ ସଫଳତା ପ୍ରାପ୍ତି ହୁଏ।
- ଏହା ଦ୍ୱାରା କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୁଏ।
- ଘରେ ମା' ସାରସ୍ୱତୀଙ୍କ ଭଙ୍ଗା ଫଟୋକୁ ରଖନ୍ତୁ ନାହିଁ।
- ପଢ଼ାଘର ତଥା ବହିପତ୍ରକୁ ପରିଷ୍କାର ରଖନ୍ତୁ।
- ମା'ଙ୍କୁ ହଳଦିଆ ବସ୍ତ୍ର ଅର୍ପଣ କରିବା ସହ ନିଜେ ହଳଦିଆ ରଙ୍ଗ ବସ୍ତ୍ର ପରିଧାନ କରନ୍ତୁ।

## ସ୍ୱସ୍ତି

## ଭଜନ-କୀର୍ତ୍ତନରେ ତାଳି ବଜାଇବା ପରମ୍ପରା

**ଭଜନ-କୀର୍ତ୍ତନ ସମୟରେ ଶ୍ରଦ୍ଧାଳୁମାନେ ଭକ୍ତିରେ ତଲ୍ଲୀନ ହୋଇ ଦୁଇ ହାତରେ ତାଳି ବା କରତାଳି ବଜାଇଥାନ୍ତି। ତେବେ ଭଗବାନଙ୍କ ନାମ ସଂକୀର୍ତ୍ତନ ବେଳେ ତାଳି ଦେବା ପରମ୍ପରା ବହୁ ପୁରୁଣା। ପିଲାବେଳୁ ମଧ୍ୟ ସମସ୍ତଙ୍କୁ ଏଭଳି କିଛି କରିବାକୁ ଶିକ୍ଷା ଦିଆଯାଏ। ତେବେ ଭଜନ - କୀର୍ତ୍ତନରେ ଲୋକେ ତାଳି କାହିଁକି ମାରନ୍ତି ଏବଂ ଏହା ପଛରେ କେଉଁସବୁ ଧାର୍ମିକ ଓ ବୈଜ୍ଞାନିକ କାରଣ କ'ଣ ଅଛି, ସେ ସମ୍ପର୍କରେ ଜାଣିବା।**

**କେବେଠୁ ଆରମ୍ଭ:** ଶ୍ରୀମଦ୍ ଭଗବଦ୍ ଗୀତାଙ୍କ ଅନୁସାରେ, ଏହି ପ୍ରଥା ବିଷ୍ଣୁଙ୍କ ଭକ୍ତ ପ୍ରହ୍ଲାଦ ଆରମ୍ଭ କରିଥିଲେ। ମାନ୍ୟତାନୁସାରେ, ସତ୍ୟଯୁଗରେ ଅସୁର ରାଜା ହିରଣ୍ୟକଶିପୁଙ୍କ ପୁତ୍ର ପ୍ରହ୍ଲାଦ ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଥିବା ବେଳେ ତାଙ୍କ ଭକ୍ତିରେ ହିଁ ସର୍ବଦା ବୁଡ଼ି ରହୁଥିଲେ। ଦିନେ ତାଙ୍କର ଏଭଳି ଏକାନ୍ତ ଭକ୍ତିଭାବକୁ ଦେଖି ହିରଣ୍ୟକଶିପୁ କ୍ରୋଧରେ ତାଙ୍କର ସମସ୍ତ ବାଦ୍ୟଯନ୍ତ୍ର ଭାଙ୍ଗିଦେଲେ। ଏହାପରେ ପ୍ରହ୍ଲାଦ ତାଳି ବଜାଇ ଶ୍ରୀବିଷ୍ଣୁଙ୍କ ଭଜନ କରିବାକୁ ଲାଗିଲେ। କୁହାଯାଏ, ଏହି ସମୟରୁ ହିଁ ଭଜନ-କୀର୍ତ୍ତନରେ ତାଳି ବଜାଇବାର ପରମ୍ପରା ଆରମ୍ଭ ହୋଇଛି।

**ଧାର୍ମିକ ମହତ୍ତ୍ୱ:** କେତେବେଳେ ଗୋଷ୍ଠୀରତ ଭାବେ ତ କେବେ ନିଜେ ନିଜେ ଭକ୍ତଟିଏ ତାଳି ବଜାଇ ଠାକୁରଙ୍କ ପ୍ରାର୍ଥନା କରି ଠାକୁରଙ୍କୁ ଶୁଣିବା ପାଇଁ ନିବେଦନ କରନ୍ତି। ତା'ସହ ଭଜନ-କୀର୍ତ୍ତନରେ ତାଳି ବଜାଇ ମନକୁ ଏକାଗ୍ର ରଖାଯାଏ।



**ବୈଜ୍ଞାନିକ କାରଣ:** ଭଜନ-କୀର୍ତ୍ତନରେ ଦୁଇ ହାତରେ ତାଳି ବଜାଇବା ଦ୍ୱାରା ହାତର ଶିରା ପ୍ରଶିରା ସକ୍ରିୟ ହୋଇ ରକ୍ତ ସଂଚାଳନ ଠିକ୍ ରୂପେ ହୋଇଥାଏ। ଫଳରେ ହୃଦ୍ ଓ ଫୁସ୍‌ଫୁସ୍ ସମ୍ବନ୍ଧିତ ସମସ୍ୟାରୁ ମୁକ୍ତି ମିଳେ।

## କୁମ୍ଭ ସଂକ୍ରାନ୍ତିରେ ଦାନର ମହତ୍ତ୍ୱ

**ସୂର୍ଯ୍ୟ ଦେବ ମକର ରାଶିରୁ ବାହାରି କୁମ୍ଭ ରାଶିକୁ ପ୍ରବେଶ କରିବାକୁ 'କୁମ୍ଭ ସଂକ୍ରାନ୍ତି' କୁହାଯାଏ। ଏହ ଅବସରରେ ପବିତ୍ର ନଦୀରେ ସ୍ନାନ ଓ ଦାନର ବିଶେଷ ମହତ୍ତ୍ୱ ଅଛି। କୁହାଯାଏ, ଏଭଳି କରିବା ଦ୍ୱାରା ମୋକ୍ଷ ପ୍ରାପ୍ତି ହୁଏ। ଏହିଦିନ ପୂଜା ପାଠ କରିବା ଦ୍ୱାରା ସୁଖ ଓ ସୌଭାଗ୍ୟ ପ୍ରାପ୍ତି ହୁଏ।**



**ରାଶି ଦାନ:** ଏହିଦିନ ରାଶି ଦାନ କରିବା ବେଶ୍ ଶୁଭ। ଏପରି କଲେ ସୂର୍ଯ୍ୟ ଦେବଙ୍କ ସହିତ ଶନି ଦେବଙ୍କ କୃପା ମଧ୍ୟ ପ୍ରାପ୍ତି ହୁଏ।

**ତମ୍ବା ଦାନ:** ତମ୍ବାକୁ ସୂର୍ଯ୍ୟଙ୍କ ଧାତୁ ବୋଲି କୁହାଯାଏ। ତମ୍ବା ବାସନ ଦ୍ୱାରା କୁଣ୍ଡଳୀରେ ସୂର୍ଯ୍ୟଙ୍କ ସ୍ଥିତି ମଜଭୁତ ହୁଏ। ଏହାଦ୍ୱାରା ଶୁଭ ଫଳ ପ୍ରାପ୍ତି ହୁଏ। ତେବେ ତମ୍ବା ବାସନ ସହ ନାଲି ଫୁଲ, ସିନ୍ଦୂର, ଅକ୍ଷତ ଏବଂ ଗୁଡ଼ ପକାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା ମାନ-ସମ୍ମାନ ଓ ଆରୋଗ୍ୟତା ପ୍ରାପ୍ତି ହୁଏ।

**ଲାଲ୍ ବସ୍ତ୍ର ଦାନ:** ହିନ୍ଦୁ ପୁରାଣ ଅନୁସାରେ, ସୂର୍ଯ୍ୟ ଦେବଙ୍କ ପ୍ରିୟ ନାଲି ରଙ୍ଗ। ଏଣୁ ଏହିଦିନ ଲାଲ୍ ବସ୍ତ୍ର ଦାନ ଶୁଭଦାୟକ। ଏଭଳି କରିବା ଦ୍ୱାରା କୁଣ୍ଡଳୀରେ ଥିବା ମଙ୍ଗଳଦୋଷ ଦୂର ହୋଇଥାଏ।

**ଅନ୍ନ ଦାନ:** ଏହି ଅବସରରେ ଅସହାୟ ତଥା ଗରିବଙ୍କୁ ଅନ୍ନଦାନ ଦେବା ଉଚିତ। ଏହା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ ଏବଂ ଦରିଦ୍ରତା ଦୂର ହୁଏ।

**ଗୁଡ଼ ଦାନ:** କୁମ୍ଭ ସଂକ୍ରାନ୍ତିରେ ଗୁଡ଼ ଦାନ କଲେ ଭଲ। ଏହା ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୁଏ।

## ବାସ୍ତୁ ଦୋଷ ଦୂର କରେ ବୃକ୍ଷ

**ବାସ୍ତୁଦୋଷ ଏବଂ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ ଘରେ ଏଭଳି କିଛି ଗଛ ଲଗାନ୍ତୁ, ଯାହାଦ୍ୱାରା ଏହି ସଙ୍କଟ ଦୂରେଇ ଯାଏ। ବାସ୍ତୁ ଶାସ୍ତ୍ର ଅନୁସାରେ, କେଉଁ ଗଛକୁ ଲଗାଇ ଲାଭାନ୍ୱିତ ହୋଇପାରିବେ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

- ଧାର୍ମିକ ମାନ୍ୟତାନୁସାରେ, ତୁଳସୀରେ ମା' ଲକ୍ଷ୍ମୀ ବାସ କରନ୍ତି। ଘରର ଉତ୍ତର-ପୂର୍ବ ଦିଗରେ ତୁଳସୀ ଗଛକୁ ଲଗାଇ ନିୟମିତ ପୂଜାର୍ଚ୍ଚନା କଲେ ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଏହା ଦ୍ୱାରା ଧନଲାଭ ହେବା ଆରମ୍ଭ ହୁଏ।



- ହିନ୍ଦୁ ଧର୍ମ ଗ୍ରନ୍ଥ ଅନୁସାରେ, ଗଙ୍ଗଶିଉଳିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଏହି ଗଛକୁ ଘରେ ଲଗାଇବା ଦ୍ୱାରା ବାସ୍ତୁ ଦୋଷ ଦୂର କରିଥାଏ। ତା'ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଏ।
- ନୀଳ ଓ ଧଳା ରଙ୍ଗର ଅପରାଜିତା ଫୁଲ ଗଛ କେବଳ ଘର ଅଗଣାର ଶୋଭା ବଢ଼ାଇ ନ ଥାଏ, ବରଂ ଶନି ଦେବଙ୍କ ଦୁଷ୍ପ୍ରଭାବ ଦୂର କରିଥାଏ। ଏହାକୁ ଘରେ ଲଗାଇବା ଦ୍ୱାରା ଧନଲାଭ ଓ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।

## ଗୀତାବାଣୀ

ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ।
କର୍ମଜାନ୍ ବିଦ୍ଧି ତାନ୍ ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ ॥୩୨॥



ଏହିଭଳି ଆହୁରି ଅନେକ ପ୍ରକାର ଯଜ୍ଞ ବିସ୍ତାର ଭାବେ ବର୍ଣ୍ଣିତ ହୋଇଛି। ସେ ସମସ୍ତ ଯଜ୍ଞ କର୍ମଜନିତ ବୋଲି ଜାଣିରଖ। ଏଭଳି ଜାଣି ଯଜ୍ଞ କଲେ ତୁମେ (କର୍ମବନ୍ଧନରୁ) ମୁକ୍ତ ହୋଇଯିବ।

(ଚତୁର୍ଥୋଽଧ୍ୟାୟ – ଶ୍ଲୋକ - ୩୨)

## ନେଦରଲାଣ୍ଡସ ସୁଟ୍‌ଆଉଟ୍

# ଭାରତର ଦ୍ୱିତୀୟ ବିଜୟ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଭୁବନେଶ୍ୱର, ୧୧।୨ (ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ପୁରୁଷ) ରେ ଘରୋଇ ଭାରତ କ୍ରମାଗତ ୨ୟ ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ଏକ ହାଇଭୋଲଟେଜ ମ୍ୟାଚରେ ଭାରତ ୬-୪ ପେନାଲ୍ଟି ସୁଟ୍ ଆଉଟ୍ ଗୋଲରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସକୁ ହରାଇ ଦେଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ଗୋଲରେ ବରାବର୍ ରହିବା ପରେ ଖେଳର ମୀମାଂସା ଲାଗି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ନେଦରଲାଣ୍ଡସ ୨ଟି ଗୋଲ୍ ଦେଇଥିବାବେଳେ ଭାରତ ୪ରୁ ୪ ଗୋଲ ଦେଇ ମ୍ୟାଚ ହାତେଇ ନେଇଥିଲା। ଭାରତ ପକ୍ଷରୁ ସୁଟ୍ ଆଉଟ୍‌ରେ ଅଧିନାୟକ ହରମନପ୍ରୀତ୍, ସୁଖଜିତ୍, ଲଳିତ ଓ ସମସେର ସିଂହ ଗୋଲ ସ୍କୋର କରିଥିଲେ। ଦୁଇ ମ୍ୟାଚରୁ ୨ ବିଜୟ ସହ ଭାରତ ୫ ପଏଣ୍ଟ ପାଇ ୩ୟ ସ୍ଥାନକୁ ଉଠିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଏଠାରେ ଅଷ୍ଟ୍ରେଲିଆ ସହ ଆସନ୍ତା ୧୫ରେ ଖେଳିବ।

ବିଶ୍ୱ ମାନ୍ୟତାର ଶୀର୍ଷ ଦଳ ନେଦରଲାଣ୍ଡସ ବିପକ୍ଷରେ ରବିବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଆରମ୍ଭରୁ ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। କିନ୍ତୁ ୧୩ତମ ମିନିଟ୍‌ରେ ହାର୍ଦ୍ଦିକ ସିଂହ ଏକ ଚମତ୍କାର ଗୋଲ୍ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇବା ସହ ପ୍ରଥମ କ୍ୱାର୍ଟର ଭାରତ ନାମରେ କରାଇଥିଲେ। ଡି ଏରିଆରେ ହାର୍ଦ୍ଦିକ ପ୍ରତିପକ୍ଷ ନେଦରଲାଣ୍ଡସର ଡିଫେନ୍ସକୁ ଚକ୍‌ମା ଦେଖାଇ ବଲକୁ ସଫଳତାର ସହ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ଏହାପରେ ଦ୍ୱିତୀ କ୍ୱାର୍ଟର ମଧ୍ୟ ବରାବର୍ ଖେଳ ଦେଖିବାକୁ ମିଳିଥିଲା। ଭାରତ ଏହି ୧୫ ମିନିଟ୍‌ରେ ଦୁଇଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ସ୍କୋର କରିବାରେ ବିଫଳ ହୋଇଥିଲା। କିନ୍ତୁ ନେଦରଲାଣ୍ଡସ ୩୦ତମ ମିନିଟ୍‌ରେ ପାଇଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ରୂପାନ୍ତରିତ କରି ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚକୁ ୧-୧ର ସମାନସ୍ଥିତିକୁ ଆଣିଥିଲା। ଜିପ ଜନସେନ ଏହି ଗୋଲଟି ଦେଇଥିଲେ। ତୃତୀୟ କ୍ୱାର୍ଟରରେ କୋଏନ ବିଜେନ ୩୯ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିଥିଲେ। ଫଳରେ ୩ୟ କ୍ୱାର୍ଟରରେ ନେଦରଲାଣ୍ଡସ ୨-୧ରେ ଆଗୁଆ ରହିଥିଲା। ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଭାରତ ୩ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ୫୮ତମ ମିନିଟ୍‌ରେ ପାଇଥିବା ୩ୟ ସୁଯୋଗକୁ ଅଧିନାୟକ ହରମନପ୍ରୀତ୍ ଗୋଲରେ ପରିଣତ କରି ମ୍ୟାଚକୁ ୨-୨ର ସମାନସ୍ତରକୁ ଆଣିଥିଲେ।

### ହରମନପ୍ରୀତ୍‌ଙ୍କ ଦ୍ୱିଶତକ

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ନେଦରଲାଣ୍ଡସ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚ୍ ଘରୋଇ ଭାରତର ଦୁଇ ଖେଳାଳି ଅଧିନାୟକ ହରମନପ୍ରୀତ୍ ସିଂହ ଓ ଗୁର୍‌ଜାନ୍ତ ସିଂହଙ୍କ ପାଇଁ ବେଶ୍ ସ୍ମରଣୀୟ ରହିଥିଲା। ହରମନପ୍ରୀତ୍‌ଙ୍କ ଏହା ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା। ସେହିଭଳି ଗୁର୍‌ଜାନ୍ତ ନିଜର ୧୦୦ତମ ମ୍ୟାଚ୍ ଖେଳିଥିଲେ।


ବିଜୟ ଭାରତୀୟ ଖେଳାଳିଙ୍କ ଆନନ୍ଦ

## ଅଷ୍ଟ୍ରେଲିଆକୁ ଜିତାଇଲେ ଲାଚ୍‌ଲାନ୍

**ଭୁବନେଶ୍ୱର, ୧୧।୨ (ସମିସ):** ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ପୁରୁଷ) ରେ ଅଷ୍ଟ୍ରେଲିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୁପର୍ ସନଡେରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ରୋମାଞ୍ଚକ ମୁକାବିଲାରେ ବିଶ୍ୱମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ୪-୩ ସ୍ପେନକୁ ହରାଇଦେଇଥିଲା। ବିଜୟୀ ଦଳର ଲାଚ୍‌ଲାନ ସାର୍ପ ୨ଟି ଗୋଲ୍ ଦେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏକଦା ମ୍ୟାଚ୍ ୩ୟ କ୍ୱାର୍ଟର ସୁଦ୍ଧା ୩-୩ ଗୋଲରେ ବରାବର୍ ରହିଥିଲା। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଲାଚଲାନ ଅଷ୍ଟ୍ରେଲିଆ ପାଇଁ ବିଜୟସୂଚକ ଗୋଲଟି କରିଥିଲେ। ଏଥିସହ ପ୍ରଥମ ମ୍ୟାଚରେ ୩ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ଖାତା ଖୋଲିଛି। ଅପରପକ୍ଷରେ ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ରହିଥିବା ସ୍ପେନ କ୍ରମାଗତ ୨ୟ ପରାଜୟବରଣ କରିଛି।

ଶନିବାର ସ୍ପେନ ଏଠାରେ ୧-୪ ଗୋଲରେ ଘରୋଇ ଭାରତ ନିକଟରୁ ପରାସ୍ତ ହୋଇଥିଲା। ଫଳରେ ସ୍ପେନ ବର୍ତ୍ତମାନ ସୁଦ୍ଧା ପଏଣ୍ଟ ଟେବଲରେ ଖାତା ଖୋଲିବାରେ ବିଫଳ ହୋଇଛି। ଉଭୟ ସ୍ପେନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଓଭରଅଲ୍ ଏହା ୫୪ତମ ମୁକାବିଲା ଥିଲା। ଯେଉଁଥିରେ କଙ୍ଗାରୁ ଦଳ ୩୫ ମ୍ୟାଚ୍ ଜିତି ଏକପାଖିଆ ଅଗ୍ରଣୀ ହାସଲ କରିଛି। ଅପରପକ୍ଷରେ ସ୍ପେନ ମାତ୍ର ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବାବେଳେ ୭ଟି ମୁକାବିଲା ଅମୀମାଂସିତ ରହିଛି।

**୧୯ ବର୍ଷରୁ କମ୍ ବିଶ୍ୱକପ୍**

# ଅଷ୍ଟ୍ରେଲିଆ ଚାମ୍ପିଅନ, ଭାରତ ରନର୍ସଅପ୍

ବେନୋନି, ୧୧।୨ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଭାରତ ୭୯ ରନ୍‌ରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇ ଏଠାରେ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ପୂର୍ବରୁ ଭାରତରେ ଖେଳାଯାଇଥିବା ବରିଷ୍ଠ ଦିନିକିଆ ବିଶ୍ୱକପ୍‌ରେ ମଧ୍ୟ ଅଷ୍ଟ୍ରେଲିଆ ଚାମ୍ପିଅନ ଓ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହା ଫଳରେ ଅଷ୍ଟ୍ରେଲିଆ ଦିନିକିଆ ବିଶ୍ୱକପ୍‌ର ଉଭୟ ବରିଷ୍ଠ ଓ କନିଷ୍ଠ, ଟି-୨୦ ବିଶ୍ୱକପ୍, ପୁରୁଷ ଟେଷ୍ଟ ଚାମ୍ପିଅନସିପ୍ ଓ ମହିଳା ଦିନିକିଆ ବିଶ୍ୱକପ୍‌ରେ ଚାମ୍ପିଅନ୍ ହୋଇଛି। ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମାହଲି ବିୟର୍ଡମ୍ୟାନ୍‌ଙ୍କୁ ଫାଇନାଲର ଶ୍ରେଷ୍ଠ ଓ କ୍ୱେନା ମାଫାଖାଙ୍କୁ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ସ୍ଥାନୀୟ ଉଲମୋର ପାର୍କରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୭ ୱିକେଟରେ ୨୫୩ ରନ୍ କରିଥିଲା। ଦଳ ପକ୍ଷରୁ ଭାରତୀୟ ବଂଶୋଦ୍ଭବ ଖେଳାଳି ହରଜାସ ସିଂ ସର୍ବାଧିକ ୫୫ ରନ୍ କରିଥିଲେ। ଅଧିନାୟକ ହଗ୍ ୱେବ୍‌ଜେନ ୪୮, ଅଲିଭର ପିକ୍ ଅପରାଜିତ ୪୬, ହ୍ୟାରୀ ଡିକ୍ସନ ୪୨ ରନ୍‌ର ଯୋଗଦାନ ଦେଇଥିଲେ। ଏମାନଙ୍କ ଯୋଗଦାନ ଫଳରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସର୍ବାଧିକ ସ୍କୋର କରିଥିଲା। ଭାରତ ପକ୍ଷରୁ ରାଜ ଲିମ୍ବାନି ୩ଟି, ନମନ ତିୱାରୀ ୨ଟି ୱିକେଟ ପାଇଥିଲେ। ଜବାବରେ ୨୫୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ଆରମ୍ଭରୁ ଶେଷ ଯାଏ କ୍ରମାଗତ ୱିକେଟ ହରାଇବା ଫଳରେ ଦଳ ପରାଜିତ ହୋଇଥିଲା। ଦଳ ୪୩.୫ ଓଭର ଖେଳି ୧୭୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଓପନର ଆଦର୍ଶ ସିଂ ୭୭ ବଲ୍‌ରେ ୪୭ ଓ ମୁସୀର ଖାନ୍ ୨୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଂ-୮ ରେ ବ୍ୟାଟିଂ କରିଥିବା ମୁରୁଗାନ ଅଭିଷେକ ୪୬ବଲ୍‌ରେ ୪୨ ରନ୍ କରି କିଛି ମନୋରଞ୍ଜନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଫାଷ୍ଟ ବୋଲର ବିୟର୍ଡମ୍ୟାନ୍ ଓ ସ୍ପିନର ରାଫ ମ୍ୟାକ୍‌ମିଲାନ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରି ଭାରତର ବ୍ୟାଟିଂ ମେରୁଦଣ୍ଡକୁ ଭାଙ୍ଗିଦେଇଥିଲେ। କାଲମ ଭିଡ୍‌ଲରଙ୍କୁ ୨ଟି ୱିକେଟ ମିଳିଥିଲା। ଟୁର୍ଣ୍ଣାମେଣ୍ଟ ସାରା ଦମ୍ ଦେଖାଇଥିବା ଭାରତୀୟ ବ୍ୟାଟର ଫାଇନାଲରେ ଫେଲ ମାରିଥିଲେ।



## ଟେଷ୍ଟ ସିରିଜରୁ ବାଦ୍ ପଡ଼ିଲେ ଲିଚ୍

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ଚଳିତ ଭାରତ ବିପକ୍ଷ ଟେଷ୍ଟ ସିରିଜରୁ ଇଂଲଣ୍ଡ ଅଭିଜ୍ଞ ସ୍ପିନର ଜ୍ୟାକ୍ ଲିଚ୍ ଆଘାତ ଜନିତ ସମସ୍ୟା କାରଣରୁ ବାଦ୍ ପଡିଛନ୍ତି। ଫଳରେ ଇଂଲଣ୍ଡ ଦଳକୁ ଝଟ୍‌କା ଲାଗିଛି। ତାଙ୍କ ଆଣ୍ଠୁରେ ଆଘାତ ସମସ୍ୟା ଦେଖା ଦେଇଛି ଓ ଏଥିପାଇଁ ସେ ଦ୍ୱିତୀୟ ଟେଷ୍ଟ ମଧ୍ୟ ଖେଳିପାରି ନଥିଲେ। ଖୁବ୍‌ଶୀଘ୍ର ସେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବେ ବୋଲି ରବିବାର ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ ସୂଚନା ଦିଆଯାଇଛି। ଆସନ୍ତା ୧୫ ତାରିଖରୁ ରାଜକୋଟ୍‌ରେ ତୃତୀୟ ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ସିରିଜରେ ଗୋଟିଏ ମ୍ୟାଚ୍ ଖେଳି ସେ ୨ ୱିକେଟ ନେଇଛନ୍ତି। କ୍ୟାରିୟରରେ ସେ ଭାରତ ବିପକ୍ଷରେ ସେ ମୋଟ୍ ୬ଟି ମ୍ୟାଚ୍ ଖେଳି ୨୧ ୱିକେଟ ଅକ୍ତିଆର କରିଛନ୍ତି। ପୂର୍ବରୁ ସେ ଅଷ୍ଟ୍ରେଲିଆ ବିପକ୍ଷ ଆସେସ୍ ସିରିଜ ମଧ୍ୟ ଖେଳିପାରି ନଥିଲେ। ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଓ ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟୀ ହୋଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ବରାବର ସ୍ଥିତିରେ ରହିଛି।

**● ଆଜିଠୁ ବିର୍ସା ମୁଣ୍ଡାରେ ମହିଳା ପ୍ରୋ ଲିଗ୍**

## ଚୀନ୍-ଭାରତ ପ୍ରଥମ ଲଢ଼େଇ

ଭୁବନେଶ୍ୱର,୧୧।୨(ସମିସ)

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ଲଢେଇ ସୋମବାରଠାରୁ ଆରମ୍ଭ ହେବ। ଭାରତୀୟ ମିହଳା ଦଳ ସୋମବାର ସନ୍ଧ୍ୟାରେ ଦ୍ୱିତୀୟ ମୁକାବିଲାରେ ଚୀନ୍‌କୁ ଭେଟିବ। ପୂର୍ବରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସବୁ ଦଳଗୁଡିକ ପରସ୍ପରକୁ ଗୋଟିଏ ଲେଖାଏ ମ୍ୟାଚ୍‌ରେ ଭେଟିଥିଲେ। ଏବେ ବିର୍ସାମୁଣ୍ଡାରେ ମଧ୍ୟ ସବୁ ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବେ। କଳିଙ୍ଗରେ ଭାରତ ୧-୩ ଗୋଲରେ ଚୀନ୍‌ଠାରୁ ପରାସ୍ତ ହୋଇଥିଲା। ଏବେ ଭାରତ ବିର୍ସାମୁଣ୍ଡରେ ଏହି ପରାଜୟର ପ୍ରତିଶୋଧ ନେବାକୁ ପ୍ରୟାସ କରିବ। ସେହିପରି ସୋମବାର ପ୍ରଥମ ମୁକାବିଲାରେ ଆମେରିକା ଓ ନେଦରଲାଣ୍ଡସ ପରସ୍ପରକୁ ଭେଟିବେ। ଚୀନ୍ ବିପକ୍ଷରେ ଭାରତର ରେକର୍ଡ ଭଲ ରହିଛି। ଏପର୍ଯ୍ୟନ୍ତ ଦୁଇ ଦଳ ପରସ୍ପରକୁ ୨୫ଥର ଭେଟିଛନ୍ତି। ଏଥିରେ ଭାରତ ୧୨ ଓ ଚୀନ୍ ୧୧ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୨ଟି ମ୍ୟାଚ୍ ଅମୀମାଂସିତ ରହିଛି। ୧୪ ତାରିଖରେ ଭାରତୀୟ ମହିଳା ଦଳ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ନେଦରଲାଣ୍ଡସକୁ ଭେଟିବ। ସେହିପରି ୧୭ ତାରିଖରେ ଭାରତ ଅଷ୍ଟ୍ରେଲିଆକୁ, ୧୮ ତାରିଖରେ ଆମେରିକାକୁ ଭେଟିବ। ଭାରତ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୩ଟି ପରାଜୟ ଓ ଗୋଟିଏ ବିଜୟ ସହ ୩ ଅଙ୍କ ପାଇ ତାଲିକାରେ ୫ମ ସ୍ଥାନରେ ରହିଛି।

## ଜାତୀୟ କାନୋଏ ସ୍ପ୍ରିଣ୍ଟ: ଓଡ଼ିଶାକୁ ୧୪ ପଦକ

**କଟକ,୧୧।୨(ସମିସ):** ମଧ୍ୟପ୍ରଦେଶ ଭୋପାଳର ଲୋୟର ଲେକ୍‌ରେ କନିଷ୍ଠ ଏବଂ ଉପ-କନିଷ୍ଠ ୩୪ତମ ଜାତୀୟ କାନୋଏ ସ୍ପ୍ରିଣ୍ଟ ପ୍ରତିଯୋଗିତା ଜାରି ରହିଛି। ଉପ-କନିଷ୍ଠ ବାଳିକା ୫୦୦ ମିଟର ଇଭେଣ୍ଟରେ ଓଡ଼ିଶା ୩ଟି ସ୍ୱର୍ଣ୍ଣ ପଦକ ଜିତିଛି। କାୟାକିଂ-୧ରେ ଧନମଞ୍ଜରୀ ଦେବୀ, କାୟାକିଂ-୨ରେ ଆଞ୍ଚଲ ସାହାରେ, କାୟାକିଂ-୪ରେ ଆଞ୍ଚଲ ସାହାରେ, ଧନମଞ୍ଜରୀ ଦେବୀ, ସୋନିଆ ଦେବୀ ଏବଂ ୟାଫୋଟାମୀ ଦେବୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଉପକନିଷ୍ଠ ବାଳକ କାୟାକିଂ ୫୦୦ ମିଟର ଇଭେଣ୍ଟରେ ଓଡ଼ିଶା ୨ଟି ରୌପ୍ୟ ଏବଂ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛି। କାୟାକିଂ-୨ରେ ଡାଏମଣ୍ଡ ମିତେଇ ଏବଂ କେ ସନ୍ତୋଷ ସ୍ୱର୍ଣ୍ଣ ଜିତିଥିବା ବେଳେ କାୟାକିଂ-୧ରେ ଦେବ ଚୌଧୁରୀ, କାୟାକିଂ-୪ରେ ଡାଏମଣ୍ଡ ମିତେଇ, କେ ସନ୍ତୋଷ, ନିର୍ଣ୍ଣୟ ମହାପାତ୍ର, ଦେବ ଚୌଧୁରୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଉପକନିଷ୍ଠ ବାଳକ କାନୋଇଂ ୫୦୦ ମିଟର ଇଭେଣ୍ଟରେ ଓଡ଼ିଶାକୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଛି। କାନୋଇଂ-୧ରେ ନିର୍ଭୟ ଲୌର ଏବଂ କାନୋଇଂ-୨ରେ ନିର୍ଭୟ ଲୌର ଏବଂ ବିଶନ ସିଂହଙ୍କ ଯୋଡ଼ି ଏହି ସଫଳତା ଦେଇଛନ୍ତି। ସେହିପରି ମିଶ୍ରିତ କାୟାକିଂ-୨ ଇଭେଣ୍ଟରେ ସନ୍ତୋଷ ଏବଂ ମଞ୍ଜୁରୀ ସ୍ୱର୍ଣ୍ଣ, କାନୋଇଂ-୨ରେ ସୋଫିଆ ଏବଂ ଜାବେଜ ରୌପ୍ୟ ଜିତିଥିଲେ। ୫ହଜାର ମିଟର ଇଭେଣ୍ଟରେ ମଧ୍ୟ ଓଡ଼ିଶାକୁ ୪ଟି ପଦକ ମିଳିଛି। ଏଥିରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ଲେଖାଏ ରୌପ୍ୟ ଏବଂ କାଂସ୍ୟ ପଦକ ରହିଛି। ପଦକ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଯୋଗିତା ସୋମବାର ଉଦଯାପିତ ହେବ।

## ଅଷ୍ଟ୍ରେଲିଆର ଆଗୁଆ ସିରିଜ୍ କବ୍‌ଜା

**ଆଡିଲେଡ୍, ୧୧।୨ (ଏଜେନ୍ସି):** ଘରୋଇ ଅଷ୍ଟ୍ରେଲିଆ ଏଠାରେ ରବିବାର ଖେଳାଯାଇଥିବା ୨ୟ ଟି-୨୦ ମ୍ୟାଚରେ ୩୮ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୪୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୯ ୱିକେଟ୍ ହରାଇ ୨୦୩ ରନ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ୧୧ ରନରେ ଜିତିଥିବା ଅଷ୍ଟ୍ରେଲିଆ ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ସିରିଜର ଅନ୍ତିମ ମ୍ୟାଚ୍ ମଙ୍ଗଳବାର ଖେଳାଯିବ। ସ୍ଥାନୀୟ ଆଡିଲେଡ୍ ଓଭାଲରେ ଅନୁଷ୍ଠିତ ଏହି ଟି-୨୦ ମ୍ୟାଚରେ ରେକର୍ଡ ୫ମ ଶତକ ହାସଲ କରି ମ୍ୟାକ୍ସୱେଲ ୫୫ ବଲରୁ ୧୨୦ ରନ କରି ଅପରାଜିତ ରହିଥିଲେ। ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଦିନିକିଆ ସିରିଜ୍ ଜିତିଲା ଶ୍ରୀଲଙ୍କା

**ପାଲିକେଲ,୧୧।୨(ଏଜେନ୍ସି):** ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ବୃହତ୍ ୧୫୫ ରନରେ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଶ୍ରୀଲଙ୍କା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୩୦୮ ରନ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୩୩.୫ ଓଭରରେ ୧୫୩ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଛି। ଅପରାଜିତ ୯୭ ରନର ଅପରାଜିତ ଲଢୁଆ ପାଳି ଖେଳିଥିବା ଚରିଥ ଅସଲଙ୍କା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ଉତ୍ତରାଖଣ୍ଡ ବିପକ୍ଷ ରଣଜୀ ମୁକାବିଲା**

# ପରାଜୟ ଏଡ଼ାଇବାକୁ ଓଡ଼ିଶାର ସଂଘର୍ଷ

କଟକ,୧୧।୨(ସମିସ)

ଟାଙ୍ଗୀସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଉଥିବା ଉତ୍ତରାଖଣ୍ଡ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ପରାଜୟ ମୁହାଁ ହୋଇଛି। ୩୭୭ରନର ଧାର୍ଯ୍ୟ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଘରୋଇ ଓଡିଶା ରବିବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ ହରାଇ ୧୭ରନ କରିଛି। ଅନ୍ତିମ ଦିବସରେ ଓଡ଼ିଶା ସମ୍ମୁଖରେ ୩୬୦ରନର ବିଜୟ ଲକ୍ଷ୍ୟ ରହିଛି। ଉତ୍ତରାଖଣ୍ଡର ସନ୍ତୁଳିତ ବୋଲିଂ ଆଟାକ୍ ସମ୍ମୁଖରେ ପ୍ରଥମ ଇନିଂସରେ ଧରାଶାୟୀ ହୋଇଥିବା ଓଡ଼ିଶା ଏହି ମ୍ୟାଚ୍‌କୁ ବଞ୍ଚାଇବାକୁ ଉଦ୍ୟମ କରିବ। ପରାଜୟ ଏଡାଇବାକୁ ଯାଇ ଦଳ ମ୍ୟାଚ୍‌କୁ ଅମୀମାଂସିତ ରଖିବାକୁ ମଧ୍ୟ ଚେଷ୍ଟା କରିପାରେ।

ଉତ୍ତରାଖଣ୍ଡର ପ୍ରଥମ ପାଳି ୩୪୨ରନ ଜବାବରେ ଶନିବାର ଖେଳ ଶେଷ ସୁଦ୍ଧା ଓଡ଼ିଶା ୬ ୱିକେଟ ହରାଇ ୧୨୩ରନ କରିଥିଲା। ପ୍ରୟାସ ସିଂହ ୮ରନରେ ଅପରାଜିତ ଥିଲେ। ୪୬ରନରେ ଦଳ ଅବଶିଷ୍ଟ ୪ ୱିକେଟ ହରାଇବା ସହ ୧୬୯ରନରେ ଦଳର ପ୍ରଥମ ପାଳି ପରିସମାପ୍ତି ଘଟିଥିଲା। ପ୍ରୟାସ ୧୩ରନ, ସନ୍ଦୀପ ପଟ୍ଟନାୟକ ୨୦ରନ, ରାଜେଶ ମହାନ୍ତି ୧୨ରନ, ହର୍ଷିତ ରାଥୋଡ ୪ରନରେ ଆଉଟ ହୋଇଥିଲେ। ଉତ୍ତରାଖଣ୍ଡର ଦୀପକ ଧାପୋଲା ଏବଂ ମୟଙ୍କ ମିଶ୍ର ୩ଟି ଲେଖାଏ ୱିକେଟ ହାସଲ କରିଥିବା ବେଳେ ଅଭୟ ନେଗୀ ଓ ସ୍ୱପ୍ନିଲ ସିଂହଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା। ଫଲୋଅନ ଏଡାଇବା ଠାରୁ ୨୩ରନ ପଛରେ ରହିଥିଲା ଓଡ଼ିଶା। ମାତ୍ର ଉତ୍ତରାଖଣ୍ଡ ଫଲୋଅନ ନଦେଇ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା। କ୍ରମାଗତ ୱିକେଟ ପତନ ସତ୍ତ୍ୱେ ଅଧିନାୟକ ଜିଓନଜୋତ ସିଂହଙ୍କ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ଉତ୍ତରାଖଣ୍ଡ ଦ୍ୱିତୀୟ ପାଳିରେ ୮ ୱିକେଟ ହରାଇ ୨୦୩ରନ କରିଥିବା ବେଳେ ପାଳି ଘୋଷଣା କରିଥିଲା। ଜିଓନଜୋତ ସର୍ବାଧିକ ୭୪ରନ କରିଥିଲେ। କୁନାଲ ଚାଣ୍ଡେଲା ୩୮ରନ, ଆଦିତ୍ୟ ତାରେ ୨୫ରନ, ମୟଙ୍କ ମିଶ୍ର ୨୫ରନ, ଅଖିଳ ରାୱତ ୧୫ରନ କରିଥିଲେ। ଓଡ଼ିଶାର ରାଜେଶ ମହାନ୍ତି ଓ ବିପ୍ଳବ ସାମନ୍ତରାୟ ୩ଟି ଲେଖାଏ, ହର୍ଷିତ ରାଥୋଡ ୨ଟି ୱିକେଟ ଦଖଲ କରିଥିଲେ। ପାଳି ଘୋଷଣା ସହିତ ଓଡ଼ିଶା ସମ୍ମୁଖରେ ଉତ୍ତରାଖଣ୍ଡ ମୋଟ୍ ୩୭୭ରନର ବିଜୟ ଲକ୍ଷ୍ୟ ରଖିଥିଲା। ଷ୍ଟମ୍ପ ଅପସାରଣ ନିମନ୍ତେ ମାତ୍ର ୯ ଓଭର ବଳକା ଥିବା ସତ୍ତ୍ୱେ ଓଡ଼ିଶା ସହଜରେ ୱିକେଟ ହରାଇ ସଙ୍କଟପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ଓପନର ତଥା ଅଧିନାୟକ ଶାନ୍ତନୁ ମିଶ୍ର ୪ରନରେ ଏବଂ ଅନ୍ୟତମ ଓପନର ତଥା ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ୩ରନରେ ଆଉଟ ହୋଇଛନ୍ତି। ସନ୍ଦୀପ ପଟ୍ଟନାୟକ(୮ରନ) ଏବଂ ନାଇଟ ୱାଚମ୍ୟାନ ଦେବବ୍ରତ ପ୍ରଧାନ ୧ରନରେ ଅପରାଜିତ ରହିଛନ୍ତି। ଦୀପକ ଧାପୋଲା ୨ଟି ଯାକ ୱିକେଟ ଅକ୍ତିଆର କରିଛନ୍ତି। ବିପ୍ଳବ ସାମନ୍ତରାୟ, ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାରଙ୍କ ଭଳି ଅଭିଜ୍ଞ ବ୍ୟାଟରଙ୍କ ଉପରେ ଏବେ ଏହି ମ୍ୟାଚ୍‌ର ଫଳାଫଳ ନିର୍ଭର କରୁଛି।


ରାଜେଶ ମହାନ୍ତି


ବିପ୍ଳବ ସାମନ୍ତରାୟ

**● ଶ୍ରୀଲଙ୍କା ଅନ୍ତର୍ଜାତୀୟ ଚ୍ୟାଲେଞ୍ଜ**

## ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣାଙ୍କୁ ରୌପ୍ୟ

**ଭୁବନେଶ୍ୱର,୧୧।୨(ସମିସ):** ଶ୍ରୀଲଙ୍କାର ଗାଲେର ଲି ନିଙ୍ଗରେ ଅନୁଷ୍ଠିତ ଶ୍ରୀଲଙ୍କା ଅନ୍ତର୍ଜାତୀୟ ଚ୍ୟାଲେଞ୍ଜ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା ଓ ତାଙ୍କ ଭଉଣୀ ଶ୍ୱେତପର୍ଣ୍ଣା ଫାଇନାଲରେ ପରାସ୍ତ ହୋଇ ରନର୍ସଅପ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ଯୁଗଳ ପ୍ରତିଯୋଗିତା ଫାଇନାଲରେ ଏହି ମହିଳା ଯୋଡି ଫାଇନାଲରେ ହାରିବା ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର